# ପ୍ରାଚୀନ ଓଡ଼ିଆ
# ଗଦ୍ୟ ସଂକଳନ

ଓଡ଼ିଶା ସାହିତ୍ୟ ଏକାଡେମୀ

# ପ୍ରାଚୀନ
# ଓଡ଼ିଆ ଗଦ୍ୟ ସଙ୍କଳନ

ଓଡ଼ିଶା ସାହିତ୍ୟ ଏକାଡ଼େମୀ
ଭୁବନେଶ୍ୱର - ୭୫୧୦୧୪

ପ୍ରାଚୀନ ଓଡ଼ିଆ ଗଦ୍ୟ ସଙ୍କଳନ

ଲେଖକ : ଡଃ କୁଞ୍ଜବିହାରୀ ତ୍ରିପାଠୀ

ପ୍ରକାଶକ :
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୭୫୧୦୧୪

ପ୍ରଥମ ସଂସ୍କରଣ—୧୯୮୨

ମୁଦ୍ରଣ :
ଶ୍ରୀ ଜଗନ୍ନାଥ ପ୍ରିଣ୍ଟର୍ସ
ବାଉଁଶଗଳି, କଟକ-୧

ମୂଲ୍ୟ : ଟ ୯-୦୦ ( ନଅଟଙ୍କା ମାତ୍ର )

**PRACHINA ORIYA GADYA SANKALAN**

*Writer* : **Dr. K. B. Tripathy**

*Publisher* :
**Orissa Sahitya Akademy**
Bhubaneswar-751014

*First Publication*—*1982*

*Printer* :
**Shree Jagannath Printers**
Baunsagally, Cuttack

*Price* : **Rs. 9/- ( Nine Rupees Only )**

# ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟ
# ସଙ୍କଳନ


ପୃଷ୍ଠା

୧। ମୁଖବନ୍ଧ .... ୧- ୨୦

୨। ପ୍ରା. ଓ. ଗଦ୍ୟ ସାହିତ୍ୟ .... ୨୧-୧୩୬

[ ଖୋଦିତ ଲେଖ (ଖ୍ରୀ. ଅ. ୮ମ ଶତାବ୍ଦୀ ଠାରୁ ଖ୍ରୀ. ଅ. ୧୮୦୧ ପର୍ଯ୍ୟନ୍ତ) ]

୧। ନବନା / ନମିନା ତାମ୍ରଶାସନର ତତ୍କାଳୀନ ଚଳିତ ଭାଷା .... ୧

୨। ଉରଜାମ ଶିଳାଲେଖ .... ୩

୩। ରାଜରାଜଦେବଙ୍କ ଶିଳାଲେଖ .... ୫

୪। ଶ୍ରୀକୂର୍ମମ୍ ଶିଳାଲେଖ (ଭାନୁଦେବଙ୍କ ସମୟର) .... ୬

୫। ଭୁବନେଶ୍ୱରରୁ ଆବିଷ୍କୃତ ଦ୍ୱୈଭାଷିକ ଶିଳାଲେଖର ଓଡ଼ିଆ ଅଂଶ .... ୮

୬। ପୁରୀ ନିମାଳୀ ତାମ୍ର ଶାସନର ଓଡ଼ିଆ ଅଂଶ .... ୧୦

୭। ସିଦ୍ଧେଶ୍ୱର ଶିଳାଲେଖ (ଯାଜପୁର) .... ୧୪

୮। ନରସିଂହ ନାଥ ଶିଳାଲେଖ, (ସମ୍ବଲପୁର) .... ୧୬

୯। ଲିଙ୍ଗରାଜ ମନ୍ଦିର ଶିଳାଲେଖ (କପିଳେଶ୍ୱର ଦେବ) (୪ର୍ଥ ଅଙ୍କ) .... ୧୭

୧୦। ପୁରୀ ଜଗନ୍ନାଥ ମନ୍ଦିର-ଜୟବିଜୟ ଦ୍ୱାରସ୍ଥ (କପିଳେଶ୍ୱର ଦେବ ଶିଳାଲେଖ) (୧୯ ଅଙ୍କ) .... ୧୯

୧୧। ପୁରୀ ଜଗନ୍ନାଥ ମନ୍ଦିର ଜୟବିଜୟ ଦ୍ୱାରସ୍ଥ ପୁରୁଷୋତ୍ତମ ଦେବଙ୍କ ଶିଳାଲେଖ (୧୯ ଅଙ୍କ) .... ୨୧

୧୨। ପୁରୀ ଜଗନ୍ନାଥ ମନ୍ଦିରସ୍ଥ ଜୟବିଜୟ ଦ୍ୱାରସ୍ଥ (ଗୀତଗୋବିନ୍ଦ ସମ୍ପର୍କୀୟ ଶିଳାଲେଖ) (ପ୍ରତାପରୁଦ୍ର ଦେବଙ୍କ) .... ୨୩

୧୩। ସୀମାଚଳସ୍ଥ ଲକ୍ଷ୍ମୀ ନରସିଂହ ମନ୍ଦିରର ମୁକୁନ୍ଦଦେବଙ୍କ ଶିଳାଲେଖ, (୧୧ ଅଙ୍କ) .... ୨୫

୧୪। କଟକନକଟସ୍ଥ ବିଦ୍ୟାଧରପୁରର ଦ୍ୱୈଭାଷିକ ଶିଳାଲେଖର ଓଡ଼ିଆ ଅଂଶ (ପ୍ରାୟ ଖ୍ରୀ. ୧୭୩୦) .... ୨୭

୧୫। ନନ୍ଦପୁର-ଜୟପୁର ମହାରାଜ ରାମଚନ୍ଦ୍ର ଦେବଙ୍କ ତାମ୍ରଶାସନ (ଖ୍ରୀ. ୧୮୦୧) .... ୨୮

## ଗଦ୍ୟଗ୍ରନ୍ଥ ସମୂହରୁ ଉଦ୍ଧୃତ :—


| | | ପୃଷ୍ଠା |
|---|---|---|
| ୧। | ଚର୍ଯାପଦର ଗଦ୍ୟଧର୍ମୀ ପଦାବଳୀ ... | ୨୯ |
| ୨। | ଅମର କୋଷ ... | ୩୩ |
| ୩। | ରୁଦ୍ର ସୁଧାନିଧି—ନାରାୟଣ ନନ୍ଦ ଅବଧୂତ ... | ୩୬ |
| ୪। | ଚକଡ଼ାପୋଥି ... | ୪୫ |
| ୫। | ଚକଡ଼ା ବଖାଣ (=ଭଇଁଶା ଚକଡ଼ା) .. | ୪୮ |
| ୬। | ବଳରାମ ଦାସଙ୍କ-ବ୍ରହ୍ମଗୀତା ... | ୫୪ |
| | ,, ଜ୍ଞାନ ଚୂଡ଼ାମଣି ... | ୫୬ |
| ୭। | ଜଗନ୍ନାଥ ଦାସଙ୍କ-ତୁଳାଭିଣା ... | ୫୮ |
| ୮। | ଚାରିଖାନ—ଅଚ୍ୟୁତାନନ୍ଦ ଦାସ ... | ୬୦ |
| ୯। | କୁମାର ବୋଧ ଲେଖନ (ଶିଶୁ ଅନନ୍ତ) ... | ୬୧ |
| ୧୦। | ମାଦଳା ପାଞ୍ଜି ... | ୬୪ |
| ୧୧। | ଗୃଟେଶ୍ୱ ଲୀଳା—(ଶରଣ ଦାସ) ... | ୬୯ |
| ୧୨। | ପ୍ରସ୍ତାବ ଚନ୍ଦ୍ରାମଣି—ନୀଳାମ୍ବର ବିଦ୍ୟାଧର ... | ୭୩ |
| ୧୩। | ଚତୁର ବିନୋଦ—ବ୍ରଜନାଥ ବଡ଼ଜେନା ... | ୮୦ |
| | ପୁରୁଷୋତ୍ତମ କ୍ଷେତ୍ରର ଅମୃତମଣୋହି ଚୋପ ... | ୮୩ |


## ବ୍ରତକଥା :—


| | | |
|---|---|---|
| ୧। | ନତ୍ୟାନ ଗୁରୁଚାର କଥା ... | ୮୬ |
| ୨। | ସୋମନାଥ ବ୍ରତକଥା ... | ୯୨ |
| ୩। | ସୁଦଶା ବ୍ରତକଥା ... | ୯୫ |
| ୪। | କୁକ୍କୁଟୀ ବ୍ରତକଥା ... | ୧୦୨ |
| ୫। | ସାବିତ୍ରୀ ବ୍ରତକଥା ... | ୧୦୭ |
| ୬। | ରବିନାରାୟଣ ବ୍ରତବିଧି ... | ୧୦୯ |
| ୭। | ଶ୍ରୀ ଧାନମାଣିକିଆ ଓଷାକଥା ... | ୧୧୧ |
| ୮। | ପୋଲୁଗି କଥା ... | ୧୧୭ |

**ଅନୁବାଦ ଓ ଗଣିତ :—** ପୃଷ୍ଠା


୧ । ଗୀତଗୋବିନ୍ଦ (ଦଶାବତାର) ... ୧୧୯

୨ । ବତ୍ରିଶ ସିଂହାସନ— ... ୧୨୨

୩ । ପାଠସମୁଦ୍ର—(ଗଣିତ) ... ୧୨୪


**ଗୁଣି ଗାରେଡ଼**


୧ । ଗୋଶାସ୍ତ୍ର ପୋଥିରୁ ... ୧୨୫

୨ । ରଣକୁହୁକକୁ ଔଷଧ । ... ୧୨୬

୩ । ଆୟୁର୍ବେଦ ମିଶ୍ରିତ ଗୁଣିଗାରୁଡ଼ି ... ୧୨୮



**କେତେକ ପ୍ରବଚନ** ୧୨୯


**ପରିଶିଷ୍ଟ :—**


୧ । ନାଗୁଣୀ ଚଉଠୀବ୍ରତ ... ୧୩୧

ପୁଅଜିଉଁତିଆ ବ୍ରତ ... ୧୩୩

୨ । ବେତାଳ ପଞ୍ଚିସା କଥା ] ... ୧୩୪

# ଭୂମିକା

ମହାଭାରତ-ପ୍ରଣେତା ଶାରଳା ଦାସ, ଓଡ଼ିଆ ସାହିତ୍ୟର ଇତିହାସରେ ଆଦିକବି ରୂପେ ଯଥାର୍ଥରେ ମାନ୍ୟତାପ୍ରାପ୍ତ । କିନ୍ତୁ ତାଙ୍କ ପୂର୍ବରୁ ଓଡ଼ିଆ ଭାଷା, ଲିପି ଓ ରଚନାର ଅଭିବ୍ୟକ୍ତି ହୋଇ ନ ଥିଲେ, ମହାଭାରତ, ବିଲଙ୍କା ରାମାୟଣ ଓ ଚଣ୍ଡୀପୁରାଣ ପରି ବିପୁଳାୟତନ ଓଡ଼ିଆ ସାହିତ୍ୟ ଶାରଳା ଦାସ ସୃଷ୍ଟି କରିପାରି ନ ଥାନ୍ତେ । ଶାରଳା ମହାଭାରତରେ ଆଭ୍ୟନ୍ତରୀଣ ଉଲ୍ଲେଖରୁ ବତ୍ସାଦାସଙ୍କ "କଳସା-ଚଉତିଶା" ପ୍ରାକ୍-ଶାରଳା ଯୁଗର ରଚନା ରୂପେ ବିବେଚିତ ହେବା ସ୍ୱାଭାବିକ । ମାର୍କଣ୍ଡ ଦାସଙ୍କ "କେଶବ କୋଇଲି" ମଧ୍ୟ ଏହିପରି ଏକ ପ୍ରାଚୀନ ରଚନା । କିନ୍ତୁ ଏହା ପୂର୍ବରୁ ସୁଦ୍ଧା ଓଡ଼ିଆ ଭାଷା ଓ ରଚନାର ବିକାଶ ଘଟିଥିବା ଅସ୍ୱୀକାର କରିହେବ ନାହିଁ । କାଳଗ୍ରାସରେ, ଲିଖନ-ଉପାଦାନର ଋଣତା ଦୃଷ୍ଟିରୁ ସେସବୁ ବିଲୀନ ହୋଇଅଛି ।

ଏ ସାହିତ୍ୟର ଅବଶେଷ ନ ଥିଲେହେଁ, ଓଡ଼ିଶା ଭାଷା ଓ ରଚନାର ଅବଶେଷ ପ୍ରାଚୀନ ତାମ୍ରଲେଖ ଓ ଶିଳାଲେଖମାନଙ୍କରେ ରହି ଯାଇଅଛି । ଏହି ସମସ୍ତର ମୂଲ୍ୟାଙ୍କନ ନ କଲେ ଓଡ଼ିଆ ସାହିତ୍ୟର ଉତ୍ପତ୍ତି ଓ ଅଭିବ୍ୟକ୍ତିର ଇତିହାସ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ ।

ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ଆଜକୁ ପ୍ରାୟ କୋଡ଼ିଏ ବର୍ଷ ତଳେ, "The Evolution of Oriya Language and Script" ଗ୍ରନ୍ଥ ରଚନା କରି, ଏ ଦିଗରେ ପଥିକୃତ ଉଦ୍ୟମ କରିଥିଲେ । ଲଣ୍ଡନ ବିଶ୍ୱ-ବିଦ୍ୟାଳୟରୁ ପି. ଏଚ୍. ଡି. ପାଇଁ ଏହା ଥିଲା ତାଙ୍କର ଗବେଷଣା ପ୍ରସୂତ ସନ୍ଦର୍ଭ । ଓଡ଼ିଆ ଭାଷା ଓ ରଚନାର ଅଭିବ୍ୟକ୍ତି ଡ. ତ୍ରିପାଠୀ ପରବର୍ତ୍ତୀ—ପୂର୍ବୀୟ ଗଙ୍ଗ ( Later Eastern Gangas ) ରାଜାମାନଙ୍କ ଅଭିଲେଖ-

ମାନଙ୍କ ଠାରୁ ସୂର୍ଯ୍ୟବଂଶୀ ସମ୍ରାଟମାନଙ୍କର ଅଭିଲେଖମାନଙ୍କ ପର୍ଯ୍ୟନ୍ତ ସୀମିତ ଉପାଦାନ ଉପରେ ନିର୍ଭର କରି ରୂପାୟିତ କରିଥିଲେହେଁ, ବ୍ରତକଥା, ଆଧ୍ୟାତ୍ମିକ ରଚନା ଓ ଲୋକକଥା ପ୍ରଭୃତିରେ ଯେପରି ଏହାର କ୍ରମବିକାଶ ଘଟିଥିଲା, ତାହା ସେଥିରେ ସୂଚିତ ହୋଇ ନ ଥିଲା । "ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟ ସଙ୍କଳନ"ରେ ସେହି ଅପୂର୍ଣ୍ଣ କାର୍ଯ୍ୟଟି ବର୍ତ୍ତମାନ ପୂର୍ଣ୍ଣାଙ୍ଗ ହୋଇଅଛି ।

ଓଡ଼ିଆ ସାହିତ୍ୟର ଅଭିବ୍ୟକ୍ତି ପଥରେ, ଇତିହାସହିଁ ଥିଲା ପ୍ରତିବନ୍ଧକ । ଓଡ଼ିଶାରେ ରାଜତ୍ୱ କରୁଥିବା କେଶରୀ ଓ ଗଙ୍ଗମାନେ ସଂସ୍କୃତ ଭାଷାର ପୃଷ୍ଠପୋଷକ ଥିଲେ । ସେମାନଙ୍କ ସାନ୍ଧି-ବିଗ୍ରହିକ ଓ ପ୍ରଶସ୍ତିକାରମାନେ ସଂସ୍କୃତ ଭାଷାରେହିଁ, ସେମାନଙ୍କ ଅଭିଲେଖ ସବୁ ରଚନା କରିଥିଲେ । ଖ୍ରୀ: ୬ଷ୍ଠ ଶତାବ୍ଦୀ ଠାରୁ ପୂର୍ବୀୟ—ଗଙ୍ଗମାନେ ଦକ୍ଷିଣର ଗଙ୍ଗବାଡ଼ିରୁ କ୍ରମେ ଉତ୍ତରାଭିମୁଖୀ ହୋଇ "କଳିଙ୍ଗ ନଗର" ବା ମୁଖଲିଙ୍ଗମ୍ ଠାରେ ସେମାନଙ୍କ ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ଅଧିକୃତ ଅଞ୍ଚଳ ତେଲୁଗୁ ଭାଷା ପରିସୀମା ମଧ୍ୟରେ ଥିବାରୁ, ସ୍ୱାଭାବିକ ଭାବରେ ତେଲୁଗୁ ଭାଷାହିଁ ସେମାନଙ୍କ ଦ୍ୱାରା ପ୍ରୋତ୍ସାହିତ ହେଉଥିଲା । କିନ୍ତୁ ଗଙ୍ଗବଂଶୀତଂସ ଅନନ୍ତବର୍ମା ଚୋଡ଼ଗଙ୍ଗଦେବ ମୁଖଲିଙ୍ଗମ୍‌ରୁ ରାଜଧାନୀ ଉଠାଇ, ଉତ୍କଳ-କଳିଙ୍ଗ ସାମ୍ରାଜ୍ୟର କେନ୍ଦ୍ର-ଭୂମି ବାରାଣସୀ (ବାରାନାସୀ ?) କଟକରେ ସ୍ଥାପିତ କରିବା ପରେ, ପରବର୍ତ୍ତୀ ପୂର୍ବୀୟ—ଗଙ୍ଗମାନଙ୍କର ଅଭିଲେଖମାନଙ୍କରେ ଓଡ଼ିଆ ଭାଷା ଓ ରଚନାର ବିକଶିତ ରୂପ ଦେଖିବାକୁ ମିଳିଥାଏ । ତେଣୁ ଶାରଳା ଦାସଙ୍କ ଅନ୍ୟୂନ୍ୟ ପାଞ୍ଚ ଶତାବ୍ଦୀ ପୂର୍ବରୁ ଓଡ଼ିଆ ଭାଷା ବିକାଶଲାଭ କରିଯାଇଛି ।

କିନ୍ତୁ ରାଷ୍ଟ୍ରୀୟ ପୃଷ୍ଠପୋଷକତା ଅଭାବରୁ ଓଡ଼ିଆ ଭାଷାରେ ତଥାପି ବିପୁଳ ସାହିତ୍ୟ ରଚିତ ହୋଇପାରି ନ ଥିଲା । ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ରଦେବଙ୍କ ରାଜତ୍ୱ କାଳରେ, ଉତ୍କଳର କୀର୍ତ୍ତି-କେତନ ଦକ୍ଷିଣ ମହାସାଗର ସମୀରଣରେ ହିଲ୍ଲୋଳିତ ନ ହେବା ପର୍ଯ୍ୟନ୍ତ ଓଡ଼ିଆ କବି ଓ ସାହିତ୍ୟ, ବିପୁଳ ଆତ୍ମପ୍ରକାଶ ପାଇଁ ଯେପରିକି ଆତ୍ମପ୍ରତ୍ୟୟ ଖୋଜି ପାଉ ନ ଥିଲା । ଉତ୍ତରରେ ଭାଗିରଥୀ ଗଙ୍ଗା ଠାରୁ ଦକ୍ଷିଣରେ ଗୌତମୀ ଗଙ୍ଗା (ଗୋଦାବରୀ) ଅତିକ୍ରମ କରି, କୃଷ୍ଣାବେଣୀ ଓ ତାପରେ କାବେରୀ ପର୍ଯ୍ୟନ୍ତ ଉତ୍କଳ-ସାମ୍ରାଜ୍ୟ ବିସ୍ତୃତ ହେବା ପରେ, ଓଡ଼ିଆ ଭାଷା, ଓ ସାହିତ୍ୟ ଯେପରି ନିଜର ବିରାଟ ଦମ୍ଭ ଘୋଷଣା କରିଥିଲା, ଶାରଳା ଦାସହିଁ ଥିଲେ, ତାର ଫଳଶ୍ରୁତି ।

"ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟ ସଙ୍କଳନ"ରେ ଡକ୍ଟର ତ୍ରିପାଠୀ ପ୍ରାଚୀନ ଓଡ଼ିଆ ଗଦ୍ୟ ସାହିତ୍ୟର ନିଦର୍ଶନ ସମ୍ପୁଟିତ କରି, ଓଡ଼ିଆ ଭାଷା ଓ ସାହିତ୍ୟର ଏହି ପ୍ରାଚୀନତା ପ୍ରତି, ଓଡ଼ିଆ ସାହିତ୍ୟ ପ୍ରେମୀମାନଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ଏହା ଓଡ଼ିଆ ସାହିତ୍ୟର ଗୁଣୀ ଗବେଷକମାନଙ୍କ ଠାରୁ ଆରମ୍ଭ କରି ଆଗ୍ରହୀ ପାଠକମାନଙ୍କ ଦ୍ୱାରା ଆଦୃତ ହେବ; ସନ୍ଦେହ ନାହିଁ ।

ସୁରେନ୍ଦ୍ର ମହାନ୍ତି
ସଭାପତି
ଓଡ଼ିଆ ସାହିତ୍ୟ ଅକାଦମୀ

ତା ୪-୨-୮୨ ଖ୍ରୀ.
କଟକ-୮

# ମୁଖବନ୍ଧ

ଭାରତୀୟ ଆର୍ଯ୍ୟଭାଷା ଇଣ୍ଡୋ-ଇରାନୀୟ ଭାଷା ଗୋଷ୍ଠୀର ଗୋଟିଏ ଶାଖା । ଏହି ଇଣ୍ଡୋ-ଇରାନୀୟ ଗୋଷ୍ଠୀ ଇଣ୍ଡୋ-ୟୁରୋପୀୟ ପରିବାରର ଗୋଟିଏ ବିଭାଗ । ଭାରତୀୟ ଆର୍ଯ୍ୟଭାଷାର ଇତିହାସ ତିନି ଭାଗରେ ବିଭକ୍ତ । ଯଥା :—ପ୍ରତ୍ନ (ପ୍ରାଚୀନ) ଭାରତୀୟ ଆର୍ଯ୍ୟ (ପ୍ରା. ଭା. ଆ.) ମଧ୍ୟଭାରତୀୟ ଆର୍ଯ୍ୟ (ମ. ଭା. ଆ.) ଏବଂ ନବ୍ୟ ଭାରତୀୟ ଆର୍ଯ୍ୟ (ନ. ଭା. ଆ.) । ପ୍ରା. ଭା. ଆ.ରେ ବୈଦିକ ଭାଷା, ସଂସ୍କୃତ ଭାଷା ଅନ୍ତର୍ଭୁକ୍ତ । ମଧ୍ୟଭାରତୀୟ ଆର୍ଯ୍ୟକୁ ବ୍ୟାପକ ଅର୍ଥରେ ପ୍ରାକୃତ କୁହାଗଲେ ମଧ୍ୟ ଏଥିରେ ପାଲି ଓ ସଂସ୍କୃତ ନାଟକରେ ବ୍ୟବହୃତ ପ୍ରାକୃତ ଯଥା : ମହାରାଷ୍ଟ୍ରୀ, ଶୌରସେନୀ, ମାଗଧୀ, ଅର୍ଦ୍ଧମାଗଧୀ, ପୈଶାଚୀ ଓ ବିଭିନ୍ନ ଅପଭ୍ରଂଶ ଭାଷା ମଧ୍ୟ ଅନ୍ତର୍ଭୁକ୍ତ । ନ. ଭା. ଆ.ର ଅନ୍ତର୍ଗତ ଭାଷାଗୁଡ଼ିକ ସାଧାରଣତଃ ତିନୋଟି ସ୍ତର ବିଶିଷ୍ଟ ବୋଲି କୁହାଯାଇପାରେ । ଯଥା :—ପ୍ରାଚୀନ ଓଡ଼ିଆ, ମଧ୍ୟ ଓଡ଼ିଆ ଓ ଆଧୁନିକ ଓଡ଼ିଆ । ସାଧାରଣତଃ ସ୍ବୀକୃତ ହୋଇଅଛି ଯେ—

ପ୍ରା. ଭା. ଆ. ର ସମୟ—ଖ୍ରୀ. ପୂ. ୨୦୦୦ରୁ ଖ୍ରୀ. ପୂ. ୫୦୦
ମ. ଭା. ଆ. ର ସମୟ—ଖ୍ରୀ. ପୂ. ୫୦୦ରୁ ଖ୍ରୀ. ପୂ. ୧୦୦୦
ନ. ଭା. ଆ. ର ସମୟ—ଖ୍ରୀ. ଅ. ୧୦୦୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ।

ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା ଦୁଇଟି ସ୍ତରରେ ବିଭକ୍ତ । (୧) ବୈଦିକ ଭାଷା ଏବଂ ସଂସ୍କୃତ ଭାଷା । ବୈଦିକ ଭାଷା କାଳକ୍ରମେ ଷଷ୍ଠ—୫ମ ଖ୍ରୀ. ପୂ. ଆଡ଼କୁ ଯେଉଁ ଭାଷାରେ ବା ସ୍ତରରେ ପରିବର୍ତ୍ତିତ ହେଲା ସେହି ଭାଷା ସମ୍ବନ୍ଧରେ ପାଣିନି ଅଷ୍ଟାଧ୍ୟାୟୀ ନାମକ ବ୍ୟାକରଣ ଲେଖିଛନ୍ତି । ସେହି ବ୍ୟାକରଣରେ ପାଣିନି ବାରମ୍ବାର ସୂଚନା ଦେଇଛନ୍ତି ଯେ ସେ ସାମସମୟିକ କଥିତ ଆର୍ଯ୍ୟଭାଷାର ବ୍ୟାକରଣ ରଚନା କରୁଅଛନ୍ତି । ସେ ଏହି ବ୍ୟାକରଣରେ ତାଙ୍କ ପୂର୍ବବର୍ତ୍ତୀ ବୈଦିକ ଭାଷାର ପ୍ରୟୋଗଗୁଡ଼ିକୁ ମଧ୍ୟ ଉଲ୍ଲେଖ କରିଅଛନ୍ତି । ତାଙ୍କ ବ୍ୟାକରଣକୁ ପରେ ସଂସ୍କୃତ ବ୍ୟାକରଣ ବୋଲି କୁହାଗଲା । ପାଣିନିଙ୍କ ସାମସମୟିକ ଭାଷା ଓ ବୈଦିକ ଭାଷାର ମୂଳଭେଦ ଏହି ଯେ ବୈଦିକ ଭାଷାରେ ବହୁ ବୈକଳ୍ପିକ ପ୍ରୟୋଗ ଦେଖାଯାଏ । କିନ୍ତୁ ପାଣିନି ସାଧାରଣତଃ ଏହି ବହୁ ବୈକଳ୍ପିକ ପ୍ରୟୋଗଗୁଡ଼ିକୁ

ସ୍ୱୀକାର ନ କରି ଗୋଟିଏକୁ ସ୍ୱୀକାର କରିଛନ୍ତି । ଯଥା—ବେଦରେ ତୁମର୍ଥକ ପ୍ରତ୍ୟୟ ( Infinitive ) ର ସଂଖ୍ୟା ୧୨ । କିନ୍ତୁ ପାଣିନି କେବଳ ତୁମୁନ୍‌କୁ ସ୍ୱୀକାର କରିଛନ୍ତି । ଯଥା—ବେଦରେ ଗନ୍ତୁମ୍, ଗନ୍ତବେ, ଗନ୍ତସେ, ଗମଧ୍ୟୈ ପ୍ରଭୃତିର 'ଯିବାକୁ' ଅର୍ଥରେ ପ୍ରୟୋଗ ଦେଖାଯାଏ । କିନ୍ତୁ ପାଣିନି କେବଳ 'ଗନ୍ତୁମ୍'ର ପ୍ରୟୋଗକୁ ସ୍ୱୀକାର କରିଅଛନ୍ତି । ପାଣିନିଙ୍କ ବ୍ୟାକରଣରୁ ଜଣାପଡ଼େ ଯେ ଯେତେବେଳେ ବୈଦିକ ଆର୍ଯ୍ୟମାନେ ଉତ୍ତର ଭାରତ, ପୂର୍ବ ଭାରତ ଓ ଦକ୍ଷିଣ ଭାରତରେ ବସତି ସ୍ଥାପନ କଲେ ସେତେବେଳେ ଆଂଚଳିକ ପ୍ରୟୋଗମାନ ବ୍ୟବହୃତ ହେବାକୁ ଲାଗିଲା । କେତେକ ପରିମାଣରେ ଭାଷା ବିବର୍ତ୍ତିତ ହେବାକୁ ଲାଗିଲା । ବୋଧହୁଏ ପାଣିନି ଭାରତୀୟ ଆର୍ଯ୍ୟମାନଙ୍କର ଗୋଟିଏ ମାନକ ଭାଷାର ଆବଶ୍ୟକତା ଅନୁଭବ କରି ତାଙ୍କ ଅଷ୍ଟାଧ୍ୟାୟୀ ବ୍ୟାକରଣ ଲେଖିଲେ । ସେ ଏଥିରେ ତାଙ୍କ ପୂର୍ବବର୍ତ୍ତୀ ବା ସାମସମୟିକ ବହୁ ବୈୟାକରଣମାନଙ୍କ ନାମ ଲେଖିଛନ୍ତି ।

ବୈଦିକ ଭାଷାରେ ପ୍ରଚଳିତ ବହୁ ବୈକଳ୍ପିକ ପ୍ରୟୋଗ ପାଣିନିଙ୍କ ବ୍ୟାକରଣରେ ସ୍ୱୀକୃତ ନ ହେଲେ ମଧ୍ୟ ତାହା ଭାଷାରେ ପ୍ରଚଳିତ ହେବାକୁ ଲାଗିଲା । ପାୟ ଖ୍ରୀ. ଅ. ୧ମ ଶତାବ୍ଦୀ ଆଡ଼କୁ ପ୍ରା. ଭା. ଆ. ପାଲି ଭାଷାରେ ବିବର୍ତ୍ତିତ ହେଲା । ଉଲ୍ଲିଖିତ କେତେକ ବୈକଳ୍ପିକ ପ୍ରୟୋଗ ପାଲିଭାଷା ମଧ୍ୟଦେଇ ପ୍ରଚଳିତ ହେଲା । ଏହିସବୁ ପ୍ରୟୋଗ ଶୌରସେନୀ, ମହାରାଷ୍ଟ୍ରୀ, ମାଗଧୀ, ଅର୍ଦ୍ଧମାଗଧୀ, ପୈଶାଚୀ ପ୍ରଭୃତି ପ୍ରାକୃତ ଓ ତତ୍ତତ୍ ନାମକ ଅପଭ୍ରଂଶ ମଧ୍ୟଦେଇ ଆଧୁନିକ ଆର୍ଯ୍ୟଭାଷାରେ ଅପଭ୍ରଷ୍ଟ ହୋଇ ବ୍ୟବହୃତ ହୋଇଅଛୁ । ତେଣୁ ହିନ୍ଦୀ, ଓଡ଼ିଆ, ବଙ୍ଗଳା, ଗୁଜୁରାଟୀ, ମହାରାଷ୍ଟ୍ରୀ ପ୍ରଭୃତି ଭାଷାଗୁଡ଼ିକର କ୍ରମିକ ବିବର୍ତ୍ତନ ଭଲ ଭାବରେ ଜାଣିବାକୁ ହେଲେ ଆମ୍ଭମାନଙ୍କ ଅପଭଂଶ ଭାଷା, ପାଲି ସମେତ ବିଭିନ୍ନ ପ୍ରାକୃତ ଭାଷା, ସଂସ୍କୃତ ଭାଷା ଓ ବୈଦିକ ଭାଷାରେ ପ୍ରବେଶ ଆବଶ୍ୟକ ।

ପାଲି ଭାଷା ପ୍ରାକୃତମାନଙ୍କ ମଧ୍ୟରେ ଆଦି ପ୍ରାକୃତ ବୋଲି କୁହାଯାଇପାରେ । ଏହା ସଂସ୍କୃତର ଅତି ନିକଟବର୍ତ୍ତୀ । ବୌଦ୍ଧଧର୍ମ ଗ୍ରନ୍ଥ ଗୁଡ଼ିକ ଏହି ଭାଷାରେ ରଚିତ ହୋଇ ବିଭିନ୍ନ ପଂକ୍ତିରେ ସଙ୍କଳିତ ହୋଇ ରଖା ଯାଉଥିବାରୁ ପ୍ରଥମେ ପାଲି ଶବ୍ଦ ବୌଦ୍ଧ ଧର୍ମଗ୍ରନ୍ଥ ଓ ପରେ ସେହି ଭାଷା ପାଇଁ ବ୍ୟବହୃତ ହେଲା । କେତେକଙ୍କ ମତରେ ଏହା ପାଟଳୀପୁତ୍ର ନଗରୀର ପାଟଳୀ ଶବ୍ଦ ସହିତ ସଂପୃକ୍ତ । ଆଉ କେତେକଙ୍କ ମତରେ ଏହା ପଲ୍ଲୀ ଶବ୍ଦ ସହିତ ସଂପୃକ୍ତ । ଯାହାହେଉ ପାଲି ଭାଷାକୁ ସଂସ୍କୃତ ଭାଷାର ସାନ ଭଉଣୀ ରୂପେ ଗ୍ରହଣ କରାଯାଇପାରେ ।

ବର୍ତ୍ତମାନ ଓଡ଼ିଆ ଭାଷାର ବୈଦିକ ଭାଷା ସହିତ କିପରି ଦୂର ସମ୍ପର୍କ ସେ ସମ୍ବନ୍ଧରେ କେତୋଟି ଉଦାହରଣ ଲକ୍ଷଣୀୟ ।

ବିଷ୍ଣୋଃ ନୁ କଂ ବୀର୍ଯ୍ୟାଣି ପ୍ରବୋଚମ୍
ଯଃ ପାର୍ଥିବାନି ବିମମେ ରଜାଂସି ॥ ଋଗ୍‌ବେଦ । 154

ଏହାର ଅର୍ଥ—'ମୁଁ ବର୍ତ୍ତମାନହିଁ ବିଷ୍ଣୁଙ୍କର ବୀରୋଚିତ କର୍ମଗୁଡ଼ିକୁ ଘୋଷଣା କରିବି । ଯେ ପାର୍ଥିବ ଅଞ୍ଚଳଗୁଡ଼ିକୁ ପରିମାପ କରିଅଛନ୍ତି ।'

ଏହି ବୈଦିକ ବାକ୍ୟରେ ଦୁଇଟି ନିପାତ ବା ଅବ୍ୟୟର ବ୍ୟବହାର ଆମେ ଦେଖୁଛେ । ଯଥା :—ନୁ ଓ କଂ । ନୁ ଶବ୍ଦଟି ମଧ୍ୟ କ୍ରିୟା ବିଶେଷଣ ହୋଇପାରେ ଏହା ଗୋଟିଏ ପ୍ରାଚୀନ ଇଣ୍ଡୋ-ୟୁରୋପୀୟ ଶବ୍ଦ । Old German ନୁ ଏବଂ ଆଧୁନିକ ଇଂରାଜୀ now ଏହା ସହିତ ସଂପୃକ୍ତ । ଏହି ଶବ୍ଦଟି ସଂସ୍କୃତ ଏବଂ ପ୍ରାକୃତ ମଧ୍ୟଦେଇ ପଶ୍ଚିମ ଓଡ଼ିଆ ଭାଷାରେ 'ନି' ଏବଂ ମାନକ ଓଡ଼ିଆ ଭାଷାରେ 'ଣି'ରେ ପରିଣତ ହୋଇଥିବାର ଜଣାପଡ଼େ । ଏହା କେତେକ ସମାପିକା କ୍ରିୟା ଶେଷରେ ଲଗେ । ଯଥା—ପଶ୍ଚିମ ଓଡ଼ିଆ-'ଗଲାନି' । ମାନକ ଓଡ଼ିଆ—'ଚାଲିଣି' । ଏହି ଅବ୍ୟୟ ଶବ୍ଦଟି ମଧ୍ୟ ଅନ୍ୟ ମାଗଧୀ ଭାଷାରେ ପ୍ରଚଳିତ ଅଛି । ପୂର୍ବୋକ୍ତ ବୈଦିକ ବାକ୍ୟରେ 'କଂ' ମଧ୍ୟ ଗୋଟିଏ ନିପାତ । ବୈଦିକ ଭାଷାରେ ଏହା ଗୋଟିଏ ନିଶ୍ଚୟବାଚକ ନିପାତ । ମନେହୁଏ ଏହି 'କଂ' ନିପାତଟି ପ୍ରାକୃତ ମଧ୍ୟଦେଇ ପ୍ରାଚୀନ ଓଡ଼ିଆରେ କ୍ରିୟାର ଶେଷରେ ବ୍ୟବହୃତ ହୋଇଅଛି । ଯଥା—ବର୍ତ୍ତିବାକ, କରିବାକ ଇତ୍ୟାଦି । ଏହା ବଙ୍ଗଳା, ମୈଥିଳୀ ପ୍ରଭୃତି ଭାଷାରେ ମଧ୍ୟ ବ୍ୟବହୃତ । ସେହିପରି ବୈଦିକ ତୁମୁନ ଅର୍ଥକ—ତବେ ପ୍ରତ୍ୟୟ କ୍ରମଶଃ ବିବର୍ତ୍ତିତ ହୋଇ ପ୍ରାଚୀନ ଓଡ଼ିଆରେ ଜଉନି ଓଡ଼ିଆର ଓ ବଙ୍ଗଳାର 'ତେ' ପ୍ରତ୍ୟୟରେ ବିବର୍ତ୍ତିତ ହୋଇଅଛି ।

ଯଥା—"ଗର୍ଭେ ଧରିଲି ଦଶ ମାସ
କୋଳେ ଧରିତେ ନାହିଁ ଆଶ" (ଭାଗବତ)

ବୈଦିକ ଖଲୁ ବସ୍ତୁତଃ ବା ନିଶ୍ଚିତ ଅର୍ଥରେ ବେଦରେ ଓ ସଂସ୍କୃତରେ ପ୍ରୟୋଗ ହୁଏ । ଏହା ସଂସ୍କୃତ ମଧ୍ୟଦେଇ ପାଳିରେ ଖୁ ହୋଇଅଛି ଏବଂ ପଶ୍ଚିମ ଓଡ଼ିଆରେ ଖୁ—ଅନାଦର ଅର୍ଥରେ ଏବେ ମଧ୍ୟ ବ୍ୟବହୃତ ହୁଏ । ବେଦରେ ବାଳକ ଅର୍ଥରେ 'ତୋକା' ଶବ୍ଦ ବ୍ୟବହୃତ ଏହା ବୋଧହୁଏ ଲୋକମୁଖରେ ପ୍ରଚଳିତ ହୋଇ ଓଡ଼ିଆରେ 'ଟୋକା'ରେ ବିପରିଣତ ହୋଇଅଛି । ( ଏହି ଶବ୍ଦଟି ମଧ୍ୟ ତେଲୁଗୁ ଅଭିଧାନରେ ମଧ୍ୟ ମିଳେ ) ସଂସ୍କୃତରେ 'ଜ୍ଞା' ଧାତୁର ରୂପ ହୁଏ

ଜସ୍ମିତ ଓଡ଼ିଆରେ ଏହାର ସମାର୍ଥକ ପ୍ରୟୋଗ 'ଜାଏଇ' ଏହା ପାଳି 'ଜନାଟି'ରୁ ଅପଭ୍ରଷ୍ଟ ବୈଦିକ ଭାଷାରେ 'ଜନାତ' ମଧ୍ୟ ପ୍ରୟୋଗ ହେଉଥିବା ସଂଭବ । କାରଣ ବୈଦିକ ଭାଷାରେ ବ୍ୟାକରଣର ବ୍ୟତ୍ୟୟ ବହୁଶଃ ଦୃଷ୍ଟିଗୋଚର ହୁଏ । ଯଥା —କରୋତି, କୃଣୋତି ଇତ୍ୟାଦି'।

ବୈଦିକ ଭାଷା ର ଶବ୍ଦ ରୂପରେ କେତେକ ଅଧିକ ରୂପ ଦୃଷ୍ଟିଗୋଚର ହୁଏ । ଯଥା :—ନରଶବ୍ଦ ( ଅକାରାନ୍ତ ପୁଂଲିଙ୍ଗ ଶବ୍ଦର ବହୁବଚନରେ ) ଆସ ପ୍ରତ୍ୟୟ ଯୋଗହୁଏ ଯଥା—ନର ଶବ୍ଦର ବହୁବଚନରେ ନରାଃ ଓ ନରାସଃ ହୁଏ । ତୃତୀୟା ବହୁବଚନରେ ଐଃ, ଏଭିଃ, ଯଥା ନରୈଃ ଏବଂ ନରେଭିଃ ହୁଏ । ଓଡ଼ିଆରେ କର୍ତ୍ତୃକାରକ ବହୁବଚନରେ 'ଏ' ପ୍ରତ୍ୟୟ ଯୋଗ ହୁଏ । ଯଥା :—ଲୋକେ = ଲୋକମାନେ, ବାଳକେ = ବାଳକମାନେ, ନଦୀଏ = ନଦୀମାନେ, ବଧୂଏ = ବୋହୂମାନେ । ଉଲ୍ଲିଖିତ ବୈଦିକ ଏଭିଃ ପ୍ରତ୍ୟୟ ପ୍ରାକୃତ ମ. ଭା. ଆ.—'ଏହି' ପ୍ରତ୍ୟୟ ମାଧ୍ୟମରେ ଓଡ଼ିଆରେ କର୍ତ୍ତୃକାରକ ବହୁବଚନରେ 'ଏ' ରେ ପରିଣତ ହୋଇଛି । ବୈଦିକ କ୍ରିୟା ପ୍ରକରଣରେ ଲେଟଲକାର ବିଧିଲିଙ୍ ଅର୍ଥରେ ବିଶିଷ୍ଟ ଭାବରେ ପ୍ରୟୋଗ ହୁଏ । ଏହି ଲେଟ୍ ଲକାରର ପ୍ରୟୋଗ ଗାୟତ୍ରୀ ଋକ୍‌ରେ ବ୍ୟବହୃତ ହୋଇଅଛି । ଯଥା :—ତତ୍ ସବିତୁ ର୍ବରେଣ୍ୟଂ

ଭର୍ଗୋ ଦେବସ୍ୟ ଧୀମହି
ଧିୟୋ ଯୋ ନଃ ପ୍ରଚୋଦୟାତ୍ ।

ଏହାର ଅର୍ଥ—'ସବିତୃଦେବଙ୍କର ସେହି ବରଣୀୟ ତେଜକୁ ଆମ୍ଭେମାନେ ଧ୍ୟାନ କରୁଁ । ସେ ଆମ୍ଭମାନଙ୍କର ବୁଦ୍ଧି ବୃତ୍ତି ଓ କର୍ମ ସମୂହକୁ ଅନୁପ୍ରାଣିତ କରନ୍ତୁ ।' ଏଠାରେ 'ପ୍ରଚୋଦୟାତ୍'ରେ ଲେଟ୍ ଲକାର ବା ଅଭିପ୍ରାୟିକ ଭାବ (mood)ର ପ୍ରୟୋଗ ହୋଇଅଛି । ଏହି ଭାବ ସଂସ୍କୃତ ଭାଷାରୁ ତିରୋହିତ ହୋଇଅଛି । ସଂସ୍କୃତ ଲକାର ବା tense ଓ mood ମାନଙ୍କ ମଧ୍ୟରୁ ପାଳିରେ ଆଶୀର୍ଲିଙ୍ (ଯଥା—ଭୂୟାତ୍, ଭୂୟାସ୍ତାମ୍, ଭୂୟାସୁ ଇତ୍ୟାଦି) ଏବଂ ଲୁଟ୍ ଲକାର ଯଥା—(ଗନ୍ତା, ଗନ୍ତାରୌ, ଗନ୍ତାରଃ ଇତ୍ୟାଦି) ର ଅଭାବ ଦେଖାଯାଏ । ଅନ୍ୟ ୯ଟି ଯାକ ଲକାର ପାଳିରେ ଦୃଷ୍ଟିଗୋଚର ହୁଏ । ଯଥା—ଲଟ୍, ଲୋଟ୍, ଲଙ୍, ବିଧିଲିଙ୍, ଲୁଙ୍ (Aoxist), ଲିଟ, ଲୃଟ୍ (future) ଏବଂ ଲୃଙ୍ (conditional) ।

ପାଳିରେ ଋ, ଔ, ଶ, ଷ, ବିସର୍ଗ ନାହିଁ । ର ଓ ନ ଯଥାକ୍ରମେ କ୍ୱଚିତ୍ ଲ ଓ ଣ ହୁଏ । ସଂସ୍କୃତର 'ନ' ଓ 'ର' ପାଳିରେ ପ୍ରାୟ ସଂରକ୍ଷିତ । ଅନ୍ୟାନ୍ୟ ପ୍ରାକୃତରେ ଏହା 'ଣ'ରେ ପରିଣତ ହୁଏ । ବେଦରେ ଥିବା—ତ୍ୱାନ ପ୍ରତ୍ୟୟ ସଂସ୍କୃତରେ ନାହିଁ ମାତ୍ର ପାଳିରେ ସଂରକ୍ଷିତ ।

ପାଲିରେ, ସଂସ୍କୃତର ସଂଯୁକ୍ତାକ୍ଷର ସମୀଭୂତ ହୁଏ । ଯଥା—ଅଗ୍ନି > ଅଗ୍‌ଗି, ଧର୍ମ > ଧମ୍ମ, ହସ୍ତ > ହତ୍‌ଥ । କେତେକ ଶବ୍ଦରେ ଦ୍ର, ବ୍ର ପ୍ରଭୃତି ସଂଯୁକ୍ତ ବର୍ଣ୍ଣର ର ଓ ଅନ୍ତ୍ୟମ ବ୍ୟଂଜନର ତିରୋଧାନ ହୁଏ । ଯଥା—ପରିଷଦ୍ > ପରିସା, ଶବ୍ଦରୂପରେ ଏବଂ ଧାତୁରେ ଦ୍ୱିବଚନ ନାହିଁ । ଆତ୍ମନେପଦୀର ପରିବର୍ତ୍ତେରେ ପ୍ରାୟଶଃ ପରସ୍ମୈପଦୀର ବ୍ୟବହାର ଦେଖାଯାଏ । ପାଲି ଗାଥାର ଉଦାହରଣ :—

ଗହକାରକ ! ଦିଟ୍ଠୋ'ସି ପୁନ ଗେହଂନ କାହସି
ସବ୍ବା ତେ ଫାସୁକା ଭଗ୍‌ଗା ଗହକୁଟଂ ବିସଙ୍‌ଖତଂ
ବିସଙ୍‌ଖାରଗତଂ ଚିତ୍ତଂ ତଣ୍‌ହାନଂ ଖୟମଜ୍‌ଝଗା (୯) (ଧମ୍ମପଦ)

ସଂସ୍କୃତ :—ଗୃହକାରକ, ଦୃଷ୍ଟଃ ଅସି ପୁନଃ ଗୃହଂ ନ କରିଷ୍ୟସି
ସର୍ବେ ତେ ପାର୍ଶ୍ୱକାଃ ଭଗ୍ନାଃ, ଗୃହକୂଟଂ ବିସଂସ୍କୃତମ୍,
ବିସଂସ୍କାର ଗତଂ ଚିତ୍ତଂ ତୃଷ୍ଣାନାଂ କ୍ଷୟମ ଅଧଗାତ୍ ।

ନହି ବେରେନ ବେରାନି ସମ୍ମନ୍ତୀଧ କୁଦାଚନଂ
ଅବେରେନେ ଚ ସମ୍‌ମନ୍ତି ଏସ ଧମ୍ମୋସନନ୍ତନୋ । (ଧମ୍ମପଦ)

ସଂସ୍କୃତ :—ନହିବୈରେଣ ବୈରାଣି ଶାମ୍ୟନ୍ତି ଇହକଦାଚନ
ଅବୈରେଣ ଚ ଶାମ୍ୟନ୍ତି ଏଷଃ ଧର୍ମଃ ସନାତନଃ

ଏଠାରେ ଦ୍ରଷ୍ଟବ୍ୟ ଯେ କଥିତ ଓଡ଼ିଆରେ 'କୁଦାଚନ' ଓ 'ସନାନ୍ତନ' ଶବ୍ଦ ପରିଦୃଷ୍ଟ ହୁଏ ।

ପାଲି ଗଦ୍ୟର ଉଦାହରଣ ( ସେରିବଣିଜ ଜାତକରୁ )—

ସା କୁମାରିକା ତଂ ଦିସ୍ୱା ଅୟ୍ୟକଂ ଅହଁ, ଅମ୍ମ !
ମୟ୍ହଂ ଏକଂ ପିଲନ୍ଧନଂ ଗଣ୍ହା'ତି ।
ହ ହ
'ଅମ୍ମ ! ମୟ୍ହଂ ଦୁଗତା, କଂ ଦତ୍ୱା ଗଣ୍ହିସାମା'ତି ।
ଗ ହ ସ

ସଂସ୍କୃତ :—ସା କୁମାରିକା ତଂ ଦୃଷ୍ଟ୍ୱା ଅର୍ଯ୍ୟିକାମ୍ ଆହ ଅମ୍ବ !
ମହ୍ୟମ୍ ଏକଂ ପିନନ୍ଧନଂ ଗୃହାଣ' ଇତି

ଓଡ଼ିଆ :—ସେ କୁମାରୀ ତାହାଙ୍କୁ ଦେଖି ଆଈଙ୍କୁ କହିଲା 'ମା ! ମୋ ପାଇଁ ଏକ ଅଳଙ୍କାର (ନୂପୁର) କିଣ' ।

ଏଠାରେ ଦ୍ରଷ୍ଟବ୍ୟ ଯେ ପଶ୍ଚିମ ଓଡ଼ିଆରେ 'କିଣିବା' ଅର୍ଥରେ 'ଘିନିବା' ଶବ୍ଦର ପ୍ରୟୋଗ ହୁଏ ।

ତିନୋଟି ସ୍ତମ୍ଭରେ ସଙ୍କଳିତ, ବକ୍ଷ୍ୟମାଣ ଶବ୍ଦ ନିର୍ଘଣ୍ଟରୁ ଓଡ଼ିଆର ପାଲି ସହିତ ଏବଂ ପାଲିର ସଂସ୍କୃତ ସହିତ ସମ୍ପର୍କ ସ୍ପଷ୍ଟ ହେବ :—

| ସଂସ୍କୃତ | ପାଲି | ଓଡ଼ିଆ |
|---|---|---|
| ଗୃହ | ଗେହ, ଘର, ଗହ | ଘର |
| ଦୃଷ୍ଟି | ଦିଟି<br>ଠ | ଦିଠି |
| | ଚିଞ୍ଚ | (tamarind) ଚନ୍ତା (ତେଲୁଗୁ) |
| ପୁନଃ | ପୁନ, ପନ | ପୁଣ, ପୁଣି |
| ଭବତି | ହୋତି | ହୋଇ, ହୁଅଇ |
| ଭବନ୍ତି | ହୋନ୍ତି | ହୁଅନ୍ତି, |
| କୃତ୍ୱା | କରିତ୍ୱା | କରିଅ (ପ୍ର-ଓ)<br>କରି |
| ପ୍ରଥମ | ପଠମଂ | ପଢ଼ୁଆଁ |
| ଦ୍ୱିତୀୟ | ଦୁତିୟ | ଦୁତିଅ |
| ମୁଦ୍‌ଗର | ମୁଗ୍‌ଗର | ମୁଗୁର |
| ଝିଣି | ଝଣି | ଚନ |
| କାଷ୍ଠ | କଟ<br>ଠ | କାଠ |
| କଲ | କର | |
| ପୁତ୍ର | ପୁତ୍ତ | ପୋଇ (ପ୍ରା. ଓ.)<br>ପୁଅ (ଅ. ଓ.) |
| ପୁଷ୍କରୀ | ପୋକରୀ<br>ଖ | ପୋଖରୀ |
| ଶାକ | ଡକ<br>କ | |
| ସ୍ଥାନ | ଠାନ | ଠା |
| | ସନ୍ତିକ | ସନ୍ତିକ |
| ଆକ୍ଷିପ୍ତ | ଅଚ୍ଛତି | ଅଚ୍ଛ |
| (ମ୍ରିୟତାମ) | ମରତୁ | ମରୁ |
| ମଧ୍ୟ | ମଜ<br>ଝ | ମାଝ (ଗ୍ରା: ଓ.) |
| ଅଧସ୍ତାତ୍ | ହେଟା<br>ଠ | ହେଠ |

| ସଂସ୍କୃତ | ପାଲି | ଓଡ଼ିଆ |
|---|---|---|
| ସ୍ଥିତ | ଠିତ | ଠିଆ |
| ବୈଦ୍ୟ | ବେଜ<br>ଜ | ବେଜ |
| | ମହ୍ଲାଲ୍ଲକ | ମହ୍ଲାଲକ |
| ସନ୍ଦଂଶ | ସଣ୍ଡାସ | ସଣ୍ଡୁଆସି |
| ଚତୁରଶୀତି | ଚତୁରାସୀତି | ଚଉରାସି<br>(ଲିଖିତ-ଚଉରାଶୀ) |
| ଖଲୁ | ଖୋ, ଖୁ | ଖୁ-(ପଶ୍ଚିମ ଓଡ଼ିଆ) |
| ଶୃଙ୍ଗ | ସିଙ୍ଗ | ସିଂଗ<br>(ଶିଙ୍ଗ-ଲିଖିତ ରୂପ) |
| ସାସ୍ପଂ | ସାମଂ | ସାମ୍ (ହିନ୍ଦୀ) |
| ଧୃଷ୍ଟ୍ୱା | ଧସ୍ୱା | |
| ଧୃଶ୍ୟତେ | ଧସତି<br>ସ | ଧଶଇ<br>(ଧସଇ ଲିଖିତ) |
| ଲଭନ୍ତାମ୍ | ଲଭନ୍ତୁ | ଲଭନ୍ତୁ<br>(let them get) |
| କରିଷ୍ୟନ୍ତି | କରିସନ୍ତି<br>ସ | (କରିବେ) |
| ବୃକ୍ଷ | ରୁକ୍ଖ | ରୁଖ |
| କନକ | କଣୟ | କଣୟ (ପ୍ରା. ଓ.) |
| ନୁ | ନୁ | ନ, କି |
| ଦୁହିତା | ଧିତା | ଝିଅ |
| ଅବଲମ୍ବକ | ଓଲମ୍ବକ | ଓଲମ |
| କୈବର୍ତ୍ତ | କେବଟ୍ଟ<br>ଟ<br>ତ | କେଉଟ |
| ଅର୍ଦ୍ଧତୃତୀୟ | ଅଡ୍ଢତେୟ୍ୟ | ଅଢ଼େଇ |
| ସ୍ନାତ୍ୱା | ନହାତ୍ୱା | |
| ସଂକ୍ରମ | ସଙ୍କମ | ସଙ୍କ<br>(bridge) ଶଙ୍କ-(ଲିଖିତ) |
| | ମନପା, ମନାପିକା | ମଶୋହ୍ଲ |
| ଜ୍ୱଳନ୍ତ | ଜଳନ୍ତ | ଜଳନ୍ତ |

ନାଟକୀୟ ପ୍ରାକୃତଗୁଡ଼ିକ ମଧ୍ୟରେ ଶୌରସେନୀ ଗଦ୍ୟରେ ଏବଂ ମହାରାଷ୍ଟ୍ରୀ ପଦ୍ୟରେ ସ୍ତ୍ରୀଲୋକମାନଙ୍କ ଦ୍ୱାରା ନାଟକରେ ବ୍ୟବହୃତ ହୁଏ । ନୀଚପାତ୍ର ମାଗଧୀ ପ୍ରାକୃତ ପ୍ରୟୋଗ କରିଥାନ୍ତି । ଜୈନ ସନ୍ନ୍ୟାସୀମାନେ ନାଟକରେ ଅର୍ଦ୍ଧମାଗଧୀ ପ୍ରୟୋଗ କରନ୍ତି । କାଳିଦାସ ପ୍ରଭୃତି ନାଟ୍ୟକାରମାନଙ୍କ ସଂସ୍କୃତ ନାଟକରେ ଯେଉଁ ପ୍ରାକୃତ ଭାଷା ବ୍ୟବହୃତ ହୋଇଛି ତାହା ଆଧୁନିକ ଭାରତୀୟ ଆର୍ଯ୍ୟଭାଷାର ନିକଟବର୍ତ୍ତୀ । କାଳିଦାସଙ୍କର ବହୁ ପରବର୍ତ୍ତୀ ନାଟକରେ ମଧ୍ୟ ଏହି ପ୍ରାକୃତ ଭାଷା ସମୂହ ବ୍ୟବହୃତ ହୋଇଅଛି । ନାଟକୀୟ ପ୍ରାକୃତଗୁଡ଼ିକରେ କ୍ରିୟା-ପ୍ରକରଣରେ ପ୍ରାୟଶଃ ଲଟ୍, ଲୋଟ୍ ବିଧିଲିଙ୍ ଓ ଲୃଟ୍ ( ଭବିଷ୍ୟତ ) ଲକାରର ବିପରିଣାମ ଦେଖାଯାଏ ।

ସ୍ୱପ୍ନ ବାସବଦତ୍ତା ନାଟକରେ ଭାସ, ପ୍ରାକୃତ ଭାଷାରେ—

କେର ପ୍ରତ୍ୟୟ ବ୍ୟବହାର କରିଛନ୍ତି ତହିଁରୁ ଓଡ଼ିଆ, ବଙ୍ଗଳା ଓ ଆସାମୀର ଷଷ୍ଠୀ ଏକବଚନ 'ର' ଏବଂ 'କ' ବିବର୍ତ୍ତିତ ହୋଇଅଛି ।

କାଳିଦାସଙ୍କ 'ବିକ୍ରମୋର୍ବଶୀୟମ୍' ନାଟକ (ତ୍ରୋଟକ) ର ୨ୟ ଅଙ୍କରୁ ବିଦୂଷକର ପ୍ରାକୃତ ଭାଷାରେ ଉକ୍ତି ଏଠାରେ ଉଦ୍ଧୃତ ହୋଇଅଛି—

ସଡ଼ି ହୋଦୀଏ ! ଇମଂ ଦୂଟଚେଡ଼ିଅଂ ପେକିଅ ତଂ ରାଜରହସଂ ହୁଅଅଂ
ଥ ଠ ଖ ସ
ଭିନ୍ଦିଅ ଣିକମଦି ବିଅ । ଜାଉଣିଏ ! ସଂଗୀଦବାବାରଂ ଉଜ୍‌ଝିଅ କହିଁ
କ୍ଖା
ପଡ଼ିଦାସି ।
ଥ

ସଂସ୍କୃତ :—ସ୍ୱସ୍ତି ଭବତ୍ୟୈ । (ଆତ୍ମଗତମ୍) ଇମାଂ ଦୁଷ୍ଟଚେଟିକାଂ ପ୍ରେକ୍ଷ୍ୟ ତଦ୍‌ରାଜ ରହସ୍ୟଂ ହୃଦୟଂ ଭିତ୍ତ୍ୱା ନିଷ୍କ୍ରାମତୀବ । (ପ୍ରକାଶମ୍) ନିପୁଣିକେ ! ସଙ୍ଗୀତ ବ୍ୟାପାର—ମୁକ୍ତ୍ୱିତ୍ୱା କସ୍ମିନ୍ (ସ୍ଥାନେ) ପ୍ରସ୍ଥିତାଽସି ?

ଏଠାରେ ପ୍ରାକୃତ ଭାଷାରେ 'ଣ' ର ପଦର ଆଦିରେ ଓ ମଧ୍ୟରେ ବହୁଳ ପ୍ରୟୋଗ ଲକ୍ଷଣୀୟ । ପଦ ମଧ୍ୟରେ ଥିବା ଏକକବ୍ୟଂଜନଗୁଡ଼ିକର ପ୍ରାୟଶଃ ଲୋପ ମଧ୍ୟ ଉଲ୍ଲେଖଯୋଗ୍ୟ । ଅଥବା ଅନୁରୂପ ସଘୋଷ ବ୍ୟଂଜନରେ ପରିଣତି ବି ଲକ୍ଷ୍ୟ କରିବାର କଥା ।

ଉକ୍ତ ନାଟକର ୪ର୍ଥ ଅଙ୍କରେ କାଳିଦାସ, ବିରହବିଧୁର ପୁରୁରବାଙ୍କ ମୁଖରେ କେତେକ କବିତା ଅପଭ୍ରଂଶ ଭାଷାରେ ପ୍ରଦାନ କରିଛନ୍ତି ଏଠାରେ ତହିଁରୁ ଗୋଟିଏ ଉଦାହରଣ ଦିଆହେଉଛି :—

କଂଇ ପଂଇ ସିକ୍ଖିଉ ଏ ଗଇଲ୍ଲଲସ
୪
ସା ପଇଂ ଦିଟ୍ଠୀ ଜଅଣଭରାଲସ ।
୦

ସଂସ୍କୃତ :—କସ୍ମାତ୍ ତ୍ୱୟା ଶିକ୍ଷିତମ୍ ଏତଦ୍‌ଗତିଲାଲସଂ
ସା ଆତ୍ମନା ଦୃଷ୍ଟା ଜଘନଭରାଲସା ॥ ୪ । ୩୪

"ତୁମେ ଏହି ଲୀଳାମୟୀ ଗତି କେଉଁଠାରୁ ଶିକ୍ଷା କଲ, ଅବଶ୍ୟହିଁ ତୁମେ ସେହି ନିତମ୍ବଭାରବଶତଃ ଅଳସଗମନା ସୁନ୍ଦରୀ ଉର୍ବଶୀକୁ ଦେଖିଅଛ ।" ଶୌରସେନି, ମହାରାଷ୍ଟ୍ରୀ, ମାଗଧୀ, ଅର୍ଦ୍ଧମାଗଧୀ, ପୈଶାଚୀ ପ୍ରାକୃତଗୁଡ଼ିକ ଅନୁରୂପ ଅପଭ୍ରଂଶ ଭାଷା ମାଧ୍ୟମରେ ଯଥାକ୍ରମେ ଆଧୁନିକ ପଶ୍ଚିମାହିନ୍ଦୀ, ମରାଠୀ ଓ ବଙ୍ଗଳା ଓଡ଼ିଆ ପ୍ରଭୃତି ପୂର୍ବଉତ୍ତରୀୟ ଆର୍ଯ୍ୟଭାଷାରେ ପରିଣତ ହୋଇଛି । ଅର୍ଦ୍ଧମାଗଧୀରୁ ପ୍ରାଚ୍ୟ ହିନ୍ଦୀ ବିବର୍ତ୍ତିତ ହୋଇଥିବାର କଥିତ ହୋଇଅଛି । ପୈଶାଚରୁ କାଶ୍ମିରୀ ଭାଷା ବିବର୍ତ୍ତିତ ହୋଇଅଛି ।

ଓଡ଼ିଆ ଭାଷା, ମାଗଧୀରୁ ବିବର୍ତ୍ତିତ ହେଲେହେଁ ନାଟକୀୟ ମାଗଧୀର ଷ, ସ, ସ୍ଥାନରେ 'ଶ' ହେବା, 'ର' ପରିବର୍ତ୍ତେ 'ଲ' ର ବ୍ୟବହାର କରିବା ଏହି ୨ଟି ଲକ୍ଷଣ ସଂରକ୍ଷଣ କରିନାହିଁ ।

ଅର୍ଦ୍ଧମାଗଧୀ ଭାଷାର ପ୍ରଭାବ ବଶତଃ ଓଡ଼ିଆରେ କେବଳ 'ସ' ର ବ୍ୟବହାର ଏବଂ 'ର' 'ଲ' ଉଭୟର ବ୍ୟବହାର ସଂରକ୍ଷିତ ହୋଇଅଛି ।

---

ଉଲ୍ଲିଖିତ ଅପଭ୍ରଂଶ ଶ୍ଳୋକରେ ପଇଂର ସଂସ୍କୃତ ରୂପ 'ତ୍ୱୟା' ବୋଲି ସମ୍ପାଦକ ଲେଖିଛନ୍ତି । କିନ୍ତୁ ଏହାର ରୂପ ଆତ୍ମନା ହେବା ଉଚିତ । ଆତ୍ମନ ଶବ୍ଦର ୪ର୍ଥୀ ଏକବଚନ 'ଆତ୍ମନେ' ଶବ୍ଦରୁ ଓଡ଼ିଆର (ପାଇଁ) ଶବ୍ଦ ବିପରିଣତ ହୋଇଅଛି । ଉଲ୍ଲିଖିତ 'କଇଂ ଶବ୍ଦ ସଂସ୍କୃତ କସ୍ମିନ୍>କମ୍ହି ମାଧ୍ୟମରେ ହୋଇଅଛି । ଓଡ଼ିଆରେ 'ପାଇଁ' ଶବ୍ଦ ନେପାଳୀ ଭାଷାରେ ମଧ୍ୟ ବ୍ୟବହୃତ ।

ଅଶୋକଙ୍କ ଅନୁଶାସନ ଖ୍ରୀ. ପୂ. ୩ୟ ଶତକରେ ଭାରତର ବିଭିନ୍ନ ପ୍ରଦେଶରେ, ବର୍ତ୍ତମାନ ପାକିସ୍ଥାନରେ ଶାହାବାଜ୍ ଗଡ଼ୀ ଓ ମାନ୍‌ସେରାରେ ଏବଂ ଅଫଗାନିସ୍ଥାନର କାନ୍ଦାହାରରେ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇଅଛି । ଓଡ଼ିଶାର ଧଉଳଗିରି ଏବଂ ଜଉଗଡ଼ରେ ତାଙ୍କର ୧୧ଟି ଶୈଳ ଅନୁଶାସନ ଓ କଳିଙ୍ଗବାସୀଙ୍କ ପାଇଁ ଉଦ୍ଦିଷ୍ଟ ୨ଟି ବିଶିଷ୍ଟ ଅନୁଶାସନ ଦେଖିବାକୁ ମିଳେ ।

## ଶୈଳ ଅନୁଶାସନ—୮ (ଧର୍ମଯାତ୍ରା)

ଅତିକାଂତଂ ଅଂତଲଂ ଲଜାନେ ବିହାଲୟାତଂ ନାମ
ନିଖମିସୁ / ହିଦା ମିଗୟା ଅଂନାନି ଚ ଏଦିସାନି
ଅଭିଲମାନି ହୁବଂତି ନଂ / ସେ ଦେବାନଂ ପିୟେ
ପିୟଦସୀ ଲଜା ଦସବସାଭିସିତେ ସଂତେ ନିଖମି
ସଂବୋଧିଂ / ତେନ ତା ଧଂମୟାତା / ହେତା
ଇୟଂ ହୋତି ସମନ ବାଭନାନଂ ଦସନେ ଚ ଦାନେ ଚ
ବୁଢ଼ାନଂ ଦସନେ ଚ ହିଲଂନପଟିବିଧାନେ ଚ
ଜାନପଦସ ଚ ଜନସ ଦସନେ ଧଂମାନୁସସ୍ଟୀ (?)
* ଧଂମପରିପୁଚ୍ଛା ଚ / ... ......... ଏସା ଭୂୟରତି
ହୋତି ପିୟସ ପିୟଦସିନୋ ରଞ୍ଞୋ ଭଗେ ଅଞ୍ଞେ ।
ସଂସ୍କୃତ—ଅତିକ୍ରାନ୍ତ ମନ୍ତରଂ ରାଜାନୋ ବିହାର ଯାତ୍ରାଂ ନାମ
ନିରକ୍ରମିଷୁଃ (=ଅଯାସିଷୁଃ) । ଅତ୍ର ମୃଗୟା ଅନ୍ୟାନିଚ ଏତାଦୃଶାନି
ଅଭିରାମ କାଣି ଅଭୂବନ । ସ ଦେବାନାଂ ପ୍ରିୟଃ ପ୍ରିୟଦର୍ଶୀ ରାଜା
ଦଶ ବର୍ଷାଭିଷିକ୍ତ ସନ୍ ନିରକ୍ରମିତ୍ (=ଅଯାସୀତ)·ସଂବୋଧିମ୍ /
ତେନଏଷା ଧର୍ମଯାତ୍ରା । ଅତ୍ର ଇଦଂ ଭବତି ଶ୍ରମଣ ବ୍ରାହ୍ମଣାନାଂ
ଦର୍ଶନଂ ଦାନଂ ଚ ବୃଦ୍ଧାନାଂ ଦର୍ଶନ ଚ ହିରଣ୍ୟପ୍ରତିବିଧାନଂ
ଚ ଜାନପଦସ୍ୟ ଚ ଜନସ୍ୟ ଦର୍ଶନ ଧର୍ମାନୁଶାସ୍ତିଚ
ଧର୍ମ ପରିପୃଚ୍ଛା ଚ । ...... .. .. .....ଏଷା ଭୂୟୋରତି ଭବତି
ଦେବାନାଂ ପ୍ରିୟସ୍ୟ ପ୍ରିୟଦର୍ଶିନୋ ରାଜ୍ଞଃ ଭାଗେ ଅନ୍ୟସ୍ମିନ୍

ଉଲ୍ଲିଖିତ ଅଶୋକଙ୍କ ଶିଳାଲେଖରୁ ଭାଷା ସମ୍ବନ୍ଧରେ ନିମ୍ନଲିଖିତ ଲକ୍ଷଣ ଉଲ୍ଲେଖଯୋଗ୍ୟ । ଏଥିରେ 'ର' ସ୍ଥାନରେ 'ଲ' ବ୍ୟବହୃତ । ଅକାରାନ୍ତ

* ସନ୍ଦେହାନ୍ୱିତ—(doubtful)

ପୁଂଲିଙ୍ଗ ଓ କ୍ଲୀବଲିଙ୍ଗ ଶବ୍ଦର କର୍ତ୍ତୃକାରକ ଏକବଚନରେ 'ଏ' ହୁଏ । ଏ ଦୁଇଟି ଲକ୍ଷଣ ନାଟକୀୟ ମାଗଧୀ ପ୍ରାକୃତରେ ଦୃଷ୍ଟ ହୁଏ । କିନ୍ତୁ ନାଟକୀୟ ମାଗଧୀ ପ୍ରାକୃତରେ ତିନିଗୋଟି ଉଷ୍ମବର୍ଣ୍ଣ ଅର୍ଥାତ୍, ଶ, ଷ, ସ ସ୍ଥାନରେ କେବଳ 'ଶ' ବ୍ୟବହୃତ ହେଉଥିବା ସ୍ଥଳେ ( ଶାକୁନ୍ତଳ ନାଟକର କୈବର୍ତ୍ତ ଉକ୍ତି ଦ୍ରଷ୍ଟବ୍ୟ ) ଉଲ୍ଲିଖିତ ଶିଳାଲେଖରେ କେବଳ 'ସ' ର ବ୍ୟବହାର ଦେଖାଯାଏ । ପାଲିଭାଷାରେ ଜ୍ଞ, ଣ୍ୟ ଓ ନ୍ୟ ପରିଣତ ହୁଏ 'ଞ୍ଞ' ରେ, ଉଲ୍ଲିଖିତ ଅଶୋକଙ୍କ ଶିଳାଲେଖରେ ମଧ୍ୟ ତାହାହିଁ ହୋଇଛି । ଅଶୋକଙ୍କ ଗିର୍‌ନାର୍ (ଗୁଜୁରାଟ) ଶୈଳ ଶାସନରେ 'ଅ' କାରାନ୍ତ ପୁଂଲିଙ୍ଗ ଶବ୍ଦର କର୍ତ୍ତୃକାରକ ଏକବଚନରେ ଓ ହୁଏ ଏବଂ କ୍ଲୀବଲିଙ୍ଗରେ ଅଂ ହୁଏ । ସେଥିରେ 'ର' ଓ 'ସ' ର ବ୍ୟବହାର ଦେଖାଯାଏ । ମାନ୍‌ସେରା ଏବଂ ଶାହାବାଜ ଗଡ଼ିରେ ଆବିଷ୍କୃତ ଅଶୋକଙ୍କ ଶୈଳ ଅନୁଶାସନରେ 'ର', 'ସ' ଏବଂ 'ଶ'ର ବ୍ୟବହାର ଦେଖାଯାଏ । 'ର' ଯୁକ୍ତ ବ୍ୟଞ୍ଜନ ଉଭୟରେ ଦୃଷ୍ଟ ହୁଏ । 'ପ୍ର' ସଂଯୁକ୍ତ ବର୍ଣ୍ଣ ଅଶୋକଙ୍କ ପଶ୍ଚିମ ଉପଭାଷା ( ଗିର୍‌ନାର୍ ) ଉତ୍ତର ପଶ୍ଚିମ ଉପଭାଷା ଯଥା—(ମାନ୍‌ସେରା) ରେ ଦେଖାଯାଏ । ଅଦ୍ୟାପି ମଧ୍ୟ ଉତ୍ତର ପଶ୍ଚିମର ଉପଭାଷାରେ ସେହି 'ହ୍ର' ଏବଂ ତ୍ର ବ୍ୟବହୃଏ । ଯଥା—ତ୍ରେ = ୩ ଇତ୍ୟାଦି । ଅଶୋକଙ୍କର ଅନୁଶାସନ ଖରୋଷ୍ଟୀ ଏବଂ ବ୍ରାହ୍ମୀ ଲିପିରେ ଲିଖିତ । ସଂଯୁକ୍ତ ବ୍ୟଞ୍ଜନ ବର୍ଣ୍ଣର ବ୍ୟବହାର ଦେଖାଯାଏ ନାହିଁ । ଧଉଳି ଶିଳାଲେଖରେ ଲିଖିତ ପ୍ରାକୃତ ଅଶୋକଙ୍କର ରାଜଧାନୀର ଭାଷା ଥିଲାଭଳି ଜଣାପଡ଼େ ।

ବିହାରର ରାମଗଡ ଶୈଳରେ ଯୋଗୀମାରା ଗୁମ୍ଫାରେ ମିଳିଥିବା ପ୍ରାକୃତ ଖୋଦିତ ଲେଖ ପ୍ରାଚୀନ ମାଗଧୀରେ ଲିଖିତ ହୋଇଅଛି ।

ଶୁତନୁକ ନମ ଦେବଦଶିକ
ତଂ କମୟିଥ ବଲନଶେୟେ ଲୂପଦଖେ ॥

ଏହାର ସଂସ୍କୃତ—ସୁତନୁକା ନାମ ଦେବଦାସୀ
ତାମ୍ ଅକାମୟତ ବାରାଣସୀୟଃ ରୂପଦକ୍ଷଃ

ଓଡ଼ିଆ—ସୁତନୁକା ନାମରେ ଦେବଦାସୀ ଥିଲେ । ବାରାଣସୀବାସୀ ଅଭିନେତା (?) ତାହାଙ୍କୁ ଭଲ ପାଉଥିଲେ ।

---

ଅଶୋକଙ୍କ ଧଉଳି ଶିଳାଲେଖରେ ବ୍ୟବହୃତ କଛୁ, ଚିକିସ୍ତା, ତିଂନି (ତିନି) ପଛା<ପଶ୍ଚାତ, ପଢେ (ପଢନାତି), ଦଖମି (ଦେଖଇଁ, ପ୍ରଭୃତି ଓଡ଼ିଆ ଭାଷାରେ ସାମାନ୍ୟ ପରିବର୍ତ୍ତନ ସହ ବ୍ୟବହୃତ ହୋଇଅଛି ।

ଅଶୋକଙ୍କ ଧଉଳିଗିରି ଏବଂ ଜଉଗଡ଼ରେ ବ୍ୟବହୃତ ଭାଷାର କେତେକ ଲକ୍ଷଣ ଖ୍ରୀ. ପୂ. ପ୍ରଥମ ଶତାବ୍ଦୀର ଭୁବନେଶ୍ୱର ନିକଟବର୍ତ୍ତୀ ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଦେଖାଯାଏ ନାହିଁ । ଏଥିରେ 'ର' ଏବଂ 'ଲ' ଉଭୟ ବ୍ୟବହୃତ ହୋଇଛି ଅର୍ଥାତ ସଂସ୍କୃତ ଭାଷାର ର>ଲ ହୋଇନାହିଁ । ଅକାରାନ୍ତ ପୁଂଲିଙ୍ଗ ଓ କ୍ଳୀବଲିଙ୍ଗ ପ୍ରଥମା ଏକବଚନରେ 'ଏ' ହୋଇନାହିଁ । ଅର୍ଦ୍ଧମାଗଧୀ ଭାଷାରେ ଦୃଷ୍ଟ ପଦମଧ୍ୟସ୍ଥିତ 'ପ' 'ବ' କାରରେ ପରିଣତ ହେବା ଏବଂ ପଦ ମଧ୍ୟବର୍ତ୍ତୀ 'ଥ' ର 'ଧ' ରେ ପରିଣତ ହେବା ପଦ ମଧ୍ୟବର୍ତ୍ତୀ 'ଖ' ର 'ହ' ରେ ପରିଣତ ହେବା ଖାରବେଳ ଶିଳାଲେଖରେ ଦେଖିବାକୁ ମିଳେ । (ପଣ>ବଣ, ରଥ>ରଧ, ଶିଖର>ସିହର, ଇତ୍ୟାଦି) । ହାତୀଗୁମ୍ଫା ଶିଳାଲେଖର ଭାଷାର ଉଦାହରଣ ତଳେ ପ୍ରଦାନ କରାଗଲା ।

"ତୃତୀୟେ ଚ ବସେ ଅଚିତୟିତା ସାତକଂ ନିଂ ପଛିମ ଦିସଂ ହୟ-ଗଜ-ନର-ରଧ ବହୁଲଂ ଦଂଡ଼ଂ ପଠାପୟିତ । କନ୍ହବେଣାଂ ଗତୟା ଚ ସେନାୟ ବିତାସୟତି ଅସିକ-ନଗରଂ ତତିୟେ ପୁନ ବସେ ଗନ୍ଧବ-ବେଦ-ବୁଧୋ ଦମ-ନତ-ଗୀତ-ବାଦିତ ସଂଦସନାହି ଉସବ-ସମାଜ-କାରାପନାହି ଚ କୀଡ଼ାପୟତି ନଗରିଂ । ତଥା ଚବୁଥେ ବସେ ବିଜାଧରାଧି ବାସଂ ଅରହତପୁରଂ କଲିଙ୍ଗ ପୁବ-ରାଜାନଂ ଧମେନ ଓ ମାତିନା ବ ପସାସୟତି ସବତ ଧମକୁଟେନ ଖିତ-ତସିତେ ଚ ନିଖିତ-ଛତ-ଭିଙ୍ଗାରେ ହିତ ରତନ-ସାପତେୟେ ସବରଠିକ ଭୋଜକେ ପାଦେ ବନ୍ଦାପୟତି ।

ସଂସ୍କୃତ—ଦ୍ୱିତୀୟେ ଚ ବର୍ଷେ ଅଚିନ୍ତୟିତ୍ୱା ସାତକର୍ଣ୍ଣିଂ ପଶ୍ଚିମ ଦିଶଂ ହୟ-ଗଜ-ନର-ରଥ-ବହୁଳଂ ଦଣ୍ଡଂ ପ୍ରସ୍ଥାପୟତି । କୃଷ୍ଣବେଣାଂ ଗତୟା ଚ ସେନୟା ବିତ୍ରାସୟତି (ଅଶ୍ମକ) ନଗରଂ ତୃତୀୟେ ପୁନର୍ବର୍ଷେ ଗନ୍ଧର୍ବ ବେଦବୁଧଃ (ଖାରବେଳଃ) ଦର୍ପ ନୃତ୍ୟ ଗୀତ ବାଦିତ୍ର ସନ୍ଦର୍ଶନୈରୁତ୍ସବ ସମାଜ କରଣୈଶ୍ଚ କ୍ରୀଡ଼ୟତି ନଗରୀମ୍ ତଥା ଚତୁର୍ଥେ ଚ ବର୍ଷେ ବିଦ୍ୟାଧରାଧିବାସଂ ଅର୍ହତପୁରଂ କଳିଙ୍ଗ ପୂର୍ବ ରାଜାନାଂ ଧର୍ମେଣ ଚ ମାତ୍ୟା ଏବ ପ୍ରଶାସୟତି ସର୍ବତ୍ର ଧର୍ମ କୃତେନ । କ୍ଷିତତସ୍ତ୍ରାନ୍ ନିକ୍ଷିପ୍ତଛତ୍ରଭୃଙ୍ଗାରାନ୍ ହୃତରତ୍ନସ୍ୱାପତେୟାନ୍ ସର୍ବରାଷ୍ଟ୍ରିକ ଭୋଜକାନ୍ ପାଦାବଭିବାଦୟତେ ।

---

ହାତୀଗୁମ୍ଫା ଶିଳାଲେଖରେ ବ୍ୟବହୃତ ତୃତୀୟ, ପଚ୍ଛିମ ଶବ୍ଦ ଅଦ୍ୟାପି ଓଡ଼ିଆ ଭାଷାରେ ବ୍ୟବହୃତ । ପଠାପୟତି>ପଠାଅଇ>ପଠାଏ ଓଡ଼ିଆ ।

ଖାରବେଳଙ୍କ ଶିଳାଲେଖ ପରେ ଉଦୟରୁ ମିଳିଥିବା ମହାରାଜା 'ଗଣ'ଙ୍କର ଅଷ୍ଟମ ସମ୍ବତ୍ସରର କ୍ଷୁଦ୍ର ପ୍ରାକୃତ ଶିଳାଲେଖ ବ୍ୟତୀତ ଅନ୍ୟ ପ୍ରାକୃତ ଶିଳାଲେଖ ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଦୃଷ୍ଟିଗୋଚର ହୁଏ ନାହିଁ । ସପ୍ତମ ଶତାବ୍ଦୀର ନବନା ସଂସ୍କୃତ ତାମ୍ରଲେଖରେ ଆମ୍ଭେମାନେ ତଦାନୀନ୍ତନ କଥିତ ଭାଷାର ନିଦର୍ଶନ ପାଉ । ପରବର୍ତ୍ତୀ ବ୍ରାହ୍ମୀଲିପିରେ ଲିଖିତ ଗଣଙ୍କ ଉକ୍ତ ଶିଳାଲେଖ ଉଦ୍ଧୃତ ପାଠ ନିମ୍ନରେ ପ୍ରଦତ୍ତ ହେଲା—

୧ । ମହାରାଜ ସିରଗ (ଣ ସ ସ ୮୭)/
ମୂଲ (=ଳ) କ ପେ (ତେ) ଦେବା ୩ ଦତ/

୨ । ···ବପ ୮୦/ମହାକୁଲ (=ଳ) ପତି-ଅଗି
ଅଗିହମେଣଂ ପାନଦେ ବତିଦଂ ପତିଚ୍ଛଦଂ /
···(ଉଦ) ଅପବସ ମହାସର ଫଲ ଅତିସମ/

ଏହାର ଓଡ଼ିଆ ଅନୁବାଦ :—ମହାରାଜ ଶ୍ରୀ ଗଣଙ୍କର ଅଷ୍ଟମ ସମ୍ବତ୍ସରରେ, ମୂଲକଙ୍କ ଦ୍ୱାରା ତିନିଗୋଟି ଦେବମୂର୍ତ୍ତି ଦତ୍ତ (ହୋଇଅଛି) ସେ ମଧ୍ୟ ୮୦ ଆଢ଼କ ( କିମ୍ବା ଦ୍ରୋଣ ଶସ୍ୟ ଦେଇଅଛନ୍ତି ) ତାହା ମହାକୁଳପତି ଅଗ୍ନିଶର୍ମାଙ୍କ ଦ୍ୱାରା ପାଣିଦ (ସ୍ଥାନ) ରେ ଉତ୍ପାଦିତ (ହେଲା) । ଏବଂ ତାଙ୍କ ଦ୍ୱାରା ଗୃହୀତ ହେଲା । ଉଦ୍ର, ଅପବର୍ଷ, ମହାସର ଏବଂ ଫଳ ସେହି ଶସ୍ୟର ଗ ଅଙ୍କ ନେଲେ ।

ଗଣଙ୍କ ଏହି ଶିଳାଲେଖ ପରେ ନବନା/ନମିନା ତାମ୍ରଲେଖ ପର୍ଯ୍ୟନ୍ତ କୌଣସି ପ୍ରାକୃତ ବା ଅପଭ୍ରଂଶ ଭାଷାର ଖୋଦିତ ଲେଖ ଓଡ଼ିଶାରେ ପାଉ ନାହୁଁ । ଏହି ବ୍ୟବଧାନ କାଳ ମଧ୍ୟରେ ବହୁ ସଂସ୍କୃତ ଲେଖ ଓଡ଼ିଶାରେ ମିଅଛି । ସେଥିରେ କେତେକ ପ୍ରାକୃତ ଶବ୍ଦ ମାତ୍ର ଦୃଷ୍ଟିଗୋଚର ହୁଏ । ନବନା / ନମିନା ତାମ୍ରଲେଖରେ ପ୍ରଦତ୍ତ ଭୂମିର ଚୌହଦୀ ତଦାନୀନ୍ତନ ପ୍ରଚଳିତ ଭାଷାରେ ଲିଖିତ । ଏହା ଅର୍ଦ୍ଧମାଗଧୀ ପ୍ରାକୃତ ଭାଷାର ପରବର୍ତ୍ତୀ ରୂପ ।

---

ଡଃ ଦୀନେଶ ଚନ୍ଦ୍ର ସରକାରଙ୍କ ମୌଳିକ ପାଠକୁ ଆଲୋଚନା କରି S. N. Ghosalଙ୍କ ଦ୍ୱାରା ଗୃହୀତ ପାଠ ଉପରେ ଉଦ୍ଧୃତ ହେଲା ।

ASIATIC SOCIETY—Monthly bulletin Vol.-IX-No. 7 July 1980—ଦ୍ରଷ୍ଟବ୍ୟ ।

୭ମ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସଂସ୍କୃତ ହର୍ଷଚରିତରେ ଲେଖକ* ବାଣଭଟ୍ଟ ତାଙ୍କର ବନ୍ଧୁ ମିତ୍ରଙ୍କ ମଧ୍ୟରେ ଜଣେ ପ୍ରାକୃତ କବି ଏବଂ ଆଉ ଜଣେ ଭାଷା କବିଙ୍କ ନାମ ଉଲ୍ଲେଖ କରିଅଛନ୍ତି । ଏଥିରୁ ଜଣାପଡ଼େ ଯେ ୭ମ ଶତାବ୍ଦୀରେ ପ୍ରାକୃତ ଭାଷା ପ୍ରଚଳିତ ଭାଷା ନ ଥିଲା । ସେ ସମୟରେ ପୂର୍ବ ଭାରତରେ ପ୍ରଚଳିତ ଭାଷାକୁ ମାଗଧୀ ଅଥବା ଅର୍ଦ୍ଧମାଗଧୀ ଅପଭ୍ରଂଶ ବୋଲି ଯାଇପାରେ । ଉରଜାମ୍ ଶିଳାଲେଖ ୧୧ଶ ଶତାବ୍ଦୀର ମଧ୍ୟଭାଗର, ଉତ୍ତର ଭାରତରେ କଥିତ ଭାଷାରେ ଆବିଷ୍କୃତ ହୋଇଥିବା ଖୋଦିତ ଲେଖ ମାନଙ୍କ ମଧ୍ୟରେ ପ୍ରାଚୀନତମ । ଏହା ଶକାବ୍ଦ ୯୭୩ରେ ଲିଖିତ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଖ୍ରୀଷ୍ଟାବ୍ଦ ଗଣନାରେ ଏହା ୧୦୫୧ରେ ଲିଖିତ । ୧୧ଶ ଶତାବ୍ଦୀ ଠାରୁ ୧୮ଶ ଶତାବ୍ଦୀ ମଧ୍ୟବର୍ତ୍ତୀ ପ୍ରତ୍ୟେକ ଶତକରେ ଓଡ଼ିଶାରେ ଓଡ଼ିଆ ଶିଳାଲେଖ ଦେଖିବାକୁ ମିଳେ । ଏହି ଶିଳାଲେଖଗୁଡ଼ିକର ପାଠୋଦ୍ଧାର ପ୍ରାୟ ନିଃସନ୍ଦେହ । ତେଣୁ ଓଡ଼ିଆ ଭାଷା ବିବର୍ତ୍ତନରେ ଏଗୁଡ଼ିକର ସାକ୍ଷ୍ୟ ସର୍ବାପେକ୍ଷା ମୂଲ୍ୟବାନ୍ ।

୧୯୦୯ ଖ୍ରୀ. ଅ. ରେ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ନେପାଳରୁ ଆବିଷ୍କୃତ ଡାକାର୍ଣ୍ଣବ, ଦୋହାକୋଷ ଏବଂ ଚର୍ଯ୍ୟାପଦଗୁଡ଼ିକ ଉତ୍ତର ପୂର୍ବ ଭାରତୀୟ ଭାଷା ଗୋଷ୍ଠୀର ବିବର୍ତ୍ତନରେ ସ୍ପଷ୍ଟ ଆଲୋକ ପ୍ରଦାନ କରେ । ଏଗୁଡ଼ିକର ଭାଷାରେ କେତେକ ଅପଭ୍ରଂଶର ଲକ୍ଷଣ ଓ କେତେକ ନବ୍ୟ ଭାରତୀୟ ଆର୍ଯ୍ୟଭାଷାର ଲକ୍ଷଣ ଦୃଷ୍ଟିଗୋଚର ହୁଏ । ଏଥିରେ ଆସାମୀ, ଓଡ଼ିଆ, ମୈଥିଳୀ, ବିହାରୀ ଓ ବଙ୍ଗ ଭାଷାର ପ୍ରାଚୀନତମ ଲକ୍ଷଣ ପରିଲକ୍ଷିତ ହୁଏ । ତେଣୁ ଓଡ଼ିଆ ଭାଷାର ବିବର୍ତ୍ତନରେ ଏଗୁଡ଼ିକର ଗୁରୁତ୍ୱ ଅତ୍ୟଧିକ ।

ଏଗୁଡ଼ିକ ପୂର୍ବ ଭାରତର ବୌଦ୍ଧସିଦ୍ଧମାନଙ୍କ ଦ୍ୱାରା ରଚିତ । ସେମାନଙ୍କ ମଧ୍ୟରୁ କେତେକ ସିଦ୍ଧଙ୍କ ନାମ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ମିଳେ । ପୂର୍ବ ଭାରତରୁ କେତେକ ବୌଦ୍ଧଧର୍ମୀ ଏଗୁଡ଼ିକ ସଙ୍ଗରେ ନେଇ ନେପାଳକୁ ଚାଲିଯାଇଥିବାର ବୋଧହୁଏ । ଅଦ୍ୟାପି ନେପାଳରେ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମ ପାଖାପାଖି ଥିବାର ଦେଖାଯାଏ ।

ଏହି ଚର୍ଯ୍ୟାପଦ ଏବଂ ଦୋହାଗୁଡ଼ିକ ୧୯୧୬ରେ ହରପ୍ରସାଦଙ୍କ ଦ୍ୱାରା ପ୍ରକାଶିତ ହେଲା । ଚର୍ଯ୍ୟାର ଲେଖକ ସିଦ୍ଧମାନଙ୍କ ମଧ୍ୟରେ ସେ ଜଣେ ଦୁଇଜଣଙ୍କୁ

---

* ବାଣଭଟ୍ଟ ମଗଧରେ ପ୍ରବାହିତ ସୋଣନଦୀ ତୀରସ୍ଥ ପ୍ରୀତିକୂଟ ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିବାର ଲେଖିଛନ୍ତି ।

ଓଡ଼ିଶା ସହିତ ସଂପୃକ୍ତ ଥିବାର ଏବଂ ଅଳପ କେତେକ ପଦ ଓଡ଼ିଆ ଭାଷାରେ ଲିଖିତ ବୋଲି ସ୍ୱୀକାର କରିଥିଲେ ମଧ୍ୟ, ଏହି ଚର୍ଯ୍ୟାପଦ ଓ ଦୋହାଗୁଡ଼ିକ ପ୍ରାଚୀନ ବଙ୍ଗଳାରେ ଲିଖିତ ବୋଲି ଘୋଷଣା କରିଛନ୍ତି । ଏହି ଚର୍ଯ୍ୟାପଦ ଗୋଟିଏ ପାଣ୍ଡୁଲିପି ଉପରେ ଆଧାରିତ ଓ ଏହାର ତିବ୍ବତୀୟ ଅନୁବାଦ ବଙ୍ଗୀୟ ପଣ୍ଡିତମାନଙ୍କ ଉଦ୍ୟମ ଫଳରେ ଆବିଷ୍କୃତ ହୁଅନ୍ତେ ସେମାନେ ଏହାର ଶୁଦ୍ଧପାଠ ଦେବାକୁ ଚେଷ୍ଟା କରିଛନ୍ତି । ଢାକା ବିଶ୍ୱବିଦ୍ୟାଳୟର ବଙ୍ଗଭାଷାର ଅଧ୍ୟାପକ ଡଃ ଶହିଦୁଲ୍ଲାଙ୍କ ଠାରୁ ଆରମ୍ଭ କରି ଡଃ ସୁନୀତି କୁମାର ଚାଟର୍ଜିଙ୍କ ପର୍ଯ୍ୟନ୍ତ ଅନେକ ବଂଗୀୟ ବିଦ୍ୱାନ ଏହାର ଭାଷାକୁ ପ୍ରାଚୀନ ବଂଗଳା ବୋଲି କହି-ଆସୁଛନ୍ତି । Bendal (ବେଣ୍ଡଲ) ସାହେବ ହରପ୍ରସାଦଙ୍କ ପୂର୍ବରୁ ଦୋହାର ଭାଷାକୁ ଅପଭ୍ରଂଶ ବୋଲି ଉଲ୍ଲେଖ କରିଛନ୍ତି । ଡଃ ବାଗଚି ପ୍ରମୁଖ ପରବର୍ତ୍ତୀ କେତେକ ବଂଗୀୟ ବିଦ୍ୱାନ ଏହାର ଭାଷା ପ୍ରାଚୀନ ବଂଗଳା ଭିନ୍ନ ଅନ୍ୟ ହୋଇପାରେ ଏହା ବିଶ୍ୱାସ କରିଛନ୍ତି । ମୈଥିଳୀ, ଆସାମୀ ଓ ବିହାରୀ ଓ ପ୍ରାଚ୍ୟ ହିନ୍ଦୀର କେତେକ ପଣ୍ଡିତ ଏହାକୁ ସଂପୃକ୍ତ ଭାଷାଗୁଡ଼ିକର ପ୍ରାଚୀନତମ ନିଦର୍ଶନ ବୋଲି ଦାବୀ କରିଛନ୍ତି । ଉତ୍ତର ପୂର୍ବୀୟ-ପ୍ରାଚୀନ ଦେଶ ଭାଷାରେ ଲିଖିତ କେତେକ ପଦାବଳୀର ପାଣ୍ଡୁଲିପି ନେପାଳରୁ ନିଆଯାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ରକ୍ଷିତ ହୋଇଅଛି । ଚର୍ଯ୍ୟାପଦର ଶୁଦ୍ଧପାଠ ଉଦ୍ଧାର କରିବାରେ ମୁନିଦତ୍ତଙ୍କ ସଂସ୍କୃତ ଟୀକା ଆମ୍ଭମାନଙ୍କୁ ବିଶେଷ ଭାବରେ ସାହାଯ୍ୟ କରେ । ଚର୍ଯ୍ୟାପଦରେ ଓଡ଼ିଆ ୪ର୍ଥୀର ଚିହ୍ନ-କୁ, ୬ଷ୍ଠୀ ବିଭକ୍ତିର ଚିହ୍ନ-ର, ଏବଂ ଓଡ଼ିଆ ଅଶ୍ଳୀଳ ଶବ୍ଦ ବ୍ୟବହୃତ । ବଙ୍ଗୀୟମାନେ ଏହା ବୁଝି ନ ପାରି ଭୁଲ ଅର୍ଥ କରିଛନ୍ତି ।

ସିଦ୍ଧମାନଙ୍କର ଏହି ଚର୍ଯ୍ୟାପଦଗୁଡ଼ିକ ବିଭିନ୍ନ ରାଗରେ ରଚିତ ହେବାର ଉଲ୍ଲିଖିତ ଅଛି । 'ଚର୍ଯ୍ୟାପଦ' ନାମରେ ପ୍ରକାଶିତ ୫୦ଟି କବିତା ବିଭିନ୍ନ ରାଗରେ ଲିଖିତ ହେଲେ ମଧ୍ୟ କେତେକ କବିତାରେ ଅକ୍ଷର ସଂଖ୍ୟାରେ ବିଭିନ୍ନତା ଦେଖାଯାଏ । ଭିନ୍ନତା ସତ୍ତ୍ୱେ ଶେଷାକ୍ଷରରେ ପ୍ରାୟ ସମାନତା ପରିଦୃଷ୍ଟ ହୁଏ । ପରବର୍ତ୍ତୀ ରୁଦ୍ରସୁଧାନିଧିର ଅନେକ ସ୍ଥଳରେ ଠିକ୍ ସେହିପରି ପଦର ଅକ୍ଷର ସଂଖ୍ୟାରେ ଭିନ୍ନତା ଦେଖାଗଲେ ମଧ୍ୟ ଅନ୍ତିମ ଅକ୍ଷରରେ ସାମ୍ୟ ଥାଏ । ଏହିପରି ଗଦ୍ୟଧର୍ମୀ କେତୋଟି ପଦ ମୁଁ ଏ ସଙ୍କଳନରେ ନମୁନା ସ୍ୱରୂପ ଦେଇଛି । ଚର୍ଯ୍ୟାପଦଗୁଡ଼ିକର ସମୟ ପ୍ରାୟ ୭ମ ଶତାବ୍ଦୀ ଠାରୁ ୧୦ ଶତାବ୍ଦୀ ପର୍ଯ୍ୟନ୍ତ, ନବନା / ନମିନା ତାମ୍ରଲେଖର ପ୍ରଚଳିତ ଭାଷାର ନିଦର୍ଶନ ସହିତ ଚର୍ଯ୍ୟାପଦର ଭାଷାର ସାମ୍ୟ ଦୃଷ୍ଟିଗୋଚର ହୁଏ । ଆମର କୋଷ ଅତି କ୍ଷୁଦ୍ର ହେଲେହେଁ

ଏହା ଓଡ଼ିଆ ଭାଷାର ସର୍ବପ୍ରାଚୀନ କାବ୍ୟିକ ଗଦ୍ୟ ବୋଲି ମନେହୁଏ । ଏହା ନାଥଧର୍ମୀୟ ରଚନା । ଚର୍ଯ୍ୟାପଦର କେତେକ ସିଦ୍ଧଙ୍କ ନାମ ଏଥିରେ ମିଳେ । ଯୋଗର ତତ୍ତ୍ୱର ଅବଲମ୍ବନରେ ଏହା ଲିଖିତ । ଏଥିରେ (କ୍ଷ>ଛ) ଶବ୍ଦରେ ଉଚ୍ଚାରିତ ହୁଏ ।

ଅଜିକାଲି ଓଡ଼ିଆରେ ଯାହା ଉପନ୍ୟାସ ରୂପରେ ଗୃହୀତ ହେଉଅଛି ତତ୍ସଦୃଶ ରଚନା ସଂସ୍କୃତ ସାହିତ୍ୟରେ କଥା ଏବଂ ଆଖ୍ୟାୟିକା * ରୂପରେ ଅଭିହିତ ହେଉଥିଲା । ସଂସ୍କୃତ ସାହିତ୍ୟର କଥାଗ୍ରନ୍ଥ ଖ୍ରୀ. ପୂ. ୨ୟ ଶତାବ୍ଦୀର ପତଞ୍ଜଳିଙ୍କ ମହାଭାଷ୍ୟରେ ଉଲ୍ଲିଖିତ ହୋଇଥିବାର ଦେଖାଯାଏ । ଅପଭ୍ରଂଶ ସାହିତ୍ୟରେ ମଧ୍ୟ କଥାଗ୍ରନ୍ଥ ଥିବାର ଦେଖାଯାଏ ( ବିଶେଷତଃ ମହାରାଷ୍ଟ୍ରୀ ଅପଭ୍ରଂଶରେ ), ଓଡ଼ିଆ ଭାଷାର ସର୍ବପ୍ରାଚୀନ କାବ୍ୟସାହିତ୍ୟ ତଥା କଥାସାହିତ୍ୟ ଲୁପ୍ତ ହୋଇଯାଇଅଛି ।

କଥାର ଉଲ୍ଲିଖିତ ଦୁଇ ବିଭାଗ ବ୍ୟତୀତ ଅଗ୍ନିପୁରାଣ ଅନୁସାରେ ଖଣ୍ଡକଥା, ପରିକଥା ଏବଂ କଥାନିକା ନାମକ ଭେଦତ୍ରୟ ଦେଖାଯାଏ ।** ଭାଷାକୁ ଭିତ୍ତିକରି କାବ୍ୟକୁ ୭ମ ଶତାବ୍ଦୀର ଆଚାର୍ଯ୍ୟଦଣ୍ଡୀ ଚାରିଭାଗରେ ବିଭକ୍ତ କରିଛନ୍ତି । ୧-ସଂସ୍କୃତ, ୨-ପ୍ରାକୃତ, ୩-ଅପଭ୍ରଂଶ, ୪-ମିଶ୍ର ଏବଂ ( ମହାରାଷ୍ଟ୍ରାଶ୍ରୟାଭାଷା) ମହାରାଷ୍ଟ୍ରୀ ପ୍ରାକୃତକୁ ସାହିତ୍ୟ ଦୃଷ୍ଟିରୁ ଉଚ୍ଚସ୍ଥାନ ଦେଇଛନ୍ତି । ଏଥିରେ ସେତୁବନ୍ଧ ଏବଂ ସପ୍ତସଇ, ଗାଥାସପ୍ତଶତୀ ଆଦି କାବ୍ୟ ରଚିତ । ଭାରତର ପଶ୍ଚିମାଞ୍ଚଳରେ ଜୈନ ମହାରାଷ୍ଟ୍ରୀ ପ୍ରାକୃତରେ ଏବଂ ତତ୍‌ନିଷ୍ପନ୍ନ ଅପଭ୍ରଂଶ ଭାଷାରେ ବହୁ କଥାଗ୍ରନ୍ଥ ଅଦ୍ୟାପି ଦୃଷ୍ଟ ହେଉଥିବା ସ୍ଥଳେ ଉତ୍ତର ପୂର୍ବାଭାରତରେ ପ୍ରାକୃତରେ ଅପଭ୍ରଂଶ ରଚିତ କଥାଗ୍ରନ୍ଥ ଲୁପ୍ତ ହୋଇଅଛି । ତେଣୁ ରୁଦ୍ରସୁଧାନିଧିକୁ ଓଡ଼ିଆ ଭାଷାର ପ୍ରଥମ ଓ ପ୍ରଧାନ କଥାଗ୍ରନ୍ଥ ଭାବେ ଗ୍ରହଣୀୟ । ସାରଳା ଦାସ ପଞ୍ଚଦଶ ଶତାବ୍ଦୀରେ 'ତୁଳାମୁହାଁ କାଙ୍କ' ପ୍ରଭୃତି କେତେକ କଥା ଉଲ୍ଲେଖ କରିଛନ୍ତି । ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଅହି ମୂଷିକ କଥାର ନାମ ମାତ୍ର ପ୍ରଦାନ କରିଅଛନ୍ତି । ଏସବୁ 'ଖଣ୍ଡ-କଥା' ମଧ୍ୟରେ ଗଣ୍ୟ ।

---

* ସଂସ୍କୃତରେ କଥାର ପ୍ରକୃଷ୍ଟ ନିଦର୍ଶନ ହେଉଛି ବାଣଭଟ୍ଟ କୃତ—କାଦମ୍ବରୀ, ଏବଂ ଆଖ୍ୟାୟିକାର ପ୍ରଧାନ ନିଦର୍ଶନ ହେଉଛି ତତ୍କୃତ ହର୍ଷଚରିତ ।

** "ଆଖ୍ୟାୟିକା କଥା ଖଣ୍ଡକଥା ପରିକଥା ତଥା
କଥାନିକେତି ମନ୍ୟନ୍ତେ ଗଦ୍ୟକାବ୍ୟଂ ଚ ପଞ୍ଚଧା"—ଅଗ୍ନିପୁରାଣମ୍ ।

ସଂସ୍କୃତ ଅଳଂକାର ଗ୍ରନ୍ଥ ସମୂହରେ ଗଦ୍ୟକୁ ଚାରିଭାଗରେ ବିଭକ୍ତ କରାଯାଇଛି ।

୧ । ଉତ୍କଳିକା (ଦୀର୍ଘ ସମାସଯୁକ୍ତ)
୨ । ଚୂର୍ଣ୍ଣକ—(ଅଳ୍ପ ସମାସଯୁକ୍ତ)
୩ । ମୁକ୍ତକ—(ସମାସରହିତ)
*୪ । ବୃତ୍ତଗନ୍ଧି (ପଦ୍ୟକଳ୍ପ)

ଏହି ଚାରିପ୍ରକାର ଶୈଳୀ ସ୍ଥାନ ବିଶେଷରେ ପରିଦୃଷ୍ଟ ହୁଏ । ଏହି ରୁଦ୍ରସୁଧାନିଧି କାବ୍ୟରେ ବାଣଭଟ୍ଟଙ୍କ କାଦମ୍ବରୀର ପ୍ରଭାବ ସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହୁଏ । ମୈଥିଳୀ କାବ୍ୟ କୀର୍ତ୍ତିଲତା ଓ ମହାରାଷ୍ଟ୍ରୀ ସାହିତ୍ୟର ଗୀତା-ଜ୍ଞାନେଶ୍ୱରୀ ସହିତ ଏହାର ସାମ୍ୟ ପରିଲକ୍ଷିତ ହୁଏ । ରୁଦ୍ରସୁଧାନିଧିର ଆବିଷ୍କାରକ ଓ ସମ୍ପାଦକ ଡଃ କରୁଣାକର କରଙ୍କ ମତରେ ନାରାୟଣ ନନ୍ଦ ଅବଧୂତ ସାରଳା ଦାସଙ୍କ ପରେ ଓ ଚୈତନ୍ୟଙ୍କ ଓଡ଼ିଶା ଆଗମନ ପୂର୍ବରୁ ରୁଦ୍ରସୁଧାନିଧି ରଚନା କରିଥିଲେ । ଡଃ କୃଷ୍ଣଚରଣ ସାହୁ, ଶ୍ରୀଯୁକ୍ତ କେଦାରନାଥ ମହାପାତ୍ରଙ୍କ ଉପସ୍ଥାପିତ ପ୍ରମାଣଗୁଡ଼ିକ ଆଲୋଚନା କରି ଲେଖିଛନ୍ତି—ରୁଦ୍ର-ସୁଧାନିଧିର ରଚନାକାଳ ୧୬ଶ ଶତାବ୍ଦୀ (୧୫୧୬-୧୫୨୫) ମଧ୍ୟରେ ହୋଇଥିବା ସମ୍ଭବ ।

ଭାଷାତତ୍ତ୍ୱ ଦୃଷ୍ଟିରୁ ରୁଦ୍ରସୁଧାନିଧି ତ୍ରୟୋଦଶ ଶତାବ୍ଦୀ ପରେ ଏବଂ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ରଚିତ ହୋଇଥିବା ବୋଧହୁଏ ।

ସଂସ୍କୃତ ସାହିତ୍ୟରେ ଯେପରି ବାଣଙ୍କ ଗଦ୍ୟଲେଖା ସର୍ବୋତ୍କୃଷ୍ଟ ସେହିପରି ଶୈଳୀ ଓ ପାଣ୍ଡିତ୍ୟ ଦୃଷ୍ଟିରୁ ରୁଦ୍ରସୁଧାନିଧି ଏପର୍ଯ୍ୟନ୍ତ ଓଡ଼ିଆ ଭାଷାର ଅନତିକ୍ରମଣୀୟ ଗଦ୍ୟକାବ୍ୟ ହୋଇ ରହିଅଛି ।

ମାଦଳା ପାଞ୍ଜି ମୂଳତଃ ଦୁଇ ଭାଗରେ ବିଭକ୍ତ :—ପୂଜାବିଧି ସମ୍ବନ୍ଧୀୟ ଓ ମନ୍ଦିର ନିର୍ମାଣ ସମ୍ବନ୍ଧୀୟ ବିବରଣୀ ଏବଂ ରାଜବଂଶାବଳୀ । ଏହାର ପ୍ରଥମ ଅଂଶ ଦ୍ୱିତୀୟ ଅଂଶ ଅପେକ୍ଷା ପ୍ରାଚୀନ ଏଥିରେ ସନ୍ଦେହ ନାହିଁ । ଦ୍ୱିତୀୟ ଅଂଶରେ ଗଙ୍ଗ ରାଜାମାନଙ୍କର ରାଜତ୍ୱର ଅନୁକ୍ରମରେ ପ୍ରମାଦ ଲକ୍ଷିତ ହେଉଥିବାରୁ ଏବଂ

---

* ଖାରବେଳ ବିଭିନ୍ନ ପ୍ରକାର ଲେଖ (document) ଲେଖିବାରେ ବିଶାରଦ ଥିଲେ ବୋଲି ହାତୀଗୁମ୍ଫା ଶିଳାଲେଖରେ ଲିଖିତ ।

କପିଳେଶ୍ୱର ଦେବଙ୍କ ସମ୍ବନ୍ଧରେ ଅନୁଦାର ଚନ୍ଦ୍ର ପ୍ରଦାନ କରାଯାଇଥିବାରୁ ଏହା ସୂର୍ଯ୍ୟବଂଶୀ ସମ୍ରାଟଙ୍କ ରାଜତ୍ୱର ପରେ ଲିଖିତ ହେବାର ସମ୍ଭବ । ଏହି ରାଜଭୋଗ ବହୁବାର ଅନୁଲେଖନ ବଶତଃ ମଧ୍ୟ ନବୀକୃତ ଓ ଭ୍ରାନ୍ତିଯୁକ୍ତ ହୋଇଥିବା ଅସମ୍ଭବ ନୁହେ । କିନ୍ତୁ ଏହି ଗ୍ରନ୍ଥରେ ଉଦ୍ଧୃତ ହୋଇଥିବା କପିଳେଶ୍ୱରଙ୍କ ରାଜତ୍ୱର ବିବରଣି କେତେକ ଅଂଶରେ ପ୍ରାୟ ଖୋଦିତ ଲେଖଦ୍ୱାରା ସମର୍ଥିତ ହେଉଅଛି । ଏହାର ବିବରଣିକୁ ଐତିହାସିକ ସତ୍ୟରୂପେ ଗ୍ରହଣ ନକରି ଏହା କିମ୍ବଦନ୍ତି ଉପରେ ଆଧାରିତ ବୋଲି ଗ୍ରହଣ କରିବା ସର୍ବାପେକ୍ଷା ନିରାପଦ ।

ଏହି ଅଂଶରେ ସଂଗୃହୀତ ସାହିତ୍ୟିକ ଗଦ୍ୟ ମଧ୍ୟରେ ଖଲ୍ଲିକୋଟରୁ ଆବିଷ୍କୃତ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରକାଶିତ ପ୍ରସ୍ତାବ ଚିନ୍ତାମଣି, ବ୍ରଜନାଥଙ୍କ ଚତୁର ବିନୋଦରୁ ଉଦ୍ଧୃତ ଅଂଶ ଗଦ୍ୟ ସାହିତ୍ୟ ଦୃଷ୍ଟିରୁ ଉତ୍କୃଷ୍ଟ । ଶେଷୋକ୍ତ ଗ୍ରନ୍ଥରେ ଦଣ୍ଡୀଙ୍କ ଦଶକୁମାର ଚରିତର ପ୍ରଭାବ ଅନୁମେୟ । ପ୍ରସ୍ତାବ ଚିନ୍ତାମଣିକୁ ଆଧୁନିକ ଉପନ୍ୟାସର ପ୍ରଭାତୀ ନକ୍ଷତ୍ର ଭାବେ ଗ୍ରହଣ କରାଯାଇପାରେ ।

ଓଡ଼ିଶାରେ ବିଭିନ୍ନ ଅଞ୍ଚଳରେ ବହୁ ବ୍ରତକଥା ପ୍ରଚଳିତ ଅଛି । ଶ୍ରୀମତୀ ପ୍ରେମଲତା ଦାଶଙ୍କ ଲିଖିତ 'ଓଡ଼ିଶାର ଓଷ ବ୍ରତ କଥା' ପୁସ୍ତକରେ ସେ ୧୬ଟି ବ୍ରତକଥା ବିବରଣୀ ଗଦ୍ୟାକାରରେ ପ୍ରଦାନ କରିଅଛନ୍ତି । ଅନ୍ୟାନ୍ୟ ବହୁ ବ୍ରତକଥାର ବିବରଣୀ ସେ ପରବର୍ତ୍ତୀ ଖଣ୍ଡମାନଙ୍କରେ ପ୍ରକାଶିତ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଗଞ୍ଜାମର ଶ୍ରୀଧର ହୋତା ତାଙ୍କର 'ବ୍ରତକଥା ପଦ୍ୟାବଳୀ' ( ୧୬୪ରେ ପ୍ରକାଶିତ) ରେ ୧୦ଟି ବ୍ରତକଥାକୁ ପଦ୍ୟ ଆକାରରେ ପ୍ରଦାନ କରିଅଛନ୍ତି ।

ଓଡ଼ିଶା ମ୍ୟୁଜିଅମ୍‌ରେ ବହୁ ବ୍ରତକଥାର ପୋଥି ସଂଗୃହୀତ ହୋଇ ରହିଅଛି । ଆମ୍ଭର ଏହି ସଂଗ୍ରହରେ ୮ଟି ମାତ୍ର ବ୍ରତକଥାରୁ ଉଦ୍ଧୃତି ପ୍ରଦାନ କରାଯାଇଅଛି । ଏଥିମଧ୍ୟରୁ ଗୋଟିଏ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ—ପୋଥି ସଂଗ୍ରହାଳୟରୁ ଗ୍ରହଣ କରାଯାଇଅଛି । ଅବଶିଷ୍ଟ ମଧ୍ୟରୁ ଗୋଟିଏ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ 'ପ୍ରାଚୀନ ଓଡ଼ିଆ ଗଦ୍ୟ ପଦ୍ୟାଦର୍ଶ'ରୁ ଗୃହୀତ ହୋଇଅଛି ଏହାର ପାଠ—ଡ. ଜାନକୀବଲ୍ଲଭ ମହାନ୍ତିଙ୍କ ସଂପାଦିତ 'ସୋମନାଥ ବ୍ରତକଥା' ଓ ମ୍ୟୁଜିଅମ୍‌ରେ ଥିବା ପୋଥିପାଠ ସହିତ ମିଳାଇ ଅଛି । ଏହି କଥାରେ ଦେଲେ, ଦେଲି ପ୍ରଭୃତି ସ୍ଥାନରେ ପୋଥିପାଠରେ ଦଲି—ଦଲେପାଠ ଦେଖାଯାଏ ।

ଅବଶିଷ୍ଟ ୭ଟି ବ୍ରତକଥା ରାଜ୍ୟ ମ୍ୟୁଜିଅମ୍‌ରେ ସଂରକ୍ଷିତ ପୋଥିପାଠ ଉପରେ ଆଧାରିତ । ଏହି ବ୍ରତକଥାଗୁଡ଼ିକର କଥାବସ୍ତୁରେ ବାସ୍ତବିକତା ସହିତ କଳ୍ପନା ବିଳାସର ଓ ଅତି ଲୌକିକତାର ଶୋଭନ ସମ୍ମିଶ୍ରଣ ଦେଖାଯାଏ । ପ୍ରତାପ ରାୟଙ୍କ ଶଶିସେଣାର କଥାବସ୍ତୁ ଗୋଟିଏ ବ୍ରତକଥାର ବିଷୟବସ୍ତୁ ଉପରେ ଆଧାରିତ ଓ କେତେକ ବ୍ରତକଥାର କଥାବସ୍ତୁ ଓଡ଼ିଶାର ବିଭିନ୍ନ ଅଞ୍ଚଳ ସହ ସଂପୃକ୍ତ ।

ଏହି ବ୍ରତକଥାଗୁଡ଼ିକର ଭାଷା ଅତି ପ୍ରାଚୀନ ନ ହେଲେହେଁ, ଏହି କଥାଗୁଡ଼ିକର ଉତ୍ପତ୍ତି ବହୁ ପ୍ରାଚୀନ । ଅଶୋକ ତାଙ୍କ ୧୪ଟି ଶୈଳ ଅନୁଶାସନ ମଧ୍ୟରୁ ଗୋଟିକରେ ସ୍ତ୍ରୀଲୋକମାନଙ୍କର ବହୁତ ମାଙ୍ଗଳିକ ବିଧାନ ସଂପାଦନ କରିବାର ଲେଖିଛନ୍ତି । ଏଥିରୁ ବୋଧହୁଏ ଖ୍ରୀ. ପୂ. ତୃତୀୟ ଶତକରେ ମଧ୍ୟ ସ୍ତ୍ରୀଲୋକମାନେ ବହୁତ ମଙ୍ଗଳ ବ୍ରତ ଉପାସନା କରୁଥିଲେ । କାଳିଦାସଙ୍କ ଶାକୁନ୍ତଳରେ ଏବଂ ରାଜଶେଖର ପ୍ରଭୃତିଙ୍କ ସଂସ୍କୃତ ଓ ପ୍ରାକୃତ ନାଟକରେ ସମ୍ଭ୍ରାନ୍ତ ମହିଳାମାନେ ମଧ୍ୟ ବ୍ରତ ଉପସନା କରିବାର ଉଲ୍ଲେଖ ଅଛି । ପ୍ରତ୍ୟେକ ବ୍ରତ ସହିତ କେତେକ କଥା ସଂପୃକ୍ତ ହୋଇଥିବା ନିଶ୍ଚିତ ଭାବରେ ଜଣାଯାଏ ।

ସାବିତ୍ରୀ ବ୍ରତ ପ୍ରଭୃତି କେତେକ ବ୍ରତ ବହୁ ପ୍ରାଚୀନ କାଳରୁ ପ୍ରଚଳିତ । କିନ୍ତୁ ଦେଶ ଭାଷାରେ ଏଗୁଡ଼ିକ ଅଖ୍ୟାନର ଭାଷା ସମୟ ଅନୁସାରେ କ୍ରମଶଃ ଅର୍ବାଚୀନକୃତ କରାଯାଇଅଛି ।

ଆମ ଦେଶରେ ବହୁତେକ କାହାଣୀ ପ୍ରଚଳିତ ଅଛି । ଏଗୁଡ଼ିକ ବୁଢ଼ାବୁଢ଼ୀଙ୍କ ମୁଖରୁ-ମୁଖକୁ ପରଂପରା କ୍ରମେ ଗଢ଼ି ଆସୁଅଛି । ଲୋକ କଥାଗୁଡ଼ିକର ଉତ୍ପତ୍ତି ବୈଦିକ ସାହିତ୍ୟରେ ମଧ୍ୟ ଦେଖାଯାଏ । ପାଲି ସାହିତ୍ୟରେ ଜାତକ ଗଳ୍ପ ପ୍ରାୟ ୬୦୦ରୁ ଅଧିକ ପ୍ରଚଳିତ ଅଛି । * ସଂସ୍କୃତରେ ପଞ୍ଚତନ୍ତ୍ର ହିତୋପଦେଶ ଦ୍ୱାତ୍ରିଂଶତ୍ ପୁତ୍ତଳିକା ପ୍ରଭୃତି କଥାଗ୍ରନ୍ଥ ମଧ୍ୟ ଦେଖାଯାଏ (୧) ଏହି ସଗ୍ରହରେ ଦ୍ୱାତ୍ରିଂଶତ୍ ପୁତ୍ତଳିକାର ଗଦ୍ୟ ଅନୁବାଦ 'ବତିଶ ସିଂହାସନ'ର କିଛି ଅଂଶ

---

* ବଙ୍ଗଳାରେ ଈଶାନଚନ୍ଦ୍ର ଘୋଷଙ୍କ ଦ୍ୱାରା ଅନୂଦିତ ଜାତକ କଥା ଦ୍ରଷ୍ଟବ୍ୟ ।

୧ । କାଳିଦାସ 'ମେଘଦୂତମ୍' ଖଣ୍ଡକାବ୍ୟରେ ଅବନ୍ତୀ ଦେଶର ଗ୍ରାମ୍ୟ ବୃଦ୍ଧମାନଙ୍କୁ 'ଉଦୟନ କଥା କୋବିଦ' ବୋଲି ଲେଖିଛନ୍ତି ।

ପଦତ୍ତ ହୋଇଅଛି । ଏହା ଡ଼ଃ ଆର୍ତ୍ତବଲ୍ଲଭଙ୍କର ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ ଉପରେ ଆଧାରିତ । ବତିଶ ସିଂହାସନର କିଛି ଅନୁବାଦ ସହିତ ଜୟଦେବଙ୍କ ଗୀତଗୋବିନ୍ଦର ଦଶାବତାର ସ୍ତୋତ୍ରର ଗଦ୍ୟ ଅନୁବାଦ ଏବଂ ପାଠଯମୁଦ୍ର ଶୀର୍ଷକ ରଚିତ ଗ୍ରନ୍ଥରୁ ସ୍ୱଳ୍ପ ଗଦ୍ୟ ଅନୁବାଦ ପ୍ରଦତ୍ତ ହୋଇ ଅଛି ।

ଏହି ସଂଗ୍ରହ ଗ୍ରନ୍ଥର ଶେଷାଂଶରେ ଲୋକପରମ୍ପରା ରୂପେ ଚଳି ଆସୁଥିବା କେତେକ ଗୁଣିଗାରେଡ଼ିର ନମୁନା ପ୍ରଦତ୍ତ ହୋଇଅଛି । (୩)

ଓଡ଼ିଶାର ଗାଉଲି ଗୀତ ଓ ଢଗ ଢମାଳରୁ କେତେକ ବହୁ ପ୍ରାଚୀନ କାଳରୁ ଚଳି ଆସୁଅଛି । କୃଷି ସମ୍ବନ୍ଧୀୟ ଓ ପାଣିପାଗ ସମ୍ବନ୍ଧୀୟ ଡାକବଚନ କେବଳ ଓଡ଼ିଶାରେ ନୁହେଁ ବଙ୍ଗ, ଆସାମ ପ୍ରଭୃତିରେ ମଧ୍ୟ ପ୍ରୟୋଗ ହେବାର ଦେଖାଯାଏ । କିନ୍ତୁ ଏଗୁଡ଼ିକର ଭାଷା କାଳକ୍ରମେ ଆଧୁନିକୀକୃତ ହୋଇଥିବାର ବୋଧହୁଏ (୪)

କେତେକ ପ୍ରବଚନର ପ୍ରାଚୀନତା ସ୍ପଷ୍ଟଭାବେ ଜଣାଯାଏ । ତହିଁରୁ ଅଳ୍ପ କେତେଗୋଟି ଉଦାହରଣ ମାତ୍ର ଦିଆଯାଇଅଛି ।

ଏହି ପ୍ରାଚୀନ ଗଦ୍ୟ ସଂଗ୍ରହ କରିବାର ଦାୟିତ୍ୱ ଓଡ଼ିଶା ସାହିତ୍ୟ ଏକାଡେମୀ ମୋତେ ଦେଇଥିବାରୁ ଏକାଡେମୀ ମୋର ଅଭିନନ୍ଦନୀୟ । ଏହି ସଂଗ୍ରହରେ ଯେଉଁ ଖୋଦିତ ଲେଖଗୁଡ଼ିକ ଦିଆ ହୋଇଅଛି ତାହାର ପାଠ ମୁଁ ନିଜେ ମୌଳିକ ଉପାଦାନରୁ କରିଅଛି । ମୋର ବିଶ୍ୱାସ ସେଗୁଡ଼ିକ ପ୍ରାୟ ନିର୍ଭୁଲ ବୋଲି ଗ୍ରହଣୀୟ । ଏହି ପ୍ରସଙ୍ଗରେ ରାଜଗୁରୁଙ୍କ ଦ୍ୱାରା ସୋରୋ'ର ଗଣ୍ଡିବେଡ଼ ଗ୍ରାମରୁ ଆବିଷ୍କୃତ ଶିଳାଲେଖର ପାଠଧେୟ ଯଥା 'ଦେବକହି ଭଗତି କରୁଣ ଅଛନ୍ତି ଭେ (=ଶ୍ରୀ) କୁମାରସେଣ' ।

---

୨ । ଗାରୁଡ଼ି ଶବ୍ଦ—ଗରୁଡ଼ ଶବ୍ଦରୁ ତଦ୍ଧିତ ପ୍ରତ୍ୟୟ ଯୋଗରେ ବ୍ୟୁତ୍ପନ୍ନ ଗାରୁଡ଼ ଶବ୍ଦ ସହ ସଂପୃକ୍ତ-ସର୍ପଦଂଶନର ପ୍ରତିକାର ରୂପେ ଗାରୁଡ଼ମନ୍ତ୍ର ପ୍ରୟୋଗ କରାଯିବା ପ୍ରଥା ଭାରବି ମଧ୍ୟ ଉଲ୍ଲେଖ କରିଛନ୍ତି ।

୩ । ଚକ୍ରଧର ମହାପାତ୍ରଙ୍କ ଉତ୍କଳ ଗାଉଁଲି ଗୀତ, ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଉତ୍କଳ କାହାଣୀ ଓ ଡ଼ଃ କୁଞ୍ଜବିହାରୀ ଦାଶଙ୍କ 'ଲୋକଗୀତ ସଂଚୟନ' ଦ୍ରଷ୍ଟବ୍ୟ ।

ଅମର କୋଷ-ଛନ୍ଦ ସୁଧାନିଧି ପ୍ରଭୃତି ସାହିତ୍ୟିକ ଗଦ୍ୟର ପାଠ ମୌଳିକ ଉପାଦାନ ଉପରେ ଆଧାରିତ ନୁହେଁ । ଅନ୍ୟ ସଂପାଦକମାନଙ୍କ ପାଠ ଉପରେ ତାହା ଆଧାରିତ । ଏହି ପ୍ରସଙ୍ଗରେ ପାଠ ସଂଗ୍ରହ କାର୍ଯ୍ୟପାଇଁ ମୁଁ ଡଃ କରୁଣାକର କର, ଡଃ ବଂଶୀଧର ମହାନ୍ତି, ଡଃ କୃଷ୍ଣଚନ୍ଦ୍ର ସାହୁ, ଡଃ ଆଶୁତୋଷ ପଟ୍ଟନାୟକ, ଡଃ ବ୍ରଜଗୁରୁ, ଡଃ ନଗେନ୍ଦ୍ରନାଥ ପ୍ରଧାନ, ସ୍ୱର୍ଗତ ଡଃ ଅର୍ତ୍ତବଲ୍ଲଭ ମହାନ୍ତି, ଶ୍ରୀଯୁକ୍ତ ସୁଧାକର ପଟ୍ଟନାୟକ, ଡଃ କୃଷ୍ଣଚରଣ ବେହେରା ପ୍ରଭୃତିଙ୍କ ଠାରେ କୃତଜ୍ଞ, ଡଃ ଗୋପାଳ ଚନ୍ଦ୍ର ମିଶ୍ର ଏବଂ ଡଃ ଜାନକୀବଲ୍ଲଭ ମହାନ୍ତିଙ୍କ ଗବେଷଣା ରଚନାରୁ ମଧ୍ୟ ମୁଁ ସାହାଯ୍ୟ ପାଇଅଛି । ମୋର ଗୁରୁ ଡଃ ଅର୍ତ୍ତବଲ୍ଲଭ ମହାନ୍ତିଙ୍କ ସଂକଳିତ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ 'ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ'ର ଗଦ୍ୟାଂଶରୁ ମଧ୍ୟ ମୁଁ ସାହାଯ୍ୟ ଲାଭ କରିଅଛି ।

ବ୍ରତକଥାଗୁଡ଼ିକର ସଂଗ୍ରହରେ ବିଶେଷ ସାହାଯ୍ୟ ପ୍ରଦାନ କରିଛନ୍ତି ଓଡ଼ିଶା ମ୍ୟୁଜିଅମ୍‌ର କର୍ମଚାରୀମାନେ ବିଶେଷତଃ ପଣ୍ଡିତ ନୀଳମଣି ମିଶ୍ର ।

ଏହି ପ୍ରସଙ୍ଗରେ ଓଡ଼ିଶାର କେତେକ ସଂସ୍ଥା ଯଥା—ଓଡ଼ିଶା ମ୍ୟୁଜିଅମ୍, ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ' 'ଓଡ଼ିଆ ଗବେଷଣା ପରିଷଦ' ପ୍ରଭୃତିଙ୍କ ନିକଟରେ ମୁଁ କୃତଜ୍ଞ । ଫ୍ରେଣ୍ଡ୍‌ସ ପବ୍ଲିସର୍ସର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ସହଦେବ ପ୍ରଧାନ, ଦାଶରଥି ପୁସ୍ତକାଳୟର ଶ୍ରୀ ଅରକ୍ଷିତ ଦାସ, ଜଗନ୍ନାଥ କମ୍ପାନୀର ଶ୍ରୀ ହରେକୃଷ୍ଣ ସିଂହ ପୁସ୍ତକ ଯୋଗାଇବାରେ ସହାନୁଭୂତି ପ୍ରକାଶ କରିଅଛନ୍ତି ।

ଓଡ଼ିଶା ଏବଂ ଓଡ଼ିଶା ବାହାରେ ଯେଉଁ କୋବିଦମାନେ ବହୁ ପରିଶ୍ରମ କରି ଓଡ଼ିଶାର ଖୋଦିତ ଲେଖ ଓ ଅନ୍ୟାନ୍ୟ ଗଦ୍ୟ ଲେଖା ପ୍ରକାଶ କରିଛନ୍ତି ତାଙ୍କର ଅବଦାନ ମୁଁ ଏଠାରେ ସ୍ମରଣ କରୁଅଛି ।

ମୋର ଭ୍ରାତୋପମ ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ଏମ୍. ଏ. ଏହି ଗଦ୍ୟ ସଂକଳନରେ ମୋତେ ବହୁତ ସାହାଯ୍ୟ ପ୍ରଦାନ କରିଅଛନ୍ତି । ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛି ।

ସର୍ବଶେଷରେ ବରେଣ୍ୟ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଉକ୍ତି ଉଦ୍ଧାର କରି ମୋର ବକ୍ତବ୍ୟ ଶେଷ କରୁଛି । ଓଡ଼ିଆ ଭାଷାର ବିବର୍ତ୍ତନ ପ୍ରସଙ୍ଗରେ ଏହି ମୁଖବନ୍ଧରେ ଯାହା ପ୍ରକାଶିତ ହୋଇଅଛି ତା' ସହିତ ଷୋଡ଼ଶ ଶତାବ୍ଦୀର ଭାଷାଶାସ୍ତ୍ରବିତ୍ ମାର୍କଣ୍ଡେୟ କବୀନ୍ଦ୍ରଙ୍କର (ଔଡ୍ରୀବିଭାଷା ସମ୍ପର୍କୀୟ) ସୋଦାହରଣ ଉକ୍ତି ଧ୍ୟେୟ :—

ଶାବର୍ଯ୍ୟାଭମଟବୌଡ୍ରୀ ଯୋଗାତ୍ ତଦ୍ଦେଶ୍ୟଶୌରସେନ୍ୟାଦେଃ ।
ତଦ୍ଦେଶ୍ୟାନାମ୍ ଔଡ୍ରଦେଶପଦାନାଂ ଶୌରସେନ୍ୟାଦିପଦାନାଂ ଚ
ଯୋଗାତ୍ ସାଂକର୍ଯ୍ୟାତ୍ ଶାବର୍ଯ୍ୟାମ୍ ଏବ ଔଡ୍ରୀ ସିଦ୍ଧ୍ୟତି । ଯଥା—
ଦେବ ଜଯୋଆଣଂଦଣ କର ମଇ କରୁଣାଲେଶ ।
ଏତ୍ତିକେ ଜମଭ ଅଚ୍ଛଉ ଇ ପିଚ୍ଛଇ ସଜ୍ଜକଲେଶ ।।

ପ୍ରାକୃତ ସର୍ବସ୍ୱମ୍—ଡ. ଆଚାର୍ଯ୍ୟ, ପୃ. ୧୪୪ ।

ସରଘା ପରାୟତ୍ତ ଅଳ୍ପବୁଦ୍ଧି ଶକ୍ତିହୀନ
ସଂସାରେ କେବଳ ମଧୁକୋଷ କାର୍ତ୍ତିଁ ଯେନ ହେ ।

ତା ୨୯ । ୧୧ । ୮୧
ରବିବାର
ଭାଷା ସମିତି, ପ୍ରଫେସରପଡ଼ା, କଟକ-୩

ବିନୀତ
କୁଞ୍ଜବିହାରୀ ତ୍ରିପାଠୀ

# ଶୈଳୋଦ୍‌ଭବ ବଂଶୀୟ ଧର୍ମରାଜଙ୍କ

# ନବନା ତାମ୍ରଶାସନ

ଗଞ୍ଜାମ ଜିଲାର କୋଦଳା ତାଲୁକସ୍ଥ ନବନା (ନନ୍ଦିନା) ଗ୍ରାମର

କ୍ଷେତ୍ରରୁ ୧୯୩୮ ଖ୍ରୀ: ଅ: ରେ ଆବିଷ୍କୃତ ।

ସମ୍ବତ ୯, ବୈଶାଖ, ସୁଦ, ପ୍ରଥମ ପକ୍ଷ, ୬ଷ୍ଠୀ

ପ୍ରାୟ—୭୧୫-ଖ୍ରୀ: ଅ:

ଭାଷା—ସଂସ୍କୃତ କିନ୍ତୁ ପ୍ରଦତ୍ତ ଗ୍ରାମର ଚତୁଃସୀମା ସମସାମୟିକ ଓଡ଼ିଆ ଅପଭ୍ରଂଶରେ ଲିଖିତ ।

ଏପିଗ୍ରାଫିକା ଇଣ୍ଡିକା XXI ପୃ—୩୪-୪୧

ଇନ୍‌ସ୍କ୍ରିପ୍‌ସନ୍‌ସ୍ ଅଫ୍ ଓଡ଼ିଶା (୩୦୦-୭୦୦ ଖ୍ରୀ: ଅ:) ଭଲ୍ୟୁମ୍ ୧ ଭାଗ, ii ରାଜଗୁରୁଙ୍କ ଦ୍ୱାରା ସମ୍ପାଦିତ ପୃ-୬୦୭ ଠାରୁ)

ଡଃ ଏନ୍. ପି. ଚକ୍ରବର୍ତ୍ତୀଙ୍କ ଉଦ୍ଧୃତ ପାଠ ।

ତାମ୍ର ଫଳକ ୧ମ ପାର୍ଶ୍ୱ

---

ଡଃ ଚକ୍ରବର୍ତ୍ତୀଙ୍କ ମତରେ ପ୍ରଦତ୍ତ ଗ୍ରାମ ଚତୁଃସୀମାର ଭାଷା ହେଉଛି ସେ ସମୟର କଥିତ ଭାଷା (Vernacular) ସେ କହନ୍ତି 'ବୋଧହୁଏ ଏହା ଓଡ଼ିଆ ଓ ତେଲଗୁର ମିଶ୍ରିତ ଭାଷା' । ମୁଁ ଏଥିରେ କୌଣସି ତେଲଗୁ ଶବ୍ଦର ସନ୍ଧାନ କରିପାରି ନାହିଁ ।

ପଂକ୍ତି ୪୭ ର ପାଠାନ୍ତର-ଣ୍ଡପୁର ବଂଶଦ୍‌ଟିଂପିର— । ରାଜଗୁରୁ) ଟିଂପିର—ଭୂମିମାପ ବିଶେଷ ।ବନରାଜି > ବଣରାଇ (ପ୍ରାକୃତ) ତେିମଣି-ତ ମୁହାଣି ? < ନଦି ମୁଖାସ୍ଥନ ଚିହ୍ନିତ ସମୟରେ 'ଡ଼'ର ଉଚ୍ଚାରଣ ଥିଲା 'ର' । ଖୋଲଡ—ଗ୍ରାମ ବିଶେଷ ।

୪୨ । ଗ୍ରାମସ୍ୟ ଶି (ସୀ)ˋମାବ (କୃ) ତ

୪୩ । ପଶ୍ଚିମ ଢଣନ୍ତ୍ର ତୁ (=ନି) କୁଠ କୋଡ଼ ପାପାଢ ବଟଗ୍ରାଇ ବାଲ୍ମକ
ବଙ୍କ ସି. (=ଶୀ) ଲ, ବଣଗ୍ରାଇ/ଉତ (=ଭୁ) ର ଢଣନ୍ତ୍ର ।

୪୪ । ତୁ (=ନି) କୁଠ ପାଣି ସାଖ. (?) ତେମଣି ବାଢ଼ୈବଣି, ଉତ୍ତର
ଢାଣନ୍ତ୍ର ଦାଢସିଲ/ପୁବେନ୍ତ୍ର ଅତ ବଣରାଇ ।

୪୫ । ବାଡ/ପୁବ ଉତ୍ତର କୋଣେନ୍ତ୍ର ସୋମଣିତ (=ନି) କୁଠ/ପୁବ ଦକ୍ଷିଣନ୍ତ୍ର
ସେ. ମ ତୁ (=ନି)କୁଠ/ପୁବଦସନ୍ତ୍ର ଖୋ—

୪୬ । ଲଡ/ପୁବ ଦକ୍ଷିଣ କୋଣନ୍ତ୍ର ବାଘଗୁନ୍ତ୍ର ତୁ (=ନି) କୁଠ/ଦକ୍ଷିଣନ୍ତ୍ର
ସପବଦ୍ଦସିଲ ଗାଢ଼ ସ୍ୱାବଢ଼ଃ

**୩ୟ ଫଳକ ୨ୟ ପାର୍ଶ୍ୱ**

୪୭ । ଶ୍ରପୁର ଦ୍ୱିଟିର୍ମିର/ସମ୍ଭୃତ୍ (?) ବୈଶାଖ ସୁଦ ପ୍ରଥମ ପକ୍ଷ ଦ୍ୱିତୀୟା ॥

(ଇ. ଓ. ଏଲ. ଏସ୍ କ୍ରମିକ ନଂ 'ଏ')

# ଉରଜାମ ଗ୍ରାମ (ତାଲୁକ ଓ ଜିଲା ଚିକାକୋଲ) ଧବଳେଶ୍ୱର ମନ୍ଦିର ସମ୍ମୁଖସ୍ଥ ଶିଳାଲେଖ ମାନ୍ଦ୍ରାଜ ମ୍ୟୁଜିଅମ୍‌କୁ ସ୍ଥାନାନ୍ତରିତ) ଲିପି ଦକ୍ଷିଣ-ନାଗରୀ

୧ । ସ୍ୱସ୍ତି ସମରମୁ

୨ । ଖାନେକରପୁ ଦର୍ପ୍ପ

୩ । ମର୍ଦ୍ଦନ ଭୁଜବଲ ପରାକ୍ରମ

୪ । ଗଙ୍ଗାନ୍ୱୟାବଲମ୍ବନ ସ୍ତମ୍ଭ

୫ । ଶ୍ରୀମଦ୍ ଅନନ୍ତବର୍ମ୍ମ ଦେବବଜ—

୬ । ସ୍ୱରାଜ୍ୟ ସମ୍ବତ୍ସର ୧୬ ତୁ-

୭ । ଲା ମାସ ଶୁକ୍ଳପକ୍ଷ ଦନ

୮ । ପଞ୍ଚମୀ ସଣିବରେଂ ˆ(= ଶଣିବାରଇଁ) ସୂରଜା ମୈଳା

୯ । ଣ ଦସ୍ତୁ ( । ) କରଲ ପଟ ସ୍ଥିତ ( । )

୧୦ । ପୋଲଷିସ ସୂରୁଜମସ ଜ ( । )

୧୧ । ଣି ଗଉ ( ଁ ) ପୋଲଷିସ ଦନ୍ନିଭା—

୧୨ । ଣ ସ୍ୱୁରୁଜମସ ଓକକ୍ ଭଗ ଦ୍ୱୋ

୧୩ । ନ୍ତ ମାଣିଚଙ୍କୁ ବୋଟ୍ୟଥଲି

୧୪ । ସ୍ୱୁରୁଜ ମୈଲେଂ ଗଉଁ ପୋଲ୍ଲଷି

୧୫ । ଲ୍ଲଣ କଉବନ୍ତ୍ରେ ନ ଲଭୈ (ଲଭଇ)

୧୬ । ଉଦୁନ୍ଣି ଲେଂ କାଲେ ଗ୍ଝେ ଜେଜ୍ୟ

୧୭ । ଣ ସହ୍ୱସ୍ର ସୁବ୍ର୍ଣ୍ଣି ଦଣ୍ଡ୍ର ପଡ୍ୱୋ

୧୮ । ଜ୍ୟ ଧିଲ୍ଲ ଆନନ୍ଧ ସାବୁରସ୍ତି

୧୯ । ଚଉ ସମ୍ପୁରେଂ ସରସ୍ୱତୀ

୨୦ । ବଲ୍ଲଭ ସିଲା (=Text ସଲା) ଲେଷିତଂ

୨୧ । ଶକାଢ ୯୦୩ ।

# ଶ୍ରୀ ଲିଙ୍ଗରାଜ ମନ୍ଦିର ଜଗମୋହନ ଦ୍ୱାରର ପୂର୍ବପାଖ କାନ୍ଥ*(ଦକ୍ଷିଣ) ଭୁବନେଶ୍ୱର

ଲିପି-ପ୍ରାଚୀନ ଓଡ଼ିଆ (—ବ୍ୟୁହଲରଙ୍କ ପ୍ରଟୋବେଙ୍ଗଲ)

ଭାଷା—ଓଡ଼ିଆ

ସମୟ- ରାଜରାଜ ଦେବଙ୍କ (୧୧୭୦-୧୧୯୪ ଖ୍ରୀ. ଅ.) ରାଜତ୍ୱ

(ଇନସ୍କ୍ରିପସନ୍ସ ଅଫ୍ ଓରିସା (୧୦୪୫-୧୧୯୦ ଖ୍ରୀ. ଅ.) ଭଲ୍ୟୁମ୍ ୩, ଭାଗ ୨ ପୃ ୩୦୯)

୧ । ସ୍ୱସ୍ତି ଶକ ୧୦୯୪ ଶ୍ରୀମଦ ରାଜରାଜ ଦେବର ପ୍ରବର୍ଧମାନ ବିଜୟ-ରାଜ୍ୟେ

୨ । ସମ୍ୱତ୍ ୪ ଧନୁକୃଷ୍ଣ ୯ ସୋମବାରେ ଶ୍ରୀ ଉତ୍ତରେ (୧) ଶ୍ୱରଦେବର

୩ । କ୍ଷେତ୍ରେ ତପୋବନ ,ସ୍ଥାନେ ଧୀପଦାନ . .

୪ । ତପୋଧନ ଶୈବାଚାର୍ଯ (କ) ରାଜଗୁରୁ

୫ । ଆରେପଡ଼ା (୨) ଗ୍ରାମୀୟ ସାଧୁ ପ୍ରଜାନାମ୍ନକଂ ଛ ।

୬ । ··· ········ · ······ଦିଲ୍ଲା ସମସ୍ତ

୭ । ଗ୍ରହଣେ ସୁବର୍ଣ୍ଣ ପଞ୍ଚମାଢ଼ ଶ୍ରୀ କୀର୍ତ୍ତି ଦାସ.

୮ । ଆଚନ୍ଦ୍ରାର୍କ ପର୍ଯ୍ୟନ୍ତ ଅଖଣ୍ଡ ଧୀପ ମେକଂ (୩) ଧୀ (ଳା)

---

* ସଂସ୍କୃତ-ଓଡ଼ିଆ ଭାଷାରେ, ଖୋଦିତ ସାମସମୟିକ କେତୋଟି ଲେଖ ମଧ୍ୟ ଉକ୍ତ ସ୍ଥାନରେ ଖୋଦିତ ।

୧ । ପାଠାନ୍ତର ଭୂତକେଶ୍ୱର (ଉତ୍ତରେଶ୍ୱର ସ୍ଥାନରେ)

୨ । ଆରେପଡ଼ା = ଅଡ଼ପଡ଼ା ? (ଭୁବନେଶ୍ୱର ରେଲଷ୍ଟେସନରୁ ୧ ମାଇଲ ଦକ୍ଷିଣରେ ଥିବା ଗ୍ରାମ)

(ଇ. ଓ. ଏଲ. ଏସ୍ କ୍ରମିକ ନଂ ୭)

# ଆଧୁନିକ ଶ୍ରୀକାକୋଲ ଜିଲ୍ଲାର ଶ୍ରୀ 'କୁର୍ମନ୍' ଠାରେ ଥିବା କୂର୍ମେଶ୍ୱର ଦେବମନ୍ଦିର 'ତିରୁଚୁଟ୍ଟୁ ମଣ୍ଡପର, ଖମ୍ବ ସ୍ତମ୍ଭ, ଲିପି-ତେଲଗୁ

ସମୟ-ବୀର ଭାନୁଦେବଙ୍କର ବିଜୟ ରାଜ୍ୟ ସମ୍ବତ୍ସର ୧୨, ପ୍ରାୟ-
୧୨୭୩—ଖ୍ରୀ: ଅ: ।

୧ । ଶ୍ରୀ ବୀରବାଣ ଦେବଙ୍କର ବିଜୟ ରାଜ୍ୟ ସମ୍ବତ୍ସର ୧୨ ମ୍ଭ ମେଷ

୨ । ଶୁକ୍ଳ (ପାଠଶୁକ୍ଳ) ୧୧ ଗୁରୁବାରେ ଶ୍ରୀକୂର୍ମ ଭୋଗପଙ୍କ୍ଷା କଳଙ୍ଗ ପରୀକ୍ଷା ପାତ୍ର ।

୩ । (ଶ୍ରୀ ପୁରୁଷୋତ୍ତମଦେବ ଜେନାଙ୍କର ଅଧିକାରେ (Text- ଅଥିକାରେ)/ ସମସ୍ତ ସଂଗ୍ରହ ବେହରଣ

୪ । ବଦ୍ୟମାନେ/ଶ୍ରୀ କୂର୍ମନାଥ ଦେବଙ୍କଇ ତୁଳସି ଗ୍ରାମର ମାଙ୍କ (ନା) ଟ

୫ । ଯୁଣ ଜନାଙ୍କର ଦତ ଅଖଣ୍ଡ ଦୀପ ଦୁଇକା/ଗୋରୁ ସମ୍ପୃକ୍ତ ଈ ରଖୁବା

୬ । କ ଭୃତବରତନ ନଷ୍ଟ ନତ୍ୟ) ଦେଉଳ ଦେବା ଭାତ ଛମାଣମାଳ କ (ହ୍ନ) ନା

---

୩ । ଦୀପମ୍ + ଏକମ୍ = ଦୀପମେଙ୍କ (ସଂସ୍କୃତ) (ସଂ-ରାଜଗୁରୁ)

୭ । ଇର ଫ଼ ( । ) ଲ କଈ ଭାତ ବରତନ ସହ୍ନତେ/ଦୁଇମାଣ କୁଂଗୁ ଭାଜ ନାଗ୍ଯୁଣ ।

୮ । ପଂ ( । ) ଲ କଇ ଭାତ ଦୁଇ-ମାଣ ଦୁଇ ଅଡ଼ା/ଇ ଧାପ ତୋଳନ୍ତା (<ଡା°) ମେଇକାପ କଈ ଖ

୯ । ତ ମାଣେକ/ଗାଭାତ ୬ କଈ ଶ୍ରୀ କୁର୍ମ୍ମନାଥ ଦେବଙ୍କର ଭଣ୍ଡାର-କଈ

୧୦ । ପଦ୍ମନଧ୍ର ରୂପେଣ ପ୍ରବେଶ ସୁନା ଗଂଡ ପଂଗୃସମ୍ପାଡ ୫୦ ଏ ନ୍ୟାଏ କାପଡ ।

୧୧ । (ଠ) ଦ୍ୱାର୍କ ସ୍ଥାଇଦ,

(ଇ. ଓ. ଏଲ. ଏସ୍‌ କ୍ରମିକ ନଂ-୫)

# ଭୁବନେଶ୍ୱର ତାମିଲ ଓଡ଼ିଆ ଶିଳାଲେଖ (ଅଶୁତୋଷ ମୁ୍ୟଜିଅମ୍‌ କଲିକତାକୁ ସ୍ଥାନାନ୍ତରିତ) ଲିପି-ପ୍ରାକ୍ ଓଡ଼ିଆ (=ବ୍ୟୁହଲରଙ୍କ ପ୍ରାକ୍ ବେଙ୍ଗଲି)

ସମୟ—ବଡ଼ ନରସିଂହଙ୍କ ପୌତ୍ର ନରନାର ସିଂହଙ୍କ ରାଜତ୍ୱର ୨୨ ସମ୍ବତ୍ସର ଖ୍ରୀ. ଅ. ୧୩୪୭

୧ । ସ୍ୱ 'ସ୍ତି' ଶ୍ରୀ ବୀର ନରନାରସିଂ୍ଗ (ଦେ) ଦେବ—

୨ । ସପ୍ରବ୍ରଧମାନେ ଵିଜୟ ରାଜେ ସ

୩ । ମ୍ବତ୍ ୨୨ ଶ୍ରାହ୍ମ କାର୍ତ୍ତୀକ ବଦିସ୍ତ ୭ ରଵା

୪ । ରେ ଶ୍ରୀ କୀର୍ତ୍ତୀବାସ କ୍ଷେତ୍ରଂ ସିଂଧେ

୫ । ସ୍ୱର ମଡର ବଡ ନରସାଂଘଂ ଦେଵ

୬ । ଙ୍କର ଆ (ଜ୍ଞ) ଶ କାମାର୍ଥ ପୂର୍ବକେ

୭ । ଵାଘମଟ୍ ଵାରବାଶୀ ଭୂମୀଏକାଦ

୮ । ଶ ରୁଦ୍ର ଖ୍ଖାଦେବା ଭୂମୀ ସମଂ

---

କାପୁ=Guard=ରକ୍ଷକ (ପୃ ୨୭୧-ରେ ଡିକାସ୍ ନାସ୍ତି)।
'ମେ' ! ବାE 'ମେଇ'=body=ଶରୀର (ପୃ ୧୦୩୨ ॥)
ମେଇକାପ=ମେକାପ୍ (ଶରୀର-ରକ୍ଷକ)
ତୁଲସୀ ଗ୍ରାମର ନାରାୟଣଙ୍କର ତେଲଗୁ ଖୋଦିତ ଲେଖ ପାଇଁ ଦେଖ S. S. I. Vol V. 1157.

୯ । ଧେ ତପବ୍ରାଜ ମହାମୁନୀ ଦୁଗ୍‌ଗା

୧୦ । ଭଣ୍ଡ ଅତାୟଙ୍କେଁ ବଂଧାକଲ୍ଲ ଏ

୧୧ । ମାଢ଼ଶତ ଦେଢ଼ ୧୫୦ ଉଦ୍ଦେସ୍ୱ

୧୨ । ରନାଏ କଙ୍କର ତହୁ(ଂ) ଘେତଲ୍ଲ'

୧୩ । ଏମାଢ଼ ଦଶଧାନ୍ୟ ପେଣ୍ଟୀ ଷ୍ଟଂ

୧୪ । ସେକ ତପବ୍ରାଜ ମହାମୁନୀ-ଏକୁ

୧୫ । ଇ ଧାନ୍ୟସୁନା ଦୁଗ୍‌ଗାଭଣ୍ଡେ ଉଦ୍ଦେସ୍ୱ

୧୬ । ର ନାଏକଙ୍କେ ଦେଇ ଅଙ୍କଲ୍ଲ ଏ କଉତ୍ତାଏ

୧୭ । ଧାନସୁନା ମୁଳ କଲନ୍ତର କରନ୍ତେ ମାଢ଼

୧୮ । ଶତେକ ଅସୀ ୧୮୦ ତପବ୍ରାଜ (ମାହ୍ବା) ମୁନୀସୀ

୧୯ । ବ ପ୍ରାସ୍ତେଂ ତପଚନ୍ଦ୍ରବର୍ତ୍ତ ସ୍ଥାନା ପଣ୍ଡ ହୋ

୨୦ । ଇଲ୍ଲ ଏ ତପଚନ୍ଦ୍ର ବର୍ତ୍ତଙ୍କର ଦୁଗ୍‌ଗାଭଣ୍ଡଆ —

୨୧ । ଚାୟଙ୍କର ଗ୍ରସୀ ଦୁ ଗ ଗା ଭଣ୍ଡ ଆଗୃଯେ

୨୨ । ସୁ ଣୀ ଏକବ୍ରସୀ ବୋଲ୍ ମୈନ ପକ୍ଷ ହୋ—

୨୩ । ଇଲ୍ଲ ଏ ବାଘମବ୍ର ଭୂମୀବାରବାଣ୍ଟୀପଂ—

୨୪ । ଲ ଭୋଗ୍ୟ ଆସୀଆ ସତକେ କାଲକେ

୨୫ । ତପଚନ୍ଦ୍ରବର୍ତ୍ତୀକୀ ହାଥରଇ ଦୁଗ୍‌ଗାଭ—

୨୬ । ଣ୍ଡ ଆଗୃ ଯେ ପାଣୀ ଧୀଲ ( । ) ଏ ସ୍ତ୍ରୀବାର

୨୭ । ନରନାରସିଘଂ ଦେବଙ୍କର ଆଉଶକା—

୨୮ । ମାଥେ ଏକାଦଶ ରୁଦ୍ର— ଭିକ୍ଷା କରଇ—

୨୯ । ବା/ଏ ଭିକ୍ଷା ଶ୍ରେଡ଼ଦେସ ପାଣ୍ଡୀ ଦେସକା—

୩୦ । ସ୍ତ୍ରୀ ଦେସ ଏ ଷାନାଦେସେ କମୀଳ ହୋ—

୩୧ । ଇ ମଡ଼ାମଢ଼େ (= ମଠା ମଠେ) ଭିକ୍ଷାକଣ ଆଗୃ (ର) ବନ୍ତ

୩୨ । ହୋଇଲ୍ଲ ତ ପସାଙ୍କ ଭିକ୍ଷା ଯେତେ

୩୩ । କାଲ ଚନ୍ଦ୍ର ସୁର୍ଜ୍ଯ ବ୍ରତ ଏତେକ କାଲଙ୍କ ଯସ

୩୩ । ବ୍ରତବାକ ( । )

୬

(ଇ. ଓ. ଏଲ. ଏସ୍ କ୍ରମିକ ନଂ ୭ )

# ପୁରୀଜିଲାର କେନ୍ଦୁଲି ଗ୍ରାମରୁ ଆବିଷ୍କୃତ ପୁରୀର ଏମାରି ମଠରୁ ପ୍ରାପ୍ତ ତାମ୍ରଫଳକ

J. A. S. B vol LXIV, Part I (1895) page 149

ମ. ମ. ଚକ୍ରବର୍ତ୍ତୀ

ସମୟ—୪ର୍ଥ ନରସିଂହ ଦେବଙ୍କ ୮ମ ଅଙ୍କ—ଖ୍ରୀ: ଅ: ୧୩୮୪

ଲିପି-ପ୍ରାକ୍ ଓଡ଼ିଆ ମିଶ୍ରିତ ଦେବନାଗରୀ

୬ଷ୍ଠ ଫଳକ ସମ୍ମୁଖ ଭାଗ : ୧୩ ଶ ପଂକ୍ତିରୁ ଆରମ୍ଭ

୧ । (=ପଂକ୍ତି ୧୩, ୬ଷ୍ଠ ଫଳକ) ଶାକନୃପତେରଷ୍ଟାଦେଷ୍ଟୁ ପଂସ୍ନୁ । ଧିକେଷୁ ତ୍ରୟୋଦ—

୨ । ଶ ଶତ ସଂବତ୍ସରେଷୁ ଚତୁର୍ଦ୍ଦଶଧନା (<ଭୁବନା) ଧିପତ୍ୟାଦି ବିରୁଦାବଲୀ—

୩ । ବିରାଜମାନଃ ଶ୍ରୀମାନ ନରସିଂହ ଦେବ ନୃପତେଃ ସ୍ୱରାଜ୍ୟସ୍ୟ ଅଷ୍ଟାଙ୍କେ

୪ । ଅଭିଲଖ୍ୟମାନେ ଚୈତ୍ରେ ମାସି ଶୁକ୍ଳପକ୍ଷେ ତ୍ରୟୋଦଶ୍ୟାଂ ତିଥୌ ରବିବାରେ ବା—

୫ । ରାଣସି କଟକ ବିଶ୍ରାମଇ ଭାବେଦକ ସମକ୍ଷେ ଶ୍ରୀଚରଣେ ଭିତର ନବର କନ୍ୟାମଣ୍ଡପ

୬ । ବାଙ୍କିଆଏ ବିଜୟ ସମକ୍ଷେ ଦ୍ୱାରପରୀକ୍ଷା ଗଡ଼େଶ୍ୱର ଜେନା ବୁଢ଼ାଲେଙ୍କା ଲଣ୍ଡି

୭ । ସ୍ୱକମିଶ୍ର (<ମିଶ୍ର) ଭଣ୍ଡାରିଆ ଥାଉ ପୋଖ୍ରେପଖ୍ଖା ମହାପାତ୍ର
ନରେନ୍ଦ୍ର ଦେବ ଚକ୍ରବର୍ତ୍ତୀ

୮ । ମାହାପାତ୍ର ନରହର ଦାସ ପ୍ରହରାଜ ମହାପାତ୍ର ଶ୍ରୀପତି ମଙ୍ଗରାଜଅ

୯ । ବଧା ଚଲ ତା/ଏପୋରେ ଶ୍ରୀ କରଣ ସ୍ୱପ୍ନେଶ୍ୱର ମହାସେନାପତି
ବଇଦ୍ୟ ମାହାସେନାପ—

୧୦ । ଘ ମୁଦଲେନ ମହାପାତ୍ର ନରହର ଦାସ ପ୍ରହରାଜ କଇକ (= କୈକ)
ଜନର ଗ୍ରାମର ନାମ ବିଜୟ ନ—

୧୧ । ର ସିଂହ ପୁର ଚତୁଃସୀମା ସମାନ୍ତାନ୍ତ ଶାସନ କରଦେବା/କଲଭୋର
ଉତ୍କଳ ଖଣ୍ଡ ମଧ୍ୟେ କ

୧୨ । ନଗ ଗ୍ରାମର ନାମ ବିଜୟ ନରସିଂହପୁର/ରାଉତପଡ଼ା ପାଟର
ବୃସଂବନ୍ଧ ଚଆଉସ

## ତୃତୀୟ ଫଳକର ପୃଷ୍ଠଭାଗ

୧୩ । ଫଚାସ ମାଢ଼ ୪୫୦ ଚାନ୍ଦଲେ ପାଟର ଚାଷବନ୍ଧା ଚଆଉସ
ପଂଚାସ ମାଢ଼ ୪୫୦ ଗା

୧୪ । ବ୍ରହ୍ମ ଅବଧାନ ମଧ୍ୟକର ଜିତ ନଅସ ୯୦୦ ମାଢ଼ିକଇ ପୋରେ
ଶ୍ରୀକରଣ ବଡ଼ (ଇ) ଦାସ

୧୫ । ମହା ସେନା ପତିର ସୀମାକଲ ପ୍ରମାଣେ/ଅସ୍ୟ ଗ୍ରାମସ୍ୟ ପୁର୍ବସୀମା/
ମଲ୍ୟଏ ଗ୍ରାମର

୧୬ । କପିଳେଶ୍ୱର ଦେବଙ୍କର ଦେଉଳର ପଶ୍ଚିମ ବବାଢ ହୋଲଦଣ୍ଡାର
ବଡ଼ କଙ୍କଡ଼ା ଦଣ୍ଡାର

୧୭ । ଅର୍ଦ୍ଧ ଆଦକର ଆଡ଼ଲ ଗ୍ରାମର ସୋଲୁଡୁଇର ପଶ୍ଚିମ ସାର୍ଦ୍ଧ କଙ୍କଡ଼ା
ଲୁଣ୍ଡାଦଣ୍ଡାରଅ—

୧୮ । ଙ୍କଟୁଆମାଢ଼ ଗ୍ରାମର ଅନାଇ ବୃକ୍ଷ ଭୁଇଂର ଉତ୍ତର ଦଣ୍ଡା—ଅର୍ଦ୍ଧ
ପର୍ଯ୍ୟନ୍ତ ସୀମାନମାଢ

୧୯ । କୁତ୍ରା/ଦକ୍ଷିଣ ସୀମା ଭାଟର ସାହୁଗ୍ରାମର ଚକଳଆ ଅଳଣ୍ଡା ବଆଲ
ଓ ତ୍ରୁ ଭୁର୍ଦ୍ଧର ଉ—

୨୦ । ଭର ଦଣ୍ଡା ଅର୍ଦ୍ଧବଅପଡ଼ା ଗ୍ରାମର ଗଛର ଅର୍ଦ୍ଧ ବସାଖଣ୍ଡ ଗ୍ରାମର ଦୋସୀମାନ୍ତ ବଂ-

୨୧ । ଧ ଉପର ନାଆ ପଥର କଲୁ ମାଦ୍ଦକର ଲଙ୍କାବଡ଼ ଗ୍ରାମର ଉତ୍ତରଗା-

୨୨ । ଲା ନଇଲ ଅର୍ଧ ମୁକୁଲୁଣ୍ଡା ଗ୍ରାମର ନଇତଡ଼ ପାଣିଶିଳା ଖଂଭର ପୂର୍ବ

୨୩ । ଦ୍ଭଡ଼ ପର୍ଯ୍ୟନ୍ତ ସୀମା ନମାଦ୍ଦକୁତ୍ଵା/ପଶ୍ଚିମ ସୀମା/ମୁକୁଲୁଣ୍ଡା ଗ୍ରାମ

୨୪ । ର ପୂର୍ବ ପାତୁଆ ଯାଇର କୋଣାବନ୍ଧର ବଡ଼ ଦରଗଛ ବୋକଣା ଗ୍ରାମର ପୂ

୨୫ । ର୍ବ ଦୋସୀମା ପଡ଼ଆ-ଦସତ ଅର୍ଦ୍ଧଆଦ୍ଦକର ମଘଂଡ଼ା ଗ୍ରାମର ଖଜୁ—

୨୬ । ରଆ କୋଡ଼ ପଶ୍ଚିମ ତତ୍ତ ଏ ଗ୍ରାମର ବସନ୍ତର ପୂର୍ବ ଦୋସୀମା ରଚ୍ଛ ଅ—

୨୭ । ର୍ଦ୍ଧ ପର୍ଯ୍ୟନ୍ତ ସୀମାମାନ ମାଦ୍ଦକୁତ୍ଵା/ଉତ୍ତର ସୀମା/ଉଲଟପୁର ଶାସନର

୨୮ । ଦକ୍ଷିଣ କଂକଡ଼ା କୋଡ଼—ଅର୍ଦ୍ଧ ଆଦ୍ଦକର ଇାଳପୁର ଗ୍ରାମର ଦକ୍ଷିଣ

୨୯ । ଅଲକ୍ଷେ ପଡ଼ାର ମଧ୍ୟକ ଦଣ୍ଡାର ଅର୍ଦ୍ଧ ଅଛେହାସ ପୁର ଶାସନର ଦକ୍ଷିଣ ଗେଣ୍ଡୋଇ

୩୦ । ଦଣ୍ଡାର ବନ୍ଧପର୍ଯ୍ୟନ୍ତ ସୀମାନ ମାଦ୍ଦକୁତ୍ଵା/ଏବଂ ଚତୁଃସୀମା ସମାକ୍ରାନ୍ତ କଲମ୍ବୋର ଜଉ—

୩୧ । ର ଖଣ୍ଡ ମଧ୍ୟମଧ୍ୟାସୀନଃ ନଅସ ୧୦୦ ମାଢ଼ ପରମିତ ଶାସନାଖ୍ୟ ବିଜୟ ନରସିଂହ ପୁ—

୩୨ । ର ନାମାନଂ କଂନର ଗ୍ରାମଂ ସ୍ୱାମ୍ଭୁରରେ ଗୈୟଶୂର୍ଯ୍ୟ ସାମ୍ରାଜ୍ୟ ସମୃଦ୍ଧଦ୍ୟ ମହାପାତ୍ର ନରହରି ଦା—

୩୩ । ସ ପ୍ରହରାଜାସ୍ୱ ସଜଳସ୍ଥଳମତ୍ଛନ୍ନ ବୃକ୍ଷ ପାଦପାରଣ୍ୟ-ବାଳୁକାଭିଟ ସହିତ ମା—

୩୪ । ଚନ୍ଦ୍ରାର୍କ-ମକଶ୍ରକୃତ୍ୟ ପ୍ରାଦାତ୍ତ୍ର/ଅସ୍ୟ ଶାସନ ସ୍ୟାଂଗତସ୍ୟା କୌଣ୍ଡିନ୍ୟ ଗୋତ୍ରାସ୍ୟ ପ—

୩୫ । ଜୁଟଙ୍କ ବେଦାନୁର୍ଗତ-କାଣ୍ଠ ଶାଖୈକ ଦେଶାଧାର୍ଯ୍ୟିକେ ଶାସନ ତାମ୍ରାଧିକାରଣେ ଶ୍ରୀମନ୍-ମହାପାତ୍ର

୩୬ । ଦୀଘ ବରହକ-ସ୍ୱମ୍ନେଶ୍ୱର-ନାମଧେୟ-ବ୍ରାହ୍ମଣାୟ ଗୃହବାଟି ସହିତଂ ବାଟିଚତୁଷ୍ଟୟଂ/

## ୭ମ ଫଳକ

୩୭ । ଏତତ୍ତ୍ର ତାମ୍ରଲେଙ୍କ—ଦୁର୍ଗାଦାସ-ସେନାପତେ ବାସ୍ତୁ ସହିତ ମେତଦଙ୍କଂ ମଦ୍‌ଦାନ ଫଳ ସି

୩୮ । ଦ୍ୟର୍ଥଂ ତଦ୍‌ରକ୍ଷା ଫଳ ସିଦ୍ଧେୟ/ମଦ୍ଧର୍ମଃ ପରିପାଲ୍ୟୋୟଂ ଭୂମେ ରାଚନ୍ଦ୍ର ତାରକଂ

---

✳ ✳ ✳ ଶୁଭଂ ଭବତୁ ଶୁଭଂ ଭବତୁ । ଶୁଭଂଭବତୁ । ଶ୍ରୀ ଶ୍ରୀ ଶ୍ରୀ

# କଟକ ଜିଲାର ଯାଜପୁର ନିକଟବର୍ତ୍ତୀ ସିଦ୍ଧେଶ୍ୱର ମନ୍ଦିରର ବୃଷସ୍ତମ୍ଭୋପରି ଖୋଦିତ (ଶିଳା) ଲେଖ, ପ୍ରାଚୀନ-ଲିପି ଓଡ଼ିଆ

**ସମୟ ୪ର୍ଥ ନରସିଂହ ଦେବଙ୍କ ୧୯ ସମ୍ବତ୍ସର (= ୧୩୯୪ ଖ୍ରୀ: ଅ:)**

ଏ ପିଗ୍ରାଫିକା ଇଣ୍ଡିକା ୨୯ ଶ ଖଣ୍ଡ (Volume 29) ରେ ଦୀନେଶ ଚନ୍ଦ୍ର ସରକାର— କୁଞ୍ଜବିହାରୀ ତ୍ରିପାଠୀଙ୍କ ଲେଖକତ୍ୱରେ ପ୍ରକାଶିତ (୧୯୫୦ ଜାନୁଆରୀରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରତିଲିପିରୁ ଉଦ୍ଧୃତ ପାଠ)

୧ । [ବୀର] ଶ୍ରୀ ନରସୀଘଂ [ହ] ଦବ (ବଂ) କଂ ସା [ମେରା] ଜେ ସମଂଥ୍ ୧୯ ସ୍ରାହ୍ୱକକଡ଼ା କୃଷ୍ଣ ୧୪ ଚନ୍ଦ୍ରବାରେ

୨ । ଚତୁରୁଦଧିରେ ଦଣ୍ଡ ପରୀକ୍ଷା ଶ୍ରୀନି (ଣ) ପଟ୍ଟାନାୟକ ବିଶ୍ୱନାଥ ମାହ୍ୱାସେନାପ୍ତୀଙ୍କ ଦଣ୍ଡ ପରୀକ୍ଷା [ ଧୁ ] ଭୁବ ଯୀଗଦଣ୍ଡ

୩ । ନାଏକ ନନ୍ଦୀକେଷ୍ଟର ସନ ମୀଗ୍ରଙ୍କ ବେହେରଣେଏ ଦଣ୍ଡପାଟର ପସା (ଇ) ତ ମୁଦୁଲି କୋଠକର୍ଣ ଭାଗଲେଙ୍କ ।

୪ । ସମସ୍ତ ବେହେରଣ ଅନୁମତେରାଆଙ୍ଗ ବୀରଶେଭୁଂଈଂ ଗ୍ରମ ଗ୍ରାମ ଜାତ ମାଢ଼ ପ ୫୦ ସନ୍ଦ୍ବ୍ରି······

୫ । ଓଁ ହୋରୁ ପାଇକା ଭେଟା ଜୋଦାପରଦର ସନା ଜାଦତ ଅବଦାନ
ନାସ୍ତି କରି ବୀରସଘଦେବଂ

୬ । କ ଆ [ସ କା] ମାର୍ଥେ

୭ । ଛିପ ୧

୮ । ସିଧେଯର ଚ [ଦ

୯ । ହାତେ ହରଇ

୧୦ । ଦ୍ରୋହା କରଇ

---

ପ୍ରସାଦ (ଧର୍ମାର୍ଥେଦତ୍ତ ଭୂମିଆଦ) > ପସାଅ/ପସାସ୍ତୁ; ଇତ ପ୍ରତ୍ୟୟ ଯୋଗେ ପସାଇତ (=Endowment officer)

ମୁଦ୍ରା (Seal) ସହିତ ସମ୍ପୃକ୍ତ ଶବ୍ଦ 'ମୁଦୁଲି', ଯେ କର୍ମଗୃଷ୍ଟ ତାଲବଲ କରି ମୁଦ୍ରା ଦ୍ୱାରା ଦୃଢ଼କରେ,

ମୁଦଲ = ହୁକାଦେଶ (edict) ରାଜାନୁଶାସନ, ଡଃ ଏ ମୁଦଲ କେଳାଇ ଖୁଣ୍ଟିଆ ଲହାଇଲ, ଜାତ ବାଜତ— ମୂଲ୍ୟ (Valuation)

ଓ ହୋରୁ—ଗୌକଦାସ ଟ୍ୟାକ୍‌ସଂ, ପାଉକା = $\frac{୧}{୪}$ ଦେସ୍ତ ଟ୍ୟାକ୍‌ସ

ଭେଟି (ଉପହାର) ଜୋଦା<ବୋଧାଇ<ବଧାଇ

ପରଦରଶକ<ପରଦର୍ଶନା (a Supervision tax) ଅବଦାନ = ଟ୍ୟାକ୍‌ସଂ

ରାଆଙ୍ଗ ଶବ୍ଦରୁ ଆଧୁନିକ ରାହାଙ୍ଗ ଶବ୍ଦ ଅପଭ୍ରଷ୍ଟ ହୋଇପାରେ ।

# ସମ୍ବଲପୁର ଜିଲାର ଭୂତପୂର୍ବ ବୋଡ଼ାସମ୍ବର ଜମିଦାରୀସ୍ଥ ଖଡ଼ାଳ ନରସିଂହନାଥ ଦେବାଳୟରେ ସଂଲଗ୍ନ ଖୋଦିତ ଶିଳାଫଳକ

**ଲିପି ପ୍ରାଚୀନ ଓଡ଼ିଆ, ଭାଷା ପ୍ରାଚୀନ ଓଡ଼ିଆ**

**ସମୟ ତା ୧୭ । ୩ । ୧୪୧୩ ଖ୍ରୀ: ଅ:**

୧ । (ଓଁ ନମଃ) ଶ୍ରୀ ନୃସିଂହାୟ (ସ୍ୱସ୍ତି ସ୍ୱସ୍ତି) ବକାର୍ ନାମ ସମ୍ବତ୍ସରେ ଚୈତ୍ର ପୌର୍ଣ୍ଣମି ଶୁକ୍ରବାର ହସ୍ତାନକ୍ଷତ୍ରେ ପାଟଣା ନଗରସ୍ଥିତ ବଚ୍ଛରାଜଦେବ ରାଜାଙ୍କର ପୁତ୍ର ଶ୍ରୀ ବୈଜଲ

୨ । ଦେବରାଜ (ନରସିଂହ) ସ୍ଥଦୈ ଗନ୍ଧମାର୍ଦ୍ଦନ ପର୍ବତେ ଖଡ଼ାଳ ନରସିଂହ ନାଥ-ସ୍ୱାମୀଙ୍କର ଦେଉଳ ତୋଳାଇଲା···ଭୂଷଣ ରତ୍ନମାଳା ଗାଇ-ଶତେକ ଲୋଅସିଙ୍ଗା

୩ । ଗ୍ରାମ ଦଲା/ଆଦିତ୍ୟ ଚନ୍ଦ୍ରାବିନଳୋ ନଳଶ୍ଚ ଦ୍ୟୌର୍ଭୂମି ରାପୋ ହୃଦୟଂ ଯମଶ୍ଚ ଅହଶ୍ଚ ରାତ୍ରିଶ୍ଚ ଉଭେଚ ସନ୍ଧ୍ୟେ ଧର୍ମୋଽପି ଜାନ । ତି ନରସ୍ୟ କୃତ୍ୟମ୍

୪ । ······ ଦେଲା/ପ୍ରଶସ୍ତି କାର ଆଘା) ଶ୍ରୀ ନରସିଂହସ୍ୟ ପୀତୟେ ।

---

ଦେଖ (୧) J. A. H. R. XII part । (ଏପ୍ରିଲ ୧୯୪୦) ଶ୍ରୀ ଲୋଚନ ପ୍ରସାଦ ପାଣ୍ଡେଙ୍କ ପ୍ରବନ୍ଧ,

(୨) ଇଣ୍ଡିଆନ ହିଷ୍ଟୋରିକାଲ କ୍ୱାଟର୍ଲି Vol XII (୧୯୩୬ ରେ ପଣ୍ଡିତ ବିନାୟକଙ୍କ ପ୍ରଦତ୍ତ ପାଦଟୀକା)

୩ । ,, ,, ,, vol vii(1932—୧୯୩୨) ଲୋଚନପ୍ରସାଦଙ୍କ ପାଦଟୀକା

୪ । ,, ,, ,, vol v (ପୃ '୩୪୫ ପୃଷ୍ଠା)

୫ । ରିପୋର୍ଟ ଅଫ୍ ଆର୍କିଓ-ଲଜିକାଲ ସର୍ଭେଅଫ-ଇଣ୍ଡିଆ vol Xiiii (୧୮୮୨ ପୃଷ୍ଠା) ୧୪୦–୧୪୩

୬ । (Annual-ବାର୍ଷିକ) ,, ,, ,, ,, ୧୯୦୪–୫ ପୃ ୧୨୧–୧୦୫

(ଇ. ଓ. ଏଲ୍. ଏସ୍. କ୍ରମିକ ନଂ ୧୧)

# ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମନ୍ଦିରର ପ୍ରବେଶ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଖୋଦିତ ଶିଳାଲେଖ

ଲିପି—ପ୍ରାଚୀନ ଓଡ଼ିଆ

ସମୟ—କପିଳେଶ୍ୱର ଦେବଙ୍କ ୪ର୍ଥ ଅଙ୍କ

(୧୪୩୭ ଖ୍ରୀ. ଅ. ମ. ମ. ଚକ୍ରବର୍ତ୍ତୀ)

(ରାଜଗୁରୁ—ଚକ୍ରବର୍ତ୍ତୀଙ୍କ ପାଠ ଉପରେ ଅଧାରିତ)

୧ । ଶ୍ରୀବୀର କପିଳେସରଦେବ ମହାରାଜାଙ୍କର ବିଜେରାଜ୍ୟେ ସମସ୍ତ ୪ (ଅବଙ୍କଗ୍ରାହ୍ୟ)

୨ । ମୀଥୁନ ସଂକ୍ରାନ୍ତି କ୍ରୀଷ୍ଣ ୯ ମଙ୍ଗଳବାରେ ନିଭବାସ କଟକେ (ଭିତର) (ପୂଜା ଅବକାଶେ)

୩ । ରାଏଗୁରୁ ବାସୁ ମାହାପାତ୍ର ଭୁବନେସର ମାହାପାତ୍ର ଏ ଦୁଇ ହୋ ଆସି (ଲିହାଇଲେ ଏ)

---

କ୍ରମିକ ନଂ-୧୧ ଓ ନ ୩୭ ଶିଳା ଲେଖଦ୍ୱୟ ମନ୍ଦିର କାନ୍ଥରୁ ସ୍ଥାନାନ୍ତରିତ ହୋଇଅଛି;

ଗୋଟିଏ ଖଣ୍ଡିତ ଶିଳାଲେଖ ଆର୍କିଓ ଲଜିକାଲ ଅଫିସରେ ସଂରକ୍ଷିତ, ଏହି ମର୍ମରେ ରାଜଗୁରୁ ଜଣାଇଛନ୍ତି ।

ବୋଲଣ ହୋଇଲେ (=ଶିଷ୍ଟଉକ୍ତି=honoritic (use) ବ୍ୟାକରଣ ପ୍ରବେଶ—ରାଧାନାଥ ପୃ-ଦ୍ରଷ୍ଟବ୍ୟ

୪ । ଦୁଇଙ୍କର ଗୋଚରେ ଆଗ୍ୟା ବୋଲ୍ଲଣ ହୋଇଲେ ଆମ୍ଭର ଓଡ଼ିଯା
ରା (ଜ୍ୟେ ଜେଟେରାଜା)

୫ । ସୁଣ ସବୃହେଂ ରାଜାଙ୍କ୍ର ସ୍ୱତେ ବ୍ରଢ
ଏ ଆପଣାର ସଦାବୃତରେ ଥିବେ (ଅସଦମାର୍ଗେ)

୬ । (ନରହ୍ବବେଂ ରାଜାଙ୍କ ଅଣହ୍ବତେ ବ୍ରଢ) ଲେ ଟଜା ବାହାରକର
ଭାହ୍ବାର ସ (ବଂସ) ହର ।

(ଇ. ଓ. ଏଲ. ଏସ୍ କ୍ରମିକ ନଂ ୧୪)

# ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ ଥିବା ନଂ ୨ (ଦ୍ୱିତୀୟ ଶିଳାଲେଖ)

ଲିପି—ପ୍ରାଚୀନ ଓଡ଼ିଆ

ସମୟ—କପିଳେଶ୍ୱର ଦେବଙ୍କ ୧୯ଶ ଅଙ୍କ (ଖ୍ରୀ. ଅ. ୧୪୫୧)

୧ । ବୀରଶ୍ରୀ ଗଜପତି ଗଉଡେଶ୍ୱର ପ୍ରତାପ କପିଳେଶ୍ୱର ଦେବ

୨ । ମାହାରାଜାଙ୍କର ବିଜେ ରାଜେ ସମସ୍ତ ୧୯ ଙ୍କ ଶ୍ରାଦ୍ଧ ସେସ ଅମ ।

୩ । ବଇ ରବିବାରେ ମଲିକା ପଶ୍ୱସ । ଧୀଗ—ବଜେକର ବାହୁଡ଼ା କଟକାଇ

୪ । ସ୍ରୀ ପୁରୁସୋତମ କଟକେ ବିର-ମଣୋଇ-ବାଜେ ସମଏ ସ୍ରୀ ଚରଣ

---

ମଲିକା = ବିଜୟ ନଗର ସମ୍ରାଜ୍ୟର ସମ୍ରାଟ ମଲ୍ଲିକାର୍ଜୁନ,

ପଶ୍ୱସା (= ପରସା < ପରଷଦ) = ସେନା (Army)

ରଘୁଦେଓ ନରେନ୍ଦ୍ର : ସମ୍ରାଟ କପିଳେଶ୍ୱର ଦେବଙ୍କ ରାଜମହେନ୍ଦ୍ରୀର ରାଜ୍ୟପାଳ (Governor)

ଦେଖ ଗୋଦାବରୀ ଜିଲ୍ଲାର ତରୁପତି ମନ୍ଦିର ଶିଳାଲେଖ)

(ଦକ୍ଷିଣ ଭାରତୀୟ ଖୋଦିତ ଲେଖ ୫ମ ଖଣ୍ଡ ନଂ-୧୦୦ = 5. 99. v, 100 ଦେଖ ରଘୁଦେଓ ନରେନ୍ଦ୍ରଙ୍କ ଓ୍ୱାରଂଗଲ ଦୁର୍ଗ ଶିଳାଲେଖ)
(E. I. XXXII Kaliyr 4581 Ed—sirear)

୫ । ଅଗ୍ରତେ କୋଠଅର—ଆନ୍ତର—ପଶ୍ଚାକ୍ଷ ମାହାପାତ୍ର ରଘୁଦେଓ ନନ୍ଦନ୍ତ୍

୬ । ଜଣାଇ ସ୍ତୁତ କରାଇଲାକୁ ଆଇଗାଁ ହୋଇଲା ଶ୍ରୀ ପୃଷୋତ୍ତମର

୭ । ପୁଣ୍ଡ୍ରଶ୍ଚାକ୍ଷ ଗୋପଗ୍ରୁଣ୍ଡି ଦେଲୁ ଏଥକୁ ଯେ ଅଦା ଲଙ୍ଘଇ ସେ ଜଗ—

୮ । (ନାଥ ଦେବଙ୍କୁ ଦ୍ରୋହ) କରଇ ଏ (ମୁଦ) ଲେ କେ (ଲା!ଇ) ଖୁଣ୍ଟିଯିବା ଲହାଇ (ଲା),

(ଇ. ଓ. ଏଲ. ଏସ୍. କ୍ରମିକ ନଂ ୩୭)

# ପୁରୀ ଜଗନ୍ନାଥ ମନ୍ଦିରର ଜୟବିଜୟ ଦ୍ୱାର ଦକ୍ଷିଣ ପାର୍ଶ୍ୱରେ ଖୋଦିତ ନଂ ୪ ବା ଚତୁର୍ଥ ଶିଳାଲେଖ

## ସମୟ--ପୁରୁଷୋତ୍ତମ ଦେବଙ୍କ ସମସ୍ତ ୧୯ ଅଙ୍କ ଶ୍ରାହୀ

୧ । ବୀରଶ୍ରୀ ଗଜପତ ଗୌଡେଶ୍ୱର ନବକୋଟି-କର୍ଣ୍ଣାଟାଧୀଶକଲ ଦରଗେଶ୍ୱର ପ୍ରତାପ ଶ୍ରୀ ଗଜପତ ପୁରୁଷୋତ୍ତମ ଦେବ ମାହାରାଜାଙ୍କର

୨ । ବିଜୟ ରାଜ୍ୟେ ସମସ୍ତ ୧୯ ଅଙ୍କଶ୍ରାହ୍ମ ସିଂହ ଶୁକ୍ଳ ୮ ଗୁରୁବାରେଂ ବାରଣାସି କଟକେ ଶ୍ରୀନଅର ଗୋପାଳପ୍ରିୟ ଜଗତର ଦକ୍ଷିଣ ମେଢ଼ରେ ଦଡ଼ ଅବକାସେ

୩ । ସମସ୍ତ ବେଦ୍ହୋର ମାହାପାନ ପାନ ସନମିଶ୍ର ଖଟନ୍ତ୍ର ବୁଢ଼ାଲେଙ୍କା ସମସ୍ତଙ୍କ (ମୁକାବ) ଲାରେ ଅଇଗଂ। ହୋଇଲା (ଆମ୍ଭେ ଅନୁଭବ କଶ)/ଶୁଣୀଂ । ଦେଖି ଏ ପୃଥିବୀ ଯେତେକାଲ

୪ । ଥାଇ ତେତେକାଲ ଏ ଓଡ଼ିଶା ରାଜ୍ୟର (ରାଜାମାନଙ୍କ ଡଅରୁ ଅଛୁ) ସବୁରାଜାମାନେ ବ୍ରାହ୍ମଣମାନଙ୍କ ଦାନେଦେବା ଶାନ୍ତ୍ରପୂର୍ବକ ମନକୋଗକର ଧନ-ସ୍ତ୍ରୀ-ପ୍ରାଣ ରାଜ୍ୟ ଏହୁ ବୃତ୍ତିକଥାର କେବେହେଂ

୫ । ବ୍ରାହ୍ମଣମାନଙ୍କ ନପ୍ରୟୋଗ ନ କରିବା/ଏହି ଗୃହକର୍ମରେ ନକୋକଲେ ବ୍ରାହ୍ମଣ ଜାଗକର୍ମଂହିଁ ସେ କରଇ ଛଳନ (text—ଛଳନ) କରଇ ମୁଇ) ଶତଧା ନେକ ତଆରାଜ୍ୟ ଜାଧର୍ମମାନଙ୍କ ଆଦେଶ

୬। ବଚନଲଙ୍ଘନ କରି ଯେ ଅବା ଆନ କରଇ ସେ ଜଗନ୍ନାଥଙ୍କୁ ଦ୍ରୋହ କରଇ/ସେ ମହାପାତକ/ଅତିପାତକ ବ, କୋ ସମସ୍ତ ପାତକ କଲାର ଫଳପାଇ

୭। ସବୁହେ ଏକଥା ଦୃଢ଼କରି ମନରେଧରି ଆମ୍ଭର ଉପଦେଶ କର କର କର।

---

—ଅପକର୍ମ (ରାଜେନ୍ଦ୍ର ଲାଲ ମିତ୍ରଙ୍କ ପାଠ)

ପଂକ୍ତି ୪-୭ ମନମୋହନ ଚକ୍ରବର୍ତ୍ତୀଙ୍କ ପାଠ

୩ୟ ପଂକ୍ତି-ଅନୁଭବ କରି/ଶୁଣୀଂ/ଦେଖୀ = ଅନୁଭବ କରି, ଶୁଣି, ଦେଖି, ଏହାକୁ ତୁଳନୀୟ ସଧମରାଜା ପସଂତୋ ସୁନଂତୋ ଅନୁଭବଂତୋ କଲାଣାନ । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ

୪ର୍ଥ ପଂକ୍ତି ତୁ: ଧନଦାରାତ୍ମଜା ପୃକ୍ତା ଯଦଶୋଚନ୍ତ ବ୍ରାହ୍ମଣା ତେବୈରାଜନ୍ୟ ବେଷେଣ ନଷ୍ଟା ଜ୍ଞା ବନ୍ଧ୍ୟସୁମ୍ନରାଃ,

ମୋହର ବଂଶେଯେତେଜନ ବିପ୍ରେ ନ କର ଅପମାନ ,, ,,
(ଭାଗବତ୍ସ ୧୦ । ୮୯ । ୨୯)

ଅପିହରଣେ ବିପ୍ରଧନ । ନଷ୍ଟସ୍ତୁ ନରକେପତନ ,, ୧୦ । ୬୯ । ୪୨-୪୩
ଦାସଙ୍କ ଭାଗବତ,

ଧନତନୟ ଦାରାଗାରେ । ଯେବେ ବ୍ରାହ୍ମଣ ଶୋକକରେ ,,

ସେ ରାଜକୁଳ ବଡ଼ହୀନ । ଧିକତାହାଙ୍କ ଜୀବନ ,, ୧୦, ୯୫, ୨୮
(ତତ୍ରୈବ)

## ୧୨

(ଇ. ଓ. ଏଲ. ଏସ୍ କ୍ରମିକ ନଂ ୪୨)

# ପୁରୀ ଜଗନ୍ନାଥ ମନ୍ଦିରସ୍ଥ ଜୟବିଜୟ ଦ୍ୱାରର ବାମ ପାର୍ଶ୍ୱରେ ଥିବା ନ ୭ ମ୍ବର ଶିଳାଲେଖ

ସମ୍ରାଟ୍ ପ୍ରତାପରୁଦ୍ରଦେବ (୧୪୯୭—୧୫୪୦ ଖ୍ରୀ: ଅ:) ଙ୍କ ୪ର୍ଥ ଅଙ୍କ ।

ଲିପି— ଓଡ଼ିଆ ଭାଷା— ଓଡ଼ିଆ ।

୧ । ବୀରଶ୍ରୀ ଗଜପ୍ତି ଗଉଡ଼େଶ୍ୱର ନବକୋଟୀ କର୍ଣାଟ କଲବରଗେସର
(ବିରବର ଶ୍ରୀ ପ୍ରତାପରୁଦ୍ର ଦେବ)

୨ । ମାହାରାଜାଙ୍କର ସମସ୍ତ ୪ ଅଙ୍କ ଶ୍ରାଣ୍ଡ କକଡ଼ା ସୁ ୧୦ ବୁଧବାରେ
ଅବଧାର୍ଣ୍ଣିତ (ଆଇଗାଂ ପ୍ରମାଣେ ବଡ଼-)

୩ । ଠାକୁରଙ୍କ ଗୀତାଗୋବିନ୍ଦ ଠାକୁର ଭୋଗବେଳେ ଏ ନାଟ ହୋଇବ
ସଂଝ ଧୂପ ସରିଲଠାରୁ

୪ । ବଡ଼ସିଂଗାର ପଣସନ୍ତେ ଏ ନାଟ ହୋଇବ (ବଡ଼) ଠାକୁରଙ୍କ
ସପରଦା (=ସପଂରଦା) କପିଳେଶ୍ୱର ଠାକୁରଙ୍କ ଧୀଲ

୫ । ନାଚଣୀମାନ ପୁରୁଣା ସପରଦା ତେଲଂଗୀ ସପଂରଦା ଏମାନେ
ସବ୍ବହେଂ ବଡ଼ ଠାକୁରଙ୍କ ଗିତ ଶୋ

୬ । ବନ୍ଦହୁଂ (ଆନ ଗୀତ ନ ସିଖୀବେ ଆନଗୀତ ନ) ଗାଇବେ
ଆନନାଟ ହୋଇ ପରମେସ୍ୱୁରଙ୍କ ଷାମୁର ନେ।

୭ । ସ୍ୱବ ଏ ନାଟ ବତରକେ ବୈଷ୍ଣବ ଗାଅଣ ସୃରଜଣ ଅଛନ୍ତୁ ଏମାନେ
ଗୀତଗୋବନ୍ଦ ଗୀତ ସ୍ୱ ସେ ଗାଇବେ

୮ । (ଏହାଙ୍କ ଠାରୁ ଅଶିକ୍ଷିତମାନେ ଏକଶ୍ୱରରେ ସୁଣୀ ଗୀତଗୋବନ୍ଦ
ଗୀତସ୍ୱ ସେ ସିଖୀବେ ଆ) ନ ଗୀତ ନ ସିଖୀବେ (ଏହା) ସ୍ୱୁଂ

୯ । ଜେ ପରକ୍ଷା ଆନ ଗୀତେ ନାଟ କରାଇଲେ ଜାଣୀ ସେ ଜଗନ୍ନାଥଙ୍କୁ
ଦ୍ରୋହ କରଇ ।

(ଇ. ଓ. ଏଲ. ଏସ୍‌ର କ୍ରମିକ ନ-୫୫)

# ସୀମାଚଳସ୍ଥ ଲକ୍ଷ୍ମୀ ନରସିଂହ ସ୍ୱାମୀ ଦେଉଳର କୈନ୍ଦ୍ରିକ ମନ୍ଦିର କୁବେଷ୍ଟନ କରିଥିବା ବରଣ୍ଡାର ଗୋଲାକାର ସ୍ତମ୍ଭରେ ଖୋଦିତ *

ସମୟ—ମୁକୁନ୍ଦ ଦେବଙ୍କର—୧୧ଶ ଅଙ୍କ (ଖ୍ରୀ. ଅ. ୧୫୬୮)

୧ । ସ ଢତାଦ୍ ଦ୍ୱି (text-ଦୁ) ଗୁଣଂ ପୁଣ୍ୟଂ (text-ପୁନଂ)
(ୟ) (ତ)

୨ । ପରଦତ୍‌ତାନୁ ପାଲନେ

୩ । ପରଦତ ଅପହାରେଣଃ
(ତ)

୪ । ସ ଦ ତ ନଷ୍ଫଳଂ ଭ(ଟ)ବତ୍
(ୟ) (ତ)

୫ । ବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି କର୍ଣ୍ଣଟ-କଲପରକେଶ୍ୱର ବିର ପ୍ରତାପ

୬ । ମୁକୁନ୍ଦ ଦେଓ ମାହାରଜାଙ୍କର ବିଜେସୁଭ ରାଇଜେ ସମସ୍ତ ଅଙ୍କେ

୭ । ଶ୍ରୀ ନରସିଂହନାଥ ଦେବଙ୍କୁ ଭୀତଭୋଗକୁ ଭୂଆଇ ଜାଅର ଦେଉଳର

୮ । ପ୍ରବଣ କ କଲ (?) ଟ ୨୫୫ ଙ୍କା ଅମୃତ କୁଣ୍ଡକୁ ଟ ୩୬୫ ଙ୍କା ଗୋଟିକୁ ଟ ୧୬୦ ଙ୍କା

୯ । ଗାଏ ଟ ୫୨୫ ଙ୍କା ଧୀଲ କଳଙ୍କଦଣ୍ଡ ପାଟର ତଲଙ୍କଅର ଅନକ— ପଲ ପେଟର କଥା.

୧୦ । ପଞ୍ଚିମୁଠା ଅବଦାନ କର .ଦଲ (?) ଟ ୬୨୫ ଙ୍କା ଏ ରାଜାଙ୍କ ୧୧ ଅଙ୍କେ (ସମ୍ପ୍ରଦା)

୧୧ । ସେବାକୁ ଭ (text ଲୀ) ଆରୁ ମାଇ ଗୋମୁଣ୍ଡାପୋକ (?) ୨୦: ବରତନ ଟ ୧୫ ଙ୍କାକୁ ଧୀଲ ।

୧୨ । କଅର (ଚ) ଦସରୁ ଟ ୧୫୦ ଙ୍କା ହରଗ୍ରକ ନରନ୍ଦ୍ର, ମହାପାତ୍ରଙ୍କ ଗୋଟିକୁ ତଲଙ୍କାଅର ମୁ

୧୩ । ଠାରକ୍ଷ (?) ଧଲ (?) ସୁକୁପାକ ଗ୍ରାମ ଏ ଧର୍ମ କରଣ ମାନଙ୍କେ ହର ସେ ଦୋସପାଇ

୧୪ । ଅମୃତ ମଣୋହିରେ ବସଦେଲ ପାଞ୍ଚଙ୍କେ ଘାଇ (।)

---

ପଂକ୍ତି ୩ ପଂକ୍ତି ୪—ମୂଳ ଲେଖାରେ 'ନଷ୍ଟଲଂ' ଅଛି ପରଦର୍ଶୀ ପଢ଼ାଲେଣି

ପଂକ୍ତି ୯ ମୂଳଲେଖା (=ଗ୍ରୁପା) ରେ ପେଟର ସ୍ଥାନରେ 'ପେଟରର' ଲିପିକର ପ୍ରମାଦ ହୋଇପାରେ । ପେଟ ଓଡ଼ିଆ, ପୋଟ (ତେଲଗୁ)

ପଂକ୍ତି ୧୧—ମାଇ ଗୋମୁଣା ପୋକର ବିକଳ୍ପିକପାଠ = ମାଇପୋ ମୁଣିପୋକ

(୪)

✳—ଉକ୍ତ ସ୍ତମ୍ଭରେ କୃଷ୍ଣଦେବରାଜାଙ୍କର ଲେଖମଧ ଖୋଦିତ ।

# କଟକ ନିକଟସ୍ଥ ଉଦଧାଧରପୁରରେ ଥିବା ଦ୍ୱୈଭାଷିକ: (ପାରସୀ-ଓଡ଼ିଆ) ଶିଳାଲେଖ

### ଓଡ଼ିଆ ଅଂଶ *

(ସମୟ—ଖ୍ରୀ:ଅ: ୧୭୨୪ ଠାରୁ ଖ୍ରୀ: ଅ: ୧୭୩୪ ମଧ୍ୟରେ)

ଶ୍ରୀପୁରଷୋତ୍ତମ ଦେବ ମହାରାଜାଙ୍କର ବିଜ (ଜେ) ଶୁଭରାଜେ (ଜ୍ୟେ) ସମସ୍ତ) ୧୨ ଅଙ୍କ ସ୍ରା···ହ୍ମ ସୁକ୍ଲ ଦୁ୨ଆ ରଥଯାତ୍ରା ଶୁକ୍ରବାରେ ବହୁତ ଲୋକ ଧର୍ମ ନମିତ୍ତେ କୋଦାଣ୍ଡା ବୀ-୩୬ ସ (ସ୍ତୁ) ରେ ବାଦା (ଦ୍ୟା) ଧରପୁର ଏ ବାପୀ ଗଢ଼ାଇଲେ ବକସୀ ମହମଦ ତକୀ ।"

---

* ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ-ଡ. ବଂଶୀଧର ମହାନ୍ତି ୧୯୭୦, କଟକ, ପୃ-୮୭

ଦେଖ—ମହମ୍ମଦ ତକକ୍ ଖାଁ ପୃ ୨୩୨, ୨୩୩, ୨୫୭ ଓଡ଼ିଶା ଇତିହାସ—ଡ. ମହତାବ ।

(ଓଡ଼ିଶାରେ) ମହମ୍ମଦ ତକ୍କ ଖ୍ରୀ. ଅ. ୧୭୨୪ ରୁ ଖ୍ରୀ. ଅ. ୧୭୩୪ ପର୍ଯ୍ୟନ୍ତ ଶାସନ କରିଥିଲେ (ପୃ. ୨୩୩. ତତ୍ରୈବ) ।

ମାଦଳା ପାଞ୍ଜୀ (ପ୍ରାଚୀ ସମିତି ପ୍ରକାଶିତ) ପୃ-୭୪ ରେ ଲେଖାଅଛି-

" ଏ (ରାମଚନ୍ଦ୍ରଦେବ) ମହାରାଜାଙ୍କ ଅ ୮ ଙ୍କ ଧନୁ ଦି ୨୨ ନେ କଟକ ସୁବା ସୁଦାଖାଁ ପୁଅ ମହମ୍ମଦ ତକଖାଂ ନସ୍କର ଦେନ ଶିଶୁପାଲଗଡ଼ ଖେଲାଇ ଦେଲା । ଧଉଳିଗଡ଼ ଦେନ ରଥପୁର ଦେନାଲା ।

# ନନ୍ଦପୁର (ଜୟପୁର)ର ମହାରାଜ ରାମଚନ୍ଦ୍ର ଦେବଙ୍କ ତାମ୍ରଶାସନ

ଭାଷା ଓ ଲିପି—ଓଡ଼ିଆ, ସମୟ-ଶକାବ୍ଦ ୧୭୨୩=ଖ୍ରୀ: ଅ: ୧୮୦୧

ଶ୍ରୀ ଶୁଭମସ୍ତୁ । ଶାଲିବାହନ ଶକାବ୍ଦ ୧୭୨୩ ଦୁର୍ମ୍ମଦ ନାମ
ସମ୍ବତ୍ସର ବର୍ଷା ଦ ୮

କାର୍ତ୍ତିକ ଶୁଦ୍ଧ ୧୫ ଶୁକ୍ରବାରେଂ ବନ୍ଧ ଦୀନବନ୍ଧୁ ଦାସଙ୍କୁ
ଅବଧାନ କଲାର ପଟା

ପଟାନର୍ଣ୍ଣପ୍ତ ଜୟପୁର ଦୁର୍ଗମର ଦଣ୍ଡପାଟ ଦେଶସୂନ୍ଦର
ଅରଡ଼ପୁଟ ଗ୍ରାମ ଏ

ଦାନ ଦାନକର ଆବଧାନ କଲୁଂ ଜେ ଏ ଗ୍ରାମ ସନ୍ଧି
ସିମାନ୍ତ ନାଧିଲଖୀତ ଗଛ ମା—

ଛ ପଦର ପଙ୍କାଲ କାଷ୍ଟ ପାଷାଣ ଗ୍ରୁପ୍ତ ଉପଗ୍ରୁପ୍ତ ସମେତ
ତୋ ପୁତ୍ରପୌତ୍ରାଦ—

ପାରଂ ପର୍ଯ୍ଯନ୍ତେ ଯାବଶ୍ଚନ୍ଦ୍ରାର୍କେ ଭୁଷ୍ଟାନ୍ତକେ ଦାନଭୋଗେ
ଭୋଗକର ନଷ୍ଟି

ନ୍ତରେ ଥିବୁ । ଏଥିରେ ଆନ ଅବଧାନ ନାହିଁ. ଶ୍ରୀ ରାଜାଧିରାଜମହା
ରାଜବୀରଧିବୀର ପ୍ରତାପ ଶ୍ରୀ ନନ୍ଦପୁର ଭୂପତ ଶ୍ରୀରାମଚନ୍ଦ୍ର

ଦେବ ମହାରାଜାଙ୍କର ସନମତ ॥ ସ୍ୱଦତ୍ତାଦ୍ଦ୍ୱିଗୁଣଂ ପୁଣଂ ପରଦତ୍ତାନୁ
ପାଳନଂ ॥ ପରଦତ୍ତାପହାରେଣ ସ୍ୱଦତ୍ତଂ ନିଷ୍ଫଳଂ ଭବେତ୍ତୁ ୨ ॥

# ଚର୍ଯ୍ୟାପଦ

## ୯ (ଚର୍ଯ୍ୟାର ସଂଖ୍ୟା)

ଏଡ଼ିଅଉ ଛାନ୍ଦକ ବନ୍ଧକରଣ କପେଟର ଆସ (ଅକ୍ଷର ସଂଖ୍ୟା) =୧୮
ସୁନୁପାଖ ଭିଡ଼ି ଲେହୁରେ ପାସ =୧୧

୬

ତରସନ୍ତେ ହରଣାର ଖୁର ନ ଦୀଶଇ =୧୪
ଭୁସୁକୁ ଭଣାଇ ମୂଢ଼ ହିଅହି ନ ପଇସଇ =୧୬
ଆପଣା ମାଂସେ ହରଣା ବୈରୀ =୧୦
ଖଣହ ନଛାଡ଼ଅ (=ଛାଡ଼ଇ) ଭୁସୁକୁ ଅହେରି =୧୩

୭

ଜେଜେ ଆଇଲା ତେତେ ଗେଲା =୯
ଅବଣା ଗବଣେ କାହ୍ନୁ ବିମନ ଭଇଲା =୧୪

---

୧। ସେହି ଛନ୍ଦର ବନ୍ଧ ଏବଂ ଇନ୍ଦ୍ରିୟ କପଟତାର ଆଶାକୁ ଛାଡ଼ି ଶୂନ୍ୟ ପକ୍ଷକୁ ଭିଡ଼ି ନିଜ ପାଖକୁ ନିଅ । (୧)

୬। ତ୍ରସ୍ତ ହୁଅନ୍ତେ ହରଣର ଖୁରା ଦିଶେନାହିଁ । ଭୁସୁକୁ (ଆଚାର୍ଯ୍ୟ) ଭଣନ୍ତି ଏହା ମୂଢ଼ଲୋକର ହୃଦୟରେ ପଶେନାହିଁ । ନିଜ ମାଂସ ହରଣର ବୈରୀ । ଭୁସୁକୁ (ଅହେରି<ଆଖେଟକୀ) ଶିକାରୀ । ଭୁସୁକୁ କ୍ଷଣହେଲେ ଛାଡ଼ଇ ନାହିଁ ।

୭। ଯେଯେ ଆସିଲା ସେସେ ଗଲା ।
ଗମନାଗମନରେ କାହ୍ନୁ ବିମନ ହେଲା ।

୧୦

ଭୁଲୋଢ଼େମ୍ବୀ ହାଉଁ କପାଲୀ =୯
ତୋହର ଅନ୍ତରେ ମୋଏ ଘେଣିଲି ହାଡ଼େର ମାଳି =୧୬

୧୬

ନାଚନ୍ତି ବାଜିଲ (ବଜ୍ରୁ ଲ) ଗାଅନ୍ତି ଦେବୀ =୧୧
ବୁଦ୍ଧ ନାଟକ ବିସମା ହୋଇ =୧୦

୨୮

ଉମତ ସବରୋ ଗରୁଆରୋଷେ =୧୧୨
ଗିରିବର ସିହର ସନ୍ଧି ପଇସନ୍ତେ ସବର ଲୋଡ଼ିବ କଇସେ =୨୨

୩୪

ଅଲକ୍ଷଣ ଲକ୍ଷଣ ଣଆ ମହାସୁହେ =୧୧
ବିଲସଇ ଦାରିକ ଗଅଣ ତ ପାରିମକୁଲେଁ =୧୬

୩୫

ଏବେ ଚଅରୁଅ ମୋକୁ ଣଠା =୧୦
ଗଅଣ ସମୁଦେ ଟଲିଆ ପଇଠା =୧୨

---

୧୦ । ଭୁଲୋଢ଼ୋମ୍ବି ମୁଁ କାପାଳୀ
ତୋହର ଲାଗି ମୁଁ ହାଡ଼ର ମାଳୀ ଘେନିଲି ।
୧୬ । ବଜ୍ରପାଦ ନାଚନ୍ତି ଦେବୀ ଗାଅନ୍ତି
ବୁଦ୍ଧ ନାଟକ ବିଷମ ହୁଏ ।
୨୮ । ଗୁରୁ (ତର) କ୍ରୋଧରେ ଶବର ଉନ୍ମତ୍ତ
ଗିରିବର ଶିଖର ସନ୍ଧିରେ ପ୍ରବେଶ କରନ୍ତେ ଶବରକୁ କିପରି ଲୋଡ଼ିବ ।
୩୪ । ବାଙ୍କ ବାଟ ନଅନାହିଁ
ନିକଟରେ ବୋଧି (ଅଛି) ଲଙ୍କା (ଦୂରବର୍ତ୍ତୀ ସ୍ଥାନ) ଯାଅନାହିଁ ।
୩୫ । ଏବେ ଚଉରଙ୍ଗ ମୋ ସ୍ରୁତ ନଷ୍ଟ
ଗଗନ ସମୁଦ୍ରରେ ଟଲି ପ୍ରବେଷ୍ଟ ହେଲେ ।

୩୭

ସୁନ ବାହ୍ନ ତଥତା ପହାଗ୍ର =୧୦
ମୋହ୍ନ ଭଣ୍ଡାର ଲଇ ସଅଲ ଅହାଗ୍ର =୧୩

୩୯

ଅକଟ ହୁଁ ଭବ ଗଅଣା =୯
ବଟଙ୍ଗ ଜାହ୍ନା ନଲେହିଁ ପାରେ ଖଗେଲ ତୋହ୍ନାର ବଣାଣା =୧୮

୪୧

ଆକଟ ଜୋଇଆରେ ମାକର ହାଥଲେହ୍ନା =୧୪
ଆଇସ ସଭବେଁ କଇ ଜଗ ବୁଝଁସି ତୁଟଇ ବାସନା ତୋର =୨୦
ରାଉତୁ ଭଣଇ କଟ ଭୁସୁକୁ ଭଣଇ କଟ ସଅଲା ଅଇସ ସହାବ =୨୫
ଜଇ ତୋ ମୂଢ଼ା ଅଛସି ଭାନ୍ତୀ ପୁଚ୍ଛତୁ ସଦ୍‌ଗୁରୁ ପାବ =(୧୯)
(=ଯଦିତବ ମୂଢ଼ ଅଛତ ଭ୍ରାନ୍ତ ପୁଚ୍ଛତୁ ସଦ୍‌ଗୁରୁ ପାଦମ୍)

୪୩

ଭୁସୁକୁ ଭଣଇ କଟ ରାଉତୁ ଭଣଇ କଟସଅଲା ଏହ ସହାବ =୨୪
ଜାଇ ନ ଆବଇ ଣଉହ୍ନ ଭାବାଭାବ =୧୩

---

୩୭ । ଶୂନ୍ୟ ପ୍ରବାହ (ନଈ) ତଥତା ହେଉଛି ପାହାଗ୍ର (ନାବିକ) ମୋହଭଣ୍ଡାରକୁ ନେଇ ସକଳ·········

୩୯

୪୧ । ହେ ଅକଟ ଯୋଗୀ ତୁମ ହାତକୁ ଜଡ଼ିତ କରନାହିଁ । ଏହି ସ୍ୱଭାବକୁ ଯଦି ଜଗତକୁ ବୁଝ (ତେବେ) ତୋର ବାସନା ତୁଟେ । ରାଉତୁ ନିଶ୍ଚିତ ଭାବରେ ଭଣଇ ଭୁସୁକୁ ନିଶ୍ଚିତ ଭାବରେ କହୁଛନ୍ତି ସମସ୍ତ ଏହି ସ୍ୱଭାବଯୁକ୍ତ । ହେ ମୂଢ଼ ଯଦି ତୁମର ଭ୍ରାନ୍ତ ଅଛି ତେବେ ସଦ୍‌ଗୁରୁଙ୍କୁ ପଚାର । (ଏହି ପଦରେ ଅଛସି ପାଠଭୁଲ ଅଛତ ହେବା କଥା)

୪୩ । ଭୁସୁକୁ ରାଜପୁତ୍ର ସିଦ୍ଧାଚାର୍ଯ୍ୟ ନିଶ୍ଚିତ କହନ୍ତି ସକଳ ଏହି ସ୍ୱଭାବଯୁକ୍ତ । ଯାଏ ନାହିଁ ଅସେନାହିଁ ତହିଁରେ ଭାବଅଭାବ ନାହିଁ ।

୪୯

ଚଉକୋଡ଼ିଭଣ୍ଡାର ମୋର ଲଇଆସେସ =୧୪
ଜୀବନ୍ତେ ମଇଲେ ନାହିଁ ବିଶେଷ =୧୧

୫୦

ଚାରବାଁସେଁ ଭିଇଲରେ ଦିଆ ଚଙ୍ଖାଲୀ =୧୩
ତହିଁ ଡୋଲା ଶବରେ ଡାହ କାଏଲା ସଗୁଣ ସିଆଲା । =୧୨

---

୪୯ । ଚତୁଷ୍କୋଟି ଭଣ୍ଡାର ମୋର ନେଇ ଶେଷ ଜୀବନ୍ତରେ ମରିଗଲେ ବିଶେଷ ପ୍ରଭେଦ ନାହିଁ ।

୫୦ । ବୃକ୍ଷର ଦେଇ ୪ଟି ବାଉଁଶରେ ତିଆରି କଲା
ତହିଁରେ ଡୋଲା ଶବର ଦାହକଲା । ସଗୁଣ ଶିଆଳୀ (ଶୃଗାଳୀ) କାନ୍ଦଇ ।

# ଅମର କୋଷ ଗୀତା

ବନ୍ଦଂଇ ଆଦିନାଥ ଗୋରେଖ ଧାରଆଂ
ବନ୍ଦଂଇ ମଛନ୍ଦେଂଲ୍ରନାଥ ଅନନ୍ତ ଦରଆ
ବନ୍ଦଂଇ ଚଉରଗୀଂକନାଥ ମିତକ୍ରମ ଧାସ୍ତ୍ରୀ
ବନ୍ଦଂଇ ଗୋରେଖ ନାଥ ବାଳ ବ୍ରହ୍ମଗୃସ୍ତ ।
ବନ୍ଦଂଇ ସବରନାଥ ମୂଳ କମଳଧାର
ବନ୍ଦଂଇ କଷକ୍ଷନାଥ ଗହ୍ୱର ଗମ୍ଭୀର
ବନ୍ଦଂଇ ଜାଲାନ୍ଦେଂର ଖ୍ୟାତ ତନ୍ତ୍ର ପରମାଣି
ବନ୍ଦଂଇ ଗୋବିନ୍ଦଚନ୍ଦ୍ର ଲକ୍ଷ ନୃପମଣି
ବନ୍ଦଂଇ ଭଦ୍ରୃରପାଏ ଦେହ୍ନକରବାଣି
ଧର୍ମ ନରେନ୍ଦ୍ରଂ ବନ୍ଦଂଇ ହରିଚନ୍ଦନ ନୃପମଣି । ୩ ।

---

ଓଡ଼ିଆ ସାହିତ୍ୟର ଇତିହାସ—ପ୍ରଥମ ଭାଗ-ଡଃ ବଂଶୀଧର ମହାନ୍ତି-୧୯୭୦ ଫ୍ରେଣ୍ଡସ୍ ପବ୍ଲିସର୍ସ୍ ବିନୋଦବିହାରୀ କଟକ-୨ ।

---

"ଏ ଗ୍ରନ୍ଥର ସମୁଦାୟ ଅଂଶ ମିଳେନାହିଁ ମାତ୍ର କେତୋଟି ପ୍ରାଚୀନ ପତ୍ର ମାତ୍ର ମିଳିଛି ତହିଁରେ ବିଭିନ୍ନ ସିଦ୍ଧାଚାର୍ଯ୍ୟମାନଙ୍କର ବନ୍ଦନା ରହିଛି । ତହିଁରୁ କେତୋଟି ପଦ ନିମ୍ନରେ ଉଲ୍ଲେଖ କରାଗଲା"—ଓ. ସା. ଇ. ୧ମ ଭାଗ-ପୃ-୧୦୦

(୩) ଅମର କୋଷ ଗୀତା ପ୍ରଥମ ପଟଳ,

# ଅନ୍ୟଏକ ଅମର କୋଷର କେତେକ ପଂକ୍ତି*

ଅଦେଖ ଦେଖ ଅତୁଲ ତୁଳ । ଗୁରୁଅକ୍ଷରଛୁ ଅମାପ ମାପ । ବସୋଗ୍ର ମାଛ ପାନ, ନୟନ ମୁଦ୍ରା ଦୂର କର । ନାସିକା ଉପରେ ପବନ ଉଚ୍ଚାର । ଚନ୍ଦ୍ରଦ୍ୱାରେ ସୂର୍ଯ୍ୟଙ୍କୁ ଲୁଗ୍ଭଇ । ସାଧ ସାଧ ପୁତାରେ ଅହୁଟ ଉଜାଣି ।। ପାଦକଇ ପୁତାରେ ବାଇବ ସୂର୍ଯ୍ୟବୋଲି । ତଥିର ଉପରକୁ ଶୁକଳ ଗ୍ରମଗ୍ରଜ-ବୋଲି।।ନକ୍ଷକଇ ପୁତାରେ ଗୃଳ ପଦ୍ମବୋଲି । ଖରୁଗର୍ଣ୍ଣି ପୁତାରେ କୁଣ୍ଡଲୀ ଚକ୍ରବୋଲି ।। ତଥିର ଉପରକୁ ନୀଳାହାଡ଼ ବୋଲି । ଆଣ୍ଟୁଗର୍ଣ୍ଣି ପୁତାରେ ଖଣ୍ଡଣୀ ଚକ୍ରବୋଲି । ତଥିର ଉପରେ ପୁତାରେ କୁଳନଚକ୍ର ବୋଲି । ଇନ୍ଦ୍ରକ ପୁତାରେ ଇନ୍ଦ୍ରଜିତ ଚକ୍ରବୋଲି ।। ତଥିର ଉପରକୁ ପୁତାରେ ବଡ଼ବାନଳ ଥାନ ବୋଲି ।। କୁହୁଁ କୁହୁଁ ପୁତାର ଗ୍ୟାନର ଅବସ୍ଥା । ତଥିରେ ବସଇ କମଳ ଚକ୍ରବେତା ।। ଅଗ୍ନିବାଇ ପୁତାରେ ଯେବଣଘରେ ବସଇ । ସୁଣ ସୁଣ ପୁତାରେ ସେ ଅଗ୍ନି ତ୍ରିବେଣୀ ଘାଟେ ପାଣିଖାଇ ।।

---

ଅଧ୍ୟାପକ ଡଃ ନଗେନ୍ଦ୍ର ନାଥ ପ୍ରଧାନ । "ଓଡ଼ିଆ ସାହିତ୍ୟରେ ଜୟଦେବ" (—ପ୍ରକାଶକ ଫ୍ରେଣ୍ଡସ୍ ପବ୍ଲିଶର୍ସ—ବିନୋଦବିହାରୀ-କଟକ-୨-ପ୍ରଥମ ପ୍ରକାଶକ ୧୯୭୧—) ଶୀର୍ଷକ ଗ୍ରନ୍ଥର ୮୭ ପୃଷ୍ଠାରେ ଲେଖିଛନ୍ତି ।

---

"ଓଡ଼ିଆ 'ଅମରକୋଷ' ପୋଥିର କେତେଗୋଟି ମାତ୍ର ବନ୍ଦନାମୂଳକ ପଦ ଗୋଟିଏ ତାଳପତ୍ର ପୋଥିର ଏକଚ୍ଛିନ୍ନ ପୃଷ୍ଠାରୁ ଉଦ୍ଧାରକରି ଅଧ୍ୟାପକ ଡଃ ବଂଶୀଧର ମହାନ୍ତି ପ୍ରକାଶ କରିଅଛନ୍ତି । କିନ୍ତୁ ଆମେ ସନ୍ଧାନ କରି ପାଇଥିବା କେତେକ ପୋଥିରେ ଏପରି ପଦ ପାଇପାରୁ ନାହିଁ । ଅମର କୋଷ ଗ୍ରନ୍ଥର ଦୁଇଖଣ୍ଡି ପୋଥି ଆମେ ଜଗତସିଂହପୁର ଓ ତିର୍ତ୍ତୋଲ ଥାନାରୁ ପାଇଥିଲୁଁ । ଦୁଇଖଣ୍ଡଯାକ ପୋଥି ଅବସ୍ଥା ଅତ୍ୟନ୍ତଜୀର୍ଣ୍ଣ ଓ ଖଣ୍ଡିତାବସ୍ଥା"

*—ଉକ୍ତ ଗ୍ରନ୍ଥର ପୃ-୯୨ ରୁ ଗୃହୀତ ।

ଜଳରେ ଭେଦ ବ୍ରହ୍ମ ଘରେ ଫୁଟଇ
ତେବେ ସେ ଯୋଗୀର ଆହୁଷ୍ଟ ହାଥ କାୟା ସୁଝଇ ।।

ତହିଁ ପୁତାରେ ସୁଝରେ ଦେଇମନ । ଦେଖ ଦେଖ ପୁତାରେ ଅଗ୍ନି ଉଠିଲ୍ଲ ସପ୍ତ ପାତାଳ ।। ଦେଖ ଦେଖ ପୁତାରେ ଅମର କୋଷରସ୍ଥଳୀ । ହୃଦୟ ଚନ୍ଦ ଉପରେ ପ୍ରାଣନାଥଙ୍କୁ ଦେଖ ଜୀବଆତ୍ମା କରଅଛୁ କେଳି ।।

# ରୁଦ୍ରସୁଧାନିଧି

## * କୁମାର ଜନ୍ମ—ଉତ୍ସବ

ଏମନ୍ତ ଦେଖି ସେ ରାଜା ଆନନ୍ଦ ସମୁଦ୍ରେ ମନଟବୋହିତ ବୁଡ଼ିଲା । ଚନ୍ଦ୍ରମେଘ ଉଡ଼ିଲା ଦରିଦ୍ରଲୋକଙ୍କ ପାଇଲାନିଧି । ଜନ୍ମ ଅନ୍ଧ ପାଇଲାକ ଦିବ୍ୟାଞ୍ଜନ ମହୌଷଧି । କାମୁକ ଲୋକ ପାଇଲାକ ବଶ୍ୟକରଣନିଧି (୫) । ମହାବୃଦ୍ଧ ପାଇଲାକ କଳପ ଔଷଧୀ ସ୍ଥାବର ପାଇଲାକ ତରଣଶକ୍ତି (୬) ମୋକ୍ଷାର୍ଥୀ ପାଇଲାକ ଜୀବନ ମୁକ୍ତି ।

ଏମନ୍ତ ପ୍ରକାରେ ରାଜା ଆନନ୍ଦ ସମୁଦ୍ରେଥାଇ ଭଣ୍ଡାର ମାନନ୍ତ ଦାନଦେଇ, ଯାଗମାନନ୍ତ କରାଇ, ହାଟପେଣ୍ଠ ମାନନ୍ତ ଜୁର ହେଉବୋଲି ଆଜ୍ଞାଦେଲେ । ଏମନ୍ତ ବୋଲି ହୁରଆଏ ମାରିଲେ । ବର୍ଣ୍ଣିକାରେ ଚାରିଲେ । ତ ସେ ବସୁଧାମଣ୍ଡଳ କଟକରେ । ହୁରଆ, ତୁରଆ (୭), ଥେଣ୍ଟ (୮), କାଣ୍ଡିଆ, ଗେରୁ, କୁଆର, ପୋଖଡ଼ଟା, ପେଣ୍ଡିଆ ଲହା, ଲୁଲୁଆ, ଗୁଟୁଆ, ଘଟୁଅ, ଲେଖୁଆ, ଲେଙ୍କା ଲମ୍ବହତା, ନାଟୁଆ ମଙ୍ଗଳ ବଢ଼ଆ, ହାଟୁଆ, ବାଟୁଆ, ଥାଟୁଆ, କାଟୁଆ, ମଠିଆ, ଷଠିଦଉଡ଼ିଅ, ରଗଡ଼ା, ଧାଣୁଆ, ବୋଲା, ପେଲା, ପାହାନ୍ତଆ, ଧଙ୍ଗା ୫୦, ମାତୁଆ, ବାଦୁଆ, ଖେଚଡ଼ା, ଖରଡ଼ା, ପୁରୁଣା, ମାଡୁଅ,

---

ରୁଦ୍ରସୁଧାନିଧି—ନାରାୟଣାନନ୍ଦ ଅବଧୂତ ସ୍ୱାମୀ (୧ମ) ସମ୍ପାଦନା—ଡଃ କରୁଣାକର । (୨ୟ) ସମ୍ପାଦନା—ଡଃ କୃଷ୍ଣଚରଣ ସାହୁ ।
ପ୍ରକାଶକ—ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୭୫୩୦୦୨ +
ପ୍ରଥମ ସଂସ୍କରଣ ୧୯୮୦

---

(୫) 'ଖ'ରେ କାମୁକ ଲୋକ—ବଧିପର୍ଯ୍ୟନ୍ତ ନାହିଁ । ୬ 'କ' ସ୍ଥାବରକୁ ଜାତ ହୋଇଲା କଟଳନଙ୍କ । ୭ 'କ' କୁରଆ ୮ 'କ' ପେଣ୍ଠଗୁଣ୍ଡିଆ, ୯–'କ' ଗୋଖଡ଼ (୧୦) 'ଖ' ଧଂସା,
(ପୃଷ୍ଠା—୬୩-୬୫)

ଝାମାଳିଆ, ଝାନ୍ଦୁମେଲ, ଝାଟକରିଆ, ଘଣ୍ଟୁଆ, ହୁଳୁହୁଳିଆ, ହାଥୀଓଲ୍ଚା, ମେଳିଆ, ମଣ୍ଡୋବସା (୧୧) ଚକ୍ରଶୋଳିଆ, ଫାସିଓଗ୍ର, ଫୁଟିଆବନ୍ଧା, ଫରଭଙ୍ଗା, ସାରଡ଼ିଆ, ଖାଙ୍ଗେରିଆ, ଭଜିଆ, ଧଡ଼ା, ଧରକଡ଼ା, ଧୋକଚୁଠିଅ, ଉଟଢ଼ଠା ୧୨, ପେଗଡ଼ିଆ, ମୁହଁପୋଡ଼ା, ଧଡ଼ା, ଧୁଳିଧମା, ଧୋଅସା, ପଖିଆ, ମଖାଲଖିଆ, ଭେଟା, ପେଲାପେଲି ପଶା, ଆଗଡବୋଲା, ଗିଲୁଅ, ଡାହାଣ, ଡାମରା କୋଆ, ଓଙ୍ଗରା, ଗୋଲିଆ, ବେଗ ବେଗକୁହା, ବର୍ଣ୍ଣାଙ୍ଗସାନା, ଝାକରଖିଆ, ଛଇଳା, ଗୁଞ୍ଜୁଣିଆ, ନାସିକା ବସ୍ତାନା ପେମଳା, କାଉଁଳିଆ, ଛରିଆ, ଥୋନ୍ତୁଡ଼ା, ପିଣ୍ଡବସା ଠକା, ମେଳିଆ, ଇତ୍ୟାଦି କରି ସକଳ ନରାଧମମାନେ ଜୟଶବ୍ଦ ଶୁଣି ଧାଇଁଲେ ଗଲେ ।

ସେ କଟକେ ଗଲେ ପଶି ଗୋଲେ ମିଶି ଧାଇଁ ଅଛନ୍ତିକେ କ୍ଷୁଧାଆକୁଳେ । ଅତିବଳେ କେ ସୁସ୍ୱାଦୁ ପଦାର୍ଥମାନ ଖାଉଅଛନ୍ତି । କେତେଲପସାଏ ଧାନପସାଏ, ଧାଇଁପଡ଼ି ମୁଣ୍ଡିଆଇ ନେଉଅଛନ୍ତି । କେହୁ ଆଗତ ହେଉଛନ୍ତି, କେବାଳ ତରୁଣୀଙ୍କର କଙ୍କଣମଣି କଟିମେଖଳା ଫେଇ ନେଉଛନ୍ତି । (୧) ହସ୍ତୀ ଅପଗତ ହସ୍ତୀ ଆଗପଛ ନେଉଛନ୍ତି (୨) କେ ସୁନ୍ଦରୀ ମୁରୁଛି ନଦୀର ଗହ୍ୱଲେ ପଶି ଗୋଲ କରୁଅଛନ୍ତି । କେ ବଜାରବଳେ ଅତିଗନ୍ଧଳେ ଗୁଡ଼ଖାଇ ଥୋଡ଼ ଧୋଉଅଛନ୍ତି । କେ ଜନଗହଳେ ଧନବହଳେ ହାତ ଆଙ୍ଗୁଳାଏ ବାଣ୍ଟୁଅଛନ୍ତି, କେ କଉସ୍ତ ଧେନୁ ଗଣ୍ଡିବଳିତା ଏକେ ଆରେକ କାଟୁଅଛନ୍ତି । କେ ଛେନା ତାଡ଼ପା ସରପଣା ଉପତ ପାଇ ଝିଣ୍ଟୁଅଛନ୍ତି । କେ ବାଜିଶାଳେ ପଶି ବଡ଼ ବଡ଼ ଘୋଡ଼ା ବାଛି ଚଢ଼ୁଅଛନ୍ତି । କେତେକେ ନପାରି ଉଗଳାହୋଇ ଅଦରେ ପଡ଼ି ରଡ଼ୁଅଛନ୍ତି । କେ ବାଡ଼ିବାଟେ ପଶି ପଛବାଟେ ବାହାର ହୋଇ ଯାଉଅଛନ୍ତି । କେବଳବନ୍ତ ଲୋକଙ୍କର ହାତେପଡ଼ି ଝାକର କହୁଣୀ ଖୁନ୍ଦାଖାଉ ଅଛନ୍ତି । ଏମନ୍ତେ ସେ ବସୁଧାମଣ୍ଡଳ କଟକରେ, ବାବୁ, ଗୋଲରେ କେବଣ, କେବଣ ପଦାର୍ଥମାନ ଦୂର ନାଉଅଛନ୍ତି । ଅପୂର୍ବ ସେ କ୍ଷୀରୋଦ ପାଟ, ଦାସୀନେତ, ଗଉରୀବେତ, ଶ୍ୱେତଚାମର,—ମଣିରତ୍ନ । ସ୍ନିଗ୍ଧ ବୈଦୁର୍ଯ୍ୟ । ପଦ୍ମରାଗ ମାଣିକ୍ୟ! ବ୍ରହ୍ମକାନ୍ତ

୧୧ 'କ' ମଣ୍ଡୋଆବସା ୧୨ 'କ' ଉଠାବଇଂ ।

( ) 'ଖ'ରେ ନେଉଅଛନ୍ତି ନାହିଁ । (୨) 'ଖ' ରେ ହସ୍ତୀ ଅପଗେତ ହସ୍ତୀ ଆଗପଛ ନେଉଅଛନ୍ତି ନାହିଁ,

ଏମନ୍ତ ସେ କୁମରକୁ ଅନେକ ନତମ୍ବିନୀ ସୁଲକ୍ଷଣା ସ୍ତ୍ରୀମାନେ ମିଳି ସମସ୍ତ ମଙ୍ଗଳମାନନ୍ତ କଲେ । କୁମରଜନ୍ମିରେ ଷଷ୍ଠୀଦେବୀଙ୍କି ଅନେକ ଉତ୍ସବ ରଚଲେ "ରୁଦ୍ରସୁଧାନିଧି" ବୋଲି ନାମ ଥୋଇଲେ ।

# ରୁଦ୍ରସୁଧାନିଧି

## * କୁମାର ଜନ୍ମ—ଉତ୍ସବ

ଏମନ୍ତ ଦେଖି ସେ ରାଜା ଆନନ୍ଦ ସମୁଦ୍ରେ ମନଟବୋଳିତ ବୁଡ଼ିଲା । ଚନ୍ଦ୍ରମେଘ ଉଡ଼ିଲା ଦରିଦ୍ର ଲୋକଙ୍କ ପାଇଲାନିଧି । ଜନ୍ମ ଅନ୍ଧ ପାଇଲାକ ଦିବ୍ୟାଞ୍ଜନ ମହୌଷଧି । କାମୁକ ଲୋକ ପାଇଲାକ ବଶ୍ୟକରଣବିଧି (୫) । ମହାବୃକ୍ଷ ପାଇଲାକ କଳପ ଔଷଧୀ ସ୍ଥାବର ପାଇଲାକ ଚରଣଶକ୍ତି (୬) ମୋକ୍ଷାର୍ଥୀ ପାଇଲାକ ଜୀବନ ମୁକ୍ତି ।

ଏମନ୍ତ ପ୍ରକାରେ ରାଜା ଆନନ୍ଦ ସମୁଦ୍ରେଥାଇ ଭଣ୍ଡାର ମାନଙ୍କ ଦାନଦେଇ, ଯାଗମାନନ୍ତ କରାଇ, ହାଟପେଣ୍ଠ ମାନନ୍ତ ଜାରି ହେଉବୋଲି ଆଜ୍ଞାଦେଲେ । ଏମନ୍ତ ବୋଲି ହୁରଆଏ ମାଡିଲେ । ବର୍ଣ୍ଣିକାରେ ଡାଡିଲେ । ତ ସେ ବସୁଧାମଣ୍ଡଳ କଟକରେ । ହୁରଆ, ତୂରଆ (୭), ଥେଣ୍ଟ (୮), କାଣ୍ଟିଆ, ଗେରୁ, ଜୁଆର, ପୋଖଡ଼ିଟା, ପେଣ୍ଠିଆ ଲୁହା, ଲୁଲୁମା, ଗୁଟୁଆ, ଘଣ୍ଟୁଅ, ଲେଖୁଆ, ଟେଲଙ୍ଗା ଲମ୍ବହାତା, ନାଟୁଆ ମଙ୍ଗଳ ବଢଆ, ହାଟୁଆ, ବାଟୁଆ, ଥାଟୁଆ, କାଟୁଆ, ମଠିଆ, ଷଠିଦଉଡ଼ିଅ, ଚଗଡ଼ା, ଧାଣୁଆ, ବୋଲା, ପେଲା, ପାହାନ୍ତିଆ, ଧଙ୍ଗା ୫୦, ମାତୁଆ, ବାଦୁଆ, ଖେଚଡ଼ା, ଖରଡ଼ା, ପୁରୁଣା, ମାଉଡୁଆ,

ରୁଦ୍ରସୁଧାନିଧି—ନାରାୟଣାନନ୍ଦ ଅବଧୂତ ସ୍ୱାମୀ (୧ମ) ସମ୍ପାଦନା—ଡଃ କରୁଣାକର । (୨ୟ) ସମ୍ପାଦନା—ଡଃ କୃଷ୍ଣଚରଣ ସାହୁ ।

ପ୍ରକାଶକ –ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୭୫୩୦୦୨ + ପ୍ରଥମ ସଂସ୍କରଣ ୧୯୮୦

(୫) 'ଖ'ରେ କାମୁକ ଲୋକ—ବିଧିପର୍ଯ୍ୟନ୍ତ ନାହିଁ । ୬ 'କ' ସ୍ଥାବରକୁ ଜାତ ହୋଇଲା କଚଳାନଟକ୍ତି । ୭ 'କ' ଜୁରଆ ୮ 'କ' ପେଣ୍ଡୁଗୁଣ୍ଡିଆ, ୯-'କ' ଗୋଖଡ଼ (୧୦) 'ଖ' ଧଂସା,

(ପୃଷ୍ଠା—୬୩-୬୫)

ଝାମାଳିଆ, ଝାନ୍ଦୁମେଲ, ଝାଂକରିଆ, ଟଣ୍ଟ୍ରିଆ, ଝୁଲୁଝୁଲିଆ, ହାଥୀଓଳା, ମେଳିଆ, ମଣ୍ଡୋବସା (୧୧) ବନ୍ଧଗୋଳିଆ, ଫାସିଓଳା, ଫୁଟିଆବଙ୍କା, ଖେରଭଙ୍ଗା, ଷୀରଣ୍ଡିଆ, ଖାଙ୍ଗେରିଆ, ଭୁଜିଆ, ଧଡ଼ା, ଧରିକଡ଼ା, ଧୋକଟୁଠିଅ, ଉଝଉଠା ୧୨, ପେଗଡ଼ିଆ, ମୂଜପୋଡା, ଧିଡ଼ା, ଧଳିଧମା, ଧୋଅସା, ପଶିଆ, ସଖାଳିଖିଆ, ଭେଥା, ପେଲପେଲ ପଶା, ଆଚଡବୋଲ, ଗିଲୁଆ, ଡାହାଣ, ଡାମରା କୋଆ, ଓଙ୍ଘରା, ଗୋଲିଆ, ବେଗା ବେଗକୁହା, ବର୍ଣ୍ଣାଙ୍ଗସ୍ଥାନା, ଝାକରଖିଆ, ଛଇଳା, ଗୁଞ୍ଜୁଣିଆ, ନାସିକା ବସ୍ଥାନା ପେମଳା, କାଉଁଳିଆ, ଛଉଆ, ଥୋନ୍ଥୁଡ଼ା, ପିଣ୍ଡବସା ଝକା, ମେଳିଆ, ଇତ୍ୟାଦି ଜାତି ସକଳ ନରାଧମମାନେ ଜୁରଶବ୍ଦ ଶୁଣି ଧାଇଁଲେ ଗହଲେ ।

ସେ କଟକେ ବେନେ ପଶି ଗୋଲେ ମିଶି ଧାଉଁ ଅଛନ୍ତିକେ କ୍ଷୁଧାଆକୁଳେ । ଅତିବଳକଲେ କେ ସୁସ୍ୱାଦୁ ପଦାର୍ଥମାନ ଖାଉଅଛନ୍ତି । କେଚଲପରାଏ ଧାନପସଟ୍ଏ, ଧାଇଁପଡ଼ି ମୁଣ୍ଡାଇ ନେଉଅଛନ୍ତି । କେହୁ ଆଗତ ହେଉଛନ୍ତି, କେବାଲ ତରୁଣୀଙ୍କର କଙ୍କଣମଣି କଟିମେଖଳା ଫେଇ ନେଉଛନ୍ତି । (୧) ହସ୍ତୀ ଅପଗତ ହସ୍ତୀ ଆଗପଛ ନେଉଛନ୍ତି (୨) କେ ସୁନ୍ଦରୀ ମୁରୁଛୁ ନପାରି ଗହଲେ ପଶି ଗୋଳ କରୁଅଛନ୍ତି । କେ ବଳନ୍ତାବଲେ ଅତିଗହଳେ ଗୁଡ଼ଖାଇ ଥୋଡ ଧୋଉଅଛନ୍ତି । କେ ଜନଗହଳେ ଧନବହଳେ ହାତ ଆଙ୍ଗୁଳାଏ ବାଣ୍ଟୁଅଛନ୍ତି, କେ କତୁରୀ ଘେନି ଗଣ୍ଡିବଳତା ଏକେ ଆରେକ କାଟୁଅଛନ୍ତି । କେ ଛେନା ତାଡ଼ପା ସରପଣା ଉପର ପାଇ ଟିଣ୍ଡୁଅଛନ୍ତି । କେ ବାଜିଶାଳେ ପଶି ବଡ଼ ବଡ଼ ଘୋଡ଼ା ବାଛି ଚଢ଼ୁଅଛନ୍ତି । କେନେଇ ନପାରି ଉଗଳହୋଇ ଅବନେରେ ପଡ଼ି ରଡ଼ୁଅଛନ୍ତି । କେ ବାଡ଼ିବାଟେ ପଶି ପଛବାଟେ ବାହାର ହୋଇ ଯାଉଅଛନ୍ତି । କେବଳବନ୍ତ ଲୋକଙ୍କର ହାତେପଡ଼ି ଝାକର କହୁଣୀ ଖୁନ୍ଦାଖାଉ ଅଛନ୍ତି । ଏମନ୍ତେ ସେ ବସୁଧାମଣ୍ଡଳ କଟକରେ, ବାରୁ, ଗୋଳରେ କେବଣ, କେବଣ ପଦାର୍ଥମାନ ହୁର ଯାଉଅଛନ୍ତି । ଅପୂର୍ବ ସେ କ୍ଷୀରୋଦ ପାଟ, ଦାସୀନେତ, ଗଉରୀବେତ, ଶ୍ୱେତଚାମର,—ମଣିରତ୍ନ । ସ୍ନିଗ୍ଧ ବୈଦୁର୍ଯ୍ୟ । ପଦ୍ମରାଗ ମାଣିକ୍ୟ! ବ୍ରହ୍ମକାନ୍ତ

୧୧ 'କ' ମଣ୍ଡୋଆବସା ୧୨ 'କ' ଉଠାବଇଠା ।

( ) 'ଖ'ରେ ନେଉଅଛନ୍ତି ନାହିଁ । (୨) 'ଖ' ରେ ହସ୍ତୀ ଅପଚେତ ହସ୍ତୀ ଆଗପଛ ନେଉଅଛନ୍ତି ନାହିଁ,

ଏମନ୍ତ ସେ କୁମରକୁ ଅନେକ ଜନ୍ମେତିନୀ ସୁଲକ୍ଷଣା ସ୍ତ୍ରୀମାନେ ମିଳି ସମସ୍ତ ମଙ୍ଗଳମାନନ୍ତ କଲେ । କୁମରଜନ୍ମିରେ ଷଷ୍ଠୀଦେବୀଙ୍କି ଅନେକ ଉତ୍ସବ ରଚିଲେ "ରୁଦ୍ରସୁଧାନିଧି" ବୋଲି ନାମ ଥୋଇଲେ ।

ହୀରାକାଣ । ହାଣପାରେଆ ଶ୍ୱେତଚମ୍ପକା ୩ । ଖଡ଼୍‌ଗବନ୍ଦୀ ପାରଦରସ । ସ୍ତମ୍ଭନକଙ୍କଣ । ଦୀପ ପ୍ରବାଳ । ଗଜମୋତିହାର । ମେଷ ଲୋଚନମାଳା, କୁହୁକୁଣ୍ଡଳ ପକ୍ଷୀ । କୁଶମୁଦ୍ରାଙ୍କା କାଶ୍ମୀରସ୍ଫଟିକ । ରାଜହଂସ । ମାଣିକ୍ୟଦୀପ । ବ୍ରହ୍ମଜାତିହୀରା । ରୁଦ୍ରଜାତ ପୋହଳା । ଉଗିଲ ମର୍କତ । ଇନ୍ଦ୍ରନୀଳମଣି । ସ୍ଫଟିକ ସୈନ୍ଧବ । କାରମହୁର, ସୁବର୍ଣ୍ଣ କଳସ । ଅଭେଦ୍ୟ କବଚ । ରତ୍ନକାଞ୍ଚନ । ହିରଣ୍ୟଗର୍ଭ ଶାମୁକ । ଡ଼ାହାଣ ବର୍ତ୍ତିଶଙ୍ଖ । ଲକ୍ଷ୍ମୀନାରାୟଣ ଶିଳା । ୪ । ନାଗେଶ୍ୱର ବାଣ, ତାରାମଣ୍ଡଳ ପଟଣୀ । ଅମୃତକୁଣ୍ଡଳ । ମୃଗନାଭି କସ୍ତୁରୀ, ଚନ୍ଦ୍ରକାନ୍ତମଣି, ଶଶିଖଣ୍ଡ କର୍ପୂର । ଶ୍ରୀଖଣ୍ଡ ଚନ୍ଦନ । ତରଳାତଇଲ । ପର୍ଣ୍ଣାରମୀର । ପାଟବାଲିଶୁଆ । ବଜ୍ରତାଳମେଣ୍ଢା । କପିଳା ଗାଈ । ନାଚୁଆ ମର୍କଟ । ରତ୍ନମୁତାଭଟ । ଶ୍ୱେତ-କୋକିଳ । ବେଣୁକାର ଶାମଳ । ଏକମୁଖୀରୁଦ୍ରାକ୍ଷ । ପାସିଓରାମୃଗ । ସିନ୍ଧୁଜାତ ଅଶ୍ୱ । ଚନ୍ଦ୍ରଜ୍ୟୋତି ଶ୍ୱେତହସ୍ତୀ । ଚର୍ବିଣୀ ତରଙ୍ଗ । ସୂର୍ଯ୍ୟପ୍ରଭାମଣି । ରୁଦ୍ରଜାତ ପୋହଳା । ଚନ୍ଦ୍ରମଣ୍ଡଳ ମର୍କତ । ପାରାଭେଦ ମୁକ୍ତା । ରଥଥୋପା ନୋଡି । ନିର୍ମଳ ବଜାଠ । ଚଉଷଠି ବାନସୁନା । ବୈକାନ୍ତଲୁହା । ୫ । ଅବଧୋଚନା, ନେପାଳ ତମ୍ବା । ବେଙ୍ଗପିତଳ । ଚୁମ୍ବକ ଶିଳା । ପରଶୁ ପଥର । ସୁଖିସୁନାଆ ବାଙ୍ଗର । ଅଗରସ ଗନ୍ଧା । ସଟିକାଦାରୁ ମୁକ୍ତା ଇତ୍ୟାଦି ଦ୍ରବ୍ୟମାନ ନେ କେତେ ନେଇଅଛନ୍ତି । ସଙ୍ଖ୍ୟା (୬) ନଜାଣି । ଏଭଣ୍ଡିରେ ସେ ରାଜାଆସ୍ଥାନେ-ବିଜେକଲେ । ଯେ ଯାହାର ଯେତେ ପଦାର୍ଥଗଲା ସେମାନେ ଯଥୋଚିତ କଲ । ୭ । ରାଜାଭଣ୍ଡାରରୁ ଦେଲ ।

## × × × ବାର୍ଦ୍ଧକ୍ୟ-ବର୍ଣ୍ଣନା

ହେନାଥ ! ଏ ବର ଅନ୍ତରେ ଯେ ହୋଇବ କର । (୮) ଏ ଶରୀର ଦଶିବା ନଷ୍ଟ ବଦ୍ୟାର ତରଙ୍ଗ ପରି । ଭ୍ରମରକୁ ନିନ୍ଦଇ (୯) ଯେବଣ କେଶ (୧୦) ସେ ଯମରାଜାର (୧୧) ଶ୍ୱେତଚାମର ପ୍ରାପ୍ୟକ (୧୨) ହୋଇବ ପ୍ରକାଶ (୧୩) ନୀଳୋତ୍ପଳ ପ୍ରାପ୍ୟକ ସେ (୧୪) ଯେବଣ ସେ ଚକ୍ଷୁ । ସେ ମର୍କଟ (୧୫) ବିକୃତ

(୩) 'କ' ରେ ଶୁଭ (୪) 'କ' ରେ ଶାଳଗ୍ରାମ ଶିଳା (୫) 'ଖ'ରେ କାହିଁ (୬) 'କ' ଅନ୍ତ (୭) 'କ' ଉଚିତ ପ୍ରକାରେ ।

୮-'କ' କର, ୯ 'କ' ଦୂଷଣ କରଇ ୧୦ 'କ' ସୁକେଶ ୧୧ 'ଖ' ନାହିଁ । ୧୨ 'କ' ପ୍ରାପ୍ତ, ୧୩ 'କ' ଦଶିବ ସଙ୍କାଶ ୧୪ 'କ' ନୀଳୋତ୍ପଳକୁ ନିନ୍ଦଇ ।

(୧୬) ନୟନ ପ୍ରାଏ ହୋଇବ ଦେଖିଂ ଦେଖିଂ । ଶୁଭ୍ର ସୁବର୍ଣ୍ଣ ପ୍ରାୟେକ ଯେବଣ ଶରୀର କାନ୍ତି । ସେ ସୂକ୍ଷ୍ମଶବର ପ୍ରାୟେ ଦଶିବ ଦେହର ଭ୍ରାନ୍ତି (୧୭) ସିଂହବକ୍ଷମ ପ୍ରାୟେକ ଯେବଣ ମଝ୍ଯା ସେ ଲଙ୍ଗଳକାଂର ପ୍ରାୟେ ଦଶିବ (୧୮) କୁଚୁକା । ଭୁଣ୍ଡରୁ ନିରନ୍ତରେ ବହୁଥିବ ଲାଳ । ବକ୍ଷସ୍ଥଳ ମାଢ଼ି ବସିଥିବ କାଳ (୧୯) ହାଡ଼ମାଳ କଙ୍କାଳ ସେ ଦେହଦଣ୍ଡଇ । ଫଟୋଢ଼ ଅଗ୍ନି ବଳପଳିତ ମିଶଇ (୨୦) ନୟନଗଳଇ ତଳକୁ କରଇ ଭୁଣ୍ଡାବାତେ ପାଦପ ପ୍ରାୟେହୋଇ ହଲୁଥାଇ ଭୁଣ୍ଡ (୨୧) ନାଭି-ଲେଉଟାଇ, ବଳତୁଟଇ, ଉଠିଲେ ଫୁଟଇ, ଚରଣ ଲୋଟଇ (୨୨) ହସିଲେ କାଶଇ, ଭେଡ଼ାକେ ବସଇ ଲଉଡ଼ିଧରି ଥରଥର ହୋଇ ଉଠଇ । ଉନ୍ଦ୍ରିୟମାନେ ଭିତରକୁ ପଶନ୍ତି । ତରୁଣ ଲୋକମାନେ ଦେଖିଲେ ହେଁ ହସନ୍ତି !

ହେନାଥ । ଭୋଗଇଚ୍ଛା ସରଇ । ସପ୍ତଧାତୁ ମରଇ । ସଦବୁଦ୍ଧି ହରଇ । ବିହ୍ୱଳ (୨୩) କରଇ । ପ୍ରପଞ୍ଚ ଦଶଇ । କେଶ ଖସଇ । ସ୍ଥାନ (୨୪) ପଶଇ । ଧର୍ଯ୍ୟ ନାଶଇ (୨୫) ଶିର ଫାଙ୍କୋଡ଼ଇ (୨୬) ରୋମ ଟାଙ୍କୋରଇ । ହୃଦୟ ଚହଂକଇ (୨୭) ଜାନୁ କମ୍ପଇ (୨୮) ନିଶ୍ୱାସ ଧକଇ । ନିଦ୍ରାଯାଇଥିଲେ, ସ୍ୱପ୍ନ ଅବସ୍ଥାରେ ପ୍ରଳାପ କହଇ (୨୯) କୋମଳ ଆହାରହିଁ ନ ଜରଇ (୩୦) ଅଗ୍ନିକ୍ଷୀନ୍ନ (୩୧) । ଦୂରଶବ୍ଦ ନ ଶୁଭଇ । ଶୃଙ୍ଖଳାନ । ଯୁବାସ୍ତ୍ରିମାନେ-ଦେଖିଲେ ହେଂ ହସନ୍ତି (୩୨) କର୍ଣ୍ଣମୂଳ ଛଣିଛାମି (୩୩) ଦାନ୍ତ ପଡ଼ିଯାଇ (୩୪) ।

---

(✻ ପୃ-୧୬-ଦ୍ୱିତୀୟ ଅନୁଚ୍ଛେଦଠାରୁ ୧୭ ପୃଷ୍ଠା ପ୍ରଥମ ଅନୁଚ୍ଛେଦ ପର୍ଯ୍ୟନ୍ତ । )

୧୫ 'କ' ମର୍କଟର ୧୬ 'କ' ବକୁତ, ୧୭ 'କ' ଶୁଷ୍କଶୁଣ୍ଠର ପ୍ରାୟେକ ହୋଇବେ କାନ୍ତି, ୧୮ 'କ' ହୋଇବ ୧୯ 'କ' ମାଢ଼ିଥିବ କାଳ । ୨୦ 'କ' କବଳିତ ଟଳିତ ୨୧ 'କ' ମୁଣ୍ଡ, ୨୨ 'କ' ନାହିଁ, ୨୩ 'କ' ବାଉଳ, ୨୪ 'କ' ଥାନ, ୨୫ 'କ' ଧଇର୍ଯ୍ୟ ସରଇ, ୨୬ 'କ' ଫକୋଚଇ ୨୭ 'କ' ଚମକଇ, ୨୮ 'କ' କମ୍ପାଇ, ୨୯ 'କ' ପ୍ଲବକହିଁ ଚମକଇ, ପ୍ରଳାପ କରଇ । ୩୦ 'କ' ଜରନ୍ତି ୩୧ 'କ' ଅଗ୍ନିକ୍ଷୀଣ ୩୨ 'କ' ରେ ନାହିଁ ୩୩ 'କ' ପଶିଯାଇଁ ୩୪ 'କ' ପଶିଯାଇ

ଅମୃତ ସମାନ ଗ୍ରାସ ପାକୁଳାଖାଇ, ଅଶୁଚିମନ୍ତ୍ର (୧) ହୋଇ ମଳେ (୨) ମଳିନ । ଅଗ୍ରର ଧର୍ମଯାଇ ଶରୀର ଖିନ୍ନ । ଦୂର ଶବଦ ନ ଶୁଭଇ, ଟୁଟିଗଲାଇ । ହାଧିକଧିକ, କେଉଣସି ଖଡମୂନ (୩) ଅବସ୍ଥାରେ । ମେ ମଣିରତ୍ନ ମୁକୁତାଗୁନ୍ଥା (୪) ପାରଇ ନଶାକାନ୍ଦେ । ତାକୁ ଶ୍ୱେତକୁଙ୍ଖର ନ ଦଶଇ ଦଦସ (୫) ଦୁଇପହର ବେଳେ । ଲୋକ ନପୁଛଇ ଯେବଣ ପଲ୍ଲୀକ ନିରନ୍ତରେ (୬) ଭାବ (୭) ଗ୍ରାସଙ୍କ (୮) ତାହାର ନାମଧଇଲେ ତାହାକୁ (୯) ଅମୃତ ଶିଷ ପ୍ରାପ୍ତ ଲାଗଇ । ତ ବାବୁ କଷ୍ଟରେ (୧୦) ବୁଦ୍ଧିସୁଦ୍ଧି, ଦାନଧ୍ୟାନ, ଧର୍ମ (୧୧) ଶଉର୍ଯ୍ୟ (୧୨), ବଗ୍ରର ଆଗ୍ରର, ଶାନ୍ତ କାନ୍ତ, ସୁର ସୁନ୍ଦର, ଧୀର ଖୀର, ଲଜ, (୧୩) ଉପାଦେୟ (୧୪) ଉଦ୍‌ଯୋଗେ (୧୫) ଉତ୍ସାହ, ଧର୍ମକର୍ମ, (୧୬) ମୂଳ୍ୟ (୧୭) କର ସମସ୍ତହିଁ (୧୮) ପାଇ (୧୯) ଏକା କେବଳ ତରୁଣ ହୋଇଥିବାକୁ ତୃଷାହିଁ ସେ (୨୦) ଥାଇ । ହେସ୍ୱାମୀ ବାବୁ ଅନ୍ୟାୟରେ (୨୧) ଏକଜନ୍ମ ଗୋଷ୍ଠାର ବାଳ (୨୨) ଲ୍ଭବଯାଇ ଅଜ୍ଞାନ ମତେ । ତରୁଣ ଭ୍ରଦଯାଇ ବନିତା ଭୋଗ (୨୩) ଅସଙ୍ଗତେ । (୨୪) ବୃଦ୍ଧ ହୋଇଗଲେ ବ୍ୟାଧିପାରଇ, କୋଷ୍ଠକାଷ୍ଠ (୨୫) କୃମିର ପ୍ରାଣ୍ୟେକ ଅପଣା ପାଶରେ ପଡ଼ିଆ ପଣେ ହେଁ (୨୬) ମରଇ । ପ୍ରାତଃକାଳ ମଳମୂତ୍ର ମୋଚନାଦରେ ଯାଇ ମଧ୍ୟାହ୍ନ କାଳେ (୨୭) କ୍ଷୁଧାପିପାସେ ଖାଇ । ସାୟଂକାଳେତ ମଦନେ ମତ୍ତରାତ୍ର କାଳେତ (୨୮) ମୃତ୍ୟୁପିଣ୍ଡର ଧାଣ୍ୟେ (୨୯) ହୋଇ ତତକାଳେ ନିଦ୍ରାଭେଗତ । ଆଉ କାହିଁ ପରମାନନ୍ଦର ପଦ୍ମପାଦ (୩୦) ହୋଇବ ପ୍ରାପତ ।

---

(୧) ଖ—ଅଶୁଚିବନ୍ତ୍ର, 'ଖ' ଅମୃତାଦ ଲେହପାଇ, ଲେହଇ ନାହିଁ । (୨) 'କ' ମନ୍ଦ୍ରେ (୩) କ ଏଭଳ ବଡ଼ମୂର୍ତ୍ତିମା (୪) ଗୁନ୍ଥଇ, (୫) ବନ, (୬) କ ନିରନ୍ତରେ ଅହର୍ନିଶ, (୭) 'କ' ଖ୍ୟବଇ, (୮) 'କ' ନାହିଁ (୯) 'କ' ଏହାକୁ (୧୦) 'କ' ଏ କଷ୍ଟ ଦଶାରେ, (୧୧) କ ଧଇର୍ଯ୍ୟ, (୧୨) ଖ ଶଇର୍ଯ୍ୟ, (୧୩) 'ଖ' ଦ୍ୱାଏ, (୧୪) 'କ' ଉପାୟ, (୧୫) 'କ' ଉଦ୍‌ବେଗ୍, (୧୬) 'କ' କର୍ମକର୍ମାଧ, (୧୭) 'କ' ନାହିଁ. (୧୮) 'କ' ସମସ୍ତ (୧୯) 'କ' ପାଇ । (୨୦) 'କ' ଏକା କେବଳ ତୃଷ୍ଣାମାନଙ୍କ ତରୁଣ ହୋଇଥିବାବାକୁ ଥାଇ (୨୧) 'କ' ହରିହର ଅନତ୍ୟରେ, (୨୨) 'କ' ବାଳୁତ, (୨୩) 'କ' ସଗତେ, (୨୪) 'କ' ଆଦକ୍ର, (୨୫) 'କ' କୁପିଆର, (୨୬) 'କ' ଆପଣାହିଁ, (୨୭) 'କ' କାଳତ, (୨୮) 'କ' କାଳେତ, (୨୯) 'କ' ପ୍ରାନ୍ତେକ, (୩୦) ପଦାରବିନ୍ଦ,

# କୁମାରଙ୍କ ବିଦ୍ୟାପାଠ

ଏବଂ ଭୂତ ପ୍ରକାରେ କୁମର ଅଜ୍ଞାନ ଭବ ପାଇଲା । ଚନ୍ଦ୍ରକଳା ପ୍ରାୟେ ଦିନେ ଦିନେ ବର୍ଦ୍ଧମାନହୋଇ ଶୋହିଲା । ଦିବସକୁ ଦିବସ ଗୁରୁଜନ । ୨ । ମାନଙ୍କୁ ମୋହିଲା ପଦ୍ମବନରେ ଯେମନ୍ତ ରାଜହଂସ ଶୋହିଲା । ପରମ ଅଭ୍ୟାସରେ କରି ପାଞ୍ଚବର୍ଷ ହୋଇଲା । ୩ । ଦେହ କମ୍ବୁନଦ ଯେମନ୍ତ ପଞ୍ଚୁଦାହ କରି ଉପାଣିଲା ପ୍ରାୟେକ ଦିଶିଲା, ପୂର୍ଣ୍ଣ ଅକଳଙ୍କ ଚନ୍ଦ୍ରମଣ୍ଡଳ ପ୍ରାୟକ ମୁଖପଦ୍ମ ବିକାଶିଲା । ତିଳକୁସୁମ ପ୍ରାୟେକ ଦୀର୍ଘହୋଇ ନାସିକା ପ୍ରକାଶେ ହୋଇଲା, ତରୁଣେନ୍ଦୁର ପ୍ରାୟେ କପୋଳ ଶୋହିଲା । ୪ । କମଳ ଉପରେକ ଭ୍ରମର ପ୍ରାୟେକ ଭ୍ରୂଲତା । ୫ । ଶୋଭା ପାଇଲା, କୁଣ୍ଡଳ ଦୁଇଗୁରୁଶୁକ୍ର ପ୍ରାୟେକ ଗଣ୍ଡସ୍ଥଳ ମିଶିଲା, ବନ୍ଧୁକ କୁସୁମ ପ୍ରାୟେକ ଅଧର କାନ୍ତି, ନୀଳ ଅଞ୍ଜନକୁ ଦୂଷଣ କରୁଅଛି କେଶର ଭ୍ରାନ୍ତି, ଦେହଲୀଳା ଚଳିତ ଦୃଷ୍ଟି ଦିଶୁଅଛି ଶୋଭନ । ୬ । ତରୁଣୀମାନଙ୍କୁ କସେ ପ୍ରତ୍ୟକ୍ଷେ ମଦନ, ଶିଶୁପଦ୍ମ ପ୍ରାୟେକ ଚକ୍ଷୁଦୁଇର ଶୋଭା । ଶିରୀଷ ପୁଷ୍ପ ପ୍ରାୟେକ କୋମଳ କାନ୍ତିଆଭା । କମ୍ବୁର ପ୍ରାୟେକ କଣ୍ଠର ଶୋଭନ, ଦୁନ୍ଦୁଭିର ପ୍ରାୟେକ ବଚନଗମ୍ଭୀର ସୁସମ, । ୭ । ବଳିତ ବକ୍ଷସ୍ଥଳୁ ସମ୍ଭୁତ । ୮ । ଆଜାନୁ ଭୁଜଦଣ୍ଡ ଲୀଳାଗତି । ୯ । ଜାଣିକ ଉନ୍ନତ ବାଳସ୍କନ୍ଧ । ଶିଶୁସିଂହର ପ୍ରାୟେକ ବନ୍ଧମଦିଶଇ । ସୂର୍ଯ୍ୟ କିରଣର କାନ୍ତିଶରୀର ମିଶଇ । ଜାତି ପାଖୁଡ଼ା ପ୍ରାୟେକ ନଖର କାନ୍ତି ମତ୍ତଗଜେନ୍ଦ୍ର ପ୍ରାୟେକ ଗୃହବାର ଭ୍ରାନ୍ତି । ୧୦ । ଆରକ୍ତ ପଦ୍ମ । ୧୧ । ପ୍ରାୟେକ ଚରଣର ତଳୀ । ଲକ୍ଷଣବନ୍ତ ହୋଇଅଛି ମୀନପଦ୍ମ ଅଙ୍କୁଶ ମଣ୍ଡଳୀ । ଯୋଗଭ୍ରଷ୍ଟେ ନଷ୍ଟରୁଦ୍ର ଅଂଶମୂର୍ତ୍ତି । ଭିନ୍ନେଅଛି ଏହାର ବେଷ୍ଟିବାଶକ୍ତି । ତେଣୁକରି ସମସ୍ତ

(୧) 'ଖ' ରେ ଅତଏବଠାରୁ 'ଅଛି ପର୍ଯ୍ୟନ୍ତ ନାହିଁ (୨) 'କ' ଗୁରୁଜନମାନଙ୍କୁ (୩) 'ଖ' ପରମ ଅଭ୍ୟାସ ଠାରୁ ହୋଇଲା ପର୍ଯ୍ୟନ୍ତ ନାହିଁ । ୪ । 'କ' ରେ ତିଳଠାରୁ ଶୋଇଲା ପର୍ଯ୍ୟନ୍ତ ନାହିଁ । ୫ । 'କ' ବନ୍ଧୂକ । ୬ । 'କ' ଶୋଭିବନ । ୭ । 'କ' ସୁମ୍ବର ବଚନ, । ୮ । 'କ' ସୁବଳିତ ବକ୍ଷସ୍ଥଳ । ୯ । 'କ' କାନ୍ତିଜ୍ୟୋତି । ୧୦ । 'କ' ରେ ମନ୍ଦଗତି । ୧୧ । 'ଖ' ରେ ଅସୁରେ । ୧୨ । 'କ' ରେ ନାହିଁ । ୧୩ । 'ଖ' ବୋଧନୁ ଶାସନେ । ୧୪ । 'ଖ' ରେ ଜଉତପ ।

ଲକ୍ଷଣ ମାନନ୍ତରେ ହୋଇବ ଆସମୁଦ୍ରାନ୍ତ ପୃଥ୍ୱୀରେ ଚକ୍ରବର୍ତ୍ତୀ, ସେ କୁମର ଲକ୍ଷଣ ଅନୁବଗ୍ରହ ଅନଙ୍ଗ ପଦ୍ମାକର ରାଜା ଉତ୍ସବକରି କରାଇଲା ବିନାୟକ ସରସ୍ୱତୀଙ୍କ ପୂଜା ଉଦୟନ ଅଗ୍ରଯ୍ୟ ବୋଲି ପଣ୍ଡିତେ ଅଛି ବ୍ରହ୍ମାଙ୍କୁ ପ୍ରସନ୍ନ କରାଇ ଅନେକ ବିଦ୍ୟାପାଇଅଛି । ତାହା ଗୋଚରରେ କୁମରକୁ ସମର୍ପିଲା । ବିଦ୍ୟା ପଢ଼ାଅ ବୋଲି ଆଜ୍ଞାଦେଲା । ସେ କୁମର ଅକ୍ଷର ପାଠନ୍ତପଢ଼ି ଅଙ୍କ ଛନ୍ଦସାର ସମସ୍ତ ବ୍ୟାକରଣ ଅଷ୍ଟାଦଶାଙ୍ଗେ ପଢ଼ିଲା । କେବଣ ବ୍ୟାକରଣ ମହାଭାଷ୍ୟବୋଲି ଯେଉଁ ବ୍ୟାକରଣ ଥିଲା । ପୂର୍ବେ ସେ ଶେଷନାଗର ବଦନରୁ ୧୨ ବାହାର ହୋଇଲା । ପାଣିନିବୋଲି ଯେଉଁ ବ୍ୟାକରଣ ନାମ ଈଶ୍ୱର ଡମ୍ବରୁଁ ସେ ହୋଇଅଛି ବାହାର । ଶ୍ରୁତସାଗର ବୋଲି ଯେବଣ ସେ ବ୍ୟାକରଣ ।

ଇନ୍ଦ୍ର ଦେବତା ନିମିତ୍ତେ ବୃହସ୍ପତି କଲେ ନିର୍ମାଣ (୧) ସାରସ୍ୱତ ବୋଲି ଯେଉଁ ବ୍ୟାକରଣ ହେଲା ତହିଁର ସୂତ୍ରପୂର୍ବେ ସରସ୍ୱତୀ କହିଲା । ଅଇନ୍ଦ୍ର ବୋଲି ଯେବଣ ବ୍ୟକରଣ ଇନ୍ଦ୍ରଦେବତା ନିମିତ୍ତ ବୃହସ୍ପତି କଲା ନିର୍ମାଣ । ୨ । ଚନ୍ଦ୍ରମସ ନାମ୍ନେ ଯେବଣ ବ୍ୟାକରଣ ହୋଇଲା, ଚନ୍ଦ୍ରଦେବତା ତାହା ପୂର୍ବେ ପଢ଼ିଥିଲା । ମହେଶ୍ୱର ସମ୍ବନ୍ଧେ ମାହେଶ୍ୱର ହୋଇଲା । ପୂର୍ବେ ବିଧାତା ଅଛି ନିର୍ମିଇଲା । ଶାକଟାୟନ ଔଣାଦିକ, ସମ୍ପ୍ରଦାସିକ, କଲାପ, ବର୍ତ୍ତମାନ ଆଦିକରି ବ୍ୟାକରଣ ମାନଙ୍କର ନାମ । ଉପବ୍ୟାକରଣ ମାନେ ଅଛନ୍ତି ଅନୁପାମ । ରମ୍ୟବନ୍ତ କୁମର । ୩ । କୌମୁଦୀଆଖ୍ୟାତ ଚନ୍ଦ୍ରିକାଦି । ୪ । ସମସ୍ତ ବ୍ୟାକରଣ ପଢ଼ିଲା ।

ତ କେବଣ ବ୍ୟାକରଣ କେବଣ ପ୍ରକାରେ ପଢ଼ିଲା । ପ୍ରଥମେ ବର୍ଣ୍ଣସଂସ୍ଥାନ କରି । ୫ । ସଜ୍ଞାବସରି । ୬ । ହ୍ରସ୍ୱଦୀର୍ଘ ଜାଣି, ପାଦଦ୍ୱୟ ସନ୍ଧି । ୭ । ପରିମାଣି, ଆଗମ ଆଦେଶ ଉପଧା ବିଗ୍ରହ । ଲିଙ୍ଗ ବିଭକ୍ତି, ନିପାତ ସକୃତ, ଶବ୍ଦଲିଙ୍ଗନ୍ୟସ୍ତ, ଷଟ୍‌କାରକ ପଦ, ସମାସ, ଧାତୁରୂପାଦି କରି ଅଷ୍ଟାଦଶାଂଶେ ବ୍ୟାକରଣ ପଢ଼ିଲା । ତଦନନ୍ତରେ ଶାସ୍ତ୍ରମାନନ୍ତ ପଢ଼ିଲା କେବଣ କେବଣ ଶାସ୍ତ୍ର ପଢ଼ିଲା । ଧର୍ମଶାସ୍ତ୍ର । ୮ । ମୀମାଂସା, ପାତଞ୍ଜଳ, ବୈଶେଷିକ, କୌମାର କ (୯) ପଞ୍ଚରାତ୍ର, ତର୍କ ଆଗମାଦି କରି ସମସ୍ତ ଶାସ୍ତ୍ର ପଢ଼ିଲା, ଋଗବେଦ, ଉପନିଷଦ ଆଦି କରି ସାଙ୍ଗୋପାଙ୍ଗ ପଢ଼ିଲା । ମନୁ, ଯାଜ୍ଞବଲକ୍ୟ (୧୦) ଶଙ୍ଖ ବୃହସ୍ପତି ଲିଖିତ ଇତ୍ୟାଦି କରି

---

(୧) 'କ' ବାସୁଦେବର ନିଶ୍ୱାସ ସେ ହୋଇଅଛି ନିର୍ମାଣ । ୨ । ସାରସ୍ୱତଠାରୁ ନିର୍ମାଣ ପର୍ଯ୍ୟନ୍ତ 'ଖ' ରେ ନାହିଁ, । ୩ । 'ଖ' କୁମର, । ୪ । ଆପ୍ୟାସ୍ତୀକ । ୫ । 'କ' ସ୍ଥାପନ । ୬ । 'ଖ' ବିମରି, । ୭ । ପଦପାଦାନ୍ତ ସନ୍ଧିଯା, । ୮ । 'ଖ' ଧର୍ମଶାସ୍ତ୍ର । ୯ । 'ଖ' ରେ କୌମାରୁଣ । ୧୦ । ଯାଜ୍ଞବକ୍ୟ ଅଙ୍କିତାତ୍ରପ ।

ସ୍ମୃତିମାନନ୍ତ ପଢ଼ିଲା । ଉପଶାସ୍ତ୍ର ମାନଙ୍କେ ପୂର୍ବେ ଦେବତାମାନଙ୍କୁ ଅସୁରମାନେ । ୧୧ । ବେଦବାଦେ କଣିଲେ । ଏମନ୍ତ ଜାଣି ସେ ବିଶ୍ବବ୍ୟାପି ନାରାୟଣ, ବୃହସ୍ପତି ହସ୍ତେ ଅସୁରମାନଙ୍କର ନିମିତ୍ତେ ପ୍ରତ୍ୟେକ୍ଷେ ଗ୍ରନ୍ଥମାନ ଫଳାଫଳ କରାଇଲେ, ବୃହସ୍ପତି ସୁବାଦେ ଜିଣିଲେ । ୧୨ । ଶୁକ୍ରରୂପଧର ଅସୁର ମାନନ୍ତ ପଢ଼ାଇଲେ । ବୌଦ୍ଧଶାସ୍ତ୍ର ମାନହିଁ ବୌଦ୍ଧାନୁ ଶାସନେ (୧୩) ବୌଦ୍ଧ କାପାଳିକ, କ୍ଷପଣକ, ଚୃର୍ବାକାଦି ମତ ଏମାନହିଁ ଜାଣିଲା । ତଦନନ୍ତରେ ଅଷ୍ଟାଦଶ ପୁରାଣ ପଢ଼ିଲା । କେଉଣ କେଉଣ ପୁରାଣ । ମତ୍ସ୍ୟପୁରାଣ, କୂର୍ମପୁରାଣ, ବରାହ ପୁରାଣ, ବାମନ ପୁରାଣ, ଭବିଷ୍ୟ ପୁରାଣ, ମାର୍କଣ୍ଡେୟ ପୁରାଣ, ବିଷ୍ଣୁ ପୁରାଣ, ନୃସିଂହ ପୁରାଣ, ଅଗ୍ନି ପୁରାଣ, ପଦ୍ମ ପୁରାଣ, ଇତିହାସ ପୁରାଣ, ବ୍ରହ୍ମ ପୁରାଣ, ଦେବୀ ପୁରାଣ, ଶିବ ପୁରାଣ, ଭାଗବତାଦି କରି ସମସ୍ତ ପୁର୍ବପ ଉପପୁରାଣ ମାନନ୍ତ ପଢ଼ିଲା । ତଦନନ୍ତରେ ଜ୍ୟୋତିଷ । ୧୪ । ଶାସ୍ତ୍ର ପଢ଼ିଲା । କେଉଣ କେଉଣ ପ୍ରକାର ବାର ତିଥି ନକ୍ଷତ୍ର, ଚନ୍ଦ୍ର, ଯୋଗ, କରଣ, ଗ୍ରହଯୋଗ, ଲଗ୍ନଜାତକ, ଯାତ୍ରାପ୍ରଶ୍ନ, ଖଡ଼ିଚକ୍ର, ଆୟୁଧ ନିର୍ଣ୍ଣୟ ନୈକକ୍ଷା ଧାରଣ ସମୁଚ୍ଚୟ ସହିତ କରି ସକଳ ଜ୍ୟୋତିଷ ଶାସ୍ତ୍ର ପଢ଼ିଲା ।

ତଦନନ୍ତରେ କାବ୍ୟ, ମହାକାବ୍ୟ, ଉପକାବ୍ୟ (୧) କାଦମ୍ବରୀ, ନୈଷଧ, ରାମଚରିତ, ଭାରତ, ଯୋଗାର୍ଣ୍ଣବ ଗୀତା, ବଶିଷ୍ଠ ରାମାୟଣାଦି ସମସ୍ତ ପଢ଼ିଲା ।

ତ କେଉଣ କେଉଣ ଗୀତା ପଢ଼ିଲା । ଭଗବତ୍ ଗୀତା, ଭରତ ଗୀତା, ପାଣ୍ଡବ ଗୀତା, ଉତ୍ତର ଗୀତା, ଯମ ଗୀତା, ଉଦ୍ଧବ ଗୀତା, ଅବଧୂତ ଗୀତା, ଗଂଗା ଗୀତା, ଯାଜ୍ଞବଲ୍କ୍ୟ ଗୀତା, ପାର୍ବତୀ ଗୀତା, ମୈତ୍ରେୟୀ ଗୀତା, ମଦାଲସା ଗୀତା (୨), କପୋତ ଗୀତା, ଜନକ ଗୀତା, ଭବିଷ୍ୟ ଗୀତା, ଶିବ ଗୀତା, ଜଡ଼ ଗୀତା, ଆନନ୍ଦ ଗୀତା, ଶୁକ ଗୀତା, ପଙ୍କଜ ଗୀତା, ଭିକ୍ଷୁ ଗୀତା, ବ୍ରହ୍ମ ଗୀତା, ଇତ୍ୟାଦି କରି ସମସ୍ତ ଗୀତାମାନ ପଢ଼ିଲା, ତଦନନ୍ତରେ ଆଗମ ପଟଳ, ଯାମଳ ଯନ୍ତ୍ର, ରସବିଷ କଳପସାଧନ, ମୂଳ, ମଣିମନ୍ତ୍ର ମହୌଷଧୀ, ଆଦିକରି ସମସ୍ତ ଆଗମ ଶାସ୍ତ୍ର ମାନନ୍ତ ପଢ଼ିଲା, ତଦନନ୍ତରେ ସମସ୍ତ ବିଷୟାନ୍ତରେ

---

'ଖ' ରେ ଅସୁରେ । ୧୨ । 'କ' ରେ ନାହିଁ । ୧୩ । 'ଖ' ବୋଧନୁଶାସନେ । ୧୪ । 'ଖ' ରେ ଜଉତଷ

୧—ଉପକାବ୍ୟ ଷୋଡ଼ଶସ୍ତାମନୁ ୨ 'ଖ' ରେ ମଦାଲସ୍ୟ ଗୀତା 'କ' ରେ ଆନନ୍ଦ ଗୀତା,

ଅଲଂକାର ମାନ ପଢ଼ିଲ । ୩ । ତଦନନ୍ତରେ ନାଟକ ଉପନାଟକ ଅଭିନୟାଦି କରି ଭରତ, ପିଙ୍ଗଳଛନ୍ଦ, ଦେଶାଗ୍ରର, ସ୍ୱତାଗ୍ରର ଭାଷା, ଅଶ୍ୱଲକ୍ଷଣପରୀକ୍ଷା, ଗଜ-ଲକ୍ଷଣ, ନରଚକାସ୍ତ୍ର । ୪ । ସାମୁଦ୍ରିକ, ରଥକଉଶଳ, ହସ୍ତ । ୫ । ଶିଳ୍ପ ଚନ୍ଦାଦି କରି ଉପବିଦ୍ୟା ମାନନ୍ତ ଶିଖିଲ, ଏମନ୍ତ ସେ କୁମର ଶାସ୍ତ୍ର ବକ୍ତାବିଦ୍ୟାରେ ଶକ୍ତ । । ୬ । ଗୁଣାନୁଗୁଣରକ୍ତ । ବାସୁଦେବେ ଭକ୍ତ ।, ସତ୍ୟେଶକ୍ତ ।, ଦରିଦ୍ରେ (୭) ଦାତା, ଆହାରେ ଭୋକ୍ତା, ଏମନ୍ତ ହୁଅନ୍ତେ ଦଶବର୍ଷ ସଂପୂର୍ଣ୍ଣ ହୋଇଲ, ରାଜାଗୁଣାକର ଆଚାର୍ଯ୍ୟଙ୍କୁ ହକାରି ସମସ୍ତ ବିଦ୍ୟାଧନୁର୍ବେଦ ସହିତେ ଆରମ୍ଭ କରାଇଲ, ସେ ଆଚାର୍ଯ୍ୟଙ୍କୁ ଈଶ୍ୱର ପ୍ରସନ୍ନ ହୋଇ ସମସ୍ତ ବିଦ୍ୟାମାନନ୍ତ ଦେଇଅଛନ୍ତି, ସେ ଜଗନ୍ନାଥଙ୍କର ବୈଷ୍ଣବ ମାନଙ୍କର ପଦାରବିନ୍ଦ ପ୍ରସାଦୁଁ ତାହା ନାରାୟଣ ଦାସ ପାଇଲ ବିସରି । ୯ । ସେ ଚତୁଷଷ୍ଟି × × ଅଶେଷ ବିଦ୍ୟାପଢ଼ାଇଲା ।

---

। ୩ । 'କ' ରେ ନାହିଁ । ୪ । 'ଖ' ଛନ୍ଦଷା । ୫ । 'ଖ' ରେ ନାହିଁ । ୬ । 'ଖ' ରେ ନାହିଁ । । ୭ । 'ଖ' ରେ ଦରିଦ୍ରେ, । ୮ । 'କ' ରେ ଶ୍ରୀ । ୯ । 'କ' ବିମରି । ୧୦ । 'ଖ' ରେ ଗ୍ରହତଳତା,

## ୧-ପ୍ରତାପରୁଦ୍ର ଦେବଙ୍କ ଅନ୍ଧାର ବିଜେ

## ୨-ଓଡ଼ିଶା ରାଜ୍ୟ ତୁଡ଼ୁକାଣି ହେଲା

### ପ୍ରତାପରୁଦ୍ର ଦେବ ମହାରାଜାଙ୍କର ୧୫ ଅଙ୍କ କନ୍ୟା ୧୨ ଦିନ ଶୁକ୍ଳ ସପ୍ତମୀ ବୁଧବାର ନବଦୁର୍ଗା ମହୋତ୍ସବ ରାତ୍ରରେ

କଟକ ବାରବାଟୀ ନଗରରେ ରାଜାଥିବା ସମୟରେ ଏକଦିନେ ରାତ୍ରିରେ ଛଦ୍ମବେଶରେ ଅନ୍ଧାରବିଜେ କରିଥିବା ବେଳେ ଓଗରପଡ଼ା ନିବାସୀ ଏକ ବ୍ରାହ୍ମଣକୁ କାନ୍ଦି କାନ୍ଦି ଯାଉଥିବାର ଦେଖି ତାକୁ ତହିଁର କାରଣ ପଚ୍ଛରିବାରୁ ସେ କହିଲାକି ମୋ ଦୁଃଖ କେହି ନଶୁଣିବାରୁ କାନ୍ଦୁଅଛି ।

ତହୁଁ ରାଜା ପଚାରିଲେ ତୋ କର୍ମଦୁଃଖ କି ରାଜଦଣ୍ଡ ଦୁଃଖ ଅଛି । ସେଠାରୁ ସେ ଉତ୍ତର ଦେଲା ରାଜ୍ୟରେ ରାଜା ପ୍ରତାପରୁଦ୍ର ଦେବ, ମୋହର ରାଜା ମାହିତି ରାମପାଣି । ତହୁଁ ରାଜା ପ୍ରଶ୍ନ କରିବାରେ ସେ ତାହାଘରେ ରାମପାଣି ତା ସ୍ତ୍ରୀ ସହିତ ଯେଉଁରୂପେ କୁବ୍ୟବହାର କରୁଥିଲା ଓ ତାକୁ ରାତ୍ରିରେ ଦୁଗ୍ଧ ଆନୟନ କରିବାକୁ କୋଶେବାଟ ଛଡ଼ା ଗୌଡ଼ ଗୋଠକୁ ପଠାଇ ଦେଉଥିଲା ତହିଁର ସମୁଦାୟ ବୃତ୍ତାନ୍ତ କହିଲା ।

ତହୁଁ ରାଜା କହିଲେ କି ସେ ଯେଉଁରୂପେ ଥାଏ, ତାହା ଆମ୍ଭଙ୍କୁ ଦେଖାଇ ଦେଲେ ଆମ୍ଭେ ମହାରାଜାଙ୍କଠାରେ ଜଣାଇବୁଁ । ତହୁଁ ବ୍ରାହ୍ମଣ ତାଙ୍କୁ ନେଇଯାଇ ନିଜଘର ଓ ସେ ସମୟରେ ଯେ ଚରିତ୍ର ସବୁ ରାମପାଣି ବାହ୍ମଣ ଘରଠାରେ କରୁଥିଲା ତାହା ଦେଖାଇ ଦେଲା । ରାଜା ତାହାଘର ପୀଢ଼ା ଉପରେ ଆପଣା ସେବତୀଗଭା ନିର୍ମୁଣ୍ଡି ପକାଇଦେଇ ଚାଲିଗଲେ, ତହିଁ ଆରଦିନ ବୁଲାଜଗରମାନେ ଦେଖି ସେଘର ଜଗିରହିଲେ, ରାଜାଙ୍କଠାରେ ଜଣାଣ କଲେ । ରାଜା ସେ ବ୍ରାହ୍ମଣ ଓ କଟକ ଜଗିଆ ମାହିତିକୁ ଗ୍ରମୁକୁଆଣ ବୋଲି ଆଜ୍ଞାକଲେ ।

ଅଡ଼ୁଢଆ ଲେଙ୍କା ସେ ବ୍ରାହ୍ମଣ ଓ ମାଝିଙ୍କୁ ଆଣିବାରୁ, ମାଝିସାକ୍ଷାଙ୍ଗ ହୋଇପଡ଼ିଲା ତାଙ୍କୁ ପ୍ରଶ୍ନବାଦକରି ଶେଷରେ ସେ ରାମପାତ୍ର ମାଝିଙ୍କୁ କଟକ ବାହାରେ ଗୁରଡାଳିଆ କରି ନେଇ ଶୂଳିଦେବାର ଅଜ୍ଞାହେଲା ଓ ତାଙ୍କୁ ସେହି ରୂପଦଣ୍ଡ ହେଲା ।

## ୭—ଓଡ଼ିଶା ରାଜ୍ୟ ତୁଡ଼ୁକାଣ ହେଲା ।

ତେଲେଙ୍ଗା ମୁକୁନ୍ଦ ଦେବଙ୍କ ୧୧ ଅଙ୍କ ବିଚ୍ଛା ମାସରେ ଓଡ଼ିଶା ରାଜ୍ୟ ତୁଡ଼ୁକାଣ ହେଲା । ପରମେଶ୍ୱରଙ୍କୁ ଜଗଦୋଳ ଯାହାକରି ରଜା ଗଡ଼ଜ ଉପରକୁ ଗଙ୍ଗା କଟକାଇ କରିଗଲେ । ଏଥିରେ ଶୀର୍ଷି ମହାପାତ୍ର ଓ ମନାଇ ମହାପାତ୍ର ଓଡ଼ିଆ ଉକଳ ଗୌଡ ବାଦଶାହଙ୍କ ସହ୍ଲାରେ ସୁବା କଳାପାହାଡ଼କୁ ଘେନି ବଣବାଟେ କଟକ ମାଇଲେ । ରାଜାଙ୍କ କୁଟୁମ୍ବଙ୍କୁ ବନ୍ଦୀକଲେ । ଓଡ଼ିଶା ରାଜ୍ୟ ଭାଙ୍ଗିଲା । ରାଜା ଗଙ୍ଗାକୂଳରେ ରହିଲେ । ଓଡ଼ିଶା ରାଜ୍ୟ ତୁଡ଼ୁକାଣ ହେଲା । ଶ୍ରୀ ପୁରୁଷୋତ୍ତମ ସହ ସିଂହାସନ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଗ୍ରହିଯାଇ ବଣଖଣ୍ଡକୁ ଗଲେ । ତାଙ୍କୁ ଖେପଲଗଡରେ ନେଇ ବିଜେ କରାଇଲେ । ଏମନ୍ତ କଟକ କଳା ପାହାଡମାର ବଡ଼ଦେଉଳ ଭାଙ୍ଗି ଦକ୍ଷିଣ ମହମ କଲେ । ଲକ୍ଷ୍ମୀଧର ପୁଅ ଦାନପାହାନ୍ତ୍ରାସିଂହ ତାଙ୍କଠାରେ ଜମିଦାର ହୋଇ ଭେଟିଲା । ତାକୁ କଳାପାହାଡ଼ ପଚାରିଲା—ଓଡ଼ିଶାରାଜ୍ୟ ଦେବତା ଜଗନ୍ନାଥ କାହିଁଗଲେ ?” ସେ କହିଲାକି ଦକ୍ଷିଣ ବଣ ଖଣ୍ଡକୁ ଗଲେ । ତହୁଁ ସେ କହିଲା ମୁହାଣ ଦ୍ୱାର କପରି ପାର-ଉତାର ହେବା । ଦାନ ପାହାନ୍ତ୍ରା ସିଂହ କହିଲା ମୁଁ ମୁହାଣରେ ଅଳ୍ପବାଟରେ ନେଇଯିବି । ତାକୁ ଘୋଡା ଶିରପା ଓ ଟବଣକୁଦ ଓ ବହାଙ୍ଗାକୁ ଯାଗିର ଦେଇ ନାଆ ପାହାନ୍ତ୍ର ସିଂହ ପଢ଼ତ ଦେଲେ ।

ସେ ମୁଗଲ ଆଟକୁ ଆଣି ଅଣ୍ଟାକ ପାଣିରେ ପାରକରିନେଲା । ଦକ୍ଷିଣ ରାଜ୍ୟ କଳାପାହାଡ଼ମାର ଖେପଲଠାରୁ ପରମେଶ୍ୱରଙ୍କୁ ବନ୍ଦୀକରି ଆଣି ଗଙ୍ଗାକୂଳ ପର୍ଯ୍ୟନ୍ତ ହାତୀ ଉପରେ ବିଜେକରାଇ ନେଲା । ସେଠାରେ ଘୋର ଅଗ୍ନି ଦଣ୍ଡଦେଇ ଟାଳ ଗଙ୍ଗାରେ ପେଲିଦେଲା । ତାହା ବଡ ପଦ୍ମନାଭ ପଟ୍ଟନାୟକେ ବୈରାଗୀ-ହୋଇ ଆସିଥିଲେ । କୁଜଙ୍ଗ ଗଡଠାରେ ମାଦଳରେ ପୂରାଇ ଚକାଲାଗି କରିଥିଲେ ।

ଏ ସମୟରେ ରାଜା ମଣ୍ଡାନ୍ଦ୍ରଗଡ଼ରେ ଓଡ଼ିଶା ପାତ୍ର ଦନାଇ ବିଦ୍ୟାଧରଙ୍କ ପୁଅ ରାମଚନ୍ଦ୍ର ରାଉତରାୟ ମହାପାତ୍ରଙ୍କୁ ଧରାଇଥିଲେ । ମୁକୁନ୍ଦଦେବ ଓ ତାଙ୍କ ପୁତୁରା ରଘି ଭଞ୍ଜ । ଏକାଦିନକେ ଯୁଦ୍ଧକରି ମଲେ । ଓଡ଼ିଶା ଅରାଜ୍ୟ ହୋଇଗଲା ଓ ଦେବତା ଓ ବ୍ରାହ୍ମଣଙ୍କ ନା ଜୁବିଲା ।

---

ଚକଡ଼ା ପୋଥିରୁ ସଂକଳିତ, ଦେଖ ପୃ-୪-"ଚକଡ଼ା ପୋଥି ଓ ଚକଡ଼ା ବିସାଣ ବା ଚଇମା ଚକଡ଼ା", ଚକଡ଼ା ପୋଥିର ଲିଖନକାଳ—ଏହା ପ୍ରତାପରୁଦ୍ର ଦେବ (୧୪୯୭—୧୫୪୨) ଙ୍କ ଠାରୁ ଆରମ୍ଭ କରି ଭୋଇବଂଶୀୟ ପ୍ରଥମ ଦିବ୍ୟସିଂହ ଦେବଙ୍କ ରାଜତ୍ୱ ପର୍ଯ୍ୟନ୍ତ ପଞ୍ଚଦଶ ଶତାବ୍ଦୀର ଶେଷ ଦଶକରୁ ଆରମ୍ଭ କରି ସପ୍ତଦଶ ଶତାବ୍ଦୀର ଶେଷପାଦ ପର୍ଯ୍ୟନ୍ତ ଅର୍ଥାତ ପ୍ରାୟ ଦୁଇଶତ ବର୍ଷର କେତେକ ବିବରଣୀ ପ୍ରଦାନ କରିଅଛି । ତେଣୁ ମୌଳିକ ଚକଡ଼ାପୋଥି ଆଜଠାରୁ ପ୍ରାୟ ଦୁଇଶତ ବର୍ଷ ପୂର୍ବରେ ରଚିତ ହୋଇଥିଲା ।

ଚକଡ଼ା ପୋଥି ବା ଚକଡ଼ା ବିସାଣ ବା ଚଇମା ଚକଡ଼ା ସଂପାଦନା— ଶ୍ରୀ ସୁଧାକର ପଟ୍ଟନାୟକ ପ୍ରଥମ ମୁଦ୍ରଣ ୧୯୫୯ କଟକ ।

# ଚକଡ଼ା ବଖାଣି

## ଶ୍ରୀ ଚକଡ଼ା ପୁସ୍ତକ ଲେଖନ

### ଶ୍ରୀ ଗଣେଶାୟ ନମଃ । ଅବିଘ୍ନ ମସ୍ତୁ । ଶ୍ରୀ ପ୍ରସନ୍ନ ପୁରୁଷୋତ୍ତମ ପୁର ଆଠସାହି ମଧ୍ୟେ ପୂର୍ବଖଣ୍ଡି ଉତ୍ତରବାଗ ତୋତାର ମଲ୍ଲସାହି ମହାଜନ ଗୁରୁଦାସ ଚଇନୀଙ୍କ ଚକଡା ପୁସ୍ତକ ଆଦର୍ଶରୁ ଲିଖିତଂ ଫକୀର ଚଇନୀ

ବୀର ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ବୀରଧିବୀରବର ପ୍ରତାପ ଶ୍ରୀ କପିଳେନ୍ଦ୍ର ଦେବ ଏକଶୃନଶ ଅ ୪୧ଙ୍କ ମେଷ ଗଜର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନଅରଠାରେ ଅବାହାନ ହୋଇଲେ । ଶ୍ରୀବୀର ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ବୀରଧିବୀରବର ପ୍ରତାପ ଶ୍ରୀ ପୁରୁଷୋତ୍ତମ ଦେବ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନଅରଠାରେ ଦଣ୍ଡଛତ୍ର ଧରାଇଲେ । ମେଷ ଶୁକ୍ଳ ଦ୍ୱାଦଶୀ ଉତ୍ତରଭାଦ୍ରବ ନକ୍ଷତ୍ରେ ବେଳା ଚଉଦ ଦଣ୍ଡଠାରେ ଅମୃତ ଯୋଗରେ ପରମେଶ୍ୱରଙ୍କଠାରୁ ଶ୍ରୀଦଅଙ୍କୁ ବିଜେକଲେ । ଦଅଙ୍କ ଦର୍ଶନ କରି ପୁନରପି ନଅରଠାକୁ ବିଜେକଲେ, ପାତ୍ରମନ୍ତ୍ରୀଙ୍କି ଆଜ୍ଞା ହୋଇଲା ଯେ ଯେଉଁ ଅଧିକାରରେ ଥିଲ ସେହି ଅଧିକାରରେ ରହିବ । ଏମନ୍ତ ବୋଲି ପତଙ୍କ ଆଜ୍ଞା ହୋଇଲା । ଏଥିଉତ୍ତାରୁ ଉନଅଙ୍କସାହି ତୁଳାମାସ ଶୁକ୍ଳପକ୍ଷ ଏକାଦଶୀ ଗୁରୁବାର ବେଳ ଦ୍ୱାବିଂଶ ୨୨ ଦଣ୍ଡଠାରେ ନଅର ଠାରୁ ପୂର୍ବଜନ୍ମ ବାଞ୍ଛିତ କଥା ଚଉରେ ହୃଦପ୍ତ ହୋଇଲା । ଏଥିଉତ୍ତାରୁ ନଅରଠାକୁ ବିଜେକଲେ । ପାତ୍ରମନ୍ତ୍ରୀଙ୍କି ଆଜ୍ଞାକଲେ ଆମ୍ଭେ ପୂର୍ବ ଜନ୍ମରେ କଳ୍ପିତ କରଅଛୁଁ । ଏତେକଥା । ରାଜାହେବୁ-ବୋଲି କଳ୍ପିତ କରିଥିଲେ, ଶ୍ରୀଦଅଙ୍କ ଆଜ୍ଞାରେ ରାଜାହେଲୁ । ଆଉବାକି ଉନୋଟି କଥା । ପାତ୍ରମନ୍ତ୍ରୀ ଶ୍ରୀମୁଖରେ ଜଣାଇଲେ 'ଆଉ ଉନୋଟି କଥା କି ମନରେ ସ୍ମରଣ ହୋଇ ଅଛି ଅଜ୍ଞା ହେଉ' ଶ୍ରୀମୁଖ ଆଜ୍ଞା ହୋଇଲେ ଛଅଶ ୬୦୦ ଭାଗକର

ଶାସନ ବସାଇବା, ପଦ୍ମେପଥର କଟାଇବା, ଲକ୍ଷ୍ମୀଙ୍କ ହରିବା । ଏରୂପେ ଏ ଗୃହକଥା ଏ ଗୃହକଥା କଳ୍ପିତ ହୋଇଥିଲା । ପ୍ରାଜମନ୍ତ୍ରୀ ଜଣାଇଲେ ଯେ ଅବଧାନଙ୍କୁ ଆସଇ ।

# ପ୍ରତାପରୁଦ୍ର ଦେବଙ୍କ ଜନ୍ମ ବୃତ୍ତାନ୍ତ

ପ୍ରଥମେ ଶ୍ରୀ ମହାଗ୍ରମଙ୍କର .କୁଳଉଦ୍ଧତ ' ପୁନ ଜନ୍ମ ହୋଇଲା । ଜନ୍ମ ହୋଇଲା । ଜାତକର୍ମ ବିଧିକଲେ । ନାମକରଣ ଦିନ ଶ୍ରୀମହାଗ୍ରମ ଆଜ୍ଞାକଲେ ଏ ପୁଅ ରୁଦ୍ରଦେବତା ଶ୍ରୀ ପରମେଶ୍ୱର ଦେଇ ଅଛନ୍ତି । ତୁଚ୍ଛ ଦେବତାଙ୍କ ନାମ ମିଶ୍ରଅକ୍ଷର କରି ନାମଦିଅ । .ବ୍ରାହ୍ମଣେ ବିଚାରି କହିଲେ ଶ୍ରୀ ପ୍ରତାପରୁଦ୍ର ଦେବ ବୋଲି ନାମ ବିଚାରିଲୁ । ଏମନ୍ତ ଅବଧାନକୁ ଆସିଇ । ରାଜା ହସି ଉତ୍ତମ ହେଲବୋଲି ଶ୍ରୀ ପ୍ରତାପରୁଦ୍ର ବୋଲି ନାମଦେଲେ ।

ଶ୍ରୀ ମହାଗ୍ରମଙ୍କ ଆବାହନ ଉତ୍ସରୁ ଗୋପୀନାଥ ଦେବଙ୍କେ ଦଣ୍ଡଛତ୍ର ଧରାଇଲେ, ଏ ସକାଶେ ଗୋପୀନାଥପୁର ମହାଜନମାନେ ଏହିଦିନକୁ ସାଥୀନ୍ତ ବୋଲାଇଲେ ।

ପ୍ରତାପରୁଦ୍ର.ଦେବେ ଦଣ୍ଡଛତ୍ର ଧରାଇଲେ। ପ୍ରଥମେ ଶ୍ରୀ ପରମହଂସ ନାଥଙ୍କ ଦେଉଳ ତୋଳାଇଲେ । ମିଶ୍ର ଅକ୍ଷରକରି ଟଙ୍କହଂସବୋଲି ଶାସନ ବସାଇଲେ । ଦ୍ୱିତୀୟ ଶ୍ରୀ ପ୍ରତାପରୁଦ୍ରପୁର ଶାସନ ବସାଇଲେ । ଶ୍ରୀ ମହାଗ୍ରମଙ୍କ ଗ୍ରାମୁରେ ଜଟଅଳ ଜଣାଇଲା ପ୍ରସନ୍ନ ପୁରୁଷୋତ୍ତମପୁର ପୁର୍ବଖଣ୍ଡି ତୋହାର · ମଲ୍ଲସାହି ଦକ୍ଷିଣ ଧାଡ଼ି ବ୍ରାହ୍ମଣ ବାମଦେବ ପାଣି ପ୍ରାପ୍ତ ହୋଇଲା, ତାହାର ସନ୍ତାନ ନାହିଁ । ଯେ ଅବଧାନକୁ ଆସିବ । ଶ୍ରୀ ମହାଗ୍ରମ ଆଜ୍ଞାକଲେ ବିଭାଗ ତନଖି କରି ଅଣ । ତନଖି କରିବା ଲୋକେ ତନଖି କରିବା ବେଳେ ପଡ଼ୋଶ ସ୍ତ୍ରୀମାନେ କହିଲେ ତାଙ୍କ ସ୍ତ୍ରୀଙ୍କ ଗର୍ଭହୋଇଛି ତାଙ୍କୁଦେଖି ଏ ସ୍ତ୍ରୀଙ୍କ ବହୁତ ବେଦନ କରି ବେଦଗାୟନ କଲା । ଏହାଶୁଣି ଆଜ୍ଞାକଲେ ସ୍ତ୍ରୀଙ୍କ ବଡ଼ ଯୋଗ୍ୟ ବେଦପଢ଼ୁଅଛି ? ବାଳକ ବାଳିକା ହେବପଛେ ବୃତ୍ତି କୋଠକରିବା ଯୋକାଏ ଦିନ ଉତ୍ତାରୁ ବାଳକ ଉତ୍ପତ୍ତି ହେଲା, ତାହା ନାମ ତା ମାତାକାଡୁ ପାଣି ବୋଲି ଦେଲା ।

---

(ପୃ-୪୦-୪୧) ଗୁରୁଦସା ଚଇନଙ୍କ ପୁନ୍ତ ଚନ୍ଦ୍ରକୁଳ ନଇମୀଙ୍କ ଦ୍ୱାରା ଲିଖିତ ।

ଶ୍ରୀ ମହାଶ୍ରମ ପୁରୁଷୋତ୍ତମ କ୍ଷେତ୍ର ନଅରଠାକୁ ବିଜେକଲେ, ଶ୍ରୀ ନଦିଆ ନବଦ୍ୱିପରୁ ଶ୍ରୀ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁ କ୍ଷେତ୍ରରେ ବିଜେକଲେ । ତାହାଶୁଣି ମହାଶ୍ରମ ଦରଶନ କରି ସମ୍ଭାଷଣ କଲେ, ଏଥିଉତ୍ତାରୁ ଶ୍ରୀ ମହାଶ୍ରମ ବଳରାମ ଦାସଙ୍କର ସମ୍ବାଦ ହୋଇଲା ।

ଶ୍ରୀ ମହାଶ୍ରମ କାତସ୍ମର ଶ୍ରୀପୁରୁଷୋତ୍ତମ ଦେବଙ୍କ ମନରେ ସ୍ମରଣ ହେଲା ଆରଜନ୍ମ କଳ୍ପିତ କଥା । ଶ୍ରୀ ଲକ୍ଷ୍ମୀ ନୃସିଂହନାଥଙ୍କୁ କାଞ୍ଚୀନଗରୁ ଆଣି ଶାସନରେ ବିଜେ କରାଇବା ଏମନ୍ତ ବୋଲି ବିଚାରିଲେ । ପାତ୍ରମନ୍ତ୍ରୀ ଗୁରୁଦାସ ଚଇମାଙ୍କି ଆଜ୍ଞାଦେଲେ କାଞ୍ଚୀ ନଗ୍ରୀକି ଶ୍ରୀମୁଖ ଚଳାଅ । ପଦ୍ମା ସ୍ତ୍ରୀରିତନେବୁ ଏମନ୍ତ ବୋଲି ଶ୍ରୀମୁଖ ଚଳାଇଲେ । ଶ୍ରୀମୁଖ ଶୁଣି କାଞ୍ଚୀ ନଗ୍ରୀରାଜା ଅବଜ୍ଞା କଲା । ଦୂତେଆସି ଅବଜ୍ଞା କଲାବୋଲି କହିଲେ । ଶ୍ରୀ ମହାଶ୍ରମଙ୍କ ମନରେ ବହୁ କ୍ରୋଧହେଲା । ଏଠାରୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନଅରଠାକୁ ବିଜେକଲେ । ଯିଅଁଙ୍କ ଶ୍ରୀମୁଖକୁ ଯାଇ ଦରଶନକରି ବହୁତ ପ୍ରାର୍ଥନା କରିବା ସମୟରେ ତଳଓଚ୍ଛା ଶ୍ରୀ ମହାପ୍ରଭୁଙ୍କ ଶ୍ରୀ ଡାହାଣ ଭୁଜଧରି ଉଭାହୋଇଅଛୁ । ଶ୍ରୀମହାଶ୍ରମ ଆଜ୍ଞାଦେଲେ-ମାଗ । ତଳଓଚ୍ଛା କହିଲା ମୁଁ କି ଦେଲି ଟଙ୍କା ନଅରଠାକୁ ବିଜେକଲେ । ତଳଓଚ୍ଛା ଶ୍ରୀମୁଖ ଗୁହିଁ ପାର୍ଥନା କଲା । ରାଜା କି ମାଗିଲେ ମୋତେ ଗୋଚର ନାହିଁ ମୁଁ ତୋ ଭୁଜ ଅଗ୍ରସ୍ଥେ କହିଲି ଦେଲି, ଏହା ମୋତେ ଆଜ୍ଞାହେଉ । ଶ୍ରୀମହାପ୍ରଭୁ ଶ୍ରୀମୁଖରେ ଆଜ୍ଞା ହୋଇଲେ, କାଞ୍ଚନଗ୍ରୀ ତାକୁ ଅଜୟ ହୋଇଛୁ ଜୟେ, ଜୟେ କରିବାକୁ ମାଗିଲା । ଏବେ ରାଉତକୁ କହ ଆମ୍ଭେ ଆଗେ ଯାଇଅଛୁଁ । ତୁ ପଛେ ଯା । ଆରଦିନ ପ୍ରାତଃକାଳରୁ ତଳଓଚ୍ଛାଯାଇ ନଅରଠାରେ ମହାଶ୍ରମଙ୍କ ଶ୍ରୀମୁଖରେ କହିଲା । ତଳଓଚ୍ଛାଠାରୁ ଶୁଣିଲାରୁ ମହାଶ୍ରମ କାଞ୍ଚୀନଗ୍ରୀକି ବିଜେକଲେ । ବିଜେକରି ରିଉଜୟ କଲେ । ପଦ୍ମାସ୍ତ୍ରୀଙ୍କୁ ଆଣିକଲେ । ଶ୍ରୀ ଲକ୍ଷ୍ମୀନୃସିଂହଙ୍କୁ ଦର୍ଶନ କରି ନୃସିଂହ କବଚ ପଢ଼ି ଆମ୍ଭର ବହୁତ ପୁଲକିତ ହୋଇଲା । ଆରଜନ୍ମ କଥା ସ୍ମରଣ ହେଲା । ଆରେ ଆରଜନ୍ମରେ ତୋ ଶ୍ରୀମୁଖରେ ସେବାରେ ଥିଲି । ତୋ ଆଜ୍ଞାରେ ଏତେଦଶକ ପ୍ରବେଶ ହୋଇଲି । ଏବେତୁମ୍ଭ ଦର୍ଶନ ମୁଁଛୁପାରୁନାହିଁ । ପୂର୍ବଜନ୍ମରେ ଟଏ କଳ୍ପିତ କରିଥିଲି ଶାସନରେ ବିଜେକରାଇବି । ଏବେ ତୋ ଆଜ୍ଞାରୁ ଶାସନ ବସାଇଲି, ସବୁ ମନୋବାଞ୍ଛା ସମ୍ପୂର୍ଣ୍ଣ ହୋଇଲା, ଏବେ ଶାସନକୁ ବିଜେକରିବାକୁ ଆଜ୍ଞାହେଉ । ଆଜ୍ଞାଦେଲେ ଶାସନରେ ବିଜେକରାଇବି ।

ସେହିଠାରେ ଶ୍ରୀ ଲକ୍ଷ୍ମୀନୃସିଂହ ନାଥଙ୍କର ସେବକ ଗୋବିନ୍ଦ ଦୀକ୍ଷିତଙ୍କୁ ଆଜ୍ଞାଦେଲି, ରାଜାଙ୍କୁ କହ ଅମ୍ଭେ ବିଜେକରିବୁ, ଆଜ୍ଞା ହେଲାକୁ ଶଗଡ଼ରେ ବିଜେ

କରାଇଲେ । ଅଷ୍ଟାବକ୍ର ପୋଏଲା । ଏକମୁଖୀ ରୁଦ୍ରାକ୍ଷ, ଗଉରୀ ବେତ, ଡାହାଣ-ବ୍ରତେକ ଶଙ୍ଖ ଶ୍ରୀ ଲକ୍ଷ୍ମୀ ନୃସିଂହ ସେବକ ସୁଢା ଘେନାଇ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ନଅର୍‌ଠାରେ ପ୍ରବେଶ ହେଲେ । ଅଷ୍ଟବକ୍ର ପୋଏଲା । ଏକମୁଖୀ ରୁଦ୍ରାକ୍ଷ, ଗଉରୀ ବେତ ଡାହାଣ ବ୍ରତେକ ଶଙ୍ଖ ଏ ବୃଶବୃତ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାରରେ ରଖାଇ ଦର୍ଶନ କଲେ । କରି ଶ୍ରୀନଗରଠାକୁ ଅଇଲେ । ମନ୍ତ୍ରୀକି ଆଜ୍ଞାକଲେ । ଆମ୍ଭେ କାଞ୍ଚନଗର ରାଜାଙ୍କୁ ମଗାଇ ପଠାଅଇଲୁ । ସନ୍ଧ୍ୟରେ ପଦ୍ମିନୀ ସ୍ତ୍ରୀରାକ ନ ଦେଲା, ଆମ୍ଭେ କଳ୍ପିତ କରଅଛୁ, ପଦ୍ମିନୀ ଆଣି ହାଡ଼ିକୁ ଦେବୁ । ଏ ସ୍ତ୍ରୀରାକ ହାଡ଼ିକି ଦଅ । ମନ୍ତ୍ରୀ ସ୍ତ୍ରୀରା ଜମାକରନେଲା । ଆଜ୍ଞା ପ୍ରମାଣେ, ମନେବିଗୃରିଲା କି ଏହାପରା ସ୍ତ୍ରୀରାକ ହାଡ଼ିକି ଦେବା । ଏମନ୍ତେ ଚନ୍ତେ ବିଗୃରିଲି ଶ୍ରୀଗୁଣ୍ଡିଚ୍ଚ ଯାତକୁ ଛେରାପହରା କରିବେ ସେହିଦିନ ଦେବା । ଏମନ୍ତ ବୋଲି ଗୋପ୍ୟକରି ରଖିଲା । ଏଥିଭିତରୁ ଢଅଁଙ୍କଠାରୁ ଶ୍ରୀମହାଶ୍ରମ ଠାକୁରେ ମେଲାଣି-ମାଗି ଶ୍ରୀ ଲକ୍ଷ୍ମୀନୃସିଂହଙ୍କୁ ଘେନି ଶ୍ରୀପୁରୁଷୋତ୍ତମପୁର ଶାସନ ନଅରଠାକୁ ବିଜେକଲେ,ଲକ୍ଷ୍ମୀନୃସିଂହ ମହାପ୍ରଭୁଙ୍କୁ ଶାସନ ପୂର୍ବଖଣ୍ଡି ଉତ୍ତରେ ବିଜେ କରାଇଲେ, ଭଟ୍ଟ ହଳଧ ପହରାଜପୁର ଶାସନ ବସାଇ ଶ୍ରୀମହାଶ୍ରମଙ୍କ ଶ୍ରୀମୁରେ ଜବାବ କଲେ, ଶ୍ରୀମହାଶ୍ରମ ଅଜ୍ଞାକଲେ କି ମାଗୁଅଛ ମାଗ, ଭଟ୍ଟ କହିଲା ତୁମ ଆଜ୍ଞାରୁ ଶାସନ ବସାଇଲି । ଶାସନ ଅପ୍ରତିଷ୍ଠା ହୋଇଅଛି । କାଞ୍ଚୀନଗରୁ ଯେଉଁ ଦେବତା ଆଣିଅଛ ତହୁଁ ମୂର୍ତ୍ତିଏ ଆଜ୍ଞା ହୋଇଲେ ଶାସନରେ ବସାଇବ । ଆପଣଙ୍କ ନାମ କାଳେକାଳେ ଥିବ । ଶ୍ରୀମହାଶ୍ରମ ଆଜ୍ଞାଦେଲେ ଚଳନ୍ତି ନୃସିଂହଙ୍କୁ ଭଟ୍ଟକୁ ଦଅ । ଆଜ୍ଞା ହେଲାରୁ ହଳପହରାଜ ଦେବତାଙ୍କୁ ଘେନିଯାଇ ଶାସନରେ ବସାଇଲେ, ତହିଁଉତ୍ତାରୁ ପାତ୍ରମନ୍ତ୍ରୀ ଗୁରୁଦାସ ଚଇନି ସେବକ ଗୋବିନ୍ଦ ଦୀକ୍ଷିତ ଶ୍ରୀ ମହାଶ୍ରମଙ୍କ ଶ୍ରୀମୁରେ ଜଣାଇଲେ, ତୁମ୍ଭେ ଭୋଳରେ ଭଟ୍ଟକୁ ଆଜ୍ଞାକଲ, ଆଜ୍ଞା ଅବଜ୍ଞା କରି ନପାରୁ । ଭଟ୍ଟହଳ ପହରାଜ ଶ୍ରୀ ଚଳନ୍ତି ଗୋସାଇଁଙ୍କି ନେଲା । ଏବେ କି ଅବଧାନ ହୋଇଅଛି । ସେହିଦିନଠାରୁ ମହାଶ୍ରମଙ୍କର ବିଜେ ନୋହିଲା । ଆଜ୍ଞା ମହାଶ୍ରମ କଲେ । ଶ୍ରୋତ୍ରିୟ ବ୍ରାହ୍ମଣ ଶଏ ଆଠଜଣ ନୃସିଂହ କବଚ ଶୁଣନ୍ତୁ । ଆମ୍ଭେ ସେତେବୋଇଶି ଦିନ ପର୍ଯ୍ୟନ୍ତ ନିରାହାର ରହିଲୁ । ଯେ ଗୋବିନ୍ଦ ଦୀକ୍ଷିତଙ୍କୁ ଆଜ୍ଞାହେଲା ରାଜାଙ୍କୁ କହ ଆମ୍ଭ ଚଳନ୍ତି ସାଦୃଶରେ ମୂର୍ତ୍ତି ନିର୍ମାଣ କରିବ । ସହସ୍ର ନ ଲଗାଇବ, ଆମ୍ଭେ ଆପେ ନିର୍ମାଣ ହେବୁ । ଶ୍ରୀମହାଶ୍ରମେ ସିଧରା ଛେନିକୁ ଆଜ୍ଞାକଲେ । ତାହାକୁ ସହସ୍ରେ ସୁନାଆ ଦେଲେ, ସେ ପ୍ରତିମା ନିମୁନ କରି ଅଷ୍ଟଧାତୁରେ ନିର୍ମାଣ ହୋଇଲେ, ଠାକୁରଙ୍କର ଆଜ୍ଞାଭ୍ରଷ୍ଟ କରି ସହସ୍ର ଭୂଜରେ ଲଗାଇବାରେ ଶୋଣିତସ୍ରାବିଲା । ସଟି ପ୍ରଥମେ ଚକ୍ଷୁରୁ ଛଡ଼ାଇବା ମାତ୍ରକେ ପୂର୍ବରୁ ଗ୍ରାମ ସାତଗୋଟି ପୋଡ଼ିଗଲା । ଶ୍ରୀ ଲକ୍ଷ୍ମୀନୃସିଂହ ଚଳନ୍ତି ଗୋସାଇଁଙ୍କି

ପ୍ରତିଷ୍ଠା କରାଇ ସିଂହାସନେ ବଡ଼ ଠାକୁରଙ୍କ କୋଳେ ବିଜେକରାଇଲେ, ଶ୍ରୀମହାରାଜ ଶ୍ରୀପୁରୁଷୋତ୍ତମ ନଅରଠାକୁ ଶ୍ରୀଗୁଣ୍ଡିଚା ଯାତକୁ ପ୍ରବେଶ ହୋଇଲେ । ଶ୍ରୀଗୁଣ୍ଡିଚା ଯାତଦନ ଛତାପଏରା କଲବେଳେ ମନ୍ତ୍ରୀ ଶ୍ରୀଛାମୁରେ ପଦ୍ମ ହସ୍ତିଖିକ ନେଇ ଦେଲା, ଶ୍ରୀମହାରାଜ ଆଜ୍ଞାକଲେ ଆମ୍ଭେ ହାତୀକ ଦଅବୋଲି କହିଲୁ ତୁ ନଦେଇ ରଖିଅଛୁ ! ମନ୍ତ୍ରୀ ଛାମୁରେ ଜଣାଇଲା ଯେଉଁ ହାତୀକ ଯୋଗ୍ୟ ସେହି ହାତୀକ ଦେଲି । ଶ୍ରୀମହାରାଜ ଶୁଣି ମନ୍ତ୍ରୀଙ୍କ ବହୁତ ପ୍ରଶଂସା କଲେ । —

---

(ପୃ-୨୭ ଠାରୁ ୩୦ —)

# ବଳରାମ ଦାସଙ୍କ ବ୍ରହ୍ମଗୀତାରୁ

ଶ୍ରୀକୃଷ୍ଣ ହରଷହୋଇ ଅର୍ଜୁନକୁ ଗ୍ୟାନ କହନ୍ତି ବିସ୍ତର । ଏ ଗ୍ୟାନ ମୁନିମାନେ ଶୁଣି ଯୋଗସାଧିଲେ । ଅର୍ଜୁନ ଏବେ ତୋତେ ବିସ୍ତାର କହିବା ଶ୍ରୀବ୍ରହ୍ମ ଗୀତା ଅର୍ଥ ଶୁଣି ବଳରାମ ଦାସକୁ ଅନୁଗ୍ରହ କଲେ । ଶୁଣ ଅର୍ଜୁନ ସ୍ଥିରମନେ ଏ ଗୁପତ ଗ୍ୟାନଟି । ଏ ଶରୀର ମନ ପାଞ୍ଚ, ପ୍ରକୃତି । ପାଞ୍ଚ ପବନକୁ ମ ପାଞ୍ଚ, ଗୁଣତିନି, ବେଦଚାରି, ରସଛଅ । ଚନ୍ଦ୍ରସୂର୍ଯ୍ୟ ଦୁଇ, ଗ୍ରହନବ । ଏ ଦେହରେ ଧରଣୀ ବଧ । ତ୍ରୈସ୍ୱାମୀ ଓଁକାର ଥାପି ମୋତେ ପରମାର୍ଥ ଦେଖାଇବ । ଶ୍ରୀହରି ହରଷ ହୋଇ କହନ୍ତି, ଏ ପରମାର୍ଥଟି ଆକାର, ଉକାର, ମକାର, ସକାର । ତିନିରୂପଟି ଏହି । ଉକାର ବ୍ରହ୍ମା, ମକାର ବିଷ୍ଣୁ, ସକାର ଶିବ । ସିଦ୍ଧିରସ୍ତୁ ଏମନ୍ତରେ ନିରାକାରଟି । ଏହି ହେତୁରୁ ବ୍ରହ୍ମଦର୍ଶନଟି । ଗୁପତ ବ୍ୟକ୍ତନକରିବ ଏହା ନମସ୍କି ବୁଝ । ଏହି ବ୍ରହ୍ମର ଉଦେଅସ୍ତଟି ଯେମନ୍ତ ସୂର୍ଯ୍ୟ ଉଦୟ ହୋଅଇ । ସେହିରୂପେ ଗ୍ୟାନମ୍ୟ ଶୁଣ ଅର୍ଜୁନ ସ୍ଥିରମନହୋଇ ତେଜ ତିନି ? ବାଇ ଚାରି । ଆକାଶ ପାଞ୍ଚ ଅହଂକାର ଛଅ, ବୁଦ୍ଧି ସାତ । ମନ ଆଠ । ଅଷ୍ଟ ଫାଶି ଏହାଙ୍କୁ ବୋଲି, ଏ ଅଷ୍ଟ ଫାଶି ଛିଣ୍ଡିବାକୁ ଅବନା ଗାୟତ୍ରି ମନ୍ତ୍ର ଅଷ୍ଟ ଅକ୍ଷର, ଏ ସ୍ୱାସ ସୁବଦନ୍ତ ପାଖାନ୍ତରେ ଜପିବ । ପର ରଙ୍ଗ ସସ, ଦଦ ଏ ଅବନା ଅଷ୍ଟ ଅକ୍ଷର ମନରେ ଗୁଣିବ । ଗୋଡ଼ଦୁଇ ଭୂଲକରି ବସିବ । ଶିରକଣ୍ଠ ସଳଖି ବସିବ । ପରଧନ ପରର ରମଣୀ କାମନା ନଦେବ । × × ×

ଶୁଣ ଅର୍ଜୁନ ସ୍ଥିର ମନେ । ସର୍ବରୂପେ କହିଲୁଂ ସମସ୍ତ ଗ୍ୟାନ ଫେଡ଼ି । ଅଗ୍ୟାନୀ ମାନଙ୍କଠାରେ ନ କହିବ । ପ୍ରତାପରୁଦ୍ର ଦେବ ବଳରାମ ଦାସଙ୍କୁ କଟାଳ କଲେ । ବ୍ରାହ୍ମଣେ ଉପହାସ କଲେ । ଏ ଆତ୍ମବାନା ପାଷାଣ୍ଡ ମାନଙ୍କୁ ନକହି କହିଦେଲୁଂ ; ବ୍ରାହ୍ମଣମାନଙ୍କଠାରେ ବଳରାମ ଦାସେ ବଖାଣ କଲେ । ବ୍ରାହ୍ମଣେ ଲଜ୍ଜା ପାଇଲେ । ଭକ୍ତଙ୍କୁ ସେବାକଲେ । ଶ୍ରୀବ୍ରହ୍ମ ଗୀତାରେ ବ୍ରାହ୍ମଣେ ମାନ୍ୟକଲେ ଭକ୍ତର ଅପମାନ ମୁଁ ନ ସହଇ ଭକ୍ତକୁ କହିଣ ପଢ଼ିଲେ ପ୍ରସନ୍ନ । ଅର୍ଜୁନ ଶୁଣି

ସନ୍ତୋଷ ହୋଇଲେ । ଶ୍ରୀପଦ୍ମ ପାଦରେ ପଡ଼ିଲେ । କରପତ୍ର ଯୋଡ଼ି ପଚ୍ଚରନ୍ତି । ଭୋସ୍ୱାମୀ ଘଟଯୋଗ ବଚ୍ଚର ଆଗ୍ୟାଂହେଉ । ଶ୍ରୀକୃଷ୍ଣ ହରଷେ କହନ୍ତି ଶୁଣ ଅରଜୁନ ଘଟଯୋଗ ଗ୍ୟାନ ବଚ୍ଚର ❋

✳ "ପ୍ରଥମେ ପୃଥ୍ୱି ଆପତେଜ ବାଇ ଆକାଶ, ଯେତେ ତତ୍ୱଯେକ କାୟା ପ୍ରକାଶ । ପଞ୍ଚୁତତ୍ୱ ଯେକ ସମ୍ପୁଁୟେ ଦେହଂ । ସଦ୍‌ଗୁରୁ ନାରାୟଣଙ୍କ ଅଗ୍ରତେ ସଦାଶିବ କହଂ । ଯେ ସ୍ୟଷ୍ଟିରୁ ଉତ୍ପତ୍ତି ଶୂନ୍ୟଂ । ଶୂନ୍ୟଂ ଉତ୍ପତ୍ତି ଆକାସ । ଆକାସୁ ଉତ୍ପତ୍ତି ବାୟୁ । ବାୟୁଂରୁ ଉତ୍ପତ୍ତି ତେଜ । ତେଜରୁ ଉତ୍ପତ୍ତି ଆକାସ । ଅକାସୁ ଉତ୍ପତ୍ତି ପୃଥ୍ୱୀ । ଶ୍ରୀ ନାରାୟଣ ପଚ୍ଚରଲେ । ଆକାଶର କେବଣ ଦ୍ୱାର ପୃଥ୍ୱୀର କେବଣ ଦ୍ୱାର । ଶ୍ରୀ ସଦାଶିବ କହିଲେ ଆପର ଦ୍ୱାର ଶ୍ରବଣ । ବାୟୁ ଦ୍ୱାର ନାସ, ତେଜର ଦ୍ୱାର ଦୃଷ୍ଟି । ଆପର ଦ୍ୱାର ଇନ୍ଦ୍ର, ପୃଥ୍ୱିର ମୁଖ । ଶ୍ରୀ ନାରାୟଣେ ପଚ୍ଚରଲେ ଆକାସ କେବଣ ବର୍ଣ୍ଣ । ବାୟୁ କେବଣ ବର୍ଣ୍ଣ । ତେଜ ଶୋଣିତ ବର୍ଣ୍ଣ । ଆପ ଶେତ ବର୍ଣ୍ଣ ପୃଥ୍ୱୀ ପିଙ୍ଗଳ ବର୍ଣ୍ଣଂ । ଶ୍ରୀ ନାରାୟଣେ ପଚ୍ଚରଲେ ଆକାଶର କେବଣ ଗୁଣ, ତେଜର କେବଣ ଗୁଣ, ଆପର କେବଣ ଗୁଣ, ପୃଥ୍ୱିର କେବଣ ଗୁଣ, ଶ୍ରୀ ସଦାଶିବ କହିଲେ ଆକାଶର ଗୁଣ ସବ୍ଦ, ବାୟୁର ଗୁଣ ବଳ । ତେଜର ଗୁଣ ପ୍ରସ୍ପିର୍ଶ୍ୟ, ଆପର ଗୁଣରସ । ପୃଥ୍ୱିର ଗୁଣ ଦେହ । ଶ୍ରୀ ନାରାୟଣେ ପଚ୍ଚରଲେ ଆକାଶ କାହିଂ ସମ୍ଭାଇ, ବାୟୁ କାହିଂ ସମ୍ଭାଇ, ତେଜ କାହିଂ ସମ୍ଭାଇ ପୃଥ୍ୱି କାହିଂ ସମ୍ଭାଇ, ଶ୍ରୀ ସଦାଶିବ କହିଲେ ଆକାଶ ସମ୍ଭଇଂ ଶିଖରେ ବାୟୁ ସମ୍ଭଇଂ ନାସାରେ, ତେଜ ସମ୍ଭଇଂ ଚକ୍ଷୁରେ, ଆପ ସମ୍ଭଇଂ ହୃଦରେ, ପୃଥ୍ୱି ଲିଙ୍ଗରେ । ଶ୍ରୀ ନାରାୟେଣ ପଚ୍ଚରଲେ ଶୁଣଇ ଯେ କଯେ, ଦେଖଇ ଯେ କଯେ, ଦୃଷ୍ଟି ଯେ କଯେ । ପୃଥ୍ୱି ଯେ କଯେ, ଶ୍ରୀ ସଦାଶିବ କହିଲେ ଶୁଣଇଂ ବର୍ଣ୍ଣ, ଧାଇଂ ବାୟୁ. ଦେଖାଇ ଦୃଷ୍ଟି ,ଦ୍ରବଇ ଆପନିଶ୍ଚଳ ପୃଥ୍ୱୀ, ଶରୀରଅଁ ପରମାର୍ଥ ତାଳୁଅନନ୍ତ ଶେଯ୍ୟାବୋଲି, ହାଧେ ଚକକେ ବ୍ରହ୍ମାଣ୍ଡ ହାଣିର ବୋଲି କାଉଁର ମଣ୍ଡଳ ଲଲାଟ ଘାଟିକ ବୋଲି ନିକୃଷ୍ଟ ତାଳୁବୋଲି"

(✳-ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ —ପୃ-୪୭)

ପୃ—୯୭ .

# ବଳରାମ ଦାସଙ୍କ ଗ୍ୟାନଚୂଡ଼ାମଣି

"ଏ ଗଲେ ସବୁଗଲା । ଆଉ ଯିବାକୁ ବାଟନାହିଁ । ମେଦ୍ଧଟି ଭୁ । ଏହି ଗଲେ ପ୍ରାଣୀମାନେ ମରନ୍ତି । ଏହାର ନାମ ସହଜ ପରମ । ଗୁଣ୍ଡିଦେଲାଇଂ ଯେ । ତେତେତେବେଲେ ଯାଇଂଲୁ । ବେତାମୁଖ ବୃକ୍ଷ ନାସିକା ଦାଟରେ ପଂଚବାଇ ଟେକନ୍ତି । ଶୁଣ ଶିଷ ଟେକିଲା । ଗୁରୁବୋଇଲେ ପରମ ଅ.ସ୍ମାଟି । ବାହାରକୁ ଗଲେ ଜୀବବୋଲାଇ, ବ୍ରହ୍ମ ଯେ ତାହା କହିବା । ...ଗୁରୁବୋଇଲେ ଏହି ନଶବଦଟିଏ, ରୂପବର୍ଣ୍ଣ ଚିହ୍ନ ନାହିଁଟି । କରପାଦ କର୍ଣ୍ଣନାଶା ମୁଖ ଏହାର ନାହିଁଟି । ବ୍ରହ୍ମ ଏହିଟି । ତହିଁରୁ ପରମ ଝରୁଛି, ଆସୁଛି ଯେ ବ୍ରହ୍ମରୂପ ପରମ । ଆଉ ଅଛି ଯେ, ଯେ କେସେ । ପରମରୁ ଝରୁଛି ଜୀବ, ଦୁଇ ନୟନ ନାସାକୁ ତ୍ରିକୂଟ କହି, · ପରମ ଯେ. ଶ୍ୱେତବର୍ଣ୍ଣ । ଜୀବ ନୀଳବର୍ଣ୍ଣ । ମୁଖ ଗ୍ରୀମୁଦାନ୍ତ ମୂଳରେ ଝଁର ଝଁର ବହୁଅଛି । ତାକୁ ତ୍ରିବେଣୀ ବୋଲନ୍ତି । ସେ ହଂସ ପାଦକୁ ବହୁଛି । 'ପରମର ପାଦେ ଜୀବର ପାଦେ । ବାହାରକୁ ଯେବେଯାଇଂ ଜୀବପାଦ ବୋଲି । ଭିତରକୁ ଆଇଲେ ପରମ ପାଦବୋଲି । କାଳିକମଳ ନିରଂଜନ । ନିଜେ ପଶୁରୁଛି । ତାହାକୁ ଚକ୍ଷୁବୋଲି । କଲ୍ପନା ଯେ କାଳ ସେ । ଶ୍ୱେତ ଯେ କମଳ ସେ । କଳାଟି ଜୀବ । ଧଳାଟି ପରମ, ଜ୍ୟୋତିଟି ବ୍ରହ୍ମଂ । ଏତିନ ତ୍ରିକୂଟି । ଅର୍ଦ୍ଧ ଯେ ଅଧରକୁ କହିଂ । ଉର୍ଦ୍ଧ ଯେ ପରମକୁ କହିଂ । ମଧ୍ୟ ଯେ ଜୀବକୁ କହି । ଋକବେଦ ମୁଖ । ଯଜୁର୍ବେଦ ନୟନ । ସାମବେଦ ଶ୍ରବଣ । ଅଥର୍ବବେଦ ନାସିକା । ଶିଶୁବେଦ ବୋଲି ଶୂନ୍ୟକୁ । ଦୁଇକରେ ଦୁଇ କର୍ଣ୍ଣ ବୁଜିବ । ତହିଁଯେଉଂ ଧୂନି ଶୁଭିବ ସମୁଦ୍ର ଗର୍ଜନ ପରିଏ । ତାହାକୁ ଗୋଲହାଟ କହି । ନୟନ ଦୁଇ ନାସିକା ଦୁଇ ।

---

ଗ୍ୟାନ ଚୂଡ଼ାମଣି ପୃ-୨୧୩ ଓଡ଼ିଆ ସାହିତ୍ୟର ଇତିହାସ ତୃତୀୟ ଭାଗ ପଞ୍ଚସଖା ସାହିତ୍ୟ ଡଃ ବଂଶୀଧର ମହାନ୍ତି ପ୍ରକାଶକ-ଫ୍ରେଣ୍ଡସ୍ ପବ୍ଲିଶର୍ସ ବିନୋଦ ବିହାରୀ କଟକ—୧୯୭୭—ପ୍ରଥମ ପ୍ରକାଶ ।

କର୍ଣ୍ଣ, ଦ୍ୱାରସ୍ୱର ଦଶଦ୍ୱାର ସ୍ନେହ । ତାକୁକା ସଲଖେ ଯେଉଂଦ୍ୱାର ତାହାକୁ ବ୍ରହ୍ମରଂଧ୍ରବୋଲି । ଚନ୍ଦ୍ର ଯେ ଜୀବ । ସୂର୍ଯ୍ୟ ଯେ ପରମ, କର୍ମ ମୁଖ, ଧର୍ମ ନାସିକା, ଜ୍ୟୋତିନୟନ ଜାଲା କର୍ଣ୍ଣ, ଆହାର ମୁଖ, ମୈଥୁନ କର୍ଣ୍ଣ, ନିଦ୍ରା ନୟନ, ବାଇ ନାସିକା, ସ୍ନେଆଠ କଳା, ପଦ୍ମ ଅମ୍ଭା ବାରଆଙ୍ଗୁଳିରେ ଆସୁଛି । ସ୍ନେହାର ବାରକଳାଯେ । ଜୀବଆତ୍ମା ଯାଉଂଅଛି ବାର ଆଙ୍ଗୁଳିରେ, ତାହାକୁ ବାରକଳା ବୋଲି । ଏମନ୍ତ ବୋଲି ଭଦେ ଅସ୍ତଂ ହେଉଂଅଛି ।—ଅପଅକ୍ଷର ଯେ ବ୍ରହ୍ମ । ଏକାକ୍ଷର ଯେ ପରମ ।—ନିଃଶବଦ ପରମକୁ କହିଂ । ଶବଦ ଜୀବକୁ କହିଂ, ଅନହତ ବ୍ରହ୍ମକୁ କହିଂ, ଶବଦ ଶିଶୁବେଦକୁ କହିଂ, ମୂଳ ଯେ ଜୀବକୁ କହିଂ, ଅଧ ଯେ ମାତାଟି, ଊର୍ଦ୍ଧ ଯେ ବିନ୍ଦୁଟି । –ଅଣଅକ୍ଷର ଚକ୍ଷୁ ବୁଜିବାକୁ କହିଂ ଅକାର ଅନାଇବାକୁ କହିଂ । ପରରଜ ସସବନ୍ଧ ଅବନା ଆଠଅକ୍ଷର, ହରେରାମ କୃଷ୍ଣ ଛଡ଼ବୀଜ ।

ବ୍ରହ୍ମ ଯେ କୃଷ୍ଣ ସେ । ରାଧିକା ପରମ ଦୂତିକା ଜୀବ, ବଇଂଶୀ ଅନହତ ଧ୍ୱନିକି କହିଂ । କଦମ୍ବ ଟେଣାକୁ କହିଂ,—କାଳନ୍ଦୀ କାଳକୁ କହିଂ, ସତଏକ, ଶାନ୍ତି ଦୁଇ, ସମ ତିନ, ଅହିଂସା ଚାରି, ଗ୍ୟାନ ପାଞ୍ଚ, ଦୟା ଛ, କ୍ଷମା ସାତ, ଆମାୟାଆଠ ଅକ୍ରୋଧ ନଅ, ନିର୍ଲୋଭ ଦଶ, ଧୀର ଏଗାର, ଧଇର୍ଯ୍ୟ ବାଆର, ଦ୍ୱାଦଶ ବୃନ୍ଦାବନଯେ, ଇଶ୍ୱର ଘଟିକା ଷୋଳକଳା, ଷୋଳ ସହସ୍ର ଗୋପୀ, ପାଞ୍ଚମନ ପଚିଶ ପ୍ରକୃତି । ଇନ୍ଦ୍ରଗଣ, ବାଇ, ଗୋରୁବଛାଯେ ।——ଶୁନ୍ନି ଶିଷ ପ୍ରଲମ୍ବିତ କଲା । ନିସ୍ତରିଲି ପ୍ରଭୁବୋଲି ପ୍ରଲମ୍ବିତ ସହସ୍ରେ କଲା, ଏ ଗ୍ୟାନପାଇଂ ମୋହଜୀବ ଉଧାର ହୋଇଲା, ଆସିବା ଯିବା ପରତେ ପାଇଲା, ଶ୍ରୀଗୁରୁ ଆଗ୍ୟାରେ—ଏ ଗ୍ୟାନଚୂଡ଼ାମଣି ବଳରାମ ଦାସଙ୍କ କୃତ୍ୟ, ସଦାଜୟେ ସମ୍ପୂର୍ଣ୍ଣ ।

# ଜଗନ୍ନାଥ ଦାସଙ୍କ ତୁଳାଭିଣାରୁ

(୧)

ଶୁଣପୁତାରେ ବ୍ରହ୍ମଗ୍ୟାନ । ସାଧିପାରିଲେ ଅଜାମର ହେବୁ । କାଳ ଘଉଡ଼ିବୁ । ପାତକ ଖଣ୍ଡିବୁ । ଶୁଣ ପୁତାରେ ପ୍ରଥମେ ମହାଶୂନ୍ୟ । ଏଠାରେ ଦୃଷ୍ଟିଦେବୁ । ନାସାଦ୍ୱାରେ ଦ୍ୱାଦଶ ଅଙ୍ଗୁଳି ପବନ । ସେ ପବନ ଅଗ୍ରେଟି ଓଁକାର ଶବଦ । ତାହାକୁ ଚିତ୍ତ ବୁଦ୍ଧି ମନ ଏକକରି ଦେଖିବୁ । ଅର୍ଦ୍ଧମାତ୍ରା ଶୂନ୍ୟକୁ ଚିତ୍ତଦେବୁ । ନାସାଦ୍ୱାରେ ଦ୍ୱାଦଶ ଅଙ୍ଗୁଳି ପବନ । ରବିବାର କଳାକହି । ଶୁଣପୁତାରେ କର୍ଣ୍ଣ, ଚକ୍ଷୁ, ନାସା, ମୁଖ, ଊର୍ମି, ଧୂର୍ମି, ଜ୍ୟୋତି, ଜ୍ୱାଳା ଏ ଗୁଣକଳା ପୁତାରେ ରବିବାର କଳାରେ ଖଣ୍ଡିବୁ । ନାସାଅଗ୍ରେ ଗ୍ରହିଂବୁ । ସେକ ଦୃଷ୍ଟିକରି ଚିତ୍ତ ମହାଶୂନ୍ୟରେ ରଖିବୁ । ଶୁଣ କହୁବା ପୁତାରେ ଯୋଗର ବିଚାର । ମୁଖରେ ଊର୍ମିକଳା । ସେ କଳାକୁ ସ୍ଥିର କରିବୁ । ନାସାରେ ଧୂର୍ମିକଳା । ଏ କଳାକୁ ପୁତାରେ ଦୃଷ୍ଟିକରି ଜିଣିବୁ । ନାସାରେ ପବନ ଘନକୁ ଘନ (୨) ଉ ଜାଣିକରିଥିବୁ । ସୋହଂ କଳା । ପୁତାରେ ବାମ ପୁତ୍ରାନାସାରେ ବହଇ । ଏହିଟି ପ୍ରଳୟ କଳ । ସେଅଟି ମହାକାଳ, ସେହାକୁ ଜିଣିଥିବୁ । ଏହିଟି ଅର୍ଦ୍ଧମାତ୍ରା ପ୍ରାଣିମାନଙ୍କୁ ନାଶକରଇ, ସେହାକୁ ଜିଣିଲେ ପୁତାରେ ଅଜାମର ହୋଇ । ସେ ଦୁଇପକ୍ଷ ଉଦଏ ଅସ୍ତ ହୋଉଅଛି । ଡାହାଣ ଅଙ୍ଗପୁତାରେ ସୂର୍ଯ୍ୟଙ୍କର ଦୁଇପକ୍ଷ, ସେ ଦୁଇ ପକ୍ଷ ପୁତାରେ ଯୋଗାଂଶ । ସେ ଦୁଇପକ୍ଷରେ ଅନ୍ନ ଭୁଞ୍ଜିବୁ । ଚନ୍ଦ୍ରପକ୍ଷରେ ପୁତାରେ କିଛୁ ନ ଛୁଇଂବୁ । ଲଗିଲେ ପୁତାରେ ଅବଶ୍ୟ ମରିବୁ, ରୋଗୀହେବୁ । ହାଇନ୍ହେବ, ଛୁଙ୍କହେବ । ନିଦ୍ରାହେବ, ମଳମୂତ୍ର ସପନ ସୁନ୍ଦରୀ ହରିବ, ଶୁଣ ପୁତାରେ ଚନ୍ଦ୍ରପକ୍ଷରେ ଖାଇଲେ ଏତେକ ବ୍ୟାଧି ଜାତହୋଇଅଇ, (୩) ଲଗ୍ନରେ ଭୁଞ୍ଜିଲେ ପୁତାରେ ଅଗ୍ନିପକ୍ଷ ଭସ୍ମ ହୋଅଇ, ସକଳ ବ୍ୟାଧିନାଶ ଯାଇ । ଏଣୁକରିଥିବ ପୁତ୍ରରେ ଯୋଗସାଧନ କର, ଯୋଗାଧି ହୋଇବୁ କାଳ-ଘଉଡ଼ିବୁ । ଶୁନ୍ୟ ପୁରରେ ମୁଖରେ ସ୍ୱାଦୁକଳା ସେହାକୁ ମାରିବୁ ନାସାର ଚନ୍ଦ୍ର

ସୂର୍ଯ୍ୟ ପବନ ଘରଭିତରେ ରଖିବୁ ସ୍ତମ୍ଭୀଭୂତ କରିବୁ । ଚନ୍ଦ୍ର ଘରକୁ ମନଯାଇଂ ନଦେବୁ । ପବନର ଘର ସେହିଠାରେ ପବନକୁ ଛଳିବୁ, ସ୍ତମ୍ଭୀଭୂତକରି ନେଇ ନାଭିପଦ୍ମରେ ରଖିବୁ । ମେରୁରେ ଝଞ୍ଜିବୁ । ମେରୁଦଣ୍ଡାରୁ ନାଭି ଏକତ୍ରହୋଇ ଲାଗିବ ।

ପବନକୁ ସେହିବାଟେ ଚଳାଅ, ନୟନରେ ପୁତାରେ ମନଧର କରିଛୁ । ଦୃଷ୍ଟିରେ ଦେଖିଲେ ପୁତାରେ ନୟନ ନିଶ୍ଚଳ କର, ଦୃଷ୍ଟି ଜ୍ୟୋତିରେ ରଖ ।

କର୍ଣ୍ଣରେ ଶୁଣିଲା କଥା ପୁତାରେ ମନରେ ନ ଘେନିବୁ । ମହାକାଳା-ବଳିଟି ସେ ଏ କଳା । ନାସା ଧର୍ମକଳା ପୁତାରେ, ସୁଗନ୍ଧ ଦୁର୍ଗନ୍ଧ ଏମାନଙ୍କୁ ପୂଣରେ ଏକଙ୍କର ଘେନିବ । ଡାହାଣ ପୁତ୍ରାରେ ପୁତାରେ ଭୁଞ୍ଜିବୁ । ବାମହୋଇ ଶୋଇବୁ । ଚିତେଇଆ ନୋହିବୁ । ନାସାଅଗ୍ରକୁ ଚୁମ୍ବିବୁ । ମନ ଚଇତନକୁ ଜ୍ୟୋତିରେ ରଖିବୁ । ଶୁଣ ପୁତାରେ ଅଙ୍ଗ ଲେଉଟାଇବୁ ନାହିଁ । ଭୂତପ୍ରେତ ଦେବ ଦେବୀ ପୁତାରେ ନିଶାରେ ଡରାନ୍ତି, ତପଭଙ୍ଗ କରନ୍ତି । ତାକୁ ସୁତାରେ ନୟନେ ନ ଦେଖିବୁ । ନିର୍ଭୟେ ହୋଇବୁ । ପ୍ରଥମ ରାତିରେ ପୁତାରେ ଅଳପ ଶୋଇବୁ । ରାତିଉଜାଗରେ ପୁତାରେ ବଞ୍ଚିବୁ । ଉଦେ ଅସ୍ତ ପୁତାରେ କଞ୍ଚିତ ଆହାରେ ବଞ୍ଚିବୁ । ପବନ ଆହାର କଲେ ପୁତାରେ ଯୁଗେ ଯୁଗେ ଥିବୁ, ଅତିକଷ୍ଟ ପୁତାରେ ଯୋଗସାଧିବାର । ସାଧିପାରିଲେ ପୁତାରେ ହେବୁ ଅଜାମ୍ବର । ଯମରାଜାକୁ ପାଦତଳେ ଖଟାଇବୁ । ଯୁଗଯୁଗାନ୍ତରେ ପୁତାରେ ଏ ଦେହ ଧରିଥିବୁ । ✳

---

✳ ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ—ସଂ-ଡଃ ଆର୍ତ୍ତବଲ୍ଲଭ ମହାନ୍ତି

ପୃ—୪୭-୪୮

ତୁଳାଭିଣା—ଓଡ଼ିଶା ଜଗନ୍ନାଥ କମ୍ପାନି ବାଲୁବଜାର ପୋ: ଅ: ଗୃନ୍ଥମାଳୌକ, ପୁସ୍ତକ ପାଠସହ ତୁଳନା କରନ୍ତେ ସାମାନ୍ୟ ପ୍ରଭେଦ ପରିଲକ୍ଷିତ ହେଲା,

ପୁସ୍ତକ ପାଠ—ଅଜାମ୍ବର ସ୍ଥାନରେ ଅଜାମର (< ଅଜରାମର) ଢ଼କାଣି କରିବୁ ସ୍ଥାନରେ ଉଣା କରିବୁ, (୩) ବ୍ୟାଧିଜାତ ହୁଅଇ ପରେ ଅଧିକ ପାଠ 'ଅନ୍ନ ପଚ୍ଛଇ' । ଇତ୍ୟାଦି ।

# ଗୁରୁ ଖୋଜ

ଯହିଁ ରମିଲେ ନରୁହଇ ଆନ । ତାହାଶୁଣି ଜାଣି ହେଉତହିଁ ରତ ।
ଏହାର ତହିଁ ଜଗତ ପ୍ର ।ଣ । କାହିଁ ଜାଣିମେ ସେ ନୁହଁଇ କଛୁ ।
କେବଳ ତାହା ତହିଁ ଲୀବଅଛୁ । ସେହୁ ନ ଜାଣିଲେ ତଥିତଦନ୍ତ ।
ତପବଳେ ଅବା ହୋଇଲେ ତେତେ । ସଂସାର ଅବାକଲ୍ପ କରଚନା ।
ବେଦ ଭିତରେଣ ସୃଷ୍ଟି ପାତନା । ବିଦ୍ୟାହିଁ ଭନେ ଜ୍ଞାନବୋଲି ଯେତି ।
ସବୁନ୍ତ ସବୁକର ଅଚ୍ଛମନ । ଦଣନ୍ତାକୁ ଗୃହିଁ ଦେଖନ୍ତା ଅନ୍ଧ ।
ଅନ୍ୟ ଜନ୍ତୁମାର୍ନେ ଅଛନ୍ତି ଯେହୁ । କେତେକ ଗଢ଼ିଲେ ମାନବଦେହୀ ।
ଏତେ ମାନଦେହରୁ କାହିଁ ଜାଣନ୍ତି । ସିଦ୍ଧ ହୋଇଥିଲି ବାଳୁତ ଲୀବେ ।
ମୋହ କଥାକୁ ମୁଁ ପର ମାଣିଲି । ଏହାର ନଥିଲେ ମୁଁ କାହିଁ ଲେଖା
ଜଣେ ହେଁ କେହୁ ବାହୁଡ଼ି ନଇଲେ । ଏଥିକୁ ସଖୀ ନ କରିବା କେବେ
ସ୍ୱନ୍ଦବସେ ଲୋଡୁଥାଇ ତାହୁ । ଅପାର କାରଣ କୋଇଲି କନା ।
ଆହା ମନ ତୁ ଯେ କେର୍ନେକାଗର । କାହା ହୋଇନାହୁଁ ଦେହ ନମନ୍ତେ
ଦେହ ନାଶକେ ତୁ ରହିବୁ ନାହିଁ । ହେନ ବିପରୀତ ଘଟକ ତାହାର
ତେତେ ମାନଦେହ ଗ୍ରୁଡଇ ଜୀବ । ଗଢ଼ିପାରବେକ ଏଥୁଁ ଗୋଟିଏ
କେହୁଣି ମୋତେ ନୁହଇ ନବୃତ୍ତି । ଶୁଣସି ହୋ ମନ ଏହୁ ସିଦ୍ଧାନ୍ତ

✳ ମୁଖବନ୍ଧ ପୃ 'ଡ'—ପ୍ରାଚୀନ କାବ୍ୟଧାରା ସଂପାଦନା ଡଃ କୃଷ୍ଣଚରଣ ସାହୁ ।, "ଅଚ୍ୟୁତା ନନ୍ଦ ଗୋସାଇଁଙ୍କ ଗୁରୁଖୋଜ ଷୋଡ଼ଶ ଶତାବ୍ଦୀର ଏକ ବଶିଷ୍ଟ ରଚନା । ଏହାର ରଚନାକାଳ ହେଉଛି ପ୍ରତାପରୁଦ୍ରଙ୍କ ୨୫ ଅଙ୍କ ବା ୧୫୧୬ ଖ୍ରୀଷ୍ଟାବ୍ଦ । କୌଣସି ଲିପିକାର ଏ ଗ୍ରନ୍ଥରେ ପ୍ରତାପରୁଦ୍ରଙ୍କ ସ୍ତୁତି ବା ବନ୍ଦନାଦ୍ୱାରା ପ୍ରଭାବିତହୋଇ ପ୍ରତାପରୁଦ୍ରଙ୍କୁ ଗ୍ରନ୍ଥର ରଚୟିତା ରୂପେ ଉଲ୍ଲେଖ କରିଥିବା ଦେଖାଯାଏ । କିନ୍ତୁ ଗୁରୁଖୋଜର ବହୁ ପ୍ରତିଲିପି ଦ୍ୱାରା ଏହା ପ୍ରମାଣିତ ହୁଏନାହିଁ ଏବଂ ଅଚ୍ୟୁତ ଗୋସାଇଁ ହିଁ ଏହାର ସ୍ୱନାମଧନ୍ୟକବି "ପୃ-'ଠ' ମୁଖବନ୍ଧ,

# କୁମାର ବୋଧ ଲେଖନ

## ଶ୍ରୀ ଗଣେଶାୟ ନମଃ

## କୁମାର ଉବାଚଃ ।। ଶ୍ଳୋକଃ ।।

ଯ୍ୟେକ ବୃକ୍ଷସ୍ତ୍ରି ଯ୍ୟ ଶାଖା ପତ୍ର ଚତ୍ୱାର ମେବଚଃ
ବେଦ ଫଳ ଛଡ ସ୍ୱାଦତଊ ବୁଝ ହେ ପଣ୍ଡିତ ।

**ଅର୍ଥ** ହେ ପୁତ୍ର ଯ୍ୟେକ ବୃକ୍ଷ ଯେ ନିରଞ୍ଜନଟି, ତ୍ରିଶାଖାଯେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଟି, ପତ୍ର ଚାରିଯେ, ଋକ ଯଜୁ—ଅଥର୍ବ ଶାମ ଚାରିବେଦଯ୍ୟେଟି । ବେଦ ଫଳ ଯେ ଚନ୍ଦ୍ର ସୂର୍ଯ୍ୟଟି । ଛଡ ସ୍ୱାଦଯେ ଛଡଋତୁଟି, ଗ୍ରୀଷ୍ମ-ବର୍ଷା-ଶରତ-ହେମନ୍ତ ସିତ ବସନ୍ତ । ଯ୍ୟେକାବୃକ୍ଷ ଯେ ଶରୀର ଜାଣନ୍ତି ବୁଝ ।

କୁମାର୍ ଉବାଚଃ । ଶ୍ରୀଗୁରୁ ପ୍ରସନ ହୋଇବା । ପ୍ରସନ ହୋଇ ପ୍ରସାଦ-କରିବା । ଶ୍ରୀଗୁରୁ ଶରୀରେ ହାଥ ମାରି କହିବା । ସୋରପ ଦେଖାଇବା । ଅର୍ଧ ଊର୍ଧ କାହାକୁ ବୋଲି । ଉତ୍ପତ୍ତି ପ୍ରଳେ କାହାକୁ ବୋଲି, ଠୁଳ ଶୂନ୍ୟ କାହାକୁ ବୋଲି, ଷିଯ୍ୟ କମଳ କେ, ଅଷ୍ଟଫାଶି କେ, ସପ୍ତ ଧାତୁ କେ, ପଞ୍ଚସ ପ୍ରକୃତି କେ, ଅଣଗ୍ରସ ପବନ କେ, କଉଁ ପାଖୁଡ଼ାରେ କଉଁ ପବନ ବସଇ । ପଞ୍ଚ ଧାତୁ କେ, ଚୈତନ କେ, ନାଦବିନ୍ଦୁ କେ, ପବନ କଉଁଠାରୁ ସଞ୍ଚରୁ ଅଛୁ । କେବଣ ପାଖୁଡ଼ା କେବଣ ବର୍ଣ୍ଣ । ପବନ ନିଜ ଘର ସ୍ଥାନ କେ, କୁଣ୍ଡଳୀ ନାଡ଼ୀର ସ୍ଥାନ କେ, ଦେହରେ ସ୍ୱର୍ଗ ମର୍ତ୍ତ୍ୟ ପାତାଳ କେ, କେତେ ଚନ୍ଦ୍ର କେତେ ପାଖୁଡ଼ା । କେବଣ

---

✳—ରଚୟିତା—ଶିଶୁ ଅନନ୍ତ, ସଂପାଦନା ଡଃ ରତ୍ନାକର ସାହୁ ।
ଏଷଣା-୨ୟଭାଗ ୧୯୮୧—ସଂପାଦନା—ଡଃ କୃଷ୍ଣ ଚରଣ ବେହେରା ଏବଂ ଅନ୍ୟ-ମାନେ, ପୃ-୮୭ ଦେଖ,

ପାଖୁଡ଼ା କେବଣ ବର୍ଣ୍ଣ । କେବଣ ପାଖୁଡ଼ାରେ କେବଣ ଦେବତା । କେବଣ ପାଖୁଡ଼ାରେ କେବଣ ଅକ୍ଷର । ଦେହରେ କେତେ ଡ଼ମ୍ବରୁ, କେତେ ଧାପ । କେତେ ସମସ୍ତ ସେ ଗ୍ରହ ।

ସେ ସନ୍ଧି ଦେହଧର । ଶୁଣ ପୁଣ୍ୟଧର ହେତୁ କୁଳ

କୁମାର ଉବାଚ । ଶ୍ରୀଦେବ ଉଂକାର ସ୍ଥାପି ପରମାର୍ଥ ଦେଖାଇବା ହେତୁ ।

ଈଶ୍ୱର ଉବାଚ । ସେ ସେ ପରମାର୍ଥଟି । ଅକାର ଉଂକାର ମକାର । ଅକାର ଉଂବ୍ରହ୍ମ । ଉଂକାରରୁ ବିଷ୍ଣୁ । ମକାରରୁ ମହେଶ୍ୱର । ସନ୍ଧିରମ୍ଭ । ସେ ଗୁରୁଅକ୍ଷର, ନମନ୍ତ୍ରିରୁଂ । ଏଥି ଉଦେ ଅସ୍ତଟି । ଚଥାଚଇତନକୁ ବୋଲିଟି । କାଳ କଲପନାକୁ ବୋଲିଟି । ଠୁଲ କାୟାକୁ ବୋଲିଟି । ହେ ପୁଣ୍ୟ ପୃଥୀ । ୧।।ଆପ ୨।। ତେଜ ୩ ।। ବାୟୁ ୪ ।। ଆକାଶ ୫ ।। ଅହଂକାର ୬ ।। ବୁଧି ୭ ।। ମନ ୮ ।। ସେହାକୁ ଅଷ୍ଟଫାଶି ବୋଲିଟି । ସେ ଅଷ୍ଟଫାଶି ଫିଟିବାକୁ ଅଜପା ଗାୟତ୍ରି ୮ ଅକ୍ଷରଟି । ଓଁ ପର ରଜ ହସବଦ । ଗୋଡି ଦୁଇ ଆଙ୍ଗୁଳିରେ ଦେହଯାକ କଂାକୁର ହୋଇବ । ମନର ଅଷ୍ଟବାର ମୁଇବ । ପର ଧନ ପର ରମଣୀକି ଚିତ ନ ବଳାଇବ । ଶୁଣ ପୁଣ୍ୟଧର ହେତୁ । ମିଲ ୧ ।। ରକ୍ତ ୨ ।। ଆପ ୩ ।। ତେଜ ୪ ।। ହାଡ଼ ୫ ।। ଚର୍ମ ୬ ।। ବିନ୍ଦ୍ ୭ ।। ଶ୍ୱରୀରେ ସପ୍ତଧାତୁ ସେ ଶ୍ଳୋକ । ହୃଦେ ପ୍ରାଣ ଗୁହ୍ୟେ ଗ୍ୟାନ ସମାନ ନାଭିଦେଶଙ୍କ ଉଦାନ କଣ୍ଠ ଦେଶେଷ୍ୟ ସର୍ବଶ୍ୱରରେ ଚହ୍ଲୀକଂ । ପ୍ରାଣ ୧ । ଆପାନ ୧ ।। ସମାନ ୩ ।। ଉଦାନ ୪ ।। ବ୍ୟାନ ୫ ।। ପଞ୍ଚ ପ୍ରାଣ ଏ ଆକାଶ ୧ ।। ଅଭିମାନ ୨ ।। ଗର୍ବ ୩ ।। ହିଂସା ୪ ।। ଦମ୍ଭ ୫ ।। ଆରମ୍ଭ ୬ ।। ପଞ୍ଚିସ ପ୍ରକୃତ ସେହାଙ୍କ ମୁଳେଟି । ପବନ ସେକ । ସେହାଙ୍କ ମୁଳେ ଅଣଚାଶ ପବନଟି ୪୯ ।। ମୁଳ କମଳ ଚାରି ପାଖୁଡ଼ାରେ ଚାରି ପବନଟି । ଦୁଇ ପାଖୁଡ଼ାକୁ ଫେରଇ ଦୁଇ ପବନଟି । ଶଙ୍ଖିନି ନାଳକୁ ଫେରଇ ଦୁଇ ପବନଟି । ଶଙ୍ଖିନି ନାଳକୁ ଫେରଇ ମୋହଟି । ଅପବନ ଡ଼ାହାଣ ଗୋଡ଼କୁ ଫେରଇ । କୁଉଦ୍ୟାନକ ପବନ । ବାମ ଗୋଡକୁ ଫେରଇ ସାଧନେକ ପବନ । ଏହା ମୁଳକୁ ସଞ୍ଚରଇ ସାଧିବ୍ରାନା ପବନ । ନେଉଟାଇ ଶଙ୍ଖିନୀ ନାଳକୁ ସାଧନେକ ପବନ, ସେ ଚାରିବାଧି ପବନ, ଗୋଡ଼ଦୁଇ ପଦ୍ମ ଆସନେ ବସିବ । ମୁଳ କମଳରୁ ପାଇବ । ସେ ଚାରି ପବନ ସେକ ହୋଇଲେ ନଳାଙ୍ଗକୁ ଫେରଇ । ନଳାଙ୍ଗ କମଳ ଛଡ଼ ପାଖୁଡ଼ାରେ ଛଡ଼ ପବନ ଦୁଇ ବାଜକୁ ଫେରଇ । ଦୁଇ ପବନ ଇନ୍ଦ୍ରିକି ଫେରଇ । ଉର୍ଦ୍ଧମୁଖ ହୋଇ ଉପରକୁ

ଫେରଇ ଦୁଇ ପବନ ମତ୍ତପବନ, ସପ୍ତପବନ, ସେ ଦୁଇ ପବନ ଇନ୍ଦ୍ରି ମୂଳେ । ଶଙ୍ଖ ପବନ, ଲଳିତ ପବନ, ଦୁଇ ୨ ॥ ଦଶପବନ ୧୦ ॥ ଉପରକୁ ଫେରଇ ସାତ ପବନ ୭ ॥ ତଳକୁ ଫେରଇ ପାଞ୍ଚ ୫ ପବନ, ଡ଼ଙ୍ଗ, ଷଡଥ ସେ ପାଞ୍ଚ ୫ ପବନ ॥ ଇତ୍ୟାଦି:—

# ମାଦଳା ପାଞ୍ଜୀ

## ଅନଙ୍ଗଭୀମ ଦେବଙ୍କର ପୁରୀ ମନ୍ଦିର ତୋଳା

୧ମ ପାଞ୍ଜୀମତେ :—ଏ ଉତ୍ତାରେ ଅନଂଗ ଭୀମଦେବଙ୍କ ସାନଭାଇ ଭୀମପର୍ବ ରାଏଙ୍କୁ ଭୀମନଗର ଦଣ୍ଡପାଟଂ ଆଣି ରାଜାକଲେ, ଏ ଦୂତୀଅନଙ୍ଗ ଭୀମଦେବ ହୋଇଲେ । ଏ ରାଜା ନଗର ଚଉଦ୍ୱାରେ କଟକେ ବିଜେ କରିଥାନ୍ତି । ଏମନ୍ତରେ ଏକ ଦିନକରେ ରାଜାଏ ବିଜେକରି ଆସି ମହାନଦୀ ପାରହୋଇ ଏ ନଦୀରୁ ଦକ୍ଷିଣ ତୀରରେ ଦେଖିଲେ କୋଦଣ୍ଡା ଦଣ୍ଡପାଟର ବାରବାଟି ଗ୍ରାମରେ ବିଶ୍ୱେଶ୍ୱର ଦେବଙ୍କର ସନ୍ନିଧେ ଶାମଳ ପକ୍ଷିକି ବକ ମାଡ଼ିବସିଛି । ଏହାଦେଖି ରାଜାଏ ବଡ଼ ଆଶ୍ଚର୍ଯ୍ୟ ପାଇ ଶୁଭଯୋଗ ଦିନରେ ଏ ବାରବାଟି ଗ୍ରାମରେ ଶୁଭଦେଇ ନଅର ତୋଳାଇ କଟକ କରି ଏ କଟକ ନାମ ବାଜରାଶୀ କଟକ ବୋଲି ନାମଦେଇ ନଗର ଚଉଦ୍ୱାର କଟକ ଛାଡ଼ିଆସି କଟକ କରି ରହିଲେ । ଥୋକାଏ ବରଷ ଗଲା ଉତ୍ତାରେ ଏକ ଦିନ କର ରାତ୍ରରେ ରାଜା ପରମେଶ୍ୱରଙ୍କୁ ସପନରେ ଦେଖିଲେକୁ ପ୍ରମେଶ୍ୱରଙ୍କ ଦରଶନ କରିବାକୁ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେକରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦରଶନ କରି ସ୍ମମୁରେ ଶରି ପ୍ରସାଦ ଲାଗିହୋଇ ଶ୍ରୀନବରେ ବିଜେକରି ମୁଦଲ କରାଇଲେ । ଏ ମୁଦଲର ଦିପା ଶ୍ରୀବୀର ଶ୍ରୀ ଗଜପତି ଗଉଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲ ବର୍ଗେଶ୍ୱର ଅଭିରାଏ ଭୂତ ଭୈରବ ଦୁଶାସନ ଅମାକରଣେ ରାଉତରାଏ ଅତୁଳ ବଳପରାକ୍ରମ ସଂଗ୍ରାମ ସହସ୍ରବାହୁ ଧ୍ୱଜକେତୁ ଶ୍ରୀ ଅନଂଗଭୀମ ଦେବ ମହାରାଜାଙ୍କର ବିରଳ ଅ ୧୫ ଙ୍କ ତ୍ରାହ୍ନ ଫଗୁଣ ଶୁକ୍ଳ ଦ ୧୦ ମୀ ତତ୍କାଳ ଏକାଦଶ

---

*—ପୃ-୨୭ ମାଦଳା ପାଞ୍ଜୀ : (ରାଜଭୋଗ ଇତିହାସ) ସମ୍ପାଦନା— ଅଧ୍ୟାପକ ରାୟସାହେବ-ଶ୍ରୀ ଆର୍ତ୍ତବଲ୍ଲଭ ମହାନ୍ତି । ପ୍ରଥମ ସଂସ୍କରଣ ୧୯୪୦— କଟକ,

ଗୁରୁବାରେ ଶ୍ରୀ ପୁରୁଷୋତ୍ତମ କଟକେ ଶ୍ରୀନଅର ଦକ୍ଷିଣଘରେ ଦେବାର୍ଚ୍ଚନ ଅବକାଶେ ଅଭିନବ ଯଯାତି ନଗର ବିଷ୍ଣୁ ଶ୍ରୀପାଦମୂଦଲେ ପୁରଚୌଖ ନଅରେ ବାହିଁଥାରେ ବିජେ ସମସ୍ତେ ପାଶେ ପାତ୍ର ପରମହଂସ ବାଜପେଇ ଦାମୋଦର ପୁରୋହିତ, ମହାପାତ୍ର ନୀଳକଣ୍ଠ ରାଜଗୁରୁ, ମହାପାତ୍ର ବଳଭଦ୍ର ପ୍ରହରାଜ, ମହାପାତ୍ର ଚଇତି ପାଟ ଯୋଷି, ମହାପାତ୍ର ଦାମୋଦର ପଣ୍ଡା, ପାତ୍ର ଗଂଗାଧର ପଣ୍ଡା, ପାତ୍ର ଚକ୍ରଧର ପଣ୍ଡା, ପାତ୍ର ବିଦ୍ୟାଧର ପଣ୍ଡା, ପାତ୍ର ଜଗନ୍ନାଥ ପଣ୍ଡା, ପାତ୍ର ନୀଳକଣ୍ଠ ପଣ୍ଡା ପାତ୍ର ଶ୍ରୀମକର ପଣ୍ଡା,।ପାତ୍ର ଗୋପୀନାଥ ପଣ୍ଡା, ପାତ୍ର ବଳଭଦ୍ର ପଣ୍ଡା, ପାତ୍ର ପୁରୁଷୋଦାସ ମିଶ୍ର. କେନା ବଡ଼ରାଏ, ନରସିଂହ ଦେଓ, ଅଜୟ ଦେଓ, ପରି ରାୟ, ଅନନ୍ତ ଦେଓ, ପରିରାଏ ଇଶ୍ୱର ଦେଓ, ପରିରାଏ ଶତ୍ରୁ, ପରିରାଏ ହରିହର ଦେଓ, ପରିରାଏ ରାମଦେଓ, ପୋର ପାଣ୍ଡିଧର ପରୀକ୍ଷା ନିଯୁକ୍ତ ପଣ୍ଡା, ପୋରଶ୍ରୀକରଣ ସୁରୁଜ ପୁର ନାୟକ, ମାରକଣ୍ଡ ମହା ସେନାପତି, ସମସ୍ତ ପାତ୍ର ଖଟନ୍ତି । ବୁଢ଼ାଲେଙ୍କା ଥାଇ ଠାକୁରେ ପୁରୁଣା ହୋଇ, ଏମନ୍ତ ବୋଲି ଲିପ କରାଇଲେ, ଠାକୁରେ ଏମନ୍ତେ ବୋଲିଛନ୍ତି ଯେ,

ହେ ଭବିଷ ମହାରାଜାମାନେ, ଦେବତା ବ୍ରାହ୍ମଣଙ୍କୁ, ବଲଭଣ୍ଡାରକୁ, ରାଜନୀତିରେକୁ ମଧ୍ଯ କରି ମୁଂ ଯେମନ୍ତ ପ୍ରକାରେ ଭିଆଣ କରିଦେଉଅଛୁ ଏଥିକି ତୁମ୍ଭେମାନେ ନପୁଣି ବୋଲି ଯେ ଦେଇଗଲେ ଆମ୍ଭର କି ହୋଇଲା, ଆମ୍ଭେ କମ୍ପା ଦିବୁ ଏମନ୍ତ ନ ବୋଲିବ, ଏତ ଓଡ଼ିଶା ରାଇଜ ଯେ କେସରୀ ରଜା ମାନଙ୍କୁ ଆଦି-କରି ଗଙ୍ଗବଂଶେ ଆମ୍ଭ ଛପାନ ସରିକି ରାଜ୍ୟ ଆଏ ହେଉଥିଲା । ପୂର୍ବ ଦିଗେ ଅର୍କକ୍ଷେତ୍ର ଯୋମୁଦ ତୀରଠାରୁ ପଶ୍ଚିମେ ଶ୍ରୀମନଗର ଦଣ୍ଡପାଟ ସରିକି ଦକ୍ଷିଣେ ଆଏ ହେଉଥିଲା, ଦକ୍ଷିଣେ ମହୋଦଧି ଉତ୍ତର ତୀରଠାରୁ କାଆଂସାଂ ସରିକି ଦକ୍ଷିଣେ ଆଏ ହୋଉଥିଲା । ଉତ୍ତରରେ କାଆଂସା ବାଆସା ଠାରୁ ଦକ୍ଷିଣେ ଋଷିକୋଇଲା ନଦୀସରିକି । ଜିତସୁନା ପନ୍ଦର ଲକ୍ଷ ମାଢ଼େ ଏହି ଖଣ୍ଡମଣ୍ଡଳ ହୋଇଆଏ ହେଉଥିଲା ।

---

ଦକ୍ଷିଣେ ମହୋଦଧି ଉତ୍ତର ତୀରଠାରୁ କାଆଂସା ସରିକି ଦକ୍ଷିଣେ ଆଏ ହୋଉଥିଲା, ଉତ୍ତରେ କାଅଂସାଂ ବାଅଂସା ଠାରୁ ଦକ୍ଷିଣେ ଋଷିକୋଇଲା ନଦୀ ସରିକି । ଜିତସୁନା ପନ୍ଦର ଲକ୍ଷ ମାଢ଼େ ଏହି ଖଣ୍ଡ ମଣ୍ଡଳ ହୋଇଆଏ ହେଉଥିଲା । ଏମନ୍ତ ରାଜ୍ୟ ଜଗନ୍ନାଥ ମହାପ୍ରଭୁଙ୍କ ପଦାରବିନ୍ଦ ପ୍ରସାଦେ ବ୍ରାହ୍ମଣ-ମାନଙ୍କର କଳ୍ୟାଣେ ଖଣ୍ଡାରେ ଯଶକରି ଭୂଇଆଂ ପୁରାଣମାନଙ୍କୁ ଜୟକରି ଆଏକଲୁ । ଉତ୍ତର ଦିଗେ କାଆଂସା ଠାରୁ ଦନାଇବୁଡ଼ି ନଈ ସରିକି ଦକ୍ଷିଣେ ଆଏକଲୁ ଋଷିକୋଇଲ ନଦୀଠାରୁ—

ରାଜ ମହେନ୍ଦ୍ର ଦଣ୍ଡପାଟ ସରିକା । ପଶ୍ଚିମେ ଆସୁକଲୁ ଭୀମନଗର ଦଣ୍ଡପାଟ ଠାରୁ ବଉଦସୀମା ସୁନୁପୁର ସରିକା । ଏ ତିନ ଦଗକୁ ରାଇଜ ଆଏ କଲଜାତ ସୁନା ୬୦ ଲକ୍ଷ ମାଢ଼ । ଗାଏ ଦୁଇପଦକୁ ଜିତସୁନା ୩୫ ଲକ୍ଷ ମାଢ଼ ଆଏ ହୋଇଲାକୁ ଦେବତାବ୍ରାହ୍ମଣକୁ ନାନା ନିଯୋଗକୁ ବଳ ପୋଷିବାକୁ ରାଜନୀତି ଭଣ୍ଡାର ସରିବାକୁ ନାନାବିଏକୁ ମଧ୍ୟକରି ଭିଆଣ କରିଦେଲୁ । ହେ ମହାରାଜାମାନେ ତୁମ୍ଭେମାନେ ଏହା ଅନ୍ୟଥା ନ କରିବ । ହରିଲାର ତ ପାପ ଶ୍ରୁତି ସ୍ମୃତି ବଚନମାନରେ ଶୁଣୁଥିବ । ଏଥିକୁ ତୁମ୍ଭେମାନେ ଯେବେ ବଳୀ ଆଉ ପଣ୍ଡିତର ଲୋଭବଶରେ ହରିବ ତେବେ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣକୁ ଦ୍ରୋହ କଲାରୁ ଯେ ପାପ ତାହା ପାଇବ । ମୁଁ ଯାହା ଯେଉଁ ପ୍ରକାରେ ଭିଆଣ କରିଦେଉଛୁ ଦେବତା ବ୍ରାହ୍ମଣଙ୍କୁ ଭୋଗକରାଇ ସେ ପ୍ରକାରେ ପରିପାଳନ କରୁଥିବ । ସାଆନ୍ତମାନଙ୍କୁ କଉଡ଼ି ଭାଗ ବରତନ ମାଦୁନ୍ତମାନଙ୍କୁ ଦଶମାସି ଟଙ୍କା ବରତନ, ବାଣୁଆ ପାଇକମାନଙ୍କୁ ଦଶମାସି ଭୂମିଭାଗେ ଓହୋଳ ବରତନ ନିଯୋଗ ସେବକମାନଙ୍କୁ ଆଉ ସମସ୍ତ ସେବକମାନଙ୍କୁ ମଧ୍ୟ କରି ଭୂମିରେ ଜିତସୁନା ବର୍ତ୍ତନ ଦେଇ ପରିବାର ପୋଷୁଥିବ । ଭଣ୍ଡାର ସରିବାକୁ ଯେଉଁ ପ୍ରକାରେ ରାଜ୍ୟରୁ ଘେନିବାକୁ ଭିଆଇଲୁ ଅଛୁ ସେ ପ୍ରକାରେ ଭଣ୍ଡାର ସରୁଥିବା ରାଜ୍ୟ ଯେଉଁ ପ୍ରକାର ଭୂଇଁ ଭଲରେ ମାଢ଼ ମୂଲକରି ସୁନାଭିଆଇଲୁ ଅଛୁ ସେହି ପ୍ରକାରେ ପୁଷ୍ଟି ନଷ୍ଟି ଦେଖି କରଘେନି ପରଜାମାନଙ୍କୁ ପରିପାଳନକରି ପୃଥିବୀ ଭୋଗକରି ସୁଖେ ସ୍ୱର୍ଗକୁ ଯିବ । ହେ ରାଜାମାନେ ସବୁଠାକୁ ଧର୍ମହିଁ ସେ କାରଣ, ରାଜ୍ୟରୁ ଏମନ୍ତ ମୁଦାଲ କରାଇ ପାତ୍ରମାନଙ୍କୁ ଏମନ୍ତ ଆଜ୍ଞାଦେଲେ । ରୁସ୍ତାଂ ପୁରାଣ ମାନଙ୍କୁ ଭୁଜରେ ଜୟକରି ରାଜ୍ୟ ଜିଣିଆଣିଲୁ ବାହାରେ ଯେ ଭଣ୍ଡାର ଧନମାନ ଅଣାହୋଇଲା ସୁନା ୪ ଲକ୍ଷ ମାଢ଼ ରତନମାନ ଆଣିହୋଇଲା, ମୂଲ ପ୍ରମାଣେ ମାଢ଼ ୨ ଲକ୍ଷ ୮୮ ହଜାର । ଗାଏ ଦୁଇପଦକୁ ମାଢ଼ ଲ ୪୭୮୮୦୦୦ କ୍ଷ ଆଣି ହୋଇଲା । ଏ ଅମ୍ଭର ଅରଜିତ ପଦାର୍ଥ, ଏଥୁଂ ଆମ୍ଭେ ଥୋକାଏ ପ୍ରମେଶ୍ୱରଙ୍କ ଆଡ଼ଟରେ ଲଗାଇବାକୁ ଏଥକୁ ଅମ୍ଭେମାନେ ଏମନ୍ତ କଲ୍ପନା କରୁଅଛୁଁ, ଯଯାତି ରାଜା ଯେଉଁ ପଟଳ ତୋଳାଇ ପ୍ରମେଶ୍ୱରଙ୍କୁ ବିଜେକରାଇ ଅଛନ୍ତି ସେ ପଟଳ ଗୋଟି ଅତିବଇତମ ହୋଇଲା, ଏହାଭିତରେ ଶଏହାତ ଉଚେଇ ପ୍ରାସାଦ ଗୋଟିଏ ତୋଳାଇବା ପରମେଶ୍ୱରଙ୍କୁ, ଆସ୍ଥତନ ଭିତର ଦେବତାମାନଙ୍କର ଦେହୁଲ ଗୋଟାମାନ ଆନକରି ତୋଳାଇବା, ଏଥକୁ ଥୋକାଏ ସୁନାଦବା । ପ୍ରମେଶ୍ୱରଙ୍କ ଭଣ୍ଡାରମାନ ୯ଟଣି ଯୋଗାଡ଼ମାନଙ୍କୁ ମଧ୍ୟକରି ଥୋକାଏ ସୁନା ଥୋକାଏ ଦେବା ଏମନ୍ତ ଆମ୍ଭେ ବିସ୍ମର ଅଛୁ । ଏଥକୁ ପାତ୍ରମାନେ ଜଣାଇଲେ ଦେଓ ଏମନ୍ତ ଯେବେ ବିଗୁରବା ହୋଇଅଛ ଏତେ

ହୋଇତ କଥାନାହିଁ । ଏ କଥାକୁ ବଡ଼ ଅବଧାନ ହୋଉ, ଧର୍ମସ୍ୟ ତ୍ୱରିତା ଗତି, ଧର୍ମ ବିଗୁଡ଼ିଲେ ଦଣ୍ଡ ଦେଖକରି ଏତେ କେବଳ ଜଣାଉଅଛନ୍ତି ପ୍ରାସାଦ ଯେ ଶୀଘ୍ରହୋଇ ଭଙ୍ଗ କରିବ ବିଗୁଡ଼ିବା ହୋଇଅଛି । ଶଙ୍କର ନିତ୍ୟନୋହିଲେ ଏ ଅନନ୍ତ ଦେହ ଏ ବସ୍ତୁତ କାଳଲାଗିବ, ଏଥୁଁ ଦଣ୍ଡହୋଇ ତୁଟି ନହୋଇ ହୋଇ ପ୍ରାସାଦ ହୋଇଲେ ବଡ ବେଗହୋଇବ । ଏଥକୁ ରାଜାଏ ଆଗ୍ୟାଂଦେଲେ, ବଗୁଡ଼ିବାରୁ ତୁଟିଲେ ଦୋଷ ହୋଇବ ପରି । ଏଥକୁ ପାତ୍ରମାନେ ଜଣାଇଲେ ଦେଉ ବନ୍ଧହୋଇ ରହିଲେ ସେ ସବୁହିଁ ଅସାର ହୋଇବ । ଏଥକୁ ଠାକୁରେ ଅଗ୍ୟାଂ-ଦେଲେ ହୋଉ, ନଉହାଥ ଉଚେ ପ୍ରାସାଦ ହେଉ ।

ଏମନ୍ତକୁ ଶିଳ୍ପୀ ଶାସ୍ତ୍ରମାନ ଦେଖ, କେଉଁ ପ୍ରାସାଦ ହେଲେ ବସ୍ତୁ ଯୋଗ୍ୟ, ଏଥକୁ ଭଟ୍ଟମିଶ୍ରମାନେ କହିଲେ ପ୍ରାସାଦ ଯେ ଛତିଶ ପ୍ରକାରେ । ଏଥକୁ କୋଡ଼ିଏ ପ୍ରକାରେ ପ୍ରାସାଦ ଶ୍ରେଷ୍ଠ । ଏଥିଭିତରୁ ଶ୍ରୀବତ୍ସ ଖଣ୍ଡଶାଳ ହୋଇ ଯୋଉଂ ପ୍ରାସାଦ ସେ ପ୍ରାସାଦ ହରିର ବଡ଼ପ୍ରିୟ । ଏହାଶୁଣି ରାଜାଏ ଆଜ୍ଞାଦେଲେ ଏହି ପ୍ରାସାଦ ରୁଜୁକରାଇବା, ଏଥକୁ ଦେଉଳ ତୋଳାକୁ ଦେଲେ ପରମହଂସ ବାଜପେଇ ମୂଲେ ସୁନା ୧୦ ଲକ୍ଷମାଢ଼, ପ୍ରମେଶ୍ୱରଙ୍କର ଅଳଂକାରକୁ ସୁନା ସୁନା ୨ ଲକ୍ଷ ୫୦ ହଜାର ମାଢ଼ । ଗାଏ ଦୁଇପଦକୁ ସୁନାମାଢ଼ ୧୨ ଲକ୍ଷ ୫୦ ହଜାର ଏ ଦେଉଳତୋଳାକୁ ଶୁଭଦେଲେ । ୧୫ ଅଙ୍କ ଫଗୁଣ ଶୁକ୍ଳ ଦଶମୀ ତତ୍କାଳ ଏକାଦଶୀ ବେଲ ୧୪ ଦଣ୍ଡକରେ ପ୍ରମେଶ୍ୱରଙ୍କ ସମ୍ମୁଖେ ବୃଷଲଗ୍ନେ ଅଭିଜିତ ମୁହୂର୍ତ୍ତେ ତୋଳାଇ ଦେଉଳ ପ୍ରତିଷ୍ଠା ବିଜେକରାଇ ଭୋଗ-ମଣ୍ଡପୁଲ ଭିଆ • ଲେ ।

× × × ×

## କପିଳେଶ୍ୱର ଦେବ

ଆଦ୍ୟପାଟ ସୂର୍ଯ୍ୟବଂଶରେ ଶ୍ରୀ ଜଗନ୍ନାଥ ଦେବ ଅବତାର ବୈବସ୍ୱତ ମନୁକୁଳେ ଗଙ୍ଗବଂଶ ମଉଭଞ୍ଜଦେବ ଇତ୍ୟାଦି ସୂର୍ଯ୍ୟବଂଶକୁ ଆଦ୍ୟପାଟ ବୈବସ୍ୱତ ମନୁକୁଳେ ବୀରାଧିବୀର କପିଳେଶ୍ୱର ଦେବ ମହାରାଜାଙ୍କର ପାଟ କକଡ଼ା ଦି ୨ ନ ଶୁକ୍ଳ ଚଉଠୀ ବୁଧବାର କୃତ୍ତିବାସ କଟକେ ଏ କ୍ଷେତ୍ରେ ଅଭିଷେକ ହୋଇ ରାଜା ହୋଇଲେ ତହୁଂହମ ସେତୁବନ୍ଧ ଯାଏ ଚମକ ପଡ଼ଇ । ସେ ରାଜାଙ୍କ ଅ ୨ ଙ୍କେ ସିଂହରେ ବୃହସ୍ପତି । ଅ ୩ ଙ୍କେ ରାଜାଗଙ୍ଗା ସ୍ନାନକୁ ଗଲେ । ତୁଳସୀପୁର ଶାସନ ସେଠାରେ ଦାନଦେଲେ । ଜଳେଶ୍ୱର ନରେନ୍ଦ୍ର ମହାପାତ୍ର

ତାହାଙ୍କର ପାନ୍ତ ସବଦା କଟକାଇ ସେ 'ରାଜା କରନ୍ତି । ଅ ୮ ଙ୍କେ ଛତ୍ରଗଡ
କଟକାଇ କଲେ । ଅ ୯ ଙ୍କେ ପଶ୍ଚିମ କଟକାଇ କଲେ ଅ ୧୦ ଙ୍କେ ରାଜାଖିମୁଣ୍ଡି
ମାଇଲେ । ଅ ୧୧ ଙ୍କେ ରାଇଜେ ମହରଗ କରି ଧାନ ଭରଣ କା ୧୦୫ ହାଣ
ଦୋଇଲେ । ସେ ମହରଗରେ ବହୁତ ଲୋକ ମଲେ । ଅ ୧୪ ଙ୍କେ ରାଜା ମହାନ୍ଦ୍ର
କଟକାଇ କଲେ । ଅ ୧୫ ଙ୍କେ ରାଜାଙ୍କୁ ସିଂହ ବୃହସ୍ପତି ହୋଇଲା । ଏ ଅଙ୍କେ
ଶ୍ରୀପୁରୁଷୋତ୍ତମ ବଡ଼ ଦେଉଳ ବେଢ଼ା ବନ୍ଧାଇଲେ । ଅ ୧୮ ଙ୍କେ ରଜା ବାହୁଡ଼ି
ଗଙ୍ଗାଗଲେ ସେଦିନ କପିଳେଶ୍ୱର ପୁର ଶାସନ ବସାଇଲେ । ଅ ୧୯ ଙ୍କେ
କୁଣ୍ଡମେରୁ ଗଲେ । ଅ ୨୧ ଙ୍କେ ମଲକାକୁ ମାଇଲେ । ଅ ୨୩ ଙ୍କେ ଉଦେତିଶ
କନ୍ଦ୍ରଗିରି ମାରି ବଲୁପାଷ୍ଠ ରାଜାଙ୍କୁ ବନ୍ଦୀକରି ଧଇଲେ । ଅ ୨୪ ଙ୍କେ ରଜା-
ବିଦ୍ୟାନଗର ଗଲେ । ଗୋପୀମଙ୍ଗରଜାଙ୍କୁ ବନ୍ଦୀ ତହିଁ କଲେ । ଅ ୨୭ ଙ୍କେ
ରାଇଜେ ଅପାଳକ କଲା । ଧାନଭରଣ କା ୧୦୦ ହାଣ ହୋଇଲେ । ଅ ୨୯ ଙ୍କେ
ବିଦ୍ୟାନଗର ପୁଣଗଲେ । ଦାମୋଦରପୁର ଶାସନ ବହାଇଲେ । ଅ ୩୨ ଙ୍କେ
ରାଇଜେ ଗଲଧୋଇ । ଅ ୩୩ ଙ୍କେ ଯେ ବତାସି ଘୁଙ୍କେଲା ଅନେକ ଲୋକ ସେ
ମହରଗରେ ମଲେ । ସେହି ଲାଗେ ରାଜା କୁଣ୍ଡମେରୁ ମାଇଲେ । ଚନ୍ଦ୍ରାବତୀ ଦେଇଙ୍କ
ବନ୍ଦୀକରି ଆଣିଲେ । ନରସିଂହ ରାଏକୁ ରାଜା ଅଣିକଲେ । ଅ ୩୫ ଙ୍କ
ସରକାହିମ ସେତୁବନ୍ଧ ଯାଏ କପିଳେନ୍ଦ୍ର ଦେବ ମହାରାଜାଙ୍କ ଅଗ୍ୟାଂରେ ଆଉଯାତ
ହୁଏ । ଅ ୩୭ ଙ୍କ ପୁଷମାସ କୃଷ୍ଣତୃତୀୟା ମଙ୍ଗଳବାର ଦିବସେ କୃଷ୍ଣାବେଣୀ
ନଦୀକୂଳେ ଆବାହନ ହୋଇଲେ । ଏ ରାଜା ଭୋଗକଲେ ବ ୩୨ ଷଂ ।

---

ପୃ-୩୧-

ପୃ-୪୩-୪୪-,

# ଚଚେରୀ ଲୀଳା

—ଶରଣ ଦାସ କୃତ *

ନଳକୁବେର କହିଲ ଶୁଣ ସୁନ୍ଦରୀ ମକର ମାଘ ଅନ୍ତେ ବସନ୍ତ ଋତୁ ପ୍ରବେଶ ହୋଇଲା । ଶିଶିର ସରିଲା, ତରୁ ପଲ୍ଲବିଲା, କୁମୁଦ ମଉଳିଲା, ସୁଶୀତଳ ବହିଲା, କୋଇଲି ଭାଷିଲା, ବନଶୋଭା ଦିଶିଲା, କୁମୁଦ ବକାଶିଲା । ମାନିନୀ ନିଜ ଭର୍ତ୍ତାରେ ରସିଲା, ଘନକର୍ପୂର ମିଶାଇ ହସିଲା, ସୁବାସିତ ପବନ ବାସିଲା । ଯୋଗୀ ଧଇର୍ଯ୍ୟ ଧ୍ୱଂସିଲା, ବବେକୀ ଲସିଲା । କାମ ଅନ୍ଧଶର ପେଷିଲା, ନାଏକା କୋଳେ ନାୟକ ବସିଲା । ସ୍ତନଶମ୍ଭୁ ଅଗ୍ରେକର ଅଧର ଅମିଏ ଯୌବନ ତୋଷିଲା, କୁଚ କୁଙ୍କୁମେ ମିଶିଲା, ମଳଗିଲେ କି ସୁନା କଷିଲା, କାମଅନଳେ ଝାସିଲା, କାମ କାମିନୀ ଦୂତ ପେଷିଲା, ପ୍ରବାସ ତେଜି କାନ୍ତ ଆସିଲା ଫୁଲଶରେ ନାଶିଲା, ଉଢ଼ ଶାହାସ୍ର ଯୋଡ଼ିଲା ପ୍ରେମଜଳେ ଭାସିଲା ତ । କୁସୁମକୁଳ ମକରନ୍ଦ ବାଞ୍ଛିଲା ମଧୁପାନେ ମଧୁପ ବଦନ ଲୁଚିଲା, କାମ କୁସୁମ କାମକୋଦଣ୍ଡ ଆମଂଚିଲା ବଷମଶର ବାଛିଲା ପ୍ରାଣୀମରମେ ଯୋଚିଲା, ପଥିକ କାମେନୀ କଷ୍ଟେ ବଞ୍ଚିଲା, ବରହମରଣ ପାଞ୍ଛିଲା; କେ କାନ୍ତ ବାରତା ପୁଚ୍ଛିଲା, କମଳ ଶେଯ୍ୟା ରଞ୍ଚିଲା କାନ୍ତହେସ ଅମୀୟ ସିଞ୍ଚିଲା, କମଳ ଦଳେ ବଞ୍ଚିଲା, ଅଙ୍ଗେ ସୁଗନ୍ଧ ଲଗାଇ ପୋଛିଲା, ରସବତୀ ରସକଳା ସଞ୍ଚିଲା, କୁଳବଧୂ ଲାଜ ମୁଞ୍ଚିଲା, ସୁରତ ଇଚ୍ଛିଲା, ଉପବନ କେଳି ନାଗର

---

* ସଂପାଦନା ଅଧ୍ୟାପକ ଆଶୁତୋଷ ପଟ୍ଟନାୟକ (ବାଣୀବିହାର) ପ୍ରଥମ ସଂସ୍କରଣ ୧୪ । ୧୧ । ୧୯୭୫ ମସିହା (ମୂଲ୍ୟ ୨୨ଟଙ୍କା) । ଗ୍ରନ୍ଥଟି ମୁଖ୍ୟତଃ ଶ୍ରୀ ମନ୍ଦିରର ଦୋଳୋତ୍ସବ କଥାକୁ କେନ୍ଦ୍ରକର ଲେଖାଯାଇଛି । ଏହି ଗ୍ରନ୍ଥର ରଚନାକାଳ ୧୭ ଶ ଶତାବ୍ଦୀରୂପେ ଗ୍ରହଣ କରବା ଅସମୀଚୀନ ହେବନାହିଁ ବୋଲି ସଂପାଦକ ଲେଖିଛନ୍ତି । ଏହି କାବ୍ୟରେ ରାଧା, ଚନ୍ଦ୍ରଶେଖା ଓ କୃଷ୍ଣ କଥା ନୂତନ ଭାବରେ ଉପସ୍ଥାପିତ ହେବାର ଦେଖାଯାଏ । ରାଧା ଓ ଚନ୍ଦ୍ରଶେଖାଙ୍କର ଜନ୍ମ ଓ ବବାହ ବୃତ୍ତାନ୍ତ ଓ ରାଧା କୃଷ୍ଣପ୍ରସଙ୍ଗ ଓଡ଼ିଆ ସାହିତ୍ୟରେ ଅପୂର୍ବ ।

ନାଗରୀ ବାଞ୍ଛନା, ନବବାଳା କୁଚ ନାୟକ ଆଞ୍ଚଳ, ଛଡ଼ଉଁ ପାଚିଲା, ମୟୂର ନାଚିଲା ଅନଙ୍ଗ ସୁଗନ୍ଧ ଲଗାଇ ପୋଛିଲା, ରସକଳା ସଞ୍ଚିଲା, ଶୀତ ପୁଞ୍ଛିଲା, ଗିରିକନ୍ଦରେ ଲୁଚିଲାଉ ସୁଗନ୍ଧ ଆମୋଦିଲା, ଭୃଙ୍ଗ ହୁଂକାର ଧ୍ୱନିରେ ଜଗତ ବନ୍ଦିଲା, ମଦନ ବାଧିଲା, ବ୍ରତଗ୍ରସ୍ତ ତପୀଙ୍କ ବିଶେଷେ ସାଧିଲା, କୁସୁମଶର ସନ୍ଧିଲା, ବିରହୀ ବଧିଲା, ସର୍ବଅଙ୍ଗେ ଭେଦିଲା, ମାନସ ସନ୍ଦେହ ଦହିଲା, ବିରହୀ ବଧିଲା, ଏତେ ଏତେ ପ୍ରକାରେ ବସନ୍ତ ଋତୁ । ବିୟୋଗୀମାନଙ୍କର ମରଣ ହେତୁ । ଏ ସମସ୍ତ ନିୟମ ବ୍ରତ ଛୁଟଇ, ମଦନ ବିକାର ଛୁଟଇ ବିଶେଷେ ପୀଡ଼ଇ, ଅବୋଧ ଯୁବତୀ ହେଲେ ପୁରୁଷ ଫାନ୍ଦେ ପଡ଼ଇ. ଏମନ୍ତ କାଳରେ ଶ୍ରୀ ପୁରୁଷୋତ୍ତମ ଅବନୀ ବୈକୁଣ୍ଠରେ ଦେବାଧିଦେବଙ୍କ ଦୋଳ- ଯାତ୍ରା ଉଦଯୋଗ ହୋଇଲା, ପଞ୍ଚକ କରଣ ବେହେରଙ୍କୁ ତତ୍ପର ପଡ଼ିଲା । ଶ୍ରୀଯ ସେବକଙ୍କର ଉଚ୍ଛାହା ବଢ଼ିଲା, ନାନା ବିଧକମ ପ୍ରତିମା ଗଢ଼ିଲା, ବୃନ୍ଦାବନ ଚରିତ ନିବଢ଼ିଲା ।

୮, ଏମନ୍ତେ ଫାଲଗୁନ୍ୟ ମାସେ ଶୁକ୍ଳ ଏକାଦଶୀ ନିଶିରେ ଉତ୍ତରେ ଫଗୁ ଅନ୍ତରେ ପ୍ରଭୁ ଗୃହେମ୍ୟ ଭ୍ରମଣକୁ ଅନୁକୂଳ କଲେ । ବିମାନ ମଣ୍ଡିଲେ, ଶ୍ରୀ ମଦନ ଗୋପାଳଙ୍କ ଶୋଭା କି କହିବା, ସମ କାହିଁ ପାଇବା ଅଭିନବ କାମ- ଦେବର ଶୋଭା ନିଭର୍ଚ୍ଛୀ ଛନ୍ଦେଉଛି, ମକର ଆକୃତ ପଦ୍ମ ଶ୍ରୀ ଦେବାଧି ଦେବଙ୍କ ମୋହନ ମୂରତି ସାଜ, * ଶ୍ରୀ ଚରଣ ସରୋଜେ ମଞ୍ଜୀର ମଞ୍ଜୁଳ ଯୁଗଳ ପ୍ରଳମ୍ବ, ଭୁଜଦ୍ୱୟ ନବରତ୍ନ ବଳୟ ମୁଦ୍ରିକାଯେ, କଟୀତଟ ଦର୍ଣ୍ଣିତ ତପନ କର ନିନ୍ଦିତ ପୀତପଟ ନବରତ୍ନ କାଞ୍ଚନ କାଞ୍ଚିଦାମ ରଞ୍ଜିତ ଅନୁପମ ବକ୍ଷସ୍ଥଳ ଶ୍ରୀବତ୍ସ ଲାଞ୍ଛନ । କର୍ପୂର ଚୂଆ ଚନ୍ଦନ ଅମ୍ଳାନ । କଉସ୍ତୁଭ ହାରଉଦାର ବର୍ତ୍ତୁଳ ମୁକ୍ତା ମାଳ—ହୃଦୟ ମୂରଲୀ ମନୋହର ବିମ୍ବାଧର, ନାସେ ମୋତିବର, ମକର ବେଷ୍ଟିତ ମଧୁମୁଖ ରୁଚି ରୁଚିର ସର୍ବାଙ୍ଗେ କର୍ପୂର ଅମ୍ବର ମନ୍ଦମନ୍ଦ ହାସ ନୟନ ଅଳପ ଅପାଙ୍ଗ ବଙ୍କ । ତ୍ରିଭଙ୍ଗ ଅଙ୍ଗ ଅଙ୍ଗନ ଅବଲୋକନେ ଅଙ୍ଗଭଙ୍ଗ । ଜଳଜଗ୍ର ନୃପବର ଅବଲୋକନେ ଶିରେ କର ଅଞ୍ଜଳି । ଜୟ ଜୟ ଶବଦ ଶୁଭୟେ ଉଦ୍ଦନଗ୍ରଜ ସାବଧାନ, ଦାମ ସୁଦାମ ସଖା ସନ୍ନିଧାନ, ଚନ୍ଦ୍ରକାନ୍ତ ବିମାନ, ବିଜୟେ ମଦନମୋହନ,

---

* ରୂ-ଗୀତଗୋବିନ୍ଦ,

ଜଗତକୁ ଅବଲୋକନ, ଭ୍ରମଣକୁ ଆଗମନ, ଧୀରେ ଧୀରେ ବିମାନ, ମନୁଷ୍ୟ କନ୍ଧେ ଗମନ । ଚନ୍ଦ୍ର କିରଣ ଅବନୀ ଶୋଭିବନ ବିଚିତ୍ର ଅମ୍ବର, କୁସୁମ ମୁକୁତା ମାଳ ଗୁନ୍ଦ ଦର୍ପଣ ନକ୍ଷତ୍ରଗଣ ଝଲ ଝଲ ସୁବର୍ଣ୍ଣ ସ୍ତମ୍ଭ, ଅତି ଆରମ୍ଭ ଦମ୍ଭ, ଅଷ୍ଟରତ୍ନ ପୁଞ୍ଜି ପୁଞ୍ଜି ମଣ୍ଡିତ, ବିଭୂଷିତ ସୁବାସିତ କୁସୁମ ସ୍ତବକ ଥୋପାଲମ୍ବିତ ଝିଲମିଲ ଝକମକ. ଝଲକ ଝଲା ଝଟଝଟ, ଝୋଲାଝୁମ୍ପା ଚହଟ, ମାଳଦୁକୂଳେ ନିର୍ମିତ, ନାନାରତ୍ନେ ଜଡ଼ିତ, ଚିତ୍ର ବିଚିତ୍ର ରୁଚି ରୁଚିର ବିଚିତ୍ର ଧ୍ୱଜ ନେତ କମଳକୁ ମିତ୍ର ଶୁଦ୍ଧସୁବର୍ଣ୍ଣ କଳସ, ଚିତ୍ର ଚଉଳ, ନାନା ମଣି ମାଳ, ତଥିଉପରେ ଚନ୍ଦ୍ରାତପ ଟାଣି, ନାନାରତ୍ନ ମଣି ମଣ୍ଡଣି, ମଧ୍ୟେ ପଦ୍ମାପୁଷ୍ପାସନ, ମକରାନନ ପ୍ରଭା ଶୋଭିବନ, ତଥିମଧ୍ୟେ ଶ୍ରୀ ମଦନ ମୋହନ ରତ୍ନ ଜ୍ୟୋତିମୟ କିରଣ ବିରାଜିତ, ସୁରନର କିନ୍ନର ମନରଞ୍ଜିତ ଚଉଦ ଜ୍ୟୋତିମୟ ରାଜିତ, କିନ୍ତୁ ରବିରାଜିତ ଶଶୀ ଦିନମଣି ଅନଳାଜିତ, ଦୀପ ଦାଣ୍ଡି ହୁଳା ଚନ୍ଦ୍ରହୁଳା ଚନ୍ଦ୍ରଉଦୟା, ତରୁଦୀପ, ରଥ ଆକାର ଦୀପ, ହଂସୁଣୀ ଦୀପ ସାତପୁରୀ ନାନାରୂପେ ଦୀପ ହୁଳା କରିତ, ଜାଇ ଚମ୍ପାମଲ୍ଲୀ ଜୁଇ କେତକୀ କୁନ୍ଦ ହାବୋଳ, ତାରାବଳୀ, ଖଣ୍ଡଚନ୍ଦ୍ର ଠିକା ଏରୂପେ ନାନାବାଣ ହୁଳାମାଳାରୁ କରି ଦିବସ ପ୍ରାୟେ ନିଶି ଦିଶଇ, ସ୍ୱର୍ଗ-ସମ୍ପଦକି ମଞ୍ଚକୁ ଖସଇ ସବ ଦେବତା ଘେନିବ୍ରହ୍ମା ପଟୋଆରକୁ ଆସନ୍ତି । ଗୋପାଳଦେବଙ୍କ ଦର୍ଶନ କିରଣେ ହେଲେ ପଶଇତ ଚତୁର୍ଦଶ ଲୋକଅତି ଉଚ୍ଛୁକ, ହରି ହରି ଡାକ, ଘନଘନ ଅଧିକ; ବଡ଼ଦାଣ୍ଡେ ଯାଇ ଘଣ୍ଟା ମର୍ଦ୍ଦଳ, ତାଳ କଂସାଳ, କାମକାହାଳ, ବୀଣା ବଇଂଶୀ, ଶଙ୍ଖମହୁରୀ ଭେରୀ ନାନାବାଦ୍ୟ ଶବଦ ଘୋରଘନ ଜନରବଦ, ଦୋଳା ଉଚ୍ଛୁଳ, ଚହଲ ଗହଳ ଗୋପାଳ, ଅବନୀ ମଣ୍ଡଳ ଟଳମଳ, ଦଳଦଳ ଦୁମୁ ଦୁମୁ । ଗର୍ଜିକା କୁଳ ହୁଳହୁଳି, ଚହଲ ବେଳୁବେଳ ହରିବୋଲ ଧର ଧର ତୋଳ ନିକର ବହୁତ ଗୋଳ । ଧୀର ଧୀର ଚଳାଇ, ବଡ଼ଦାଣ୍ଡେ ଶ୍ରୀ ମଦନ ଗୋପାଳ ଦର, ଛତ୍ର ମେଘାଡମ୍ବର ଉଲାଗ ବିମଳ ଚଉଳ ମାଳ, ଆଲଟ ଖଦ ଚାମର ବିଞ୍ଚିଏ ପଡ଼େ ନିରଂତର, ଆବିର ଧୂଳି ଧୂସର କଳେବର ସୁରନର କିନ୍ନର ଯକ୍ଷବିଦ୍ୟାଧର, ଶିରପରେ କରଯୁଗଳ, ଜୟ ଜୟ ଶବଦ ବଖ୍ୟାଣ କରି ଜଗତଜନ ନୟନ ସୁଫଳ ଜୟ ମଙ୍ଗଳ ମହୁରୀ ତହିଁର । କୁସୁମ କର୍ପୂର ରତ୍ନବୃଷ୍ଟିକର, ପଟୋଅର ଭିତର ଅପସ୍ତରାଙ୍କର ନୃତ୍ୟ ତତପର, ନାନାବାଣ ନରମଣ୍ଡଳ ବିଚିତ୍ରତର । ଯେତେତେତେ ଘଣ୍ଟି ବଜେ, ଢୋଲ ଦମାଲୁ ମେଘାବାଜେ, ଶ୍ରୀ ମଦନ ଗୋପାଳ ଶୋଭି ଅଖିଳ ସାଜେତ । ଚନ୍ଦ୍ରକିରଣେ ଚନ୍ଦ୍ରହୁଳା ଦୀପରେ ଅବନୀ କ୍ଷୀର ସମୁଦ୍ର ପରାୟେ ଦିଶୁଅଛି । ସୁର ଅସୁର ମିଶୁଛି । କେ ହରି ଭାସୁଛି, କେ ଅବିର ଧୂଳି ଶିରେକେ ସିଞ୍ଚୁଛି, କେ ଆନନ୍ଦେ ନାଚୁଛି, ହାହାସୀ ହୋଇ କେ କାଶୁଛି । ବିମାନ ଶିରେକେ ଛୁଉଁଛି । କେ ରହୁଛି, କାହାକୁ

କେ ବଜାଉଛି, କେ ଧାଉଁଛି, କେ ବାଣ ବାଉଛି । କେ ଶ୍ରୀମୁଖ ଶୋଭାକୁ ଚାହୁଁଛି, କେ ଅହ୍ଲଣିଆ ନେଉଛି, ଚକ୍ଷୋକରେ କେ ଦେଉଛି । କେ ଜଣାଉଛି, କେ ପଦ୍ମସ୍ତ ମଣ୍ଡଉଛି···କଥା ଶୁଣାଉଛି । କେ ତାଳଗୀତ ଗୁଣ ଗାଉଛି, ଚଣାଖଜା କେ ଖାଉଛି । ବସି କେ ବାଉଛି, କେ ଧଣ୍ଟାମାଳ ଆଣୁଛି, କେ ହସୁଛି କେ ଖୋଜୁଛି, କେ ରୂପଗୃହିଁ ଭଜୁଛି, କେ ଡହିଁ ବୋଲୁଛି, ସଖୀ ମଦନ ରୂପକୁ ଗାଞ୍ଚୁଛି । କେ ହସୁଛି । କେ ସମାସି ମାଳ ଖଞ୍ଜୁଛି । ନାନାବାଦ୍ୟ ବାଜୁଛି ଅବନୀ ମଣ୍ଡଳ ସାଜୁଛି ।

ତ, ଏମନ୍ତେ ଶ୍ରୀଚେଶ ଭ୍ରମଣି କେତେ ଦୂର ଗଲେ, ଦକ୍ଷିଣ ଅଭିମୁଖେ ହେଲେ ବାହୁଡ଼ା ବଜେହେଲେ, ଚଉଠାଅଣ ରହିଲେ, ନାନା ବାଜଣା ମାଇଲେ । ଅପସରା ମାନେ ନୃତ୍ୟ ଆରମ୍ଭିଲେ । ମାଦଳ ତାଳେ ଘଣ୍ଟା ବାଜଇ ନାନା ନାଟେ କେ ନାଟକ ସାଜଇ ଛିଦୁର ଲୋକ ଚଉଁଅର ଅଛଇ । ଛାମୁରେ ପାଳିମାହାସ ନାଚଇ । ତ, ପୁଣ ପଟୋଆର ଭଜି ଭ୍ରମଣ ଚଳଇ; (୧) ବାସିକସୀରେ ଅବନୀ ଟଳଇ । ଝଣ୍ଟେଦୂର ଆସି ଚଉଁଆର ଦେଇ ରହଇ । ବିମାନ ବଡ଼ୁମାନେ ବିମାନ ବହନ୍ତି, ଛାମୁରେ ବ୍ରହ୍ମା କରଯୋଡ଼ି ଜଗନ୍ ଚିନ୍ତା କହନ୍ତି । ଇନ୍ଦ୍ର ବୋଲଇ ଶ୍ରୀଦେବ ଶୁଣିମା, ଚନ୍ଦ୍ର ବୋଲଇ ଶ୍ରୀଦେବୀ ଗୁହାରି ମଣିମା ଏମନ୍ତେ ଶ୍ରୀଚେଶ-ହାର ବଡ ଦେଉଳେ ପ୍ରବେଶ ହୋଇଲେ ବନ୍ଦାପନା ହୋଇ ସିଂହାସନେ ବିଜେକଲେ । ଶୀତଳ ମଣୋହି ସାର ପ୍ରଭୁ ଉଉରଣିଆ ଲାଗି ହୋଇବେ । ଅବକାଶ ହୋଇଲେ । ଦେବତାମାନଙ୍କୁ ପୁଷ୍ପଅଞ୍ଜୋଳି ମେଲାଣି ଦେଲେ । ମେଧା ବାଜିଲା ଦେଉଳ ଶୋଧା ହୋଇଲା । ପଡ଼ିହାରିମାନେ ବିଜୟେଦ୍ୱାରେ ଉଜାଗର ହୋଇ ରହିଲେ ପଟୁଆ ମୁଦିଦେଇ କବାଟ ପାଡ଼ିଲେ । ଦେବେ ବାହୁଡ଼ିଲେ ପ୍ରଭୁ ରତ୍ନମୟ ପଲଙ୍କେ ପହୁଡ଼ିଲେ ।

---

※ ପୁଷ୍ପକ ବିମାନ ଅବତର ଆସୁଛି । ସକଳ ପାପକୁ ନାଶୁଛି,

୧-ବାସିକ = ବାସୁକ

# ପ୍ରସ୍ତାବ ଚିନ୍ତାମଣି

## (ନୀଳାମ୍ବର ବିଦ୍ୟାଧର କୃତ)*

ଏମନ୍ତ ପ୍ରକାର ଯେ ରଜା, ଏମନ୍ତ ଲୋକମାନଙ୍କୁ ଘେନି ଭୁବନଗ୍ର ରାଜ୍ୟରେ ତ୍ରିରୁମଣ୍ଡ ନାମକ କଟକରେ ବିଜେକରି ଅଛନ୍ତି । ସେ କଟିକ କଥା କିବର୍ଣ୍ଣିବା ।

× × ×

ଏଥିଉତ୍ତାରୁ ଗଡ଼ ଭିତରେ ଥିବା ଲୋକଙ୍କ କଥା ଶୁଣ । ପ୍ରଥମରୁ ସର୍ବ-ସୁଲଭ ନାମ ପାଟଣା ଅଛି । ଏଥିରେ···କୁମ୍ଭି, ବଣିଆ ବ୍ରାହ୍ମଣ ଇତ୍ୟାଦିମାନେ କାନ୍ଧ ବିକାନ୍ଧରେ ସାହି ସାହି ହୋଇଅଛନ୍ତି । ଏଥିରେ ଆମ୍ବ, ଦଣଯ, ନଡ଼ିଆ, ଗୁଆ, କଦଳୀ ଏରୂପେ ତୋଟାଅଛି, ଏଥି ନିକଟେ ପଦ୍ମ ପୋଖରୀ ଅଛି, + + + । ଏମନ୍ତ ଯେଉଁ ସର୍ବସୁଲଭ ପାଟଣା ଏ ନିକଗଡ଼କୁ ପାଏବାଟ ଅନ୍ତର ଏଥିରେ ନିତ୍ୟ ବଜାର ବସଇ, କିଣିଦ୍ରବ୍ୟ ବିକାକିଣା ହୁଅଇ ଶୁଣ : + + +

+ + +

ଏହିଥିରେ ସୋମବାର ଦିନ ହାଟ ବସଇ ଏ ହାଟକୁ ଦେଶବିଦେଶ ନାନା ପ୍ରକାର ସ୍ଥାନ ମାନଙ୍କରୁ ସ୍ତ୍ରୀ ପୁରୁଷ, ବୃଦ୍ଧ, ବାଳକ ବହୁତ ଲୋକ ଆସନ୍ତି । ଏ ହାଟରେ ବାବୁ ମା' ଗ୍ଲୁଡ଼ି ସବୁମିଳଇ ଏପାଟଣା ଦକ୍ଷିଣ ପାଖ ଆମ୍ବ ତୋଟାରେ ହାଟରେ ବସଇ ତାପାଖରେ ପଦ୍ମ ପୋଖରୀ ଅଛି । ନିତ୍ୟବଜାରରେ ଯେତେ ଦ୍ରବ୍ୟ ମାନଙ୍କ ନାମ କହି ଆସିଥାଇ ତାହାଠାରୁ ସହସ୍ରେ ଗୁଣେ ଏଥିରେ ସାମଗ୍ରୀ ବସିଛି, ସେଠା ଲୋକେ କିରୂପେ ବିକାକିଣା କରୁଛନ୍ତି ଶୁଣ, ପ୍ରଥମୁ ଡେଗ ଖଡ଼ୁରୀଙ୍କ ବିକାକିଣାରେ କଥାବାର୍ତ୍ତା କହୁଥାଇ, ଖଡୁରୀ ପସରାରେ ଖଡ଼ୁ, ମୁଦି,

---

* ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରକାଶିତ

ଡାଙ୍ଗ, ସୂତା, ବନ୍ଦ, ଚକି, ବାଙ୍କ (ବାଂକ) ମୁଦ୍ଦ ଇତ୍ୟାଦି ମାନ ହେଉଛି । ସେଠାରେ ଜାଣିବା ଲୋକ ମାନଙ୍କୁ ଲୋକେ ଡାକି ଅଛନ୍ତି । "ଭାଇ ! ଏଠାକୁ ଥରେ ଆସନ୍ତ ଏ ଖଡୁ ଦରଦାମ୍ ବୁଝି କିଣାଇ ଦିଅ" । (36)

ସେ ଆସି ବସି ପଚାରିଲା—"ଆପଣ ଏଥି କି କିଣିବେ ?" ସେ କହିଲା "ଅଠର ଟଙ୍କାର ଖଡୁ ମୁଁ କିଣିବି, ଭଉଣୀ, ଝିଅ, ଅପା, ଭଣିଜି, ନାତୁଣୀ, ଏତେ ଲୋକଙ୍କୁ ଏକାବେଳେକେ ହାତରେ ଥିଲାବେଳେ ଖଡୁପିନ୍ଧାଇ ଦେଇଥିବା" । ଏହାଶୁଣି ମଧ୍ୟସ୍ଥ ଖଡୁଆ ପାଖେ ବସି ଖଡୁ ମୂଲଉଛି—"ମହାଜନ ଭାଇ ଖଡୁପିଉଲ ଭରି କେତେ ଲେଖାଏ ବିକୁଛ ?" ସେ କହିଲା "ଦାଣ୍ଡଦର ପଚାରନ୍ତୁଟି ବର୍ତ୍ତମାନ ଟଙ୍କାକୁ ଦୁଇଭରି ଦରେ ବିକୁଛି" । ସେ କହିଲା ଯଥାର୍ଥ କହ" ସେ ବୋଇଲା "ପଲା ସାତପଣ ଦଶଗଣ୍ଡାକୁ କି ପଡ଼ିଲା ତାହାଲେଖି ଧର୍ମସାକ୍ଷୀ ପ୍ରମାଣେ ମୋର ଯେହେଲା ତାହା ବୁଝିଦିଅ" ତହିଁକି ମଧ୍ୟସ୍ଥ କହୁଛି "ଭାଇ ଆମ୍ଭଠାରେ ଜଟାଜଟି କଲେ କିବା କି ?" ଆମ୍ଭେତ ଏ କାରବାର କରି କରି ବୁଢା ହୋଇ ଗଲୁଣି । ଯଥାର୍ଥ ପଲା ଛପଣ ଲେଖାରେ ବୁଝିନିଅ । ଏଉତ୍ତାରୁ ତାହାଙ୍କ ମନ ତୁମ୍ଭମନ । ଆଉ ଏଥି ଉପରେ କହିବାକୁ ନାହିଁ । ଏରୂପେ ସେ ବୋଲନ୍ତେ ଖରୁଡ଼ା ବୋଲୁଅଛି ଆପଣ ଭଲ ଲୋକଜଣେ ଏରୂପେ କଲନ୍ତି ଆଉ ଦେସଣ୍ଡା ଦିଅ । ଆମ୍ଭ କହିବାର ଖଲପ କଥାସିନା' । ହେଉ ବୋଲି ମଧ୍ୟସ୍ଥ ଗରାଖକୁ ପଚାରିଲା, 'ଆହେ ଏରୂପେ ମୂଲ ଛିଡ଼ିଲା । ଆଗପଛେ ଆଉ ଗୋଟାଏ କଥାଏ କହିବାକୁ ନଥାଇ ମନକୁ ପାଇଲେ କିଣ" । ସେ ବୋଇଲା କି କଥାଏ, ତୁମ୍ଭେ ଦେବଯାଙ୍କୁ କଲାଠାରେ ଆଉପୁଣି କଥା ଥାଏକି ?" ଏମନ୍ତ ବୋଲନ୍ତେ ମଧ୍ୟସ୍ଥ ନାରଜି ଧରି ଖଡୁବାହିମାନ ତୁଳି ଗରାଖ ଗୋଚରେ ବୁଝାଇ ଦେଲା, ଖଡୁ ଭରି ଅଠର ଟଙ୍କା ଯେଠାରେ ଥିବା ମହାଜନଠାରେ ବୁଝାଇ ଖଡୁରାକୁ ଦେଲା । ବୋଇଲା "ଭାଇ—ହାଟଗହଲା ଏ ଭଲ କରି ବଟାବଟି ବୁଝି ରଖିଥାଅ, କାଲି ଫେରାଇ ଦେଲେ ଅମ୍ଭେ ଟଙ୍କା ନେବୁ ନାହିଁଟି" । ଏରୂପେ କହିଦେଲା ଏ ଉତ୍ତାରୁ ତେଉଁଙ୍କ ଲୁଗାପଟା କଣାକଣା ଶୁଣ । ଫେଟାପିନ୍ଧା ଗାମୁଛା, ପାଛୁଡ଼ା, ଶାଢୀ, ପୁଅଖଦି ଏରୂପେ ନାନାଜାତି ଲୁଗାମାନ ଝୁଲାଝୁଲା କରି ଧରି ବସିଅଛନ୍ତି । କି କି ଜାଣ ? ଚନ୍ଦ୍ରଦାଣ୍ଡ, ନକ୍ଷତ୍ର ଭୂଷଣ, ଗୁଛା ମନାଙ୍ଗ ପଟ୍ଟା, କଳା ବାନ୍ଧି, ବେଲୁବାନ୍ଧି, ନାଗବନ୍ଧ, ହର ଗଉରି ଗଙ୍ଗାଯମୁନା, ରାଜେନ୍ଦ୍ରପଟ୍ଟା, ବଳରାମପଟ୍ଟା, ପୁରୁଷୋତ୍ତମପଟ୍ଟା, ନଖି, ଚିନଗାଜ, ଦୋତାର, ଚନ୍ଦନ ଧାଡ଼ିଆ, ଶ୍ରୀରାମଖାନି, ପାଟଚଢ଼ିଆ, ସାନ୍ତରା ପଟ୍ଟା, ପିଲ ପଟ୍ଟା, କୁମ୍ଭକର୍ଣ୍ଣ ପଟ୍ଟା, ବଉଳ ବାନ୍ଧି, ଜରଧଡ଼ିଆ, ସରୁ ମୋଟା ଖାପ, ଭଲମନ୍ଦ ଜାଯାର, ନାନା ପ୍ରକାର ମାଇକି ଲୁଗା, ମିଣିପ ଲୁଗା, ସ' ସ' ପସରା ବସିଛି । ଏ ଜାଗାରେ

ତନ୍ତୀ, ଲୁଗା ଗାମୁଛା ଧରି ବସିଅଛନ୍ତି । ଫୁଲ ପଡ଼ା, କଳା କାଉମୁହିଁ, ମନ୍ଦାର ଧୋଡ଼, ରଙ୍ଗ ଖଦୀ, କାଣ୍ଡ ନାହାଲ ଛରିଆ ବାନ୍ଧି, ପଟା ତଉଂରି, ତଉରି, ଶଂଖା ମୁଠିଆ, ଆଖୁ ପତରିଆ ମରିଚ ପଡ଼ବନା ଇତ୍ୟାଦି ଖଦିଲୁଗା ଶାଢ଼ି ଲୁଗା ମଧ୍ୟ ବହୁତ ଘେନି ବସିଅଛନ୍ତି । କାରସ ତନ୍ତୀ ଏ ଝଦୀ ଛହାତି, ପାଞ୍ଚ ହାତି, ଅଠରପାଆ ଘେନି, ଧାଡ଼ି ଧାଡ଼ି ହୋଇ ବସି ଅଛନ୍ତି । ଏ ପସରା ମାନଙ୍କରେ ମୁଲାଇ ଦେଇ ଲାଭ ଖାଇବାକୁ ମଧ୍ୟସ୍ଥମାନେ ଧାଡ଼ି ଧାଡ଼ି ହୋଇ ବୁଲୁ ଅଛନ୍ତି । ଏଥକୁ ଗ୍ରାହକ ମାନେ ଯାଇ ଲୁଗାପଟା କିଣାବିକା କରିବାକୁ କଥାବାର୍ତ୍ତା କରନ୍ତେ ମଧ୍ୟସ୍ଥ ମାନଙ୍କୁ ଡାକି ମୁଲାଉ ଅଛନ୍ତି । ଏ ସମୟରେ ପୁଅ କାହାର ବାପକୁ ବୋଲୁଛି "ବାପା ହେ ମତେ ଏପିନ୍ଧା ପାଟ୍ଟେଉ ଯୋଡ଼ିକ କିଣିଦିଅ" ବାବୁ ବୋଲୁଛି ମାଙ୍କ ଉରୁ କି ପୋ କହୁଛି—"କାହିଁକି" ? ଏହିକ୍ଷଣି କାହିଁ କିଣି ମାକୁ ଆଉ ଦୁଇ ମାସ ମାସେ ଯାଉ, ତୋର ବୋଉର ଲୁଗାନାହିଁ । ଏହାଶୁଣି ପୁଅ ଗୋଳ କରି ବୋଲୁଛି "ମତେ କିଣି ଦେଲେ ପ୍ରମାଣ" ସେ କହୁଛି "ଆଣ୍ଠୁକୁଡ଼ି ପୋକୁ ଯେତେ କହିଲେ ନଘେନିଲା, ମୁ କାହୁଁ ଆଣିମି ?" ଏମନ୍ତ ବୋଲି ତାକୁ ମାରି ଗୋଡାଇଲା ସେ ଭୟରେ ପଳାଇଗଲା । କାହା ଝିଅ ମାଆକୁ ବୋଲୁଛି । "ମାଲୋ ଆମ୍ଭର ଏ ଶାଢ଼ୀ କିଣିମା" ମା ବୋଲୁଅଛି "ମାଲୋ ଆଉ ପନ୍ଦର ଦିନ ତୁନି ପଡ଼ିଥା ଆର ହାଟରେ କିଣି ଦିଅଇ ସିନା" ସେ କହିଲା "ଆର ହାଟକୁ ଏମନ୍ତ ଲୁଗା ମିଳିଲେ ସିନା କିଣିବୁ । "ସେ ବୋଇଲା "ତେବେ ତୋ ଭାଇକି ଡାକି ଆଣଇଂ ଲାଇ ଦେବ । ପାଖ ଗାଁ ତନ୍ତୀସିନା ଆଉ ପାଳିକ କଉଡ଼ି ଦେଇସିନା" । କାହା ପୁରୁଷ ବାଦକ ବୋଲୁଛି "ବାଦହେ ଆମ୍ଭ ମାମୁଁଙ୍କ ଘର ନମିତ୍ତକୁ ନିମନ୍ତ୍ରଣ ଦେଇଅଛନ୍ତି ଅବଂଶ ଯିବାକୁ ପଡ଼ିବ ପିନ୍ଧା ଯୋଡ଼ାଏ, ବେଢଣା ଯୋଡ଼ାଏ, ମାଈଁଙ୍କ ପାଇଁ ଶାଢ଼ୀଖଣ୍ଡିକ ଏତକ କିଣି ଆଣିମାକୁ ବାପା କହିଛନ୍ତି । ମୁଲାଇବା ଆସ" ଏମନ୍ତ ବୋଲି ତେଇ ପସରାକୁ ଗଲେ, ତେଇ ପଚାରୁଛି "ଲୁଗାପଟା କଣ କିଣିମାର ପଡ଼ିବକି" ? ସେ କହିଲେ "କି ଅଛି ଦେଖାଅ । ସେ ବୋଇଲା ଅବଦାନ ଲୁଗା କି ଦେଖିବ ?" ଦୁଇଶ ଟଙ୍କାର ଲୁଗା ମୋ ବୁଜୁଲାରେ ଅଛି । ଯେଉଁ ଲୁଗା ଇଚ୍ଛା ହେଉଛି ଦେଖି ଘେନ । ଏମନ୍ତ ବୋଲି ବୁଜୁଲା ଫିଟାଇ ଦେଖାଇଲା ତହିଁରୁ ବାଛି ପିନ୍ଧା ଯୋଡ଼ିଏ ପ୍ରଥମ ମୁଲାଇବାକୁ ଫିଟାଇଲେ । ଦୁହେଁ ଟାଣି ଫିଟାଇ ମାପନ୍ତେ ସେ ତୋରା ବୋଲୁଛି "ଅବଦାନେ, ଯେବେ କିଣିବ ତେବେ ଫିଟାଅ, ନୋହିଲେ ଧୂଳିଇ ବାଙ୍ଗ ଫିଟାଇ ମାଲ ଖରାପ ନକର" । ଏମନ୍ତ ବୋଲିସେ ବୋଲନ୍ତେ ଗରାଖ ବୋଲୁଛି "ନ କିଣିମୁ ଯେବେ ତୋଠାକୁ ଆସିଲୁ କାହିଁକି ?" ଏମନ୍ତ ବୋଲି ମଠା ପଚାରିଲେ, ସେ କହିଲା ମାପକାର ଅଛ ହାତଏ ମାପିଦେଖ" ଚଉକ ଧରି ମାପିଲେ ତେରା ବୋଲୁଛି ଏରୂପେ କଉଟାଇ ହରିକା, ମାପି ଡାଳକି, ଅଟର

ହାତ ଲୁଗାକୁ ଷୋଳହାତ କରି ପକାଉଛ ? ସେ କହିଲେ ମଧ୍ୟସ୍ଥ ଯାହା ମାପି ମୂଲ୍ଲଇବେ, ସେ ଆମର ସମ୍ମତ । ଏମନ୍ତ ବୋଲି ଏକ ଦାନୁଆ ବ୍ରାହ୍ମଣ ଜଣଙ୍କୁ ଡାକିଲେ । "ଗୋସାଇଁ ଏ ଲୁଗାଥରେ ଦେଖିବା ହେବନ୍ତି" । ସେ ବ୍ରାହ୍ମଣ ପଚାରିଲେ "ଏ କେତେ ହାଥ" ? ସେ କହିଲା "ଅଠର ହାତକୁ କିଛି କାଟ ଅଛି" । ଏହାଶୁଣି ବ୍ରାହ୍ମଣ କହିଲେ ତେଲିଙ୍କୁ "ପାଜି ତୋ ନା କି" ? ସେ ବୋଇଲା ଗୋସାଇଁ ମୋନା ଆଙ୍ଗାସ୍ତା ପାଜି" ତହିଁ କି ବ୍ରାହ୍ମଣ ବୋଇଲେ—"ଏ ଲୁଗା ମୂଲ କହ" ? ତୋ ପଦାର୍ଥ ତୁ ପ୍ରଥମୁ କହିଲା ଉତ୍ତାରୁଂ ସିନା ଆମ୍ଭେ ଯଥାର୍ଥ ଯାଣି କହୁ ନିର୍ଣ୍ଣୟ କରିଂ ଦେବା । ହେ ତେଲି ବୋଲୁଛି—"ମତେ ଯେବେ ମୂଲ ପଚାରୁଛ ଏ ପିନ୍ଧାଖେଳ ଯାର ଟଙ୍କାରୁ କଡା ଗୋଟାଏ ଊଣା ନାହିଁ । ବ୍ରାହ୍ମଣ ବୋଇଲେ "ଆରେ ନିକାଂଗିଆ ପ୍ରଥମ ଏରୂପେ କହୁଛୁ ତୋଠାରେ କିଲୁଗା କାରବାର କରିବା ଯେଉଁ ରୂପେ ତୁ ବିକରୁ ଏ କିଣିବେ ତା'କହ" । ସେହା ଶୁଣି ତେଲି ବୋଲୁଛି—"ଗୋସାଇଁଙ୍କ ମନକୁ କ ପାଉଛି ତରେ ମତେ ଅବଦାନ କର" । ବ୍ରାହ୍ମଣ କହୁଛନ୍ତି ପାଜି ଆମ୍ଭଙ୍କୁ ଯେବେ ପଚାରୁ, ଏ ଲୁଗା ଯୋଡ଼ିକ ଛନଟଙ୍କାରୁ ଅଧିକ ହେବା ପରି ମନକୁ ନପାଏ । ଏଥି ଅଧିକ ଅଉ ଆନଠାରେ ବିକିବୁ ନାହିଁ । ଏ ଭଲ ଲୋକ ଜଣେ କଉଡ଼ିରେ କାଳବାସି ନାହିଁ, ଏହାକୁ ଦେ" । ତେଲି କହୁଛି "ଗୋସାଇଁ ବଳି ମୂଲ କଲ ? ରଙ୍ଗାଉ ବଧା ନଚଲେ ମୋପିଲାଏ ପରେ ଏହା ପିନ୍ଧିବେ ନିକର ଚଉଦ ସିଉକାକୁ ନେବା ହେଲେ ନିଅ ନୋହିଲେ ଆକାର ନାହିଁ" । ଏହା ଶୁଣି ବ୍ରାହ୍ମଣ କହୁଛନ୍ତି ଗଣ୍ଠାଖକୁ ଶ୍ରୀମା ହେଲୁକି ? ଏହି ଯୋଡ଼ ଏ ରୂପେ ବୋଲୁଛି ତେର ସିଉକା ଦୁଇ ଅଣାକୁ ନେବା ହୋଉ" । ବ୍ରାହ୍ମଣ ଏହା ବୋଲନ୍ତେ ଏହିରୂପେ ହେଉବୋଲି ସେ ବୋଇଲା ମୂଲ ଏହି ରୂପେ ଛିଡିଲା ତାକୁ ଟଙ୍କା ଦେଲେ, ବାକି କଉଡ଼ି ଟଙ୍କା ଭଙ୍ଗାଇ ଦେଲେ । ଏ ରୂପେ ଖଦ୍ଦୁ ମୂଢ଼ ଲୁଗାପଟା କାରବାର ହେଉଛି । ଏଥି ଉତ୍ତାରୁ କେଉଁ ଝିଅ ମାକୁ ବୋଲୁଛି "ମାଲେ ମୁଁ ଶଙ୍ଖା ପିନ୍ଧିବି" । ସେ ଭଲ ରୂପେ ବାଛି ଝିଅକୁ ପିନ୍ଧାଇ କଉଡ଼ି ଗଣି ଦେଉଛି । ଏହି ରୂପେ କୁଲା, ଟୋକେଇ, ଛପା ଚୁଉଲ ଧୁଆ, ହାଣ୍ଡି, ମାଠିଆ, ସରା, ବଣ, ପଲମ, ତେଲଉଣୀ, ଠେକି, କୁଞ୍ଚା, ଘଡ଼ି, ଟୋବା, କଳସୀ, ପତୁଲି, କୁମ୍ଭି ଘାପାଲୀ, ମାଟିକୁଞ୍ଚା ଏମାନଙ୍କ ପଣେ ଦମଣ୍ଡା ଦେଇ ବୋଢ଼ି ଯାହାର ଯା' ଲୋଡ଼ା କୁମ୍ଭାର ଠାରୁ ଲୋକେ କିଣି ନେଉଅଛନ୍ତି । ଆନ ଯେ ଅଧିକା ସାମିଗ୍ରଣ ଶୁଣ୍ଠ, କପାତୁଲା, ପିଞ୍ଜୁ ଅରଟ ସୂତା, ହାତ ତାକୁଡ଼ି ସୂତା, ଏହା ବିକା ହେଉଛି । ଡୋରା, ତନ୍ତୀ ପଲଦର ମୂଲାଇ କିଣି ନେଉଅଛନ୍ତି । ଡଂଅର, ସୁ ରୁବେଲି, ନେଳି ସୁତା, ଏ ମଧ୍ୟ ମୁଣ୍ଡା ମୁଣ୍ଡା ହୋଇ ଲୋଟି ମାନଙ୍କରେ ବିକା ହୋଉଛି । ଏ ଉତ୍ତାରୁ ଅରଟ, କପାଟାଇ, ଲଟି ଲଗଳମୁଣ୍ଡା, କୁଅଳି, ଛସ, କଣ୍ଠା,

କାଠରୁଖା, ଲୁହାକଣ୍ଟା ପନଖିପଟ, କାଠଚଟୁ, ସଢ଼ଇ ଡିଙ୍କା, ଏମାନ ମଧ୍ୟ ବଢ଼େଇ ଏ ବିକୁ ଅଛନ୍ତି । ଚଟୁ ପନିକ, ପିଠାପାଡ଼ିଆ, କୋରଣା, ତାହ୍ନ, ବେଲ୍ଣା ଚଡ଼୍କାଠ, ଦୁଧକୋରା, ହାଣ୍ଡୀକୋରା, ଜାଲିଚଟୁ, ଖଣ୍ଡିତ, ଶାବଳ, କଟୁରି, କୁରାଢ଼ୀ, କାଂକ, କୋଦାଳ, ଲଙ୍ଗଳ ଲୁହା, ଦାଆ, ବାଟ୍ସି, ନହାଣ, ଧୁଆଁର, ତାଳ, ହାତବାବସି, ପେଲ୍ସ, ଫେଡ଼ଣୀ, ଭଂଅର, ତାକୁଡ଼ି, ଏମାନ ଲୋହରା କମାରେ ବହୁତ ବିକୁଅଛନ୍ତି । ମା ବୋଲୁଅଛି ଝିଅକୁ "ମାଲୋ ଆମ୍ଭେ ଜାଲି ଚଟୁଟିଏ ନେବା ସେ ବୋଲୁଅଛି "ସତ କହିଲୁ, ଆମ୍ଭ ଘରେନାହିଁ ।" ଏ ମନ୍ତ୍ର ବୋଲି କିଣିଲେ । ଶାଶୁକୁ ବହୁ କହୁଅଛି 'ମା କି ଆମ୍ଭର ହାଣ୍ଡୀ କୋରଣାଟିଏ କିଣ, ହାଣ୍ଡୀ ଧୋଇବାରେ ମୋ ନଖଯାକ ସରିଗଲାନି, ଏ ରୂପେକେ' କହୁଛି । କାଚମାନ କେ କିଣି ପିନ୍ଧୁଛି, ମାଳା ପଞ୍ଚି, ଏକପଟି, ତିନ ଯୋଡ଼ିଆ, ଫୁଲ ନେତ ବସନ୍ତ ଏ ରୂପେ ଯୋଡ଼ି ମୂଲକରି ପିନ୍ଧି କଉଡ଼ିମାନ ଗଣି ଦେଉଛନ୍ତି । ଏଥି ଭିତରୁ କୋଉ ଖାତକ ସାହୁକୁ ଦେଖି ଲୁଚି ପଳାଉଛି । କୋଉ ଖାତକ ସାହୁ ହାତୁଡ଼େ ପଡ଼ିଗଲା ଭୟରେ ବିକଳ ହୋଇ ବୋଲୁଛି "ଅବଧାନେ ତୁମ୍ଭଙ୍କୁ ମୁଁ ଖୋଜୁଥିଲି ହାଟକୁ ଆସିଥିବେ ପରା, ଗୋଜା ଆଣିଛି । ମୂଳକଳନ୍ତରର ଭାଙ୍ଗ ଯେ' ହେଲା ହିସାବ କଲେ ଅଧେ ଦେବି, ଅଧିକୋଉ ପର ବସ(ବର୍ଷ)କୁ ଦେବି ବୋଲି ଲେଖିଦେଇଯିବି । ଶୁଣି ସାହୁ ବୋଲୁଛି —'ହଉ ବୁଝୁ ପଚ୍ଛୁବା' କୋଉମିତ ଦୁହେଁ ଦେଖାଦେଖି ହେଲେ । ଦୂରୁ ଦେଖିବା କ୍ଷଣି ଦୁହେଁ ଦୁହିଁଙ୍କି ଗୁହିଁହସିଲେ, ସମ୍ଭାବନାରେ ଦୁହେଁ ଧରାଧରି ହେଲେ । ଏକ ମିତ ବୋଲୁଛି 'ଓହୋ, ଆଜି କି ଭାଗ୍ୟ ! କେତେଦିନରେ ଆପଣଙ୍କୁ ଦେଖିବାର ପଡ଼ିଲା । କହିବା ହେଉ ଆଗ ଆପଣଙ୍କର ସମସ୍ତ କୁଶଳଟି କି ? ଦେହ ସୁଖ ଥିଲା ଯେ ପିଲାଙ୍କର ସବୁରି ଭଲଟିକି ? ସେ ମିତ ବୋଲୁଛି 'ମିତ ତୁମ୍ଭ ଧର୍ମରେ ସବୁଭଲ' କେବଳ ଝିଅଟିଏ ଜନ୍ମହୋଇ ଗୁରିଦିନର ହୋଇ ମରିଗଲା ।" ଶୁଣି ସେ ବୋଇଲା 'ରାମ ରାମ' କେତେ କୁଡ଼ୀ ହେଲା । ତିନିପୋରେ ଝିଅ ହୋଇଥିଲା, ଗଲା ତୁମ୍ଭେ ଥିଲେ କାଳି ହେବ । ତହିଁକି ଚିନ୍ତା ?' ସେ ମିତ ବୋଲୁଛି 'ଆପଣଙ୍କର ସମସ୍ତ ଶୁଭଟି କି ?" ସେ କହୁଛି ମହାପ୍ରଭୁ ଦୟାରୁ ସବୁଭଲ, କେବଳ ଧାନ ଖଳାରୁ ଥୋଡ଼ାଏ ପୋଡ଼ିଗଲା, ଧାନ ଭରଣ ପାଞ୍ଚ ଯାଏ । ବାଧ ହେଲା ବଡ଼ କଷ୍ଟରେ ନଖାଇଲୁ" ଏମନ୍ତ ବୋଲି ଫୁଲେ ହାତ ଧରାଧରି ସେ ହାଟ ଯାକ ବୁଲି କଉତୁକ ଦେଖୁଅଛନ୍ତି, ଏ ଭିତରେ କେଉଁ ଶିଷ୍ୟଗୁରୁଙ୍କୁ ଦେଖିଲା ନିକଟକୁଯାଇ ନମସ୍କାର କଲା । ସେ ସନ୍ତୋଷ ହୋଇ କଲ୍ୟାଣ କରୁଛନ୍ତି, "ବାବୁ ତୋର ମଂଗଳ ହେଉ, ମନୋରଥ ସିଦ୍ଧିହେଉ ସମସ୍ତ କୁଶଳ ଟିକି ? ସେ କହୁଛି 'ମହାପ୍ରଭୁ ତୁମ୍ଭ ଚରଣ ଧୂଳି ପ୍ରସାଦରେ ସମସ୍ତ

ଣ୍ଡି, କେବଳ ବାପଙ୍କୁ ଛ'ମାସ ହେଲା ଗ୍ରହଣୀ ବେଦନା କରୁଛି । ଏ ପେଟଙ୍କ ଗୋସାଇଁଙ୍କ ଯାଇପାରୁ ନାହିଁ । ମୋର ଏ ରୂପେ ଅଭାଗ୍ୟ ହୋଇଛି ।" ଯେ କହି ନୈବେଦ୍ୟ ଦେଖା ଗୋବନ୍ଦ ଆରୋଗ୍ୟ କରନ୍ତୁ । ଏ ସମୟରେ ଏ ଦଣ୍ଡ ନୋହୁ । ଏମନ୍ତ କହିଲେ ଶିଷ୍ୟ ପାଟଲ କଦଳୀ, ନବତଖଇ, ଏଣୁ କାଛ ଶୁଦ୍ଧକର କଣି ଗୁରୁଙ୍କୁ କଣି ଦଣ୍ଡବତ କରି ଘରକୁ ଗଲା, କାରବାରୀ ଚଲାଇନ କାରବାର କରି କଉଡ଼ି ମାଡ଼ି ବସିଥିବା ଲୋକକୁ ଦେଖିଲା, ଦୂରୁ ଦେଖି ଧାଇଁ ଯାଇ ବୋଲୁଛି' କହେ। ବହୁତ ଦନେ ଦେଖିଲଇ, ଏବେ ଆମ୍ଭ ବାକି କଉଡ଼ି କେତେକ ଏହିଠାରେ ଦେଇ କରି ଯା । ଜାଣିଲଇ ତୋର ଭଲ ଲୋକପଣ । ଏହି ରୂପେ ସିନା ଭଲ ଲୋକ ସଙ୍ଗତେ କାରବାର କରି ।" ସେ କହୁଛି କ ହେଲା, ତହିଁକି କାରବାର ଠାରେ ଏ ରୂପେ ଆଗପଛ ହେଉଥାଏ" ଯେ କହିଲା ସବୁକଣା ଗଲାକ ଯା ମୁହଁକୁ ଲାଜନାହିଁ ଯେ ରୂପେ କହଇ ଏତେ ଭଲଲୋକ ପଣରେ ମହତ୍ତ୍ୱ ଥାଉ, ଥାଉ ଦେଇଯା । ସେ ବୋଲୁଛି ଏତେଦନତ ହଲା ଅଉ ଆଠଦନ ମାସେ ସହି । ତହିଁ ନା ସେ ବୋଲୁଛି "ତୋର କଥାକୁ ମୋର କ ବିଶ୍ୱାସ ହାସମ ଯାଦାକୁ । କାହାକୁ ଲଗାକରୁଛୋ । ସେ ବୋଇଲା କଉଡ଼ି ? କାହାଣକୁ ଲଗାଦେବ ଏ ଉତ୍ତରଆଣ୍ଟାର ରଖ । ମୁଁ ଗୃହଦନକୁ କଉଡ଼ିଦେଇ ବନ୍ଧା ମୁକୁଲାଇ ନଏ ସିନା । ଏମନ୍ତ ବୋଲି କାଢ଼ିଦେଲା, ସେ ବୋଇଲା ଏ ପିତଲ ପରି ଏ ଦଣ୍ଡ ଛି କେତେ ହେବ କେ ଯାଣିଛି । ଏହା ମୁଁ ନେଇ କି କରିବ ? ଆଉଁ ଥିଲେ ଦେ ? ଏହି ସମୟରେ ତା ମା ଅଇଲା ବୋଇଲା "ବାବୁ ହାଟ ବାଟ ବେଳେ କାହିଁକି କଜ୍ଜାଳ କରୁଛୁ ? ତହିଁକି ସେ ବୋଲୁଛି" ଡାହାଣୀ, ରାଣ୍ଡୀ ପୁଅ କଉଡ଼ି ଖାଇ ଛଅମାସ ହେଲା ମାଡ଼ିବସିଛି । ଏ ଧାଇଁ ଆସିଛି, କଉଡ଼ି ଦେଇଯା, ନ ଦେଲେ ଖାଇ ହଜମ କେଉଁଠି ହେବ ରାଜ୍ୟରେ ବୁଝାବଣା ନାହିଁକି ? ପାଞ୍ଚର ପାଞ୍ଚୋଇ ଗଣ୍ଡି, ଅଜହି ଦେଇଯିବୁ । ଏ ମନ୍ତ୍ର ବୋଲି ଦୁହିଁଙ୍କର କଳଗୋଳ ହେବରେ, କଳି କରୁ କରୁ ମାଡ଼ ମରାମରି ହେଲେ, ବାଧା, ଗୁପୁଡ଼ା କାନମୋଡ଼ା, କହୁଣୀ ଝୁନ୍ଦା, ମୁଷ୍ଟି, ଗୋଇଠା ଧକା, ତଣ୍ଟିଆ, ଲାତ, ଆଣୁଆ, ମୁଣ୍ଡିଆ ବାଳ ଟିଙ୍କଣା, ତଣ୍ଟିଚପା, ଏମନ୍ତରେ ଆଠମାଡ ଯୋଳକହୁଣୀ ମରାମରିହୋଇ, ବେକ ଧରାଧରି ହୋଇ ଭୂଇଁରେ ପଡ଼ିଲେ, କାମୁଡ଼ା କାମୁଡ଼ି, ଛିଣ୍ଡାଛିଣ୍ଡି, ରାମ୍ପୁଡ଼ା ରାମ୍ପୁଡ଼ି, ଗଡ଼ାଗଡ଼ି ହେଲେ, ଏକ ସବ ସୁଲଭ ପାଟଣାର ପ୍ରଧାନ ହାଟ, ଶଏ କୋଶରୁ ଲୋକେ ଲୁଣ୍ଡହୋଇ ଅଛନ୍ତି, ଏହା ଦେଖିବାକୁ ମାଇପ × × ପରି । ଏପୁର ହୋଉ ଆସିବେ ତଲୋକ ବୋଲୁଛି "ଭାଇ ଛଡ଼ାଛଡ଼ି କରିଦଅ ମଲେ ମଲେ ।" କେ ବୋଲୁଛି ଏଯୋଡ଼ାକ କଏରେ ? କେ ବୋଲୁଛି ଆମ୍ଭ ଗଡ଼ ଅନନ୍ତ ସାହୁ, ଗୁଡ଼ିଆ ସାନପୁଅ, ଗୋଟାଏ ଆରଟା

କିଏ ?” ତହିଁକି ପାଖ ଲୋକ କହୁଛି ଏ ବହରମପୁର ପାଟଣା ଗଣାଇତ ଫକିର ବୃନ୍ଦ ସଲାପରାଇ ଦଶୁଛି । ଡାକିଲେ ଶୁଣୁନାହାଁନ୍ତି ଘଇତା କରାଇ ଘଇତାଏ ମରିଯିବେ ଯେ—ଏମନ୍ତ ବୋଲି ଭଲଲୋକେ ମଝିରେ ପଶି ଭଙ୍ଗାଇ ଛଡ଼ାଛଡ଼ି କରିଦେଲେ। ଫକୀର ବୃନ୍ଦ ଶାଳା କ୍ରୋଧରେ ବୋଲୁଛି “ଆଏ ଭଲ-ଲୋକେ ଶୁଣ ଅଇଁଠା ଖାଇ ଯୋ ମୋ ଠାରୁ କଉଡ଼ି ନେଇ ମତେମାର ପକାଇଲା ।” ସେ ବୋଲୁଛି ଆରେ ହାଡ଼ି ? ତୁଲକି ଯା ମୁଁ ଦେବ ବୋଲୁ ବୋଲୁ କାହିଁକି ମତେ ମାଇଲୁ ? ଚୁଲ ପାଧଠାକୁ ଗୁହାରି କରିଯିବା” । ଏମନ୍ତ ବୋଲି ପାଉଁଶ ବୋଲି ଲୁଗାଚିରି କଉପୁନି ମାରିଲା ହଟାଗ୍ନେଲେ “ହେ ମତେ ବଅର୍ଥ ମାରିପକାଇଲା ଏ ରାଜ୍ୟରେ ନ୍ୟାୟ ନାହିଁହୋ” ଏମନ୍ତ ବୋଲି ବାଜଯାକ ରଡ଼ି ପାଡ଼ି ପାଡ଼ି ଧାଉଁଛି ବାଟେ ଦେଖିବା ଲୋକେ ଭଙ୍ଗାଇ ରଖି ଦୁହିଁଙ୍କି ସମାଧାନ କରିଦେଲେ, କଉଡ଼ି କି ମହାଜନ ଜାଣେ, ମୁଦାଇ ହେଲା, ଦୁହେଁ ଗଲେ, ଏହିରୂପେ ତେଲ ହଳଦୀ ନାନାପ୍ରକାର ଜିନିଷମାନ କିଣାବିକା ହେଲା, ବେଳ ପ୍ରହରକ ଉତ୍ତାରୁ ଏ ହାଟ ବସିଲା, ବେଳ ଦୁଇଘଡ଼ି ଥିଲା ଭାଙ୍ଗିଲା, ନିକଟ ଲୋକେ ଘରକୁ ଗଲେ, ଦୂର ଗାଁ ଲୋକେ ସେଠାରେ ରହି ଆରଦିନ ଯେ ଯାହା ଘର-ମାନଙ୍କେ ପହଞ୍ଚିଲେ । କାଁକାଁ ମା ଯାଇଥିଲେ ଝିଅ ବାଟକୁ ଆସିଛି “ମୋ ପାଇଁ କି ଆଣିଛୁ ଦେ ଦେ ବୋଲି ସାଙ୍ଗେ ଗୋଡ଼ାଉଛି । କାବହୁ ଯାଇଥିଲା ଶାସୁଶୁଣି ଧାଇଁଲା । କାବହୁ ଆସିବା ଦେଖି ପୁଣି ଧାଇଁଲା । ଏରୂପେ ଯେ ଯାହା ପଦାର୍ଥମାନ ଘେନି ଘରେ ଘରେଯାଇ ପ୍ରବେଶ ହେଲେ । ଏମନ୍ତ ପ୍ରକାରେ ସେ ଭୁବନଗ୍ର ରାଜ୍ୟ ଗଡ଼ପାଟଣାହାଟ ସୋମବାରକୁ ସୋମବାର ବସଇ ।

# ଚତୁର ବିନୋଦ

## ନୀତିବିନୋଦ

ପୁଣି ମୋହନାଙ୍ଗୀକୁ ଚଞ୍ଚଳାକ୍ଷୀ କହିଲା ହେ ବନ୍ଧୁ, ନୀତିବିନୋଦ ବୋଲି ଯେଉଁ କଥା ତାହା ଶୁଣିବାକୁ ବଡ ଶରଧା ବଳୁଛି । ସେକଥା କହି ମୋ ମନ ସନ୍ତୋଷ କରିବା ହେଉ । କୁମାର କହିଲେ ଅରେ ମଣି, ତେବେ ନୀତିବିନୋଦ କଥା କହିବା ଶୁଣ ।

(ସଂସ୍କୃତ ଶ୍ଳୋକ)

କଥା :—

ସେ ପୂର୍ବ ଦିଗରେ କୀର୍ତ୍ତିମଣ୍ଡଳ ନାମେ ଏକ ରାଜ୍ୟ ଅଛି । ସେ ରାଜ୍ୟ ରାଜାନାମ ଚନ୍ଦ୍ରାଲୋକ । ସେ ରାଜାଙ୍କ ଧର୍ମ କର୍ମ ମତିବିଗ୍ରହ ବୀରେଶ୍ୱର ପଣ କୁଳଶୀଳତା ଇତ୍ୟାଦି ଗୁଣମାନଙ୍କରେ ଅଦ୍ୱିତୀୟ ଅଟନ୍ତି । ତାହାଙ୍କ ଶୁଭ କୀର୍ତ୍ତିମାନ ଦିଗମାନଙ୍କରେ ପ୍ରକଟ ହୋଇ ଶୋଭା ପାଉଛି । ପ୍ରଜାମାନଙ୍କୁ ପୁତ୍ରପରି କରି ପାଳନ୍ତି । ସେହି ରାଜ୍ୟରେ କୁଟିଳାକର୍ମୀ ନାମେ ଏକ ବ୍ରାହ୍ମଣ ଥିଲା । ତାହାର ଏକ ଭାର୍ଯ୍ୟା ଏକ ପୁତ୍ର, ଏକ ଦୁହିତା, ଏରୂପେ ଗୃହସ୍ଥାଶ୍ରମୀ, ସେ ବ୍ରାହ୍ମଣ ବେଦବିଦ୍ୟାରେ ନିପୁଣ ବୋଲି ବିଚାରି ତୁଙ୍ଗ ଦେଶ ରାଜା ଅମର ତିଳକ ନୃପତି ସେ ବ୍ରାହ୍ମଣକୁ ବେଦ ପାରାୟଣ କରିବା ନିମିତ୍ତେ ବରଣ କରି ନେଲେ । ସାମବେଦ ପାରାୟଣରେ ସେ ବ୍ରାହ୍ମଣ ରାଜାଙ୍କ ଗୃହରେ ବହୁତ କାଳ ରହିଲା । ଏଣେ ଏକ ଦିନକରେ କୁନ୍ଦରେଖା ନାମେ ସେ ବ୍ରାହ୍ମଣ ଝିଅ ସନ୍ଧ୍ୟା ସମୟରେ ନଗରୋପାନ୍ତ କୂପକୁ ଜଳ ଆଣିବାକୁ କୁମ୍ଭ ଘେନିଗଲା । କୁମ୍ଭ କଣ୍ଠରେ ରଜ୍ଜୁ ବନ୍ଧନ କରି କୂପରୁ ଜଳଘଟେ ପୂରାଇ ଉଠାଇ ଆଣନ୍ତେ ପାଦ ଖସି ଯିବାରୁ କୂପରେ ପଡ଼ିଗଲା । ପୁଣ୍ଡରୀକ ପଣ୍ଡା ନାମେ

---

କବିବର ବ୍ରଜନାଥ ବଡ଼ଜେନା କୃତ । ସଂପାଦନା ସୁଧାକର ପଟ୍ଟନାୟକ ପ୍ରାଚୀସମିତି ପକ୍ଷରୁ ଷ୍ଟୁଡେଣ୍ଟ ଷ୍ଟୋର ଦ୍ୱାରା ପ୍ରକାଶିତ, ୧୯୪୭ ।

ଏକ ବ୍ରାହ୍ମଣ ପୁତ୍ର ସେ କୂପନିକଟେ ବସି ସନ୍ଧ୍ୟା କରୁଥିଲା । କୁନ୍ଦରେଖା କୂପରେ ପଡ଼ିଯିବାର ଶୁଣି ସନ୍ଧ୍ୟାଗୁଡ଼ି ସତ୍ୱରେ ଆସି କୂପକୁ ଚାହାଁନ୍ତେ ଦେଖିଲା କୁମାରୀ ଉଭାଇ ଟୁଭାଇ ହେଉଅଛି ।

ଏହାଦେଖି ସେ ବ୍ରାହ୍ମଣ କୂପକୁ ଡେଇଁପଡ଼ି କୁମାରୀକି ସମ୍ଭାଳି ଧରିଲା । ଅନେକ ଶ୍ରମରେ ତାକୁ ଉପରକୁ ଆଣିଲା, ସେ କୁନ୍ଦରେଖା ଦେହ ସମ୍ଭାଳି ତଦନ୍ତେ ବ୍ରାହ୍ମଣ ପାଦଧରି କହିଲା ତୁମ୍ଭେ ମୋର ପ୍ରାଣଦାନ କଲ, ମୁଁ କେଉଁରୂପେ ଏହାର ଉପକାର ଶୁଝିବି ? ଆଜି ମୁଁ ତୁମ୍ଭଙ୍କୁ ସ୍ୱାମୀକରି ବରଣ କଲି । ତୁମ୍ଭର ପତ୍ନୀହୋଇ ସେବାକରି ଏ ଉପକାର ଶୁଝିବି । ଏକଥା ମୋହର ସତ୍ୟ, ତୁମ୍ଭବିନା ଆନ ପୁରୁଷ ନ ଛୁଇଁବି । ଯେବେ ହୋ କରିବ ତେବେ ହୃଦୟ ଫାଟିଯିବ । ଏହାଶୁଣି ବ୍ରାହ୍ମଣ କହିଲା ଅରେ କୁମାରୀ, ଏରୂପେ କାହିଁ ସତ୍ୟକଲୁ ! ତୋ ଉପରେ ତ ପିତାମାତା ଅଧିକାରୀ, ସେ ଯାହାକୁ ଦେବେ ସେ ସିନା ବରହେବ ।

ଶ୍ଳୋକ

× × ×

କଥା :—

ଏ ଶ୍ଳୋକ ଶୁଣି କୁନ୍ଦରେଖା କହିଲା ଯେବେ ତୁମ୍ଭବିନା ଆନକୁ ଦେବେ ପ୍ରାଣହାରିବି, ଏ ମୋହର ପ୍ରମାଣ । ବ୍ରାହ୍ମଣ ବୋଇଲା ଏଥକୁ ସାକ୍ଷୀକେ ? କୁମାରୀ କହିଲା ଏଥକୁ ସାକ୍ଷୀ ଅଷ୍ଟଦିଗପାଳ, ଚନ୍ଦ୍ରସୂର୍ଯ୍ୟ । ଏହି ସମୟରେ ଶୁକ ଶାରିକା ଦୁଇଗୋଟି ପକ୍ଷୀ ସେ କୂପ ସମୀପ ବଟବୃକ୍ଷରେ ଥାଇଁ ଏ ଚରିତ ଶୁଣୁଥିଲେ । ମଧୁର ବାଣୀ ପଠନ କରନ୍ତେ କୁନ୍ଦରେଖା କହିଲା ହେ ଶୁକ ଶାରକେ, ଏ ବ୍ରାହ୍ମଣଙ୍କୁ ମୁଁ ସ୍ୱାମୀକରି ବରଣ କଲି, ଏବିନା ଆନପତି ନ କରିବି, ତୁମ୍ଭେ ସାକ୍ଷୀହୁଅ । ଏମନ୍ତ କହି ପୁଣ୍ଡରୀକ ପଣ୍ଡା କୁନ୍ଦରେଖା ଦୁହେଁ ଯେଝା ପୁରକୁ ଗଲେ ।

ତେଣେ ବଟନ ତୁଙ୍ଗ ଦେଶରେ ସେ ବ୍ରାହ୍ମଣ କୁଶଳ କର୍ମୀକୁ ଦେହ ବ୍ୟାଧିପୀଡ଼ିତ ହେଲା । କଫଜ୍ୱରରେ ଅବଶ ହେବାରୁ ଚଳିନପାରିଲା । ସେହି ନଗରସ୍ଥିତ ଗୋପକଦମ୍ବ ନାମେ ଏକ ବ୍ରାହ୍ମଣ ସେ କୁଶଳ କର୍ମୀକୁ ପୁରକୁ ନେଇ ବହୁତ ଯତ୍ନକଲା, ଦିନମାସ ପର୍ଯ୍ୟନ୍ତ ଅନେକ ସେବା କରିବାରୁ ସେ ବ୍ରାହ୍ମଣଙ୍କୁ କୁନ୍ଦରେଖା ଦୁହିତାକୁ ପ୍ରଦାନ କରିବି ବୋଲି କୁଶଳକର୍ମୀ ସତ୍ୟକଲା । ଏମନ୍ତ ସତ୍ୟ କରନ୍ତେ ସେ ଗୋପକଦମ୍ବ ବ୍ରାହ୍ମଣ କୁଶଳ କର୍ମୀଠାରେ ଇଷ୍ଟଦେବତା ପରିଭାବନା ରଖି ବିବାହ କର୍ମରେ ନିଶ୍ଚିତ ହେଲା ।

ଏଥି ମଧ୍ୟରେ କୁଶଳକର୍ମୀ ଆସିବା ବିଳମ୍ବ ହୁଅନ୍ତେ ତାହାପତ୍ନୀ ସତ୍ୟକାମା ବ୍ରାହ୍ମଣୀ ପୁତ୍ର ଦୁହିତା ଘେନି ଅନ୍ନବସ୍ତ୍ରରେ ବଡ଼ କଷ୍ଟପାଇଲା । କାହାର ମୁଖରୁ ପତ୍ର-ବାର୍ତ୍ତା ହିଁ ନ ମିଳଇ ପଥତ ଅନେକ ଦୂର । କାହାକୁ ଅନ୍ୟ ସେ ଦେଶକୁ ଘେନି ଆଇବ, ଏମନ୍ତେ ଅତିକ୍ଳେଶ ପାଇବାରୁ ସେହି ନଗ୍ରର ଚକ୍ରରାଶି ନାମେ ଏକ ବ୍ରାହ୍ମଣ ଜଣେ ତାକୁ କୁନ୍ଦରେଖାକୁ ବିଭା କରିବ ବୋଲି ସତ୍ୟକରି ମହାଜନଙ୍କୁ ସାକ୍ଷୀ ବସାଇ କିଛି ଟଙ୍କାଆଣି ଆପଣା ଚରିତାର୍ଥ ଗୃହକଲା । ଚକ୍ରରାଶି କୁନ୍ଦରେଖାକୁ ବିଭାହେବ ଏହା ମୂଳକରି ବିଭା ସାମଗ୍ରୀ ତିଆର କରୁଥାଇ ।

ସେହି ସମ୍ବତ୍ସରେ ଆଗକୁ ସିଂହ ବୃହସ୍ପତି ଯୋଗ ଅଶୁଦ୍ଧ କାଳରୁ ବିବାହ ହେବନାହିଁ ବୋଲି କୁଶଳକର୍ମୀ ଗୋପ କଦମ୍ବକୁ ସଙ୍ଗେ ଘେନି ଦୁହିତା ପ୍ରଦାନ କରିବ ବୋଲି ପୁରକୁ ଅଇଲା, ଏହିକାଳ ଅଶୁଦ୍ଧ ଜାଣି ଚକ୍ରରାଶି ବ୍ରାହ୍ମଣ ସମ୍ଭାର ତିଆରି କରି ବିଭାଲଗ୍ନ ପ୍ରମାଣ କରିଅଛି । କୁମାରୀ ସତ୍ୟବଚନ ମନେଘେନି ପୁଣ୍ଡରୀକ ପଣ୍ଡା ବିଭାହେବା ନିମନ୍ତେ ଭୂଷଣମାନ ନିର୍ମାଣ କରଇ, ଏମନ୍ତେ କୁଶଳ-କର୍ମୀ ଗୋପକଦମ୍ବକୁ ଘେନି ମନ୍ଦିରେ ମିଳି ବିବାହ ଉଦ୍ୟମ କରନ୍ତେ ଚକ୍ରରାଶି ବ୍ରାହ୍ମଣ ମହାଜନ ସାକ୍ଷୀବସାଇ ଗୋପକଦମ୍ବକୁ ଦୁହିତା ପ୍ରଦାନ ନ କରିବୋଲି କୁଶଳକର୍ମୀଙ୍କୁ ରାଜାଙ୍କ ରାଣଦେଲା, ଏହିରୂପେ ପରସ୍ପରେ ସେ ବେନିବ୍ରାହ୍ମଣ ଦ୍ୱନ୍ଦ୍ୱ ହୁଅନ୍ତେ ସେ ଦୁଇ ବିରସାଙ୍କ ଚନ୍ଦ୍ରାଲୋକ ରାଜାଙ୍କ ଗ୍ରାମୁକୁ ଗୁହାରି କରିବାକୁ ଗଲେ । ସେ ରାଜାଏ ଦୁହିଁଙ୍କ କଥାଶୁଣି ବିଚାରିଲେ, ଦୁହେଁତ ଗରହିତ ନ୍ୟାୟେ କାହାକୁ କନ୍ୟାଦେବା, ଏହି ଧର୍ମ ବିଚାରଣା କରି ନ୍ୟାୟ ଛିଣ୍ଡାଇ ନ ପାରିଲେ, ସମସ୍ତ ବ୍ରାହ୍ମଣଙ୍କୁ ଡକାଇ ଆଜ୍ଞାଦେଲେ ଆହେ ବ୍ରାହ୍ମଣ ଗୋସାଇଁ ମାନେ, ଅଶୁଦ୍ଧ-ଦ୍ରବ୍ୟ ପଡ଼ି ଯେଉଁସ୍ଥାନ ଅପସ୍କାର ହୋଇଥାଇ ସେ ସ୍ଥାନରେ ପବିତ୍ର ଜଳ ପଡ଼ିଲେ ସିନା ଶୁଦ୍ଧହୁଅଇ, ଏବେଘେନି ବ୍ରାହ୍ମଣଙ୍କ ନ୍ୟାୟ ବ୍ରାହ୍ମଣ କରିବ, ଯାହାର କନ୍ୟା ପ୍ରବର୍ତ୍ତିବ ତାହା ଆମ୍ଭ ଗ୍ରାମୁରେ କହିଲେ ତାକୁ କନ୍ୟାବିଭା କରିବା । ଏମନ୍ତ ଆଜ୍ଞାପାଇ ସକଳ ବ୍ରାହ୍ମଣମାନେ, ନନ୍ଦ, ମିଶ୍ର, ମହାପାତ୍ର, କର, ରଥ, ଆଚାର୍ଯ୍ୟ, ଭଞ୍ଜ, ଦୁବେଇ, ତିହାଡ଼ୀ, ପାଣି, ଶତପଥୀ, ପତି ଚକ୍ରବର୍ତ୍ତୀ, ଦାସ, ଦୀକ୍ଷିତ, ମୁନି, ଦେବତା, ବ୍ୟାସ, ଚଇନି ପଣ୍ଡା ପତ୍ରୀ—ଏମାନେ ସମସ୍ତେ ଆସିଲେ ରାଜାଙ୍କ ଗ୍ରାମୁରେ ଥିବା ସକଳ ସାମନ୍ତ ବ୍ରାହ୍ମଣମାନଙ୍କୁ ଆଗୁଆଁ କଲେ ତୁମ୍ଭେମାନେ ମଧ୍ୟ ମାଅ, ରାଜଗୁରୁ, ରାଘୁଗୁରୁ, ବ୍ରହ୍ମା, ପାଠଯୋଷୀ, ପହରାଜ, ପରମଗୁରୁ, ପୁରୋହିତ, ବଡ଼ପଣ୍ଡା, ସଦାସ, ଖାଡ଼ଙ୍ଗା, ଭଞ୍ଜମିଶ୍ର, ବାଜପେଇ, ଅଗ୍ନିହୋତ୍ରୀ, ସାମନ୍ତରା; ବାହିନୀ ପତି, ଏମନ୍ତେ ବ୍ରାହ୍ମଣ ଗୋସାଇଁମାନେ ସମସ୍ତେ କୁଶଳକର୍ମୀ ଗ୍ରାମରେ ପ୍ରବେଶ ହେଲେ । କୁନ୍ଦରେଖା କୁମାରୀ ପତନ କୂପସମୀପ ବଟବୃକ୍ଷ-

ମୂଳେ ପ୍ରସାର ପାଷାଣ ବେଦୀଉପରେ ଯେ ବ୍ରାହ୍ମଣମାନଙ୍କୁ ଗୁହାରିଆ ବ୍ରାହ୍ମଣ ଯଥାନୁରୂପେ ବସାଇଲା । ସେ ଦୁଇ ବର ବ୍ରାହ୍ମଣଙ୍କୁ ଡକା ସମସ୍ତ ବ୍ରାହ୍ମଣ ଗୋସାଇଁମାନେ ବିବାହ ବିଷୟ ପୁଚ୍ଛନ୍ତେ ଏହି ସମୟରେ ପୁଣ୍ଡରୀକ ପଣ୍ଡା ଆଗରେ ଉଭାହୋଇ କହିଲା ଆହେ ଗୋସାଇଁମାନେ ଆପଣ ଯେ ଏ ନ୍ୟାୟ କରୁଛ, ମାତ୍ର ଏ କନ୍ୟାକୁ ମୁଁ ବିଭାହେବି, ଧର୍ମରେ ମୋର ପ୍ରାପତଟି । ଏହା ବିଗୃର ନ୍ୟାୟ କରିବା ହୋଉ । ଏହାଶୁଣି ସମସ୍ତେ ଚକିତ ହେଲେ, ବୋଇଲେ ଏପୁଣି କି କଥା ! ତାକୁ କହିଲେ ଏକନ୍ୟା ତୋର କିରୂପେ ତାହା ଦେଖିକହି ଶୁଣିବା, ସେ କହିଲା ମୁଁ କି କହିବି । ମୋହୋତ ଅଷ୍ଟଦିଗପାଳ ଚନ୍ଦ୍ର ସୂର୍ଯ୍ୟ ସାକ୍ଷୀ ଅଛନ୍ତି, ସେ କହନ୍ତେ ସିନା । ଏହି ସମୟରେ ସେ ବୃକ୍ଷ ଉପରେ ବସି ଶୁକ ଶାରିକା ଦୁହେଁ କୋଳାହଳରେ ମଧୁରବାଣୀ ପଠନକରି ସତରେ ହସିଉଠନ୍ତେ ବ୍ରାହ୍ମଣ-ମାନେ କହିଲେ ହେ ଶୁକଶାରିକେ, ତୁମ୍ଭେ କି ନିମନ୍ତେ ହସିଲ ତାହାକହ, ତହିଁକି ଶୁକଶାରିକା କହୁଅଛନ୍ତି, ଆହେ ଗୋସାଇଁ ମାନେ :—

### ଶ୍ଳୋକ

× × ×

ଏଥିକୁ ଯେ ଯାହାର କନ୍ୟା ସେ ତ ଅବଶ୍ୟ ତାକୁ ପ୍ରାପତ ହେବ, ଅଟେଗ ଆମ୍ଭେ କଥାଟିଏ କହିବୁ ତାହାଶୁଣ ।

× × × ×

ଶୁଣି ବ୍ରାହ୍ମଣମାନେ ପୁଣ୍ଡରୀକ ପଣ୍ଡାକୁ ପଚାରିଲେ ଏ କନ୍ୟାଠାରେ ତୋହର କି ନିମିତ୍ତ ଅଛି ତାହା କହ । ସେ କହିଲା କନ୍ୟାଠାରେ ଯେଉଁ ନଷ୍ଟଅଛି, ତାହା ଏ ଶୁକଶାରିକା, ଶୁଣି ଦେଖିଛନ୍ତି । ସେ କହନ୍ତୁ, ତାଙ୍କଠାରୁ ଶୁଣ । ବ୍ରାହ୍ମଣ କହିଲେ, ହେ ଶୁକଶାରିକେ, ତୁମ୍ଭେ ଏ ପ୍ରସଙ୍ଗ କି ଜାଣିଛ ତାହାକହ । ଶୁକ-ଶାରିକା ଏହାଶୁଣି କୁନ୍ଦରେଖା କୂପରେ ପଡ଼ିବାଠାରୁ ପୁଣ୍ଡରୀକ ପଣ୍ଡାକୁ ବରଣ କରିବା ଚରିତ ସବୁକି ସମସ୍ତ କହିଲେ । ଶୁଣି ବ୍ରାହ୍ମଣମାନେ କହିଲେ, ଏତ ବିମ୍ବାନ୍ୟାୟ ପରିହେଲା, ପୁଣ୍ଡରୀକ ପଣ୍ଡା କୁନ୍ଦରେଖାକୁ ଜୀବନ ଦାନ ଦେଇଛି । କୁନ୍ଦରେଖା ଧର୍ମ ସାକ୍ଷ୍ୟରେ ତାକୁ ବରଣ କରିଛି । ପୁଣି ଆନପୁରୁଷ ଛୁଇଁଲେ

ହୃଦୟ ଫାଟିଯିବ ଏରୂପେ ସତ୍ୟ କରିଛୁ । ସ୍ୱୟଂ-ବରଣ ତ ସବୁକାଳେ ପ୍ରଧାନ । ଏତ ଦଇବ ଆୟତ୍ତରୁ ସ୍ୱୟଂବରଣ ହେଲା, ଏ ସକାଶୁଁ (୧) ପୁଣ୍ଡରୀକ ପଣ୍ଡାଙ୍କୁ କୁନ୍ଦରେଖା ପ୍ରାପତ ହେଲା ।

ଏରୂପେ ନ୍ୟାୟ ଛିଡ଼ିବାରୁ ସମସ୍ତେ ଶାନ୍ତହେଲେ, ମାଠବିନୋଦ କଥା ସଇଲା ।

ଏରୂପେ ମୋହନାଙ୍ଗଠାରୁ ଶୁଣି ନଞ୍ଜଲାକ୍ଷୀ ଅତ୍ୟନ୍ତ ଆନନ୍ଦ ହେଲା ।

(୧) ସ୍ୱକାଶୁଁ—ପାଠାନ୍ତର,

# ପୁରୁଷୋତ୍ତମ କ୍ଷେତ୍ରର ଅମୃତମଣୋହି ଟୋପ *

ସମୟ—ଖ୍ରୀଷ୍ଟାବ୍ଦ ୧୭୪୫ (=ସନ ୧୧୫୨ ସାଲ)

ଫାର୍ଶୀ-ଓଡ଼ିଆ ଦ୍ୱୈଭାଷିକ ଲେଖାର ଓଡ଼ିଆ ଅଂଶ

ଲିପି—କରଣୀ ଓଡ଼ିଆ ।

ସମସ୍ତ ୧୫ ଅଙ୍କ ସନ ୧୧୫୨ ସାଲ ମିଥୁନ ଦି ୨୫ ନେ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରେ ଦକ୍ଷିଣ ପାରୁଶେ ମହନ୍ତ ହରେକୃଷ୍ଣ ଦାସ ଗୋସାଇଙ୍କ ଗୋଚରରେ ଓଲଧାର ବଣେ···ଗ୍ରାମରେ ରହଣି କାନଗୋଇ ବାଲୁକ ସୁବୁଧି ମହାପାତ୍ରର ଦେଲା .ଅମୃତ ମଣୋହି ଟୋପ (।) ଏ ନିମନ୍ତେ ଟୋପ ଲେଖିଦେଲୁ ଆମ୍ଭ ତାଲୁକ ହୁରୁଷିପାଡ଼ା ରକବାରୁ ଆଜ ବଂଜର ନମା ଖାରଜ ଜମି ମା ୧୭ ଣ ଆପଣଙ୍କ ମଠ ତଳେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଅମୃତ ମୁଣୋହି ତଳେ ଦେଲୁ (।) ଆଜଦିନ ଆଦିତରୁ ତରୁଦିନ୍ଦ ଆବାଜ କରି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗତଳେ ଯାବତ୍‌ଚନ୍ଦ୍ରାର୍କେ ଅମଳ କରିବ (।) ଏ ଟୋପ ବାଲୁକ ସୁବୁଦ୍ଧି ମହାପାତ୍ରର ସମ୍ମତ ।

---

* ଅମୃତ ମଣୋହି ଟୋପର ଆରମ୍ଭରେ ସାତଧାଡ଼ି ଫାର୍ଶୀ ଲିପି ଓ ଭାଷାର ଲେଖା ଅଛି । ଫାର୍ଶୀ ଲେଖାତଳେ ୧୩ ଧାଡ଼ି କରଣୀ ଓଡ଼ିଆ ଲିପିରେ ଲିଖିତ ।

ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୬୫ ଖ୍ରୀ. ଅ. ରେ ଅନୁମୋଦିତ ଡ. ଗୋପାଳ ଚନ୍ଦ୍ର ମିଶ୍ରଙ୍କ ଡି. ଲିଟ୍ ଥିସିସ 'ଓଡ଼ିଆ ଗଦ୍ୟ ସାହିତ୍ୟର ବିକାଶ-ଧାରାରୁ ଗୃହୀତ ।

# ସାରଳା ଦାସଙ୍କ କଲ୍ୟାଣ ଗୁରୁବାର *

### ଶ୍ରୀ କଲ୍ୟାଣ ମହାଲକ୍ଷ୍ମୀ ନମୋ ନମଃ—

ଆରମ୍ଭ—ସାସୁନା ଶ୍ରୀପ୍ରିୟା, ବହୁନା ପ୍ରିୟା, ସାହୁନା ଶ୍ରୀଧର, ପୁଅ କାଶ୍ରୀକର । ଗୃହ ଶ୍ରୀବନ୍ତ ସ୍ୱେଙ୍କାନାରେ ଥାନ୍ତି । ଗୁରୁବାର ଦିନ ବୋହୁ ବୋଇଲା ସାସୁଙ୍କୁ ମୁଁ ପଦ୍ମତୋଳିଜିବ । ସାସୁ ବୋଇଲା କାଲେ ମା ସ୍ୱେତେଦିନ ଥାଇ ଥାଇ ସ୍ୱେହାକଲୁ । ଆଦ୍ୟଗୁରୁବାର ଆଜି, 'ମୋ ଲକ୍ଷ୍ମୀସାଙ୍ଗେ ଅଷ୍ଟବେତାଳେ ଅଷ୍ଟଅପସର ଥାନ୍ତି । ହସୁରଙ୍କ ତୁଲେ ଅଷ୍ଟମହାଜନ ଭୁଞ୍ଜନ୍ତି । ମୁଁ କାଇନପାରିବ, ଜଦିଗିବୁ ଖରେଜିବୁ, । ଝରେଆସିବୁ, ବଡଲୋକ ଦେଖିଲେ ମାନ୍ୟଧର୍ମ କରିବୁ । ସରଲୋକ ଦେଖି କୋଲ ସମ୍ଭାସଣ କରିବୁ । ବାଳକ ଦେଖି ମୁଖେ ଚୁମ୍ବନ ଦେବୁ । ଅଗୁଠେ ପଗି ତୁଠେ ବାହାରିବୁ । ଏକା ଦାନ୍ତକାଠି ଖାଇବୁ । ଗନ୍ଧ ଚନ୍ଦନ ଲେପି-ସ୍ନାନ କରିବୁ । ଆଜ୍ଞା ପ୍ରମାଣେ ବହୁ ଗଲା, ପାଟେପିନ୍ଧି ପାଟେ-ଉପୁରଣ ଦେଲା ।

୧-* ଅପ୍ସେଲା ଦେନ ସ୍ନାନକଲା, ସ.ସୁ ଯେତେକ କହିଥିଲା ସେହିରୂପେ କଲା ସ୍ନାନସାରି ଝରେ ଆସୁଛି, ଅସୁ ଦେଖିଲା, ସ୍ୱର୍ଗର ଅଷ୍ଟକନ୍ୟା ମଝିର ଅଷ୍ଟକନ୍ୟା ଝିଙ୍କର ବାଛିବୁ × × × × × × × ।

ସେ ବୋଇଲେ ଆଲୋ ସାଧବ ଘର ବୋହୂ କେଣିକି ଜାଉଛୁ ଏକଥା ଶୁଣିବୁ ଆ । ବହୁ ବୋଇଲା କି କଥା । କନ୍ୟାଙ୍କୁ ବୋଇଲେ, କଲ୍ୟାଣ ମହାଲକ୍ଷ୍ମୀ

---

* କଲ୍ୟାଣ ଗୁରୁବାର କଥା—ଲେ-ଶାରଳା ଦାସ,

Published in the Descriptive catalogue of Oriya mss vol VI — Published by Orissa State museum Bhubaneswar—Published—1970—

... * ୧-ଅଏଁଲା···୨-ନତ୍ତେ୍ୟ,

କଥା । ବହୁ ବୋଇଲା ମୋ ଶାଶୂ ୨-ନଦ୍ୟେ କୁହନ୍ତୁ । ମୁଁ ନିତ୍ୟେ ଶୁଣଇ । କନ୍ୟାଟ୍ୟେ ବୋଇଲେ ଆଲୋ ଦେବକଥା ମନୁଷ୍ୟ କଥା ଦୁହିଁଙ୍କି ସରିକଲୁ । ତୁ ଯେବେ ଶୁଣନ୍ତୁ ଟୁହସ୍ତ ରାଜା ହୁଅନ୍ତା ତୁ ପାଟରାଣୀ ହୋଅନ୍ତୁ । ତୁ ଯେଉଁ କାର୍ଯ୍ୟକୁ ଯାଉଛୁ ସେ କାର୍ଯ୍ୟଟୋର ସୁଫଳ ନୋହୁ—

ଏଶାପ ପାଇ ଝରତର ହୋଇ ସେଠାରେ ଅଇଲା । ଗୀରଡ଼ାକୁ ଲୁଗା ଖଣ୍ଡ ପକାଇଦେଲା, ଆଉପାଟେ ପିନ୍ଧି ଆଚମନ କଲା । ଗୋଡ଼ଧୋଇ ଘରେ ପଶୀକା ଅଦ୍ୟ ଲଣ ଯେନକା ଦାହ୍ୱଭ୍ରତ କଂସଟ୍ୟେ ଦେନଲା, ଖାଇ ବସିଲା, ଗୁଣ୍ଡାକେ ବାଲ ଗୁଣ୍ଡାକେ ଧାନ ପାଇଲା, ଅଯୁକାଇ ହୋଇ ତାହା କଦଳୀ ଗଛମୂଳେ ପକାଇ ଦେଲା, ଆଚମନ କରି ଝନ୍ଦାଧରେ ପଶିଲା । ଚନ୍ଦନ କାଠଗରେ ଆଣି ହାଣ୍ଡି ବସାଇଲା, କ୍ଷୀର ପକାଇ ଦେଲା ହାଣ୍ଡି ଉପରେ ଜାଳ ଜାଉଛୁ କ୍ଷୀର ଫୁଟୁନାହିଁ, ହାଣ୍ଡି ତାତୁନାହିଁ । ସାସୁ ଅଇଲା ବୋଇଲା କଲୋ ମା ଏତେବେଳେ ଜାଏ କି କରିଛୁ । ଚୁଲି ଜଳି-(୨) ହାଣ୍ଡି ଉପରେ ଜାଳ ଯାଉଛୁ କ୍ଷୀରଫୁଟୁ (୨) ନାହିଁ । ବୋଲଣା କଲୁକି । ମୁଁ ଯେମନ୍ତ କରି କହିଥିଲି ସେ ରୂପେ ନ କଲୁକି । ବହୁ ବୋଇଲା କେତେ କହିଥିଲ ସବୁକଲି । ଯେତିକା ଗୋଟିଏ ନକଲି, ଦ୍ୱର୍ଗର ଅଷ୍ଟକନ୍ୟା ମଞ୍ଚର ଅଷ୍ଟକନ୍ୟା ଓଷା ପୁଜୁଥିଲେ । ମୋତେ ବୋଇଲେ ଆ ସାଧବ ଘର ବୋହୁକଥା ଶୁଣିମୁ, ଆସ ମୁଁ ବୋଇଲି କି କଥା । ସେ ବୋଇଲେ ନିତ୍ୟାନ ମହାଲକ୍ଷ୍ମୀ କଥା । ମୁଁ ବୋଇଲି ମୋ ସାସୁ ନିତ୍ୟେ କହନ୍ତି । ମୁଁ ନିତ୍ୟେ କହୁଁଛି ତାହା ଶୁଣି ସେ ବୋଇଲେ ଆଲୋ ଦେବକଥା ମନୁଷ୍ୟ କଥା ଏକାକଲୁ । ତୁ ଯେଉଁ କାର୍ଯ୍ୟକୁ ଜାଉଛୁ ସେ କାର୍ଯ୍ୟ ବିଫଳ ହେଉ । ଏହାବୋଲି ସାପ ଦେଲେ, ସାସୁ ବୋଇଲା ମାଲୋ ଯେତେ କର୍ମକଲୁ, ଯେତେବୋଲି ସାସୁ ବହୁକୁ ପେଲି-ଦେଲା, ଆପେ ରାନ୍ଧିବସିଲା, ଛତିରସ ଅମୃତ ପାଗ ମୋଣ୍ଡି କଲା । ଘର ବଖରାଟ୍ୟେ ଲିପିପୋଛି ଆଣିଲା । ଇନ୍ଦ୍ର ଗୋବିନ୍ଦଗୁନ୍ଦୁଆ ଟାଣିଲା । ମାଣିକର ଦୀପାବଳି ଜାଳିଲା, ଚନ୍ଦନର ଛଡ଼ା ଗନ୍ଧର ପିଚକା ପକାଇଲା, ଅଙ୍କୁରଗୋଛା ଗହଣେ ଥୋଇଲା, ପଇଡ଼ ଖାନ ଗହଣେ ଥୋଇଲା, ଗୁଆ ପେଣ୍ଡା ଗହଣେ ଥୋଇଲା, ସାକର ଘଟ ଗହଣେ ଥୋଇଲା, ଗଙ୍ଗାବାଣ ପଇଡ଼ ଅଙ୍ଗବାସ ଆଣି ସାଚଚଣି ଦୋପାଗ ନବାତ ସବୁ ଅମୃତ ପାନ କଦଳୀ ଡାଳିମ୍ବ ଚମ୍ପାକୁଧ ଏମନ୍ତ କରି ଶୋଳ ପ୍ରକାରେ ରଖିଲା, ସୋଡ଼ ପାଖୁଡ଼ା ପଦ୍ମ ଲେଖିଲା, ତହିଁ ଅଖଣ୍ଡିତ ତଣ୍ଡୁଳକୁ ଥୋଇଲା ମଧ୍ୟରେ ପୂର୍ଣ୍ଣକୁମ୍ଭ ବସାଇଲା । ଚୁଂଡାଳ ନେଇ ନଟୀକାଳି ଦେଲା । ସୁବର୍ଣ୍ଣର କୁଣ୍ଡ ଝରିଦେଲା । ପାଟର ପାହାଡ଼ା ପାରିଲା, ନେତର ବଳିତା ଦେଇ ଗୁଆଘିଅରେ, ଜାଗର ଜାଳିଲା । ଯେ ରୂପେ ଶୋଳ ଉପଚାରରେ ବହୁତ ପୂଜାକଲା ଠାକୁରାଣୀ

କେବେହେଁ ବଳେ ନକଲେ, ବହୁତ କାର୍ପନ୍ୟ ହେଲା, ଠାକୁରାଣି ଆଗ୍ୟାଦେଲେ, ମୋହରେ କାର୍ଯ୍ୟକି ତୋ ବହୁରେ କାର୍ଯ୍ୟ ସାସୁ ବୋଇଲା ଗୋସାଇ ବହୁଗୁରୁ ମୋତେ କି କରିବ, ଗୋସାଇଁଙ୍କର କାର୍ଯ୍ୟ ଠାକୁରାଣି ବୋଇଲେ ଯେବେ ତୋ ବହୁକୁ ଗାଲକେ କଳାଦେଇ କଲାକନା ପିନ୍ଧାଇ ବାହାର କରିଦେବୁ ତେବେ ତୋ ଘରକୁ ଜିବ । ଆଗ୍ୟାଁ ପ୍ରମାଣେ କଳା ଗନ୍ଧସ୍ତେ ପିନ୍ଧାଇଲା ଗାଲକେ ଝନ୍ଦ ଚୋପାସ୍ତେ ଦେଲା । ଗାଲେକ ଚନ୍ଦନ ଚୋପାଏ ଦେଲା । ଦାଣ୍ଡ ଦ୍ୱାରବାଟେ ଦେଖାଇ ବାଲଦ୍ୱାର ବାଟେ ବାହାର କରଦେଲା, ବଡ଼ଘର ବହୁ କେଣେଜିବ । ଜାଇଆସି ତ ନ ଜାଣଇଁ, ଧାନ ମସିଇ ତଳେ ଧନୁଟିମାନ ଗୃହଲକ୍ଷ୍ମୀମାନ ଭିନେ ଭିନେ କରି ଥୋଇଛୁ । ସାସୁ ମହାଲକ୍ଷ୍ମୀକି ବହୁତ ସେବାକଲା । ଠାକୁରାଣୀ ବୋଇଲେ ଆଲେ ସାଧବାଣି ସ୍ତେଆଲ ମୁ ତୋଘରେ ମଣୋହି କରିବ ।

ସାସୁ ବୋଇଲା ଗୋସାଇଁ ମୁଁ ସ୍ତେକାସିନା । କେ ଆଣିବ, ଠାକୁରାଣୀ ଆଗ୍ୟାଦେଲେ ଅଷ୍ଟବେତାଳେ ମଣୋହି ଆଣୀମେ, ଠାକୁରାଣୀ ଅଷ୍ଟବେତାଳକୁ ଆଗ୍ୟାଦେଲେ ଆଗ୍ୟାଦେଲେ ଅମୃତ ମଣୋହି ବେଗକରି ଘେନଅସ । ଆଗ୍ୟା ପ୍ରମାଣେ ଅଷ୍ଟ ବେତାଳେ ମଣୋହି ସାମଗ୍ରି ଆଣିଲେ, ସାଧବାଣି ସୁନା ଯୋଗ୍ୟଣ୍ଡି ଦେଲା । ତହି ଅମୃତ ମଣୋହି ପରସୁ ଅଛୁ, ଘୃତ ଲବଣୀସର ଗୋଟୀକା ପରସିଲା, ସେଲସେଇ ଘୃତ ବୋଇଲେ ଦରଦେଉଛୁ, ଶର ବୋଇଲେ ଆଖୁ ଦେଉଛୁ । କଦଳୀ ବୋଇଲେ ମଣ୍ଡାଦେଲା, ପଇଡ଼ ବୋଲ ପଣାଦେଉଛୁ, ପିଠାବୋଲ ଝଳା ଦେଉଛୁ, ଏତ୍ରୂପେ ଭୋଳାହୋଇ ତୁଛା ହାତ ନେଇ ଶ୍ରୀମୁଖ ଦେଲା । ଠାକୁରାଣୀ ବିଚାରଲେ ମୋଠାରେ ମନଦେଇ ସାଧବାଣି ଭୋଳହେଲା, ଠାକୁରାଣୀ ଆଗ୍ୟାଦେଲେ, ଅଲୋ ସାଧବାଣି ବରମାଗ, ସାଧବାଣି ବୋଇଲା ଗୋସାଇ, କି ବର ମାଗିବ କିଛୁ ବର ନ ଜାଣଇ ଠାକୁରାଣୀ ବୋଇଲେ କିଛୁ ବରମାଗ । ଠାକୁରାଣୀ ଆଗ୍ରେମନ କଲେ, ମୁଖବାସ କର୍ପୁର କଣ୍ଡୀଆ ପାନ ଜୋଗଜକଲେ, ସାଧବାଣି ବୋଇଲା ଗୋସାଇ, ମୁ ଚତୁର୍ଭୁଜ ହେବ ହାଥକେ ଘଷା ପକାଇବ । ହାଥକେ ଗୁମର ଢାଳିବ । ହାଥକେ ବିଞ୍ଚଆ ଭୁଞ୍ଜାଇବ, ହାଥକେ ପାଦମଞ୍ଜାଳିବ ଠାକୁରାଣୀ ବୋଇଲେ ପଲଙ୍କ ପାର । ମୁଁ ତୋ ଘରେ ପହୁଡ଼ିବ, ଆଗ୍ୟା ପ୍ରମାଣେ ରତ୍ନପଲଙ୍କ ପାଡ଼ିଲା କର୍ପୁର ଧୂଳି ସେବତି ପାଖୁଡ଼ା ପିଞ୍ଚିଲା ନାଗେଶ୍ୱର × × ତରସେଜ ପଡ଼ାହେଲା ତହିଁ ଠାକୁରାଣୀ ପହୁଡ଼ିଲେ । ସାଧବାଣି ତ ଆଲଟ ଶ ଠିଆହୋଇଛୁ । ଠାକୁରାଣୀ ବୋଇଲେ କିଲୋ ସାଧବାଣି କାହିଁକି ଠିଆ ହୋଇଛୁ, ସାଧବାଣି ବୋଇଲା ମହାପ୍ରଭୁ, ଚତୁର୍ଭୁଜ ହୋଇବି, ଉତମ

ହୁଅ ବୋଇଲେ, ଅଗ୍ୟା ପ୍ରମାଣେ ଚଉଭୁଜ଼ଙ୍କ ହେଲ ହାଥକେ ଚାମର ଢାଳିଲ । ହାଥକେ ପଙ୍ଖାପକାଇଲ ହାଥକେ ପାଦ ମର୍ଦ୍ଦିଲ, ହାଥକେ ଫୁଟିକି ମାଇଲ ଏରୂପେ ସେବାକଲ, ଠାକୁରାଣି ନିଦ୍ରାଗଲେ । ହରି ବଳରାମ ବଡ଼ଦେଉଳେ ବିଜେ କରଛନ୍ତି । ଦେଖିଲେ ଭୋଗଘରେ କେହି ନାହିଁ । ଠାକୁରଙ୍କର ମଣୋହି-ସାମଗ୍ରି ହୋଇନାହିଁ । ଠାକୁର ବୋଇଲେ ଆଦର ଲକ୍ଷ୍ମୀ ଅଦର ଯହିଁପାନ୍ତି ତହିଁ ରହନ୍ତି । ଆମ୍ଭଠାଇଁ ଆଉ ଆଦର ନଥାଇ । ଶଙ୍ଖୁଆକୁ ବୋଇଲେ ଜୟେ ଶଂଖଦେବୁ ତୋ କାନ ମୋ କାନ ଲକ୍ଷ୍ମି କାନ ହେବ, ଆଜ୍ଞା ପ୍ରମାଣେ ଜୟ-ଶଂଖଦେଲ, ମହାଲକ୍ଷ୍ମି କର୍ଣ୍ଣେ ସମ୍ଭାଇଲା ଠାକୁରାଣିଙ୍କ ନିଦ୍ରାଭଙ୍ଗି ଉଠି ବସିଲେ, ବୋଇଲେ କି ଧ୍ୟେ ସାଧବାଣି ମୋ ନିଦ୍ରା ନ ଭଙ୍ଗାଇଲୁ, ଠାକୁରଙ୍କର ମୋତେ ବୋଲଧା ହେବ । ଯେତେବୋଲି ଠାକୁରାଣି ବିଜେକରି ଯାଉଅଛନ୍ତି, ଗଭ ଫିଟିଯାଉଛୁ ନେତର ପଣତ ଲୋଟୀଯାଉଛୁ । ସାଧବାଣି ପଛେ ପଛେ ଗୋଡ଼ାଇଛୁ, ଠାକୁରାଣୀ ପଛକୁ ଅନାଇ ଦେଲେ ବୋଇଲେ କଲେ ସାଧବାଣି କାହିଁକି ଗୋଡ଼ାଇଛୁ । ସାଧବାଣି ବୋଇଲା ଗୋସାଇ ମୋତେ ବର ଆଜ୍ଞାହେଉ, ଠାକୁରାଣି ବୋଇଲେ କି ବର ମାଗିବୁ ମାଗ, ସାଧବାଣି ବୋଇଲା ଗୋସାଇ ବନ୍ଧୁଙ୍କର ବଳା ପାହୁଡ଼ରେ ସବଦରେ ନାତନାତୁଣିଙ୍କର ଘଣ୍ଟା କାଣ୍ଡଣ (=ବାଜଣ ?) ସବଦରେ ରାଜା ଯାଉଥିବେ ଦାଣ୍ଡେ ତାହା ନଶୁଣିବି କାନେ, କର୍ଣ୍ଣର ଗଣ୍ଠିଆ କାନ୍ଧରେ ଲୋଟୁ, ହସ୍ତର କଙ୍କଣ କନ୍ନେଇତୁଟୁ କୋଳକୁ ମିଳୁ ମୋ ନନ୍ଦନ ବାଳା । ସ୍ୱାମି ହୋଇଥିବେ ଗୁଆ ? ବୋଇଲ ।

ଆଟେଗ ଧାନଘର ପଛେ × × ଘର

ପର ଆଟେକର ମୋହର ଘର

ପରକୁଦେବ ପରକୁ ନ ମାଗିବ ।

ବାର ଗଣ୍ଡାଥିବ ନାତନାତୁଣି ।

ତେରଗଣ୍ଡା ଥିବେ କୁମାର ମଣି ।

ପରମ ଲକ୍ଷ୍ମୀ ମୋ ପୁରରେ ଥିବେ,

ସନ୍ଧିଦେଉଂଗ୍ରିକ ପ୍ରଜା ପାଳିବେ ।

ଢେଙ୍କିସାଳର ଖୁଦକୁଣ୍ଡା ପୋଡ଼ୀପିଠା ଖଣ୍ଡିଏ ଦେଉଥିବେ । ଖଣ୍ଡିଏ ଖଣ୍ଡିଏ ଖାଉଥିବେ । ମରାଇ ଗୃହପାଖ ବୁଲୁଥିବେ । ଠାକୁରାଣି ବୋଇଲେ କିଲେ ମା ଢିଙ୍କିସାଳର ଖୁଦକୁଣ୍ଡା ପକାଇ ନଦେବୁ । ତୋତେ ସବୁ କରମୁ

ଦେଲ, ଠାକୁରାଣି, ବୋଇଲେ ଆଲୋ ତୋର ବନ୍ଧୁ ମୋ କାର୍ଯ୍ୟରେ ଅଛୁ । ତାକୁ ଘରକୁ ଘେନିଆସ । ଆଜ୍ଞା ପ୍ରମାଣେ ସାସୁଗଲା, ଦଣ୍ଡଘର ବନ୍ଧୁ ତ କେଉଁଠି ଯିବ, ମରେଇ ତଳରେ ବସିଅଛୁ । ଧାନୁଟିମାନ ଧାନ ମରେଇରେ ପକାଉଛୁ ବଣଟିମାନ ବଣ ମରେଇରେ ପକାଉଛୁ । ମୁଗଟିମାନ ମୁଗ ମରଇରେ ପକାଉଛୁ । ସାସୁ ଯାଇ ବନ୍ଧୁକୁ ଘେନି ଆସିଲା । କନକ ସ୍ନାନ କରାଇଲା, ପାଟ ପିନ୍ଧାଇ ପାଟ ଉତୁରାଣ ଦେଲା । ଗନ୍ଧାଦରେ ପଣି ସିନ୍ଦୁର ଫରୁଆ କଜଳପାଢ ହୀରାମାଣିକ୍ୟ ନାକଚଣାଆଦ୍ୟ ଅଳଂକାର ଆଣିଲା । ଅକଳଙ୍କ କଂସାଥାଳେ ବଗଡ଼ାଭାତ ବାଢ଼େ ବରି ପଇଡ ସାଇ କାନ୍ତି ବାଢ଼େଇଲା । ଆରିସା ପିଠା ସାତ ସୁଆଳି ବାଢ଼େଇ ଥୋଇଲା । ସିନ୍ଦୁର ଫରୁଆ କଜଳପାତି ହୀରାମାଣିକ୍ୟ ନାକ ଚିକଣା ଯେତେବେଳେ ବନ୍ଧୁକୁ ଘେନିଠାକୁରାଣୀଙ୍କି ଭେଟିଲା । ଦେଖିକରି ଠାକୁରାଣି ହସିଲେ । ବୋଇଲେ ଅଲୋ ସାସୁ ଉଦାର ବନ୍ଧୁ ଉଦାରୀ, କଛୁ ବରମାଗି ନଜାଣଇ ତ । ସିନ୍ଦୁର ଫରୁଆ ଅଛୁ ପାକଲା ବାଲେ ସିନ୍ଦୁର ଘେନିବ । କଜଳ-ପାତି ଆଣିଛୁ । ଅହ୍ୟଓ ସୁଲକ୍ଷଣି ହେବ, ହୀରାମାଣିକ ନାକଚଣା ଆଣିଛୁ ହୀରାମାଣିକରେ ମଣ୍ଡି ହୋଇଥିବ । ବଗଡ଼ାଭାତ ଆଣିଛୁ ବଗଡ଼ା ମହାଲକ୍ଷ୍ମୀ ନ ଗୁଡ଼ିବ, ବରିପଇଡ ଆଣିଛୁ ବନ୍ଧ ମହାଲକ୍ଷ୍ମୀ ଅନୁଗ୍ରହ କରିଥିବେ । ଅକଳଙ୍କ କଂସା ଆଣିଛୁ, ଆକଳଙ୍କ ବଂଶ ହୋଇଥିବେ, ସାଇସାଗ ଆଣିଛୁ ସାଇସୁଆଣି ହୋଇଥିବ, ସାଇକାନ୍ତି ଆଣିଛୁ ସଠୀଦ ଉଗ୍ରଇ ପ୍ରତିପାଳିଥିବେ । ଆରିସା ପିଠା ଆଣିଛୁ ସୁପରି ଖାଇବ, ସୁଆଳି ଆଣିଛୁ ସାଠି ସୁଆଳି ହେବ । ନଳିଆଣି ନଣ୍ଡବନ୍ଧ ହେବ । ନଜାଣି ସବୁ ଯେତେ ଯେତେ ବରମାଗିଲ ଜାଣିଲେ ମୋ ଦ୍ୱାରକାପୁର ମାଗନ୍ତ ପରି । ଯେତେବୋଲି ଠାକୁରାଣି ବଡ଼ଦେଉଳକୁ ବିଜେ କଲେ । ଅଷ୍ଟବେତାଳକୁ ଅଜ୍ଞାଦେଲେ ଅମୃତ ମଣୋହିଠାକୁ ଘେନିଯାଅ, ଆଗ୍ୟାମାନ ଆଣିବେ । ଲକ୍ଷ୍ମୀନାରାୟଣଙ୍କ ଭେଟ ହେଲା, ଠାକୁର ଆଜ୍ଞାଦେଲେ ଆଦର ଲକ୍ଷ୍ମି ଯହିଁ ଆଦର ପାଅ ତହିଁରହ ଆତ୍ମକଥା ମନେ ନଥାଇ, ଲକ୍ଷ୍ମୀ ବୋଇଲେ ତୁମ୍ଭେ ଜଗତ ଠାକୁର । ତୁମ୍ଭ ଆଜ୍ଞାରୁ ମୁଁ ଜଗତ ଠାକୁରାଣି । ଯାହାକୁ ପଡ଼ି ନଦେବ ସେ ନପାଇ । ଯେତେ ବୋଲି ଅମୃତମଣୋହି ଯୋଗାଡ଼ ସଜାଡ଼ିଲେ ।

ହରିବଳରାମ ମଣୋହିମଣ୍ଡପରେ ବସିଲେ । ଆଚମନ ସାରି କର୍ପୁର ବଢ଼ିଆ ଲାଗିହେଲେ, ଧୂପ ବଢ଼ି ସିଂଘାର ବଢ଼ିଲା, ନଦ୍ରାରେ ଅଖି ଘୂର୍ଣ୍ଣିତ ହେଲା । ମଣିମା ମୋତେ ବିଜେହେଉ ବୋଲି ଡାକ ପଡ଼ିଲା ଲକ୍ଷ୍ମୀନାରାୟଣେ ଏକାନ୍ତ ହେଲେ, ଠାକୁର ବିଚାରିଲେ ଲକ୍ଷ୍ମିଙ୍କ ପଡ଼ି ଦେବାର ଅଜ ବଢ଼ିବା ଯେତେବୋଲି

ଭ୍ରମର ଗୋଟି ପିନ୍ଧାକାନରେ ବାନ୍ଧି ପହୁଡ଼ିଲେ । ସକାଳୁ ନିଦ୍ରା ଭାଙ୍ଗିଲା । ଠାକୁରାଣୀଙ୍କି ବୋଇଲେ ଅମ୍ଭ ପିନ୍ଧାକାନରେ କି ଅଛି ଗଣ୍ଠି ଫିଟାଅ ଲକ୍ଷ୍ମୀ ଫିଟାଇ ଦେଖିଲାବେଳକୁ ଭ୍ରମରଟାଏ ଅଛି ତା ତୁଣ୍ଡରେ ନିର୍ମାଲ୍ୟଟାଏ ଅଛି । ଠାକୁରେ ହସ ହସ ହୋଇ ଲକ୍ଷ୍ମୀଙ୍କ କୋଳାଗତ କଲେ । ବୋଇଲେ ପ୍ରମାଣ ଆମ୍ଭେ ଜଗତ ଠାକୁର ତୁମ୍ଭେ ବ୍ରହ୍ମାଣ୍ଡ ଠାକୁରାଣୀ ଯେମନ୍ତ କହି ବଡ଼ ସନ୍ତୋଷ ହୋଇଲେ । ସାଧବାଣି ବରପାଇ ଘରେ ପ୍ରବେଶ ହେଲା । ଦିନେ ଏକାଦଶୀ କରିଛି । ଦ୍ୱାଦଶୀ ଯାଇ ପୋଇଲି ହାତେ କଉଡ଼ି କାହାଣେ ଦେଲି, ବୋଇଲି ଆଲୋ ବହୁ, ପୋ ଯେ ପାରଣା କରିବେ ବେଗେ ହାଟବାଟ କରି ଆଣ, ଦେଖିଲାବେଳକୁ ରାଜା ଆଟ କାଉଛନ୍ତି । ରାଜାଆଟ ନ ଛୁଡ଼ଇ, ପୋଇଲି ବାଟ ନ ଛୁଡ଼ଇ । ରାଜାଆଟ ଛୁଡ଼ିଲା । ପୋଇଲି ଦୁଇପହରକୁ ହାଟଘେନି ଅଇଲା ସାଧବାଣି ବୋଇଲା କଲୋ ଏତେବେଳକେ କିପା ନଇଲୁ, ପୋଯେ ପାରଣା କେତେବେଳେ କରିବେ । ପୋଇଲି ବୋଇଲା ରଜାବାଟେ ଯାଉଥିଲେ । ରାଜାଆଟ ନ ଛୁଡ଼ଇ, ମୋ ବାଟ ନ ଛୁଡ଼ଇ, ଯେତେବେଳେ ଅଇଲି, ସାଧବାଣି ବୋଇଲା ମୋହର ଦ୍ୱାରେ ରାଜାଗଲେ ବାଦ୍ୟ ବଡ଼କାଠ ମୋତେ ନ ସୁଭିଲା, ମନେ ବିଗୁରିଲା ମହାଲକ୍ଷ୍ମୀଙ୍କ ବର ମୋତେ ଏତେ ସିଦ୍ଧହେଲା, ରାଜା ଜାଉଛନ୍ତି ଦାଣ୍ଡେ ତାହା ନ ସୁଣିଲି କାନେ, ଯେତେବୋଲି ଲକ୍ଷ୍ମୀଙ୍କି ବହୁତୁଷ୍ଟି କଲା, ଗରୁସତେ ଗୁଣେ ହରସେବା କରି ରହିଲା ।

✽ ଶ୍ରୀ ନିତ୍ୟାନ ମହାଲକ୍ଷ୍ମୀ କଥା ସମ୍ପୂର୍ଣ୍ଣ ✽

# ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶରେ ପ୍ରବେଶ

## ସୋମନାଥ ବ୍ରତ କଥା

ପରମେଶ୍ୱର କହନ୍ତି, ଦେବୀ ଶୁଣନ୍ତି । ଶୁଣ ଦେବୀ ପାର୍ବତୀ । ମାଳବ ବୋଲି ଦେଶ, ତହିଁ ପାଟଳ ବୋଲି ନଗ୍ର, ତହିଁ ବୀର ବିକ୍ରମ ବୋଲି ରାଜା, ସେ ରାଜା ମହାପ୍ରତାପୀ, ସେ କଟକର ଅନେକ ମହିମା । ଘରେ ଘରେ ସୁବର୍ଣ୍ଣ କଳସ ବସାନ୍ତି । ଧବଳ ମନ୍ଦିରପୁର, ଅତିସୁନ୍ଦର । ସୁବର୍ଣ୍ଣ କଳସ ଉପରେ ନେତ ପତାକା ଉଡ଼ାନ୍ତି । ଚଉରାଶି ହାଟ ବସାନ୍ତି । ମେଢ଼, ମଣ୍ଡପ, ଅଟ୍ଟାଳି, ଦେଉଳ, ଜଗତୀ, କୂପ, ପୁଷ୍କରଣୀ, ଅଦ୍ଭୁତକଳାପ ଲୋକେ ବସାନ୍ତି । ହସ୍ତୀଙ୍କର ଘଣ୍ଟାରବ, ଘୋଡ଼ାଙ୍କର ହିଁଶିହିଁଶି ରବ, ପଦାତିଙ୍କର ମୁଖରବ, ଚତୁରଙ୍ଗ ବଳ । ନବକୋଟି ଭଣ୍ଡାର । ଅନେକ ରାଜାମାନେ ସେ ରାଜାଙ୍କୁ ଖଟନ୍ତି, ଏମନ୍ତ ସମସ୍ତ ପ୍ରବେଶ, କାପୁଡ଼ିମାନେ ସୋମନାଥ ଦେବଙ୍କୁ ଦେଖି ଆଇଲେ । ସେଦିନ ସୋମନାଥ ଦେବଙ୍କର ବ୍ରତ । ସେ କାପୁଡ଼ିମାନେ ସୋମନାଥ ଦେବଙ୍କୁ ଦେଖି ବାହୁଡ଼ି ଆଇଲେ । ତାଙ୍କ ପାଟଳାନଗ୍ରେ ପ୍ରବେଶ ହେଲେ । ବୀର ବିକ୍ରମାଜିତ ରାଜା ସିଂହଦ୍ୱାରେ ପ୍ରବେଶ ହେଲେ । ଦ୍ୱାରପାଳଙ୍କୁ ବୋଇଲେ ତୁମ୍ଭେ ଯାଇ ରାଜାଙ୍କୁ ଜଣାଅ, ବୋଲି ସୋମନାଥ ଦେବଙ୍କର ଷାଠିଏ କାପୁଡ଼ି ଆସି ରହିଅଛନ୍ତି । ଦ୍ୱାରପାଳ ଯାଇଁ ଜଣାଇଲା ରାଜାଙ୍କୁ । ମହାଦେବ ! ଶିବବ୍ରତୀ ଷାଠିଏ କାପୁଡ଼ି ସିଂହଦ୍ୱାରେ ରହିଅଛନ୍ତି । ରାଜା ଶୁଣି ବୋଇଲେ ଭିତରକୁ ଆସନ୍ତୁ । ଦ୍ୱାରପାଳ ଯାଇଁ କହିଲା ଆହେ କାପୁଡ଼ିମାନେ ରାଜାଙ୍କର ଆଜ୍ଞା ହେଲା ତୁମ୍ଭେ ଭିତରକୁ ଯିବ । ଷାଠିଏ କାପୁଡ଼ି ଭିତରେ ପ୍ରବେଶ ହେଲେ । ରାଜା କାପୁଡ଼ିଙ୍କି ଦେଖି ବଡ଼ ସନ୍ତୋଷ ହେଲେ, ସମସ୍ତ କାପୁଡ଼ିଙ୍କି ଆସନ ଦେଲେ, କାପୁଡ଼ିମାନେ ବୋଇଲେ ଆମ୍ଭେ ଭୋକ ହୋଇଅଛୁଁ, ଆମ୍ଭଙ୍କୁ ଭିକ୍ଷାଦେବ । ରାଜା ବୋଇଲେ କ୍ଷଣେ ବିଶ୍ରାମ କର, ମହାସୁଆରକୁ ରାଇ ଆଜ୍ଞା ଦେଲେ ।

ବେଗେ ପାକ୍‌ସିଦ୍ଧକରି, ମହାପ୍ରସାଦ ପାକକଲେ, କାପୁରୁଷମାନେ ସ୍ନାହାନ କରିଗଲେ । ବେଗେ ଯୋଗାଡ଼ି ଦେଲେ, କାପୁରୁଷମାନେ ଭୁଞ୍ଜି ବସିଲେ । ସମସ୍ତେ ମିଷ୍ଟାନ୍ନ ଭୋଜନ କଲେକ । କାପୁରୁଷମାନେ ଭୋଜନ ସାରି ଆଚମନ କଲେ, କାପୁରୁଷମାନଙ୍କୁ ସମୁଖ ତାମ୍ବୁଲ ଦେଲେ । କାପୁରୁଷମାନେ ବୋଇଲେ ଆମ୍ଭେ ତାମ୍ବୁଲ ନଭକ୍ଷୁ, କଷାଫଳ ଖାଇବୁଂ । ତାହାଶୁଣି ରାଜା ବହୁ ସନ୍ତୋଷ ହେଲେ । କାପୁରୁଷମାନେ ବିରସ ବୋଇଲେ ଭୋଜନ ବହୁତ ଗଉରବ କଲ, ଆମ୍ଭେ ତୁମ୍ଭଙ୍କୁ ବରେକ ଦେବୁଂ । ଏଠାରୁ ତୁମ୍ଭଙ୍କୁ ଆୟୁଷ ଯଶଶ୍ରୀ ହୋଇବ । ରାଜା ବୋଇଲେ ସୋମନାଥ ବ୍ରତ କେମନ୍ତେ କରିବା । କାପୁରୁଷ-ମାନେ ସୋମନାଥ ବ୍ରତ କହିବାକ, ଶୁଣନ୍ତେ ନୃପତି । ଭାଦ୍ରବ ମାସ ଶୁକ୍ଳପକ୍ଷ ଷଷ୍ଠୀଦିନରେ ବ୍ରତ ଘେନିମାକ, ଘରଚାଳ ଝଟାଳ କରିବାକ । ପୀଢ଼ା ଉପରେ ପାଟଗୁଡ଼ି ଗୋଟିଏ ରଖିବାକ । ତହିଁ ଉପରେ ସୂକ୍ଷ୍ମିକର ଲିଙ୍ଗ ଗୋଟିଏ ସ୍ଥାପିବାକ । ଲିଙ୍ଗରେ ଅକ୍ଷତଦେବ, ସୂତାରେ କୁଷ୍ମାଣ୍ଡ ଫୁଲ, କୁକୁଣ୍ଡା ଫୁଲ ଦେଇ ପୂଜା କରିବ, ଦଶଗୋଟି ତଣ୍ଡୁଳ, ଦଶନାଡ଼ ଦୂବଦେଇ ପୂଜା କରିବ । ଦକ୍ଷିଣ ଦଶଗୋଟି ଗଣ୍ଠି ପାଡ଼ିବାକ, କଥାଶୁଣି ସୋମନାଥଙ୍କୁ ନୈବେଦ୍ୟ ଦେବ । ପ୍ରସାଦ ଘେନିମ, ବ୍ରତହସ୍ତେ ବାନ୍ଧିବ । ପୁଣି ଆଶ୍ୱିନ ମାସ ଅପରାଜିତା ଦଶମୀ ଦିନରେ ଅରୁଆ ଚାଉଳ ମାଣେ ଘେନିମାକ, ନଡ଼ିଆ, ମରିଚ ଖଣ୍ଡ ମହୁ ପୂରଇବାକ, ପିଠା ଦଶଗୋଟି କରିବାକ, ପୀଢ଼ାରେ ଶୁକ୍ଳବସ୍ତ୍ର ପାଡ଼ିବାକ, ସସ୍ତିକ ଲିଙ୍ଗ ସ୍ଥାପିବାକ ଅଥବେ, ବାଲିକାଲିଙ୍ଗ ସ୍ଥାପିବାକ, ପିଠା ଗୋଟିଏ ସୋମନାଥ ଦେବଙ୍କୁ ଦେବାକ । ବ୍ରତ ପରମେଶ୍ୱରଙ୍କୁ ସମର୍ପିବାକ, ପିଠାପାରଣା କରିବାକ, ଯେ ମନୋବାଞ୍ଛା ସେ ସିଦ୍ଧହୋଇ । ରାଜାଶୁଣି ବୋଇଲେ ଆହେ କାପୁରୁଷମାନେ ଏ ବ୍ରତକଲେ ଆମ୍ଭଙ୍କୁ କିବା ଆନନ୍ଦ । ସଂସାରେ ବୋଲିବେ ବୀରବିକ୍ରମାଜିତ ରାଜା ଚାଉଳ ମାଣକେ ଓଷା କରଇ, ଏତେବୋଲି ବ୍ରତ ନିନ୍ଦାକଲେ, ନାସ୍ତିକଲେ, କହନ୍ତି ପଶୁପତି ଦେଖି ପାଷଣ୍ଡ— ଏତେ ବଚନ ଶୁଣି କାପୁରୁଷମାନେ ମୁଖ ମଳିନକରି ଉଠିଗଲେ । ରାଜା ନିନ୍ଦାକରନ୍ତେଣ ତହୁଁ ପରମେଶ୍ୱରଙ୍କ ଆସନ ଟଳିଲା । ପରମେଶ୍ୱର ଧ୍ୟାନରେ ଜାଣିଲେକ ବୀର ବିକ୍ରମାଜିତ ରାଜା ନିନ୍ଦାକଲାକ । ରାଜା ବ୍ରତ ନିନ୍ଦାକରନ୍ତେ କୁଷ୍ଟବ୍ୟାଧି ହୋଇଲାକ । ରାଜାଙ୍କୁ ବଡ଼ ତ୍ରାସ ଲାଗିଲାକ । ରାଜା ବିସ୍ମୟ ହୋଇ ବୋଇଲେକ ମୁଁ ଦେଶାନ୍ତର ଯିବଇଁ । ମୋ ଦେହରେ କୁଷ୍ଟବ୍ୟାଧି ହୋଇଲାକ, ଆଉର ରାଜ୍ୟରେ ମୋର କାର୍ଯ୍ୟ, ପାତ୍ର ବୋଇଲା ରାଜ୍ୟ କାହାକୁ ଦେଇଯିବ । ରାଜା ବୋଇଲେ ତୁ ରାଜ୍ୟ କରୁଥିବୁ । ମୋ ରାଣୀମାନଙ୍କୁ ସୁରକ୍ଷା କରୁଥିବୁ ।

ମୋହୋ ଶରୀର ଯେବେ କ୍ଷମା ହୋଇବ ତେବେ ମୁଁ ରାଜ୍ୟ କରିବି । ଭଲ-ନୋହୁଛି ଯେବେ ମରିବି । ତେବେ ରାଜ୍ୟରେ କି କାର୍ଯ୍ୟ । ତୁ ମୋ ରାଣୀମାନଙ୍କୁ ସୁରକ୍ଷା କରୁଥିବୁ । ଯେମନ୍ତ ଦୁଃଖ ନପାନ୍ତି । ଏତେ ବୋଲି ରାଜା ବେଟାକୁ ସଙ୍ଗତେ କରି ଅନେକ ଦ୍ରବ୍ୟ ଘେନି ବସ୍ତ୍ରେ ହୋଇ ଦେଶାନ୍ତର ଗଲାକ
ଇତ୍ୟାଦି···ଇତ୍ୟାଦି ।

# ସୁଦଶାବ୍ରତ ବିଧି

ସମସ୍ତ ଋଷିମାନେ କୁହାକୁହି ହେଉଅଛନ୍ତି । ଇନ୍ଦ୍ର ଯେ ସେ ଅତ୍ୟନ୍ତ ଶୁଦ୍ଧହୋଇ ତଦ୍‌ଗତମନା ହୋଇ ସମସ୍ତ ଅର୍ଥ ବେଦମାନଙ୍କ ଅର୍ଥ ଜାଣନ୍ତି ଯେ ବ୍ରହ୍ମାଙ୍କର ପୁଅ, ଋଷିମାନଙ୍କର ପ୍ରଭୁ ଅଟନ୍ତି ହେ ନାରଦ, ତୁମ୍ଭେ ଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ, ସମସ୍ତ ଶାସ୍ତ୍ରମାନଙ୍କୁ ଜାଣ । ଏହି ନ୍ୟାୟରୁ ମହାଲକ୍ଷ୍ମୀଙ୍କ ବ୍ରତ ଗୋଟିଏ ମତେ କହ ।

ନାରଦ ଉବାଚ

ନାରଦ କହିଲେ, ହେ ଇନ୍ଦ୍ର, ଅତ୍ୟନ୍ତ ବିସ୍ତାରକରି ବ୍ରତ ଗୋଟିଏ ତୁମ୍ଭଙ୍କୁ କହିବା । ମାର୍ଗଶିର ମାସ ଅବା ମାଘ ମାସ, ବୈଶାଖ ମାସ ଅବା ଶୁକ୍ଳପକ୍ଷର ଗୁରୁବାର ଦିନ ଯେବେ ଦଶମୀ ପଡ଼ିବ ସେ ତିଥି ସମ୍ପୂର୍ଣ୍ଣ ହୋଇଥାଉ, ନୋହିଲେ ଏକାଦଶୀ ମିଶି ଥାଉ, ସେ ଦିନ ସୁଦଶାବ୍ରତ ପଡ଼ଇ । ହେ ଇନ୍ଦ୍ର ସେ କଥା କହିବା । ଏ ବ୍ରତ ଯେଉଁମାନେ କରିବେ ସେମାନେ ସମସ୍ତ ଫଳମାନ ପାଇବେ ।

ଇନ୍ଦ୍ର ପଚାରିଲେ, ଆହେ ଋଷି, ସୁଦଶାବ୍ରତ ପୂର୍ବରେ କେ କରିଥିଲା । ଏହାର କି ବିଧି । ଯେବେ ମୋଠାରେ ତୁମ୍ଭର ଅନୁଗ୍ରହ ଅଛି, ତେବେ ସବୁ କହ ।

ନାରଦ କହିଲେ, ହେ ଇନ୍ଦ୍ର, କଳିଙ୍ଗ ଦେଶରେ ହେମାଙ୍ଗଦ ହୋଇ ନାମ ଏମନ୍ତ ରଜା ଥିଲା । ତାହାର ପାଟମହାଦେଈ ଚନ୍ଦ୍ରମୁଖୀ ହୋଇ ନାମ । ସେ ରଜାର ଭାର୍ଯ୍ୟା ସୁଦଶାବ୍ରତ କରଇ । ମନ୍ତ୍ରୀର ଭାର୍ଯ୍ୟା ମଧ କରଇ । ସୁଦଶାବ୍ରତ ଦିନ ପ୍ରାତଃକାଳରେ, ସ୍ନାନକରି ଗୃହକୃତ୍ୟକରି ସଂକଳ୍ପ କରିବ । ବରୁଣ ପୂଜା କରିବ । ଦେବତା ଘରେ ଉତ୍ତମ କରି ପଞ୍ଚବର୍ଣ୍ଣ ମୁରୁଜ ଯେ ତହିଁରେ ପଦ୍ମମଣ୍ଡଳ ଲେଖିବ । ସେ ପଦ୍ମରେ ସୁନାପୀଢ଼ା ଗୋଟିଏ ରଖିବ ତହିଁରେ ଶୁକ୍ଳଲୁଗା

ଗୋଟିଏ ଟୋଇବ । ତହିଁ ଉପରେ ମହାଲକ୍ଷ୍ମୀଙ୍କ ବସାଇ ପୂଜା କରିବ । ସୂତା ଦଶଖି (ଅ) ରେ ବ୍ରତ ଗୋଟିଏ କରିବ । ତହିଁରେ ଦଶଗଣ୍ଠି ପକାଇବ । ସେ ବ୍ରତକୁ ପୂଜାକରିବ । ପ୍ରତି ଗଣ୍ଠିମାନଙ୍କରେ ଶ୍ରୀବୀଜରେ ମନ୍ତ୍ରିବ । ଏହି ମନ୍ତ୍ରପଢ଼ି ଦକ୍ଷିଣ ହସ୍ତରେ ବାନ୍ଧିବ । ହେ ଦେବି, ସମସ୍ତ ଭୁକ୍ତି ମୁକ୍ତି ତୁମ୍ଭେ ଦିଅ । ତୁମ୍ଭଙ୍କୁ ନମସ୍କାର । ଏ ଲୋକରେ ତୁମ୍ଭଠାରେ ନିଶ୍ଚଳ ଭକ୍ତି ଦିଅ । ପର-ଲୋକରେ ମୁକ୍ତି ଦିଅ । ଏହି ମନ୍ତ୍ରପଢ଼ି ବ୍ରତ ବାନ୍ଧିବ । ଦଶନାଡ଼ ଦୂବ । ଦଶଗୋଟି ଉଅରୁଆଳ । ଦଶଗୋଟି ଫୁଲ । ଏହା କରିବ ଦଶଗୋଟି ମଣ୍ଡା କରିବ । ନାନା ପ୍ରକାରରେ ନୈବେଦ୍ୟ କରିବ । ଏହି ବିଧିରେ ମନ୍ତ୍ରି ଭାର୍ଯ୍ୟା ଯେ ଶାନ୍ତନା ସେ ବ୍ରତକୁ କଲା ।

ବ୍ରତ ବାନ୍ଧିବାର ପାସୋରିଲା ମହାଲକ୍ଷ୍ମୀଙ୍କ କ୍ଷମା କରାଇଲା । ସେ କେତେବେଳେ ଉତ୍ତାରୁ ହାଥରେ ବ୍ରତ ନ ଦେଖିଲା । ସେ ମନ୍ତ୍ରୀ ଭାର୍ଯ୍ୟା ବ୍ରତଭଙ୍ଗ ହେଲବୋଲି ଆଠଦିନ ପର୍ଯ୍ୟନ୍ତେ ଉପବାସରେ ରହିଲା । ତହିଁ ଉତ୍ତାରୁ ମନ୍ତ୍ରୀ ଜାଣିଲା—ଭାର୍ଯ୍ୟାର ବ୍ରତ ଭଙ୍ଗ ହେଲା । ଏଥିଯୋଗେ ଦୁଃଖିତ ହୋଇ ଉପବାସେ ରହିଲା । ଆପଣ ମନ୍ତ୍ରୀ ବହୁତ ଦୁଃଖକରି ରଜାର ସମ୍ମୁଖକୁ ନ ଗଲା । ସେ ଯେଉଁ ଦିନମାନଙ୍କେ ରାଜା ମନ୍ତ୍ରୀ ନ ଆଇଲା ଏମନ୍ତ ଜାଣି ଲୋକ ପଠାଇଲା । ତହିଁ-ଉତ୍ତାରୁ ରଜା ଆଜ୍ଞାଦେଲେ । ମନ୍ତ୍ରୀ ନ ଆଇଲା, ତାହାଶୁଣି ରଜା ରତ୍ନକଠାଉ ମାଡ଼ି ମନ୍ତ୍ରୀ ଘରକୁ ଗଲା । ତହିଁ ଉତ୍ତାରୁ ମନ୍ତ୍ରୀ ପାଛୋଟି ଯାଇ ବହୁତ ଉପହାର ରାଜାଙ୍କୁ ଦେଲା । ରାଜାଙ୍କୁ ଦଣ୍ଡପ୍ରଣାମ କରି ଏମନ୍ତ ବଚନ ବୋଇଲା । ତହିଁଉତ୍ତାରୁ ମନ୍ତ୍ରୀଙ୍କି ରାଜା ବୋଇଲା, ତୁ କାହିଁପାଇଁ ମୋ ଘରକୁ ନ ଆଇଲୁ । ମନ୍ତ୍ରୀ କହିଲା, ହେ ରାଜନ୍ ମୋ ଭାର୍ଯ୍ୟା ସୁଦଶାବ୍ରତ କରିଥିଲା । ସେ ବ୍ରତ ହଜାଇ ଅଛି । ଦୁଃଖିତ ହୋଇ ଉପବାସ କରୁଅଛି । ମନ୍ତ୍ରୀ କହିଲେ ରାଜାଙ୍କୁ । ମୋ ଭାର୍ଯ୍ୟା ବୋଇଲା, ଲକ୍ଷ୍ମୀଙ୍କୁ ଆରାଧନା କରିବାକୁ । ଯଉଁ ସୁଦଶାବ୍ରତ ମୁଁ ହଜାଇଲି । ମୁଁ ନିଶ୍ଚେ ଅନ୍ନଜଳ ନ ଖାଇବି । ଏମନ୍ତ ବୋଲି ଦୁର୍ବଳ ହୋଇ ମରଣ ଇଚ୍ଛା କରୁଅଛି । ରାଜା ବୋଇଲା, ହେ ମନ୍ତ୍ରୀ, ଏ ବ୍ରତ କଉଁଠାରୁ ପାଇବା, ତାହା କହ !

ମନ୍ତ୍ରୀ କହିଲା, ତୁମ୍ଭ ପାଟମହାଦେଈଙ୍କ ହାଥେ ବ୍ରତଅଛି । ତାହାଦିଅ ! ଏମନ୍ତ ମନ୍ତ୍ରୀ ବୋଲନ୍ତେ ରଜା ଆପଣା ଅନ୍ତଃପୁରକୁ ଯାଇ ରାଣୀଙ୍କ ବ୍ରତ ମାଗିଲା । ରାଣୀ ବୋଇଲା, ଏ ଲକ୍ଷ୍ମୀବ୍ରତ, ମୁଁ ଏହା ଦେବାର ଉଚିତ ନୁହଇ । ରାଜା ପୁଣି ବଳାଇ ମାଗିଲା । ପାଟମହାଦେଈ କୋପହୋଇ ବ୍ରତ ଛିଣ୍ଡାଇ

ରାଜାଙ୍କରେ ଦେଲା । ରାଜା ସେ ବ୍ରତଫେନ ମନ୍ତ୍ରୀଙ୍କରେ ଦେଲା । ମନ୍ତ୍ରୀ ବ୍ରତନେଇ ଭାର୍ଯ୍ୟା ହାଥେ ଦେଲା । ସେ ବ୍ରତକୁ ଦୁଧରେ ଧୋଇ ପଞ୍ଚାମୃତରେ ସ୍ନାନ କରାଇ କର୍ପୂର କୁଙ୍କୁମ ଲିପି ସେ ବ୍ରତକୁ ପୂଜାକରି ଲକ୍ଷ୍ମୀଙ୍କ ପଞ୍ଚୋପଚାର ରରେ ପୂଜାକଲା । ବ୍ରତକୁ ହାଥରେ ବାନ୍ଧିଲା । ସେହିକ୍ଷଣି ଲକ୍ଷ୍ମୀ ଅନୁଗ୍ରହ କଲେ । ତହିଁଉତ୍ତାରୁ ରାଜା ହତଶ୍ରୀ ହେଲା । ଲକ୍ଷ୍ମୀ ମନ୍ତ୍ରୀ ଘରକୁ ଗଲେ । ତହିଁଉତ୍ତାରୁ ରାଜା କର୍ମହୀନ ହୋଇ ରାଣୀଙ୍କ ସଙ୍ଗେଫେନ ବନକୁ ଗଲା । ବନରେ ବହୁତ ଦୂରଯାଇ ଉପବାସରେ ପୀଡ଼ାପାଇ ଅସ୍ଥିଚର୍ମାବଶେଷ ହୋଇ ଗଛ ଗୋଟିକ ମୂଳରେ ବସିଲା । ରାଜା ବନରେ ଲକ୍ଷ୍ମୀନାରାୟଣଙ୍କୁ ଚିନ୍ତା କରିବା କାଳରେ ଭାର୍ଯ୍ୟା ସେ ସେ ବୋଇଲା, ଅର୍ଜିଲା କର୍ମ ଭୁଞ୍ଜ । ଏମନ୍ତ ବୋଲି ରହିଲେ । ତହିଁଉତ୍ତାରୁ ଭାଗ୍ୟରୁ କରି ରାଜା କୌଣସି ସାଧୁତ ପାଖକୁ ଗଲେ । ସେ ସାଧୁତର ନାମ ଧନପାଳ । ଧର୍ମାତ୍ମା ଯେ, ବଡ଼ ଦୟାଳୁ ଚତୁର ଯେ, ସେ ମନରେ ବିଚାରିଲା । ଏ ମାଗି ନପାରି କ୍ଷୁଧାରେ କୃଶ ହୋଇଅଛି । କଣ୍ଠତାଲୁ ଶୁଖିଅଛି । ପୁଣି ଜାଣିଲା ଏ ବଡ଼ଲୋକ । ଏମନ୍ତ ଜାଣି ଆପଣା ଘରପାଖେ ପଣକୁଡ଼ିଆ ଗୋଟିଏ କରି ରାଜାଙ୍କୁ ରଖିଲା । ରଖି ତାଙ୍କୁ ଖାଇବା ନିମିତ୍ତେ ଚାଉଳ ଅଢ଼ାଏ ଲେଖାଏ ଦେଲା । ତହିଁ ଉତ୍ତାରୁ ସେ ରାଜା ତା ଭାଗ୍ୟକ୍ରମେ ସାଧୁତ ଘରେ ରହିଲା । ସେ ସାଧୁତ ରଜାକୁ ଉତ୍ତମ କରି ସେବା କଲା । ସାଧୁତର ଭାର୍ଯ୍ୟା ରାଣୀଙ୍କ ସେବା କଲା । ସେ ସାଧୁତର ଭାର୍ଯ୍ୟା ନାମ ସୁଧର୍ମା । ସେ ଦେବତା ବ୍ରାହ୍ମଣଙ୍କୁ ପୂଜା କରଇ । ଅତିଥି ପୂଜା କରଇ । ବୃଦ୍ଧଙ୍କୁ ସେବା କରଇ । ସେ ସାଧୁତକୁ ୧୦ ବର୍ଷ ବୁଢ଼ାକରି ରଜା ଦେଖିଲା । ତାହାର ଗୋଟାକୁ ହିଁ ଦୈନ୍ୟ ନାହିଁ । ରାଜସେବାରେ ତତ୍ପର, ସବୁକାଳରେ ଦେବାରେ ତତ୍ପର ସେ ସାଧୁତର ସଭାମଣ୍ଡପରେ ଶୋଭା ପାଉଅଛି ନାନା ରତ୍ନପୀଢ଼ାମାନେ ଅଛନ୍ତି । ଏମନ୍ତ ପରେ ବହୁତ ପଣ୍ଡିତମାନେ ଅଛନ୍ତି ସେ ସମସ୍ତ ବେଦଶାସ୍ତ୍ରରେ ନିପୁଣ । ସେ ଯେଉଁ ସାଧୁତ ସେ ଗୁରୁବାର ଦିନ ଦଶମୀ ପଡ଼ିଲା । ପୁଣି ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି ହେବାରୁ ସୁଦଶାବ୍ରତ ପଡ଼ିବ ଏହା ଜାଣିଲା । ସେ ଯେଉଁ ସାଧୁ ପ୍ରାତଃ ସ୍ନାନସାରି ଦିକ୍ପାଳମାନଙ୍କୁ ଦେବତାମାନଙ୍କୁ ପୂଜା ବୈଶ୍ୱଦେବକରି ଦେବତା ଘରେ ବସି ସଂକଳ୍ପ କଲା । ସଂକଳ୍ପ କରିସାରି ଲକ୍ଷ୍ମୀଙ୍କ ଘର ମଣ୍ଡିଲା । ଉପରେ ଚାନ୍ଦୁଆ ବାନ୍ଧିଲା । ଖମ୍ବମାନଙ୍କେ ଖଣ୍ଡାଚାମର ବାନ୍ଧିଲା ପତାକା ତୋରଣ ମାଳା ଏମାନ ବାନ୍ଧିଲା । ଦ୍ୱାରପାଖେ କଦଳୀ ଗଛମାନ ପୋତିଲା । ଚନ୍ଦନରେ କରି ସେ ସ୍ନାନସଂସ୍କାର କଲା । ରତ୍ନମଣ୍ଡପ ମଧ୍ୟରେ ସେ ପଦ୍ମମଣ୍ଡଳରେ ଲେଖିଲା । ପୀଢ଼ାରେ ସୁବର୍ଣ୍ଣ ସମ୍ପନ୍ନୀ ମହାଲକ୍ଷ୍ମୀ ବସାଇଲା । ଉତ୍ତମ ପଦ୍ମଫୁଲରେ ଲକ୍ଷ୍ମୀଙ୍କି ପୂଜାକଲା, ଆନନ୍ଦ ଚିତ୍ତ ହୋଇ କ୍ରୋଧାଦି ବର୍ଜିତ କରି ପୂଜାକଲା ।

ଏମନ୍ତ ଧ୍ୟାନକଲା ବୋଇଲା :—ପଦ୍ମଟି ଆସନ ଯାହାର ପୃଥୁଳ କଟି ଯାହାର ପଦ୍ମପତ୍ର ପ୍ରାଏ ଚକ୍ଷୁ ଯାହାର, ଗମ୍ଭୀର ଆବର୍ତ୍ତ ଯୁକ୍ତ ନାଭି ଯାହାର ସ୍ତନଭର ଦୁଇକରେ ନମ୍ର ଅଛନ୍ତି, ଶୁକ୍ଳବସ୍ତ୍ର ପିନ୍ଧାନ୍ତା ଅଛନ୍ତି । ମଣିଗଣମାନଙ୍କରେ ଶୋଭିତା ଅଛନ୍ତି, ଐରାବତାଦି ଯଉଁ ହାତୀମାନେ ସେମାନେ ସୁବର୍ଣ୍ଣ କୁମ୍ଭରେ ସୁବାସିତ ପାଣିଦେଇ ସ୍ନାନ କରନ୍ତା ଅଛନ୍ତି, ଆପଣ ଏବଂଭୂତ ଅଛନ୍ତି । ଏବଂ ଭୂତ ଯେ ତୁମ୍ଭେ ସୁମଙ୍ଗଳମାନଙ୍କୁ ଯେନ ରକ୍ଷିବା ହେଉ ଯେନ ରଖିବା ହେଉ, ଏରୂପେ ଧ୍ୟାନ କରିବ ।

ହେ ଲକ୍ଷ୍ମୀ ପଦ୍ମରେ ନିର୍ମିତ ହୋଇଅଛି । ଏମନ୍ତ ଯେଉଁ ପଦ୍ମାସନ ଏଥିରେ ତୁମ୍ଭେ ବସ । ଏମନ୍ତ ବୋଲି ଆସନ ଦେବ । ମୋତେ ଦୟାକର ବୋଲି ଆବାହନ କରିବ ।

ହେ ଲକ୍ଷ୍ମୀ ସଯାତ୍ରିମୁକ୍ତ ତୁମ୍ଭେ ଦିଅ, ଅଷ୍ଟରତ୍ନଯୁକ୍ତ ଆସନ, ଏ ସୁବର୍ଣ୍ଣ ପୀଠ, ଏଥିରେ ବସ । ନାନା ତୀର୍ଥଜଳରେ ଯୁକ୍ତ ଦୂବ କୁଣ୍ଡଳ ଚନ୍ଦନ ସହିତ ଏମନ୍ତ ଯେ ଅର୍ଘ୍ୟ ଯେଣ ମୋହର ବ୍ରତ ସଫଳ କର । ଏହା ବୋଲି ଅର୍ଘ୍ୟ ଦେବ ।

ପାଟସୂତାରେ ଯୁକ୍ତ ହୋଇଅଛି । ବୁଣିମା ଲୋକର କୌଶଳରେ କଳ୍ପିତ ହୋଇଅଛି । ତୁମ୍ଭ ସମସ୍ତ ଅଙ୍ଗ ଆଭରଣ ହେଉ । ଏ ବସ୍ତ୍ରପିନ୍ଧ ଏହା ବୋଲି ବସ୍ତ୍ର ଦେବ । ଚନ୍ଦନ ଅଗୁରୁ ଦୁଇରେ ଯୁକ୍ତ କର୍ପୂରରେ ସୁବାସିତ, ଚତୁଃସମସମାନ ଯେ ଗନ୍ଧ ଏହା ମୁଁ ଦେବୀଙ୍କି ଦେଉଅଛି । ଏହା ବୋଲି ଗନ୍ଧ ଦେବ, ମାଲତୀ ମଲ୍ଲି, ଅଶୋକ କନିଅର, ଚମ୍ପକ, ଜାଇ ପଦ୍ମ ଓ କୁଳ ଏତେ ଫୁଲ ଲକ୍ଷ୍ମୀଙ୍କି ଦେବ । ନାନା ରତ୍ନରେ ଜଡ଼ିତ, ସୁବର୍ଣ୍ଣରେ ଘଟିତ, ଏମନ୍ତ ଆଭରଣ ଯେନ ପ୍ରସନ୍ନ ମତେ ହୁଅ । ଏହା ବୋଲି ଆଭରଣ ଦେବ । ଗୁଗ୍‌ଗୁଳ ସଞ୍ଜ ସୁବାସିତ, କର୍ପୂରରେ ସୁବାସିତ ହୋଇଅଛି । ଏମନ୍ତ ଧୂପ ହୋଇଅଛି ତୁମ୍ଭଙ୍କୁ, ତୁମ୍ଭେ ଏହା ଯେନ, ଏହା ବୋଲି ଧୂପ ଦେବ, ସୁବାସ କର୍ପୂରରେ କଳିତା ନିର୍ମିତ ଯେ ଦୀପ, ତୁମ୍ଭଙ୍କୁ ଦେଉଅଛି, ମୋହର ବ୍ରତ ସୁଫଳ କର । ଏହା ବୋଲି ଦୀପ ଦେବ ।

ଶୁକ୍ଳତଣ୍ଡୁଳ ଚୂର୍ଣ୍ଣେନ ମଣ୍ଡକାଃ ପୂରସଂଯୁତାଃ
ଦଶ ଦତ୍ତ୍ୱା ମୟାଦେବ ନୈବେଦ୍ୟ ଫଳମସ୍ତୁ "ମେ"

ଏହାବୋଲି ନୈବେଦ୍ୟ ଦେବ ।

ଗଙ୍ଗୋଦକ ସମାଯୁକ୍ତଂ ପଦ୍ମପୁଷ୍ପୈଃ ସୁବାସିତମ୍
ଆଚମନଂ ମୟାଦତ୍ତଂ ଗୃହାଣ ତ୍ୱଂ ସୁରେଶ୍ୱର

ଏହାବୋଲି ଆଚମନ ଦେବ ।

ଗୁବାକ ଖଦରୈ ମଁୟ ଜାତିଫଳ ସମନ୍ୱିତମ୍
ସୁବର୍ଣ୍ଣ ବର୍ଣ୍ଣମିଦଂ ଶୁଦ୍ଧ ତାମ୍ବୂଳଂ ଦେବ ଗୃହ୍ୟତାମ୍ ।

ଏହାବୋଲି ତାମ୍ବୂଳ ଦେବ ।

ଅଖଣ୍ଡ ତଣ୍ଡୁଳୋପେତ ଦୂର୍ବାଗ୍ର ଅଙ୍କୁରୈ ସହ
ମଙ୍ଗଳେ ମଙ୍ଗଳା ବାପ୍ତ୍ୟୈ ଦୂର୍ବାକ୍ଷତ ଦଦାମ୍ୟହମ୍

ଏହାବୋଲି ଦୂର୍ବାକ୍ଷତ ଦେବ ।

ନାନାପୁଷ୍ପ ସମାଯୁକ୍ତଂ ଦଶପୁଷ୍ପ ସମନ୍ୱିତମ୍
ଲକ୍ଷ୍ମିଦେବ ମାୟାଦତ୍ତଂ ଗୃହଣ ପରମେଶ୍ୱର

ଏହାବୋଲି ଫଳପୁଷ୍ପ ଦେବ ।

ସେ ବ୍ରତକୁ ଦଶଗଣ୍ଠି ପକାଇ ଲକ୍ଷ୍ମୀବୀଜରେ ମନ୍ତ୍ରି ହଳଦୀ ଲଗାଇବ ଦକ୍ଷିଣ ବାହୁରେ ବାନ୍ଧିବ । ଏହାବୋଲି ବ୍ରତ ବାନ୍ଧିବ । ପୁରୁଣା ଯଉଁ ବ୍ରତ ଥିବ ତାହା ସମର୍ପଣ କରିବ ।

ସୁଦଶାବ୍ରତ (ପୂର୍ବାନୁବୃତ୍ତ)

ଲକ୍ଷ୍ମୀଙ୍କି ଯଉଁ ଦଶଗୋଟି ମଣ୍ଡା ପୂଜା କରିଥିବ, ତାହାକୁ ମୌନହୋଇ ଭୁଞ୍ଜିବ, ବ୍ରାହ୍ମଣକୁ ଦଶମାଛ ସୁନା ଦକ୍ଷିଣା ଦେବ ।

ହେ ବ୍ରହ୍ମନ୍, ଉତ୍ତମ ଯଉଁ ଲକ୍ଷ୍ମୀଙ୍କ ବ୍ରତ କହିବା ହେଲା, ଏହା କରିବା ବୋଲି ଇନ୍ଦ୍ର ଶଚୀଙ୍କି କହିଲେ,

ସେ ସାଧୁର ତାର ଭାର୍ଯ୍ୟା ଏ ଦୁହିଁଙ୍କର ଭକ୍ତିରେ ଲକ୍ଷ୍ମୀ ପ୍ରସନ୍ନ ହେଲେ । କାମନା ଫଳ ଦେବାକୁ ମୁଁ ପ୍ରସନ୍ନ ହେଲି ବୋଲି ଏମନ୍ତ ରାଜାକୁ କହିଲେ । ରାଜାବୋଲି ଅଛନ୍ତି—ବିଶ୍ୱେଶ୍ୱର୍ଯ୍ୟଂ ଜଗଦ୍ଧାତ୍ରୀଂ ଜଗଦମ୍ବା ମହେଶ୍ୱରୀମ୍

ବେଦଶାସ୍ତ୍ର ସ୍ୱରୂପପାଚନମାମଃ ସର୍ବରୂପିଣୀମ୍
ଏକାକ୍ଷର ପଦ୍ମଧାରେ ଦାରିଦ୍ର୍ୟ ଭଞ୍ଜନାଶିନୀ ।
ଦାରିଦ୍ର୍ୟ ଧ୍ୱଂସନେ ଦେବି ସର୍ବସିଦ୍ଧିଃ କଥଂଭବେତ୍
ନିତ୍ୟ ପ୍ରବେଶିକା ଦେବୀ ସ୍ୱୟଂ ପ୍ରକାଶ ରୂପିଣୀ,
ସିଦ୍ଧିଲକ୍ଷ୍ମୀଃ ରାଜଲକ୍ଷ୍ମୀଃ ଜୟଲକ୍ଷ୍ମୀଃ ନମୋଽସ୍ତୁତେ ।
ଜୟାଃ ବିଜୟାଦେବୀ ଜୟନ୍ତୀ ରିପରାଜିତା
ଶ୍ରଦ୍ଧାମେଧା ଧୃତିଃ ପ୍ରୋକ୍ତାକଳ୍ପନାଳ ମନୋଭବା,
ଶୀତଳା ସର୍ବସମ୍ପନ୍ନା ସର୍ବପାପ ପ୍ରଭଞ୍ଜନା
ବ୍ରହ୍ମାଣ୍ଡ ଗଣ୍ଡିଗାଦେବୀ ମହାଦାରିଦ୍ର୍ୟ ଭଞ୍ଜନା ।

ରାଜା ଏରୂପେ ସ୍ତୁତି କରନ୍ତେ ଲକ୍ଷ୍ମୀ କହୁଅଛନ୍ତି ?

ହେ ରାଜନ୍ ମୁଁ ତୋତେ ସନ୍ତୋଷ ରହିଲି ତୋହର ଏହି ସ୍ତୋତ୍ରରେ ଏବେ ତୁ ବର ମାଗ ଯେଉଁ ବର ମନରେ ଅଛୁ । ରାଜା କହିଲେ ଯେତେକାଳ ଚନ୍ଦ୍ର ସୂର୍ଯ୍ୟ ଥିବେ, ତେତେକାଳ ପର୍ଯ୍ୟନ୍ତେ ମୋହ ରାଜକୁ ମୁଁ ପାଇବି । ଏହି ବର ଦିଅ ।

ଲକ୍ଷ୍ମୀ କହିଲେ; ହେ ରାଜନ, ଯେମନ୍ତ ତୁ କାଞ୍ଛାକଲୁ ସେ ରୂପରେ ହେବ । ତୁ ଏ ଲୋକରେ ବହୁତ ଭୋଗ କଲା ଉତ୍ତାରୁ ମୋ ପୁରକୁ ଯିବୁ ।

ଲକ୍ଷ୍ମୀ ଏମନ୍ତ ବୋଲନ୍ତେ ରାଜା କହିଲେ ହେ ଲକ୍ଷ୍ମି, ମୁଁ ଧନ୍ୟ ମୋ କୁଳ ଧନ୍ୟ । ମୋ ବାପୁ, ମା, ଧନ୍ୟ ତୁମ୍ଭର ପାଦପଦ୍ମ ତଳରେ ମୋର ଶିର ଭ୍ରମର ପରି ଆଚରଣ କରିଅଛୁ । ଲକ୍ଷ୍ମୀ କହିଲେ ଏ ବ୍ରତ ଯେତେଲୋକ କରିବେ ସେମାନେ ଏହି ବରକୁ ପାଇବେ ଏମନ୍ତ ବର ଦେଇ ଲକ୍ଷ୍ମୀ ଅନ୍ତର୍ଦ୍ଧାନ ହୋଇଗଲେ ।

ଏହି ସମୟରେ ରାଜା ନିମିତ୍ତରେ ସମସ୍ତ ମନ୍ତ୍ରିମାନେ ବିଚାର କଲେ । ରାଜା ତ ମରନାହାନ୍ତି । ଅଭାଗ୍ୟ ବଶରେ ପଳାଇ ଅଛନ୍ତି । ରାଜ୍ୟଭାର ବହିବାକୁ ଏମନ୍ତ କ୍ଷମ ରାଜାଙ୍କୁ ଆଣିବାକୁ ବାଦ୍ୟ ବଜାଇ ଗଲେ । ମନ୍ତ୍ରୀପାଟ ହାତୀକି ମଣ୍ଡି; ତାହା ହାତେ ପାଟଲୁଗା ଭିଡ଼ାଇ ସୁବର୍ଣ୍ଣ କଳଶ ଦେଇ ଆଣିଲେ । ସେ ପାଟହାତୀ ସାଧୁ ଘରରେ ଥିଲା ଯେଉଁ ରାଜା ତାହାଙ୍କୁ ସୁବର୍ଣ୍ଣ କୁମ୍ଭରେ କରି ଅଭିଷେକ କଲା । ଅଭିଷେକ କରି ପୁଣି ହାତରେ ନେଇ ରାଜାଙ୍କୁ ପିଠିରେ ବସାଇଲା । ଏଥି ଉତ୍ତାରୁ ରାଜା ସାଧୁତଙ୍କୁ କହିଲା । ହେ ସାଧୋ ତୁମ୍ଭେ ଆମ୍ଭର ଧର୍ମକୁ କରି ବାପ ହେଲ ।

ତହିଁଉତ୍ତାରୁ ରାଜା ଆପଣା ପୁରକୁ ଯାନ୍ତେ, ସମସ୍ତ ମନ୍ତ୍ରିମାନେ ପୁରବାସୀ ଲୋକମାନେ ରାଜାଙ୍କ ଦ୍ୱାର ମାର୍ଗମାନଙ୍କରେ ପୂର୍ଣ୍ଣକୁମ୍ଭ କଦଳୀ ଗଛ ପତାକା ତୋରଣ ଏମାନ ସଜାଇଲେ । ପୁରରେ ରାଜା ପ୍ରବେଶ କଲା ଉତ୍ତାରୁ ପୁଣି ଆପଣାର ପାଟମହାଦେଈଙ୍କି ଲକ୍ଷ୍ମୀବ୍ରତ କରାଇଲେ ।

ଏ ଯେଉଁ ବ୍ରତ ଶ୍ରେଷ୍ଠ, ସୁଦଶା ଏହାର ନାମ ନାରଦ କହି ଅଛନ୍ତି । ଯେଉଁ ବ୍ରତକୁ ରାଜା ଯେ ସେ, ବନସ୍ତ ଭିତରେ ସାଧୁଘରଠାରେ ବ୍ରତକଲା-ମାତ୍ରକେ ଶତ୍ରୁକୁ ଜିଣିଲେ, ସାର୍ବଭୌମ ରାଜା ହେଲେ । ଏ ଲକ୍ଷ୍ମୀଙ୍କର ବ୍ରତ ଯେ ସୁଦଶା ଏହାକୁ ଯେଉଁ ଲୋକ ଆଶ୍ରୟ କରଇ, ତାହାର ସମସ୍ତ ପାପନାଶଯାଇ, ତାଘରେ ଲକ୍ଷ୍ମୀ ରହନ୍ତି ।

ଇତିଶ୍ରୀ ପଦ୍ମ ପୁରାଣେ ନାରଦ ଇନ୍ଦ୍ର ସମ୍ବ

ସୁଦଶାବ୍ରତ କଥା

ସ ମା ପ୍ତ

# କୁକ୍କୁଟୀ ବ୍ରତ କଥା

। ଯୁଧିଷ୍ଠିର ଉବାଚ ।

ଯୁଧିଷ୍ଠିର ଯେ ସେ, ଶ୍ରୀକୃଷ୍ଣ ଯେ ତାହାଙ୍କୁ ପଚ୍ଛରୁ ଅଛନ୍ତି । ହେ ମାଧବ; ସ୍ତ୍ରୀ କଉଁ ବ୍ରତକଲେ ଶୋକଯନ୍ତ୍ରାପରୁ ମୁକ୍ତ ହୁଅନ୍ତି । ତାହା କହିବା ହୋଉ, ଶ୍ରୀକୃଷ୍ଣ ଉବାଚ । ଏମନ୍ତେ ଯୁଧିଷ୍ଠିର ପଚ୍ଛରନ୍ତେ ଶ୍ରୀକୃଷ୍ଣ କହୁଅଛନ୍ତି—

ହେ ଯୁଧିଷ୍ଠିର, ପୂର୍ବକାଳରେ ଲୋମଶ ହୋଇ ନାମ ମହର୍ଷି ଯେ ସେ, ମଥୁରାକୁ ଯାନ୍ତେ ଦେବକୀ, ବସୁଦେବ, ଏଦୁହେଁ ତାହାଙ୍କୁ ପୂଜାକଲେ, ଦେବକୀ ବସୁଦେବ । ଏଦୁହେଁ, ସେ ଯଉଁ ଋଷି ତାହାକୁ ବସାଇଲେ । ବହାଇକର ମନୋରମା ଅଟଇ, ଏବଂଭୂତ ଯଉଁ ପୂର୍ଣ୍ଣକଥା, ତାକୁ ପଚ୍ଛରିବାକୁ ଆରମ୍ଭ କଲେ ଲୋମଶ ଉବାଚ । ଦେବକୀ ବସୁଦେବ ଦୁହେଁ ଲୋମଶଙ୍କୁ କହୁଅଛନ୍ତି—

କଂସରେ କର ପୁତ୍ରମାନେ ନିହତ ହେଲେ ପୁନଃ ପୁନଃ ହୋଇ ଜାତ ହେଲେ, ଦେବକୀ ଯେ ମୃତବତ୍ସା ହୋଇ ହେଲେ । ଅତ୍ୟନ୍ତ ଦୁଃଖରେ ଦୁଃଖିତ ହୋଇହେଲେ ଯେମନ୍ତ ପ୍ରକାରରେ ନହୁଷ ରାଜାଙ୍କର ଭାର୍ଯ୍ୟା ଅଟନ୍ତି ଯେ ଚନ୍ଦ୍ରମୁଖୀ ସେହୀନ ହୋଇଥିଲେ ସେ କଉଁ ବ୍ରତକୁ କରି ସେ ଅକ୍ଷୟ ବନ୍ତ ହୋଇ ହେଲେ, ସେରୂପେ ତୁମ୍ଭର କରି ଦେବକୀ ଅକ୍ଷୟ ବନ୍ତ ହେବେ । ଏଥିରେ ସଂଶୟ ନାହିଁ । ଦେବୀ ଯେ ସେ କହୁ ଅଛନ୍ତି—ନହୁଷ ରାଜାଙ୍କର ଭାର୍ଯ୍ୟା ଚନ୍ଦ୍ରମୁଖୀ, ସେ କଉଁ ସକାଶରୁ ହୀନ ହୋଇଥିଲେ, ପୁଣି କଉଁ ସକାଶରୁ ସନ୍ତତିକାର ହେଲେ ସପତ୍ନୀମାନଙ୍କର ଦର୍ପ ଦଳନ ହେଲା । ସୌଭାଗ୍ୟ ଭୋଗ୍ୟ ବୃଦ୍ଧି ହେଲା, ତାହା କହିବା ହୋଉ ।

ଦେବକୀ ପଚ୍ଚରନ୍ତେ ଲୋମଶ ଯେ ସେ କହୁଅଛନ୍ତି—ପୂର୍ବକାଳରେ ଅଯୋଧ୍ୟା ନାମ ଯଉଁ ନଗର, ତହିଁରେ ନହୁଷ ହୋଇ ନାମରଜା ଯେ ତାହାଙ୍କର ଭାର୍ଯ୍ୟା ଯେ ସେ ଚନ୍ଦ୍ରମୁଖୀ ହୋଇ ତାହାଙ୍କ ନାମ । ତାଙ୍କ ପୁରୋହିତଙ୍କ ଭାର୍ଯ୍ୟା ମେନାହୋଇ ନାମ, ଏଦୁହିଁଙ୍କର ଅନ୍ୟୋନ୍ୟରେ ପରସ୍ପରରେ ପ୍ରୀତି ଯେ ସେ ହେଲା । ଏଥିଉତ୍ତାରୁ ମିତଣୀ ଅଟନ୍ତି । ଯଉଁ ଚନ୍ଦ୍ରମୁଖୀ ମେନା, ଏଦୁହେଁ ସ୍ନାନ ନିମିତ୍ତେ ସରଯୂ ଯେ ତହିଁକି ଯାନ୍ତେ ସେଠାରେ ନାଗରବ ସମନ୍ଧୀ ଯଉଁ ସ୍ତ୍ରୀମାନେ ତାଙ୍କୁ ଦେଖିଲେ ।

ସେ ଯୋଉଁ ସ୍ତ୍ରୀମାନେ ସେଠାରେ ସ୍ନାନକରି ମଣ୍ଡଳକରି ତାହା ମଧ୍ୟରେ ଅବ୍ୟକ୍ତ ରୂପୀ ଯେ ଉମାମହେଶ୍ୱର ତାହାଙ୍କୁ ସ୍ଥାପନ କରି ଗନ୍ଧପୁଷ୍ପାଦି ଯଉଁ ପୂଜାବିଧି ତାଙ୍କୁ ସର୍ଜିବାକୁ ଇଚ୍ଛା କରିଥିଲେ । ତାହାଙ୍କୁ ନମସ୍କାର କଲେ । କରି ପଚ୍ଚରିଲେ ସେ ଯଉଁ ସଖୀଦୁହେଁ ପଚ୍ଚରୁ ଅଛନ୍ତି ।

ଆର୍ଯ୍ୟେ ହୋଇଲେ ପୂଜ୍ୟ ଅଟ, ଆଗୋ ସ୍ତ୍ରୀମାନେ ଏ ଯଉଁ ବ୍ରତ କରୁଥିଲ ଏହାର ନାମ କି, ଏହାର ବିଧାନ କି, ଏହା ସମସ୍ତ ଆମ୍ଭଙ୍କୁ କହ ।

ସେମାନେ କହୁ ଅଛନ୍ତି ଅମ୍ଭେମାନେ ପାର୍ବତୀଙ୍କ ତୁଲରେ ସହିତ ଶଙ୍କର ଯେ ମହାଦେବ । ତାହାଙ୍କୁ ପୂଜାକରି ରକ୍ତ ସୂତ୍ରକୁ କରରେ ବାନ୍ଧିବୁ । ଶିବଙ୍କଠାରେ ଆତ୍ମାକୁ ନିବେଦିତ କରିବୁ ସେ ଯୋଡ଼ ଡୋର ତାକୁ ଯେତେକାଳ ପର୍ଯ୍ୟନ୍ତ ପ୍ରାଣଥିବ, ତେତେକାଳ ପର୍ଯ୍ୟନ୍ତ କରିବୁ । ତାଙ୍କର ବଚନ ଶୁଣି ସେ ଯୋଡ଼ ମିତଣୀ ଦୁହେଁ ସେ ବ୍ରତକୁ କଲେ ଡୋରକୁ ବାନ୍ଧିଲେ, ତହିଁ ଉତ୍ତାରୁ ସେ ଯଉଁ ସ୍ତ୍ରୀମାନେ ସଖୀମାନଙ୍କ ତୁଲେ ସହିତ ହୋଇଗଲେ । ଏ ଯଉଁ ସଖୀଦୁହେଁ ଆପଣାର ଯଉଁ ଗୃହ ତହିଁକି ଆସନ୍ତି ହେଲେ, କେଉଁଣସି କାଳରେ ହେ ନୃପରାଜ୍ଞା । ଯେ ବ୍ରତକୁ ସ୍ମରଣା ନକଲା, ସେ ଯଉଁ ଚନ୍ଦ୍ରମୁଖୀ ସେ ମଉରେ ସେ ଡୋରକୁ ବିସ୍ମୃତ କଲା କେଉଁଣସି କାଳରେ ମୃତ ହେଲା । ପ୍ଲବଙ୍ଗମୀ (ଗ୍ଲବଙ୍ଗମୀ) ହୋଇ ଜାତ ହେଲା, ମେନା ଯେ ସେ ଅସମ୍ୟକ୍ ବ୍ରତ ଧାରଣ କରି କୁକ୍କୁଟୀ ହୋଇ ଜାତ ହେଲା । ତହିଁ ଉତ୍ତାରୁ ସେ ଯଉଁ ମିତଣୀ ଦୁହେଁ ଜାତିସ୍ମରତ୍ୱରୁ କରି ପୂର୍ବରୂପ ସଖୀତ୍ୱ କଲେ । ପୁଣି ସେ ବ୍ରତକୁ କଲେ, ପୁଣି କେଉଁପରି କାଳରେ ସେ ଦୁହେଁ ମୃତ ହେଲେ, ପୁଣି କେତେ କାଳରେ ଚନ୍ଦ୍ରମୁଖୀ ଯେ ସେ, ଅଦେବ ମାତୃକ, ଗୋକୁଳ ସଂକୁଳ, ଯଉଁ ଦେଶ ତହିଁରେ ଜାତ ହେଲା । ସେ ଯଉଁ ରାଜା ତାହାର ଭାର୍ଯ୍ୟାହୋଇ ହେଲା, ଈଶ୍ୱରୀ ହୋଇ ନାମଖ୍ୟାତ ହେଲା, କୁକ୍କୁଟୀ ଯେ,

ଅଗ୍ନିମିତ୍ର ଯଉଁ ଦ୍ୱିଜ ପୁରୋହିତ ଅଟନ୍ତି ତାହାର ଭୂଷଣା ନାମ ଭାର୍ଯ୍ୟା ହେଲା । ବହୁ ପୁତ୍ରବନ୍ତ ହୋଇ ହେଲା, କାନ୍ତସୁର ହୋଇ ହେଲା, ଦୋହିତ୍ର ହେଲା । ଆଠଗୋଟି ପୁତ୍ର ହେଲା, ଏବଂ ଅମୃତ ପ୍ରଜା ହୋଇ ହେଲା, ପୁଣି ଅତ୍ୟନ୍ତରେ ସେ ଦୁହିଁଙ୍କର ପ୍ରୀତି ଯେ ସେ ହେଲା ।

ହେ ଯୁଧିଷ୍ଠିର, ଈଶ୍ୱରୀ ନାମ ବଡ଼ ଗର୍ଭିଣୀ ତାହାର ଏକପୁତ୍ର ହୋଇ ହେଲା, ରୋଗୀ ହେଲା, ନବବର୍ଷ ପ୍ରବେଶରେ ପଞ୍ଚତ୍ୱ ଯେ ମୃତ୍ୟୁ ତାହାକୁ ପାଇଲା । ତହିଁ ଉତ୍ତାରୁ ଭୂଷଣା ଯେ ତାକୁ ପୁତ୍ର ଦୁଃଖରେ ଦୁଃଖିତ ହୋଇ ଯଉଁ ସଖୀ ଦେଖିବାକୁ ଗଲା । ସଖୀ ଭବନରୁ କରି ଅତ୍ୟନ୍ତ ସ୍ନେହରେ ଅଷ୍ଟପୁତ୍ର ସମେତ ହୋଇ ପ୍ରତ୍ୟେକରେ ଅଭରଣମାନଙ୍କୁ ଧରନ୍ତା ହୋଇ ଭୂଷା ଯେ ସେ ଆସନ୍ତା ହେଲା । ପୁତ୍ରମାନଙ୍କ ତୁଳରେ ସହିତ ହୋଇ ଆସିଥିଲା ସେ ସଖୀ ତାକୁ ଦେଖିକରି ଈଶ୍ୱରୀ ଯେ ସେ ଅତ୍ୟନ୍ତ କୋଧରେ ପ୍ରଜ୍ୱଳିତ ହୋଇ ତାକୁ ଦେହକୁ ଈଶ୍ୱରୀ ଈର୍ଷ୍ୟାରେ ପଠିଆଇ ଦେଲା । ତହିଁ ଉତ୍ତାରୁ ରଙ୍କୀ ଯେ ସେ ସେ ଯଉଁ ପୁତ୍ରମାନଙ୍କୁ ମାରିବାକୁ ଇଚ୍ଛାକଲା ସମସ୍ତ ପୁତ୍ରଙ୍କୁ ନେଲା ଯେ ତହିଁରେ ମାରନ୍ତା ହେଲା ।

ହତ ହୋଇଥିଲେ ଯେ ଯଉଁ ପୁତ୍ରମାନେ ଜୀଅନ୍ତା ହେଲେ । କଉଣସି କାଳରେ ସେ ଯଉଁ ସଖୀ ତାକୁ ତାକନ୍ତେ ଭୂଷଣାଙ୍କର ଅଗ୍ରତରେ ସ୍ଥିତ ହେଲେ ଈଶ୍ୱରୀ ଯେ ସେ ସେ ଯଉଁ ସଖୀ ତାକୁ ଏମନ୍ତ ପଚାରିଲେ, ଆଗୋ ସଖି କଉଁ ପୁଣ୍ୟକୁ କରିଅଛୁ । ମୋରେ କରି ହତ ହୋଇଥିଲେ ଏ ଯଉଁ ପୁତ୍ର କେମନ୍ତ ପ୍ରକାରେ ଜୀଇଲେ । ତୁ ପୁଣି କେମନ୍ତ ପ୍ରକାରେ ବହୁ ପୁତ୍ରବନ୍ତ ହୋଇ ହେଲୁ । ଜୀବନବତ୍ସା ହେଲୁ । ଆଭରଣମାନଙ୍କରେ ଯୁକ୍ତ ହେଲୁ । ଅତ୍ୟନ୍ତ ଶୋଭାକୁ ପାଇଲୁ । ଏହା ମତେ ସମସ୍ତେ କହ ।

ଭୂଷଣା ଯେ ସେ କହୁଅଛନ୍ତି—

ଆଗୋ ସଖୀ । ଭାଦ୍ରମାସ ଶୁକ୍ଳପକ୍ଷରେ ଲଳିତା ହୋଇ ଯଉଁ ସପ୍ତମୀ, ସେ ଦିନ ସ୍ନାନ କରିବ, ଶିବ ମଣ୍ଡଳକୁ କରିବ, ଅମ୍ବିକାଙ୍କ ତୁଳରେ ସହିତ କରି ମହାଦେବଙ୍କୁ ପୂଜା କରିବ । ବଧିବନ୍ତ କରି କରରେ ଡୋର ଯେ ତାହାକୁ ବାନ୍ଧନ୍ତା ହେବ । ଯେତକ ଦିନ ପ୍ରାଣ ଥିବ ତେତେଦିନ ପର୍ଯ୍ୟନ୍ତେ ଶିବଙ୍କଠାରେ ଆତ୍ମାକୁ ନିବେଦନ କରିବ । ଆଗୋ ସଖି, ଫଳପୁଷ୍ପ ଆଠୋଟି ଲେଖାରେ ସୋଳଟି ଦୂର୍ବାକ୍ଷତ ମିଶାଇ ସୋଳଥର ପ୍ରତିମାକୁ ନିବେଦନ କରିବ । ଏମନ୍ତ ପ୍ରକାରରେ ପୂଜା ଆରମ୍ଭ କରିବ । ଆରମ୍ଭିକରି ହାତ ମାପି ବ୍ରତ କରିବ । ସୁନା ହେଉ ରୂପା ହେଉ ଯେଉଁ ପ୍ରତିମା ତାହାକୁ ସମର୍ପଣ କରି କରି ଶାଖାରେ ବ୍ରତ ବାନ୍ଧିବ ।

ଆଗୋ ସଖି ମଣ୍ଡଳ ଯେ ତହିଁରେ ସୂତକୁ ସମର୍ପଣ କରିବ । ଆପଣାର ଗୁରୁଙ୍କୁ ନୋହିଲେ ବ୍ରାହ୍ମଣଙ୍କୁ ତହିଁରୁ ଅର୍ଦ୍ଧେ ଦେବ । ବ୍ରତଭଙ୍ଗ ବିସର୍ଜ୍ଜନ କରି ଆପଣ ଅର୍ଦ୍ଧେ ଖାଇବ । ପ୍ରତିମା ଯେ ଏହାକୁ ରୂପା ହେଉ ସୁନା ହେଉ ତାହାକୁ ତାମ୍ର ପାତ୍ରରେ ରଖିକରି ବ୍ରାହ୍ମଣଙ୍କୁ ନିବେଦନ କରିବ । ଥାଳୀ ତୁଳରେ ସହିତ ହୋଇଥିବ ଏବଂ ଭୂତ ଯେଉଁ ମହାଦେବ, ତାହାଙ୍କୁ ବ୍ରାହ୍ମଣଙ୍କୁ ଦେବ । ଆପଣ ପାରଣା କରିବ । ମଣ୍ଡଳରେ ସୂର୍ଯ୍ୟଦେବଙ୍କୁ ଶିବଶକ୍ତି ସମର୍ପିତ କରିବ । ପ୍ରାର୍ଥନା କରିବ, ତାହା ପୂର୍ବକାଳରେ ତୋରେ ସମେତ ହୋଇ ମୁଁ କରିଥିଲି । ଆଗୋ ସଖି ସେ ଯେଉଁ ବ୍ରତ ତାହାକୁ ଉତ୍ତମ ଭକ୍ତିରେ କରି ପାଳନା କରନ୍ତେ ସୁଖିତ ହୋଇ ତୁ ପୁଣି ସମୟରେ ଗର୍ବରେ ତାହା ନ କଲୁ ନ କରନ୍ତେ ତେଣୁକରି ତୋହର ସନ୍ତତିମାନେ ନାଶଗଲେ ଆଗୋ ସଖି ଦୁଃଖ ପାଇଲୁ ଏ ଯେଉଁ ବ୍ରତ ଏହାର ପ୍ରଭାବ ମୁଁ ତତେ କହିଲି । ଆଗୋ ସଖି ତତେ ଅର୍ଦ୍ଧେ ଦେବ । ଏ ଯେଉଁ ବ୍ରତର ଧର୍ମ, ସଖୀଭାବରୁ କରି ତୁମ୍ଭେ ଏ ଯେଉଁ ବ୍ରତ ଏହାକୁ ଘେନ । ଏଥିରେ ଆନ ନ ବିଚାର ।

ଏମନ୍ତ କହିଲା । କହିକରି ବ୍ରତରୁ ଅର୍ଦ୍ଧେ ଯେଉଁ ଫଳ ଏହାକୁ ସେ ଯେଉଁ ସଖୀ ତାକୁ ଦିଅନ୍ତେ ସେ ଯେଉଁ ଈଶ୍ୱରୀ ଯେ ସେ, ଏ ବ୍ରତ ଘେନିମା ମାତ୍ରକେ ସାଧ୍ୱୀ ହୋଇ ହେଲା ।

ଲୋମଶ ଉବାଚ । ଲୋମଶ ଯେ ସେ କହୁଅଛନ୍ତି ।

ଆଗୋ ଦେବକୀ ଏ ଯେଉଁ ବ୍ରତ, ଏହାର ପ୍ରସାଦରୁ କରି ତୁ ପୁତ୍ରବନ୍ତ ହେବୁ । ଜନଲୋକରେ ଈଶ୍ୱର ଅଟନ୍ତି ଏବଂଭୂତ ଯେଉଁ ପୁତ୍ର ତାହାକୁ ଜାତ କରିବୁ । ମୁନିମାନଙ୍କରେ ଶ୍ରେଷ୍ଠ ଅଟନ୍ତି ଯେ ଲୋମଶ ଯେ ସେ ଏମନ୍ତ କହିଲେ, କହିକରି ବଡ଼ ବେଗରେ ଯାନ୍ତା ହେଲେ । ହେ ଯୁଧିଷ୍ଠିର ତୁମ୍ଭଙ୍କୁ କହିଲି ଏବେ ବଡ଼ ମନୁଷ୍ୟମାନେ ଏ ଯେଉଁ ବ୍ରତ ଏହାକୁ କରନ୍ତି, ମର୍ତ୍ତ୍ୟଲୋକରେ ଅତ୍ୟନ୍ତ ସୁଖରେ ସ୍ଥିତ ହୋଇଥାନ୍ତି । ଅନ୍ତକାଳରେ ଶିବଙ୍କର ଯେଉଁ ସନ୍ନିଧି ତହିଁକି ଯାନ୍ତି । ଶୁଭ ଅଟନ୍ତି, ଦେବକୀଙ୍କର ଚରିତ କଳ୍ପତ୍ରୀ ହୋଇ ନାମ ଏ ଯେଉଁ ବ୍ରତ ଯେ ଏହାକୁ ଯେଉଁମାନେ ଶୁଣନ୍ତି, ତାହାଙ୍କର ସନ୍ତତି ବିଚ୍ଛେଦ କେଉଁଣସି କାଳରେ ନୁହଇ ।

ଶୁଭପ୍ରଦ ଏ ବ୍ରତ ଯେଉଁ ସ୍ତ୍ରୀମାନେ କରନ୍ତି ସେ ମର୍ତ୍ତ୍ୟଲୋକରେ ସୁଖ ପାନ୍ତି । ପ୍ରାନ୍ତକାଳରେ ଶିବଲୋକକୁ ଯାନ୍ତି ।

ସଚରାଚର ଗୁରୁ ଅନନ୍ତ ଯେ ମହାଦେବ ତାହାଙ୍କୁ ହୃଦୟରେ ଧ୍ୟାନ କରିବ । ପ୍ଲବଗୀ ସମେତ ଅନନ୍ତ ଯଉଁ କକ୍କୁଟୀ ବ୍ରତ, ଏହା ଯଉଁ ସ୍ତ୍ରୀମାନେ ଭକ୍ତିକରି କରନ୍ତି, ତାହାଙ୍କର କଳୁଷମାନେ ନାଶଯାନ୍ତି, ଶ୍ରୀ ସମ୍ପତ୍ତି ଯେ ତହିଁରେ ଯୁକ୍ତ ହୁଅନ୍ତି । ଜୀବବତ୍ସା ହୋଇ ହୁଅନ୍ତି ସେ ।

ଇତି ଭବିଷ୍ୟ ପୁରାଣେ ବ୍ରହ୍ମ ସଂହିତାୟାଂ
ଶ୍ରୀକୃଷ୍ଣ ଯୁଧିଷ୍ଠିର ସମ୍ବାଦେ କୁକ୍କୁଟୀ ବ୍ରତକଥା
ସମାପ୍ତା

# ସାବିତ୍ରୀ ବ୍ରତ କଥା

## ଶ୍ରୀ ଦେବୀ ନମଃ ।

ଆଦ୍ୟରୁ ବଟଗଛ ଗୋଟିଏ ଲେଖିବ । ନୋହିଲେ ସ୍ଥାପିବ, ଗ୍ରାମଘର, ଯେ ବ୍ରତକର୍ତ୍ତା ତା ଘରରେ କରିବ ଏ ବ୍ରତକୁ । ସେ ଘର ବଟମୂଳ ଲିପିବ, ଗୋବରରେ ପରିଷ୍କୃତ କରିବ । ସେ ଥାନ ନାନାବସ୍ତ୍ର ପାଟବାସ ଚନ୍ଦ୍ର କୁଞ୍ଜ, ରଙ୍ଗ ଶୁକ୍ଳଫଳ ପୁଷ୍ପଚଟା ଚନ୍ଦ୍ରଲେଖନ, ନାଟବାଦ୍ୟ ଗୀତ, ଶଙ୍ଖଶବ୍ଦ, ଧୂପଦୀପ, ଗୁନ୍ଦୁଆ ଏମାନଙ୍କରେ ଭୂଷଣ କରିବ । କୁଙ୍କୁମରେ ବଟକୁ ସ୍ନାନ କରାଇବ । ବଟଗଛ ପିନ୍ଧିବା ନିମନ୍ତେ ପାଟ ଦିଗୋଟି କରିବ । ପାଟଡୋର ଗୋଟିଏ କରିବ । ପାଟଡୋର ବଟକୁ ବେଢ଼ାଇବ । ପାଟ ଗୋଟିଏ ପିନ୍ଧାଇବ । ଗୋଟିଏ ଉପରଣି କରାଇବ, ସିନ୍ଦୂର କଜ୍ଜଳ ଚନ୍ଦନ ଫୁଲ ଏମାନଙ୍କରେ ମଣ୍ଡିତ କରିବ । ନୈବେଦ୍ୟ କରିବ, ଧୂପଦୀପ ଦେବ, ବଟବଧି ସାରିବ । ଏ ସିଦ୍ଧିର ବଟଗଛମୂଳେ ଅଷ୍ଟଦଳ ପଦ୍ମ ମଣ୍ଡଳ କରିବ । ସେ ମଣ୍ଡଳ ମଧ୍ୟରେ ସୁନା ଗୁଙ୍ଗୁଡ଼ି ଗୋଟିଏ ରଖିବ । ସୁନା ଗୁଙ୍ଗୁଡ଼ି ମଧ୍ୟରେ ରୁପା ପୀଢ଼ା ଗୋଟିଏ ପକାଇବ । ତାହା ଉପରେ ଶୁକ୍ଳଲୁଗା ଯୋଡ଼ି ପକାଇବ । ଶୁକ୍ଳ ଲୁଗା ଉପରେ ରଙ୍ଗ ଲୁଗା ଦିଅଟି ପକାଇବ । ସୁନାରେ ଅବା ରୁପାରେ ଅବା ମୃତ୍ତିକାରେ ଅବା ବ୍ରହ୍ମା ସାବିତ୍ରୀ ଏଦୁହିଁଙ୍କ ସାଦୃଶ୍ୟରେ ପ୍ରତିମା କରିବ । ପଦ୍ମଆସନରେ ନିଯୁକ୍ତ ହୋଇଥିବ । ଏପରି ପ୍ରତିମା କରିବ । ବ୍ରହ୍ମାଙ୍କ ପାର୍ଶ୍ୱରେ ପୋଥିଶ୍ରୁବ ସୁବର୍ଣ୍ଣ ଅକ୍ଷତମାଳା ତମ୍ବା କମଣ୍ଡଳୁ, କୁଶ ସୁବର୍ଣ୍ଣମଣି ପୂର୍ଣ୍ଣକୁମ୍ଭ, ଜାଳିଲ ଦୀପ ଗୁଆଘିଅରେ, ଏମାନ ଆଗେ ହାଥେ ସମୀପେ ଥିବ । ବ୍ରହ୍ମାଙ୍କୁ ସ୍ଥାପନା କରିବ । ଏମନ୍ତ କରି, ତାଙ୍କ କୋଳରେ ସାବିତ୍ରୀଙ୍କି ସ୍ଥାପନା କରିବ । ରଙ୍ଗଲୁଗା ଦିଓଟି ସାବିତ୍ରୀଙ୍କି ପିନ୍ଧାଇବ । ଶୁକ୍ଳଲୁଗା ଦିଗୋଟି ବ୍ରହ୍ମାଙ୍କୁ ପିନ୍ଧାଇବ, ତହିଁଉତ୍ତାରୁ ପ୍ରାଣ ପ୍ରତିଷ୍ଠା ଭୂତଶୁଦ୍ଧି କରିବ, ମାତୃକା, ଅର୍ଘ୍ୟ ସଂସ୍କାର କରିବ । ପଞ୍ଚାମୃତରେ ସ୍ନାନ କରାଇବ । ଯଜ୍ଞୋପବୀତ ବ୍ରହ୍ମାଙ୍କୁ ଦେବ । ଅର୍ଘ୍ୟ ଗନ୍ଧ ପୁଷ୍ପ ଧୂପ ଦୀପ ନୈବେଦ୍ୟ

ଏମାନ ପଞ୍ଚ ଉପଚାରରେ ପୂଜା କରିବ । ଏମାନ ମଧ୍ୟ ସମର୍ପଣ କରିବ । ଦଶଗୋଟି ଉଆ ଚାଉଳ ଦେବ । ଦଶଗୋଟି ଦୂବ ଏମନ୍ତ ସମର୍ପଣ କରିବ । ଏ ବ୍ରତ ଆଚରିବ ଯଉଁ ଚାପୁଳା ମୂର୍ତ୍ତିଳା କହିଲଇଁ ସେ ମିଳିଲେ ଆଚ୍ଛା ହେଲା । ନୋହିଲେ ହଳଦୀରେ ଦୁଇଗୋଟି ପିତୁଳା ଅଁଳାରେ ଦୁଇଗୋଟି ପିତୁଳା । ଶିଳ୍ପୁଆ ଦଗୋଟି, ସମୀପେ ବଢାଇ ପଦ୍ମମଣ୍ଡଳ ମଧ୍ୟରେ ଥୋଇବ । ଏସବୁ ବାଧି ଚାଳିବ । ତହିଁଉତ୍ତାରୁ ସାବିତ୍ରୀଙ୍କି ପ୍ରାର୍ଥନା କରିବ । ନମସ୍କାର କରିବ । ବୋଲିବ ଆଗୋମା, ତୁମ୍ଭଙ୍କୁ ନମସ୍କାର ମୁଁ କେବେ ବିଧବା ନୋହିବି । ଏହି ବର ଦିଅ । ଯଶ ସୌଭାଗ୍ୟଙ୍କୁ ଦିଅ । ଯେମନ୍ତ ସାବିତ୍ରୀଙ୍କି ପ୍ରସନ୍ନ ହେଲ, ତେମନ୍ତ ହୋଇ ମତେ ପ୍ରସନ୍ନ ହୁଅ । ଏମନ୍ତ ବ୍ରହ୍ମା ସାବିତ୍ରୀଙ୍କି ବ୍ରତକର୍ତ୍ତ୍ରୀ ସ୍ତୁତିସାର ଦେବତାମାନଙ୍କୁ ପ୍ରତିଦେବତାଙ୍କୁ ସ୍ତୁତି କରିବ । ତହିଁଉତ୍ତାରୁ ଗୌରୀଶଙ୍କର, ଲକ୍ଷ୍ମୀନାରାୟଣ, ସାବିତ୍ରୀ ସତ୍ୟବାନ ବଟ, ନାରଦ, ଅଶ୍ୱସେନ, ଦ୍ୱଶ୍ୱସେନ, ହିରଣ୍ୟ ପତ୍ନୀ, ଇନ୍ଦ୍ର ପତ୍ନୀ, ଗଣେଶ, ଏମନ୍ତ ବୋଲି ନମସ୍କାର କରିବ । କଥା ଶୁଣିମ, ଆଚାର୍ଯ୍ୟଙ୍କୁ ଦକ୍ଷିଣା ଦେବ । ଧନରତ୍ନ ସୁବର୍ଣ୍ଣ ଗାଈ ଭୂମି ଏମାନ ଦକ୍ଷିଣା ଦେବ । ଏ ବ୍ରତକର୍ତ୍ତ୍ରୀ ପ୍ରାତଃସ୍ନାନ କରି ଶୁଚିବନ୍ତ ହୋଇ କୁଙ୍କୁମ ଲଗାଇ ଅଁଳା ଲଗାଇ ସ୍ନାନ କରିବ । ନାନାବସ୍ତ୍ର ଅଳଙ୍କାରମାନଙ୍କରେ କସ୍ତୁରୀ ସିନ୍ଦୂର କଜ୍ଜଳ ଚନ୍ଦନବାସ ପୁଷ୍ପ ଏମାନଙ୍କରେ ଭୂଷିତ ହେବ । ବ୍ରତକୁ ଆରମ୍ଭ କରିବ ।

# ରବିନାରାୟଣ ବ୍ରତ କଥା ବିଧି

ସେ ଯେଉଁ ନୈମିଷାରଣ୍ୟ, ତହିଁରେ ସୁତ ପୌରାଣିକ ମୁନି ସେ ଶୌନକାଦି ମୁନିମାନଙ୍କୁ କହିଲେ ଆହେ ଋଷିମାନେ ଶୁଣିମା ହୁଅନ୍ତୁ । ରବିନାରାୟଣ ଯେଉଁ ବ୍ରତ, ତାହାକୁ କରିବା ମାତ୍ରକରେ ସମସ୍ତ କାମନା ମାନେ ସିଦ୍ଧ ହୁଅନ୍ତି । ରବିନାରାୟଣାତ୍ମକ ହୋଇ ପ୍ରସିଦ୍ଧ ଅଟଇ । ରବିବାର ଦିନ ଏକାଦଶୀ ଯେବେ ପଡ଼ିବ । ତେବେ ଏ ବ୍ରତକୁ କରିବ । ଏ ଯଉଁ ବ୍ରତକୁ କଲେ ଲୋମ ଭୁକ୍ତି ମୁକ୍ତିକି ପାଇବ । ବରୁଣ ପୂଜା, ସ୍ୱସ୍ତି ବାଚନ, ସଂକଳ୍ପ କରିବ । ତହିଁଉତ୍ତାରୁ ଆଗ୍ରୀଘ ବରଣ କରିବା ଅଷ୍ଟଦଳ ପଦ୍ମ ଲେଖିବ । ସେ ଅଷ୍ଟଦଳ ପଦ୍ମ ମଧ୍ୟରେ ସୁବର୍ଣ୍ଣରେ ନିର୍ମିତ ଶଙ୍ଖଚକ୍ରକୁ ଧରିଥିବେ ଯେ ନାରାୟଣ ପ୍ରତିମା ତାହାଙ୍କୁ ବସାଇବ । ଏମନ୍ତ ପ୍ରକାରେ ନାରାୟଣଙ୍କୁ ଧ୍ୟାନ କରିବ । ସେ ଯଉଁ ନାରାୟଣ ସେ କେମନ୍ତ ପ୍ରକାର ଅଟନ୍ତି ପୋଡନ୍ତି ସୁବର୍ଣ୍ଣ ପରିରେ କାନ୍ତି ଯାହାଙ୍କର, ଏବଂଭୂତ ଅଟନ୍ତି, ବନମାଳାରେ ଭୂଷିତ ଅଟନ୍ତି, କର୍ଣ୍ଣ କୁଣ୍ଡଳକୁ ଧରନ୍ତା ଅଟନ୍ତି ଆନ ଯେ ଭୂଷଣମାନେ ସେମାନଙ୍କର ଭୂଷଣ ଅଟନ୍ତି । ଏମନ୍ତ ପ୍ରକାରେ ଧ୍ୟାନ କରିବ । ସେ ଯଉଁ ନାରାୟଣ ତାହାଙ୍କୁ ପଞ୍ଚ ଉପଚାରରେ ପୂଜା କରିବ । ବ୍ରତୀ ଯେ ସେ ଆଗ ଭକ୍ତିରେ କରି ପୁଷ୍ପାଞ୍ଜଳି ଦେବ । ଦଶଖି ସୂତାରେ ବ୍ରତକର ଦଶଗଣ୍ଠି ପକାଇବ, ହାଥରେ ବାନ୍ଧିବ । ତହିଁଉତ୍ତାରୁ କାଥା ଶୁଣିମ, ଦଶଗୋଟି ଦୂବ, ଦଶଗୋଟି ଗୃଉଳ ସେହିପରିରେ ଫଳ, ଉତ୍ତମ ଯୋଉଁ ଖାଇବା ଦ୍ରବ୍ୟ ସୁବାସିତ ହୋଇଥିବ ତାହା ଯଥାକ୍ରମରେ ନୈବେଦ୍ୟ ଦେବ । ଶୁକ୍ଳପକ୍ଷର ପତି ଅଟଇ ଯେଉଁ ପଦ୍ମ ତହିଁରେ ଆସନ କରନ୍ତା ଅଟନ୍ତି । ପଦ୍ମ ପରି କାନ୍ତି ଧରନ୍ତା ଅଟନ୍ତି ଦ୍ୱିବାହୁଯୁକ୍ତ ଅଟନ୍ତି ଉତ୍ତମ ଫୁଲମାଳାମାନଙ୍କୁ ଧରନ୍ତା ଅଟନ୍ତି । ରତ୍ନ ଅଳଂକାରମାନଙ୍କରେ ଭୂଷିତ ଅଟନ୍ତି ଉତ୍ତମ ମଣିମାନଙ୍କୁ ଅଙ୍ଗରେ ଭୂଷଣ କରନ୍ତା ଅଟନ୍ତି । ସେ ମସ୍ତକରେ ରତ୍ନ ସମ୍ବନ୍ଧୀ ମୁକୁଟ ଧରନ୍ତା ଅଟନ୍ତି । ସକଳ ଲୋକଙ୍କର କର୍ତ୍ତା ଅଟନ୍ତି ଏବଂଭୂତ ଦ୍ୱାଦଶାଙ୍ଗ ନେ ସୂର୍ଯ୍ୟ ତାହାଙ୍କୁ ମୋହର ନମସ୍କାର ।

କଥା ଶୁଣିଲି ଦ୍ୱାରୁ ଅର୍ଘ୍ୟ ଯେ ତାହାଙ୍କୁ ଦକ୍ଷିଣାଦେବ । ଅର୍ଘ୍ୟାଦରେ କର ପୂଜା କରିବ । ତହିଁଦ୍ୱାରୁ ପ୍ରତିମାଙ୍କୁ ଗୁରୁ ଯେ ଅର୍ଘ୍ୟ ତାହାଙ୍କୁ ସମର୍ପଣ କରିବ । ତହିଁଦ୍ୱାରୁ ବାଧେରେ ଫଳମୂଳ ଜଳ ଏମାନଙ୍କୁ ପାରଣା କରିବ ।

ଏମନ୍ତ ପ୍ରକାରରେ ରବିନାରାୟଣ ବ୍ରତ ଯେଉଁ ଲୋକ କରଇ, ସେ ଲୋକ ସମସ୍ତପାତ କରୁ ମୁକ୍ତ ହୁଅଇ । ବିଷ୍ଣୁଲୋକକୁ ସେ ଯାଏ ।

ଇତି ଶ୍ରୀ ବ୍ରହ୍ମାଣ୍ଡ ପୁରାଣେ ରବିନାରାୟଣ ବ୍ରତକଥା

ସମାପ୍ତ ।

# ଶ୍ରୀ ଧାନମାଣିକଆ ଓଷା କଥା

କାର୍ତ୍ତିକ ଜାଇ ମାର୍ଗସିର ପସିଲା । ବନ୍ଧୁ ମହାଲକ୍ଷ୍ମୀ ଅଢ଼ା ଗଉଣି ଘେନି ଘରେ ଘରେ ପସିଲା । ଯେମନ୍ତରେ ଯେକା ହନକରେ । ଲକ୍ଷଣିର ସାଧବ ଦ୍ୱାରେ ମହାଲକ୍ଷ୍ମୀ ଜାଇ ପ୍ରବେଶ ହୋଇଲେ । ସାଧବାଣିକି ଦେଖି ତାକୁ ବୋଇଲେ ଆଗୋ ମା ଆଜ୍ଞା ଧାନମାଣିକଆ ଓଷା ଯେହା ତୁ କର । ସାଧବାଣି ବୋଇଲା ଧାନ ବୋଲି ମାଣିଙ୍କର ଓଷା ତାହା ଗୁର ମୁଁ କି କରିବ । ସାହି ଦେବ ପଢ଼ଶା ଦେବ କରମାଣ ଦେବ । ନାଢ ଦେବ ନାତୁଣି ଦେବ । ଯେମନ୍ତ ବୋଲି ଠାକୁରାଣି ବୋଇଲେ ଆଲୋ ମା ସେ ଓଷା ସିନା ଧାନମାଣିକଯା । ଜେ ଜେତେ ପାରଇ ସେ ସେତେ ଲଗାଇ । ତୁ ଯେବେ ଯେତେ ଇଚ୍ଛା ତେତେ ଲଗାଇ ଓଷା କରୁ । ତହିଁକି ସାଧବାଣି ବୋଇଲା । ଯେ ବୁଢ଼ୀ ଖଣ୍ଡ କାହୁଁ ଅଇଲା । ମୋତେ ଯେ(?)ଧିଆ ହୋଇନାଗି ଅଛୁ ତାହି ତାହି କହୁଛୁ । ଧାନମାଣିକର ବୋଲି ଓଷା । ମୋତେ ତାହା କର ବୋଲି ନାଗିଅଛୁ । ଜାଜା ରଣ୍ଡୁଣି ବୁଢ଼ି ଖଣ୍ଡେ ଯେଠାରେ ଜାଜା । ଯେମନ୍ତ ଶୁଣି ଠାକୁରାଣି ସେଠାରୁ ରୁସିଗଲେ । ବାଟେ ଜାଉ ଜାଉ ତାହାରୁ ଝିଅ ସାମାଦେଈକି ଦେଖିଲେ ସେ ସାମାଦେଈ ବୋଇଲା ଗୋସାଇ ମାଯେ କେଉଁଆଡ଼କୁ ଯାଇଥିଲ । ଠାକୁରାଣି ବୋଇଲେ ଆଲୋ ତୋ ମା ଠାକୁ ଯାଇଥିଲି । ତୋ ମାଆକୁ କହିଲିଲୋ ମାଆ ଆଜ ଧାନ-ମାଣିକଆ ଓଷା ଯେହା ତୁ କର । ତୋହର ସବୁ ଭଲ ହୋଇଥିବ । ତହିଁକି ତୋ ମାଅ ନାହିଁ କଲା । ଅପାର କରି କହିଲା, ତୋ ମା ଗାଳିଦେଲା । ତହିଁକି ମୁଁ ଯାଉଛୁ । ଯେହା ଶୁଣି ସେ ସାମାଦେଈ ବୋଇଲା । ଗୋସେଇ ମାଯେ ଯେ ଓଷା ମୋତେ କୁହ କେମନ୍ତ ଓଷା ସେ ତାହା ମୁ କରିବ । ଠାକୁରାଣି ଆଜ୍ଞାଦେଲେ ଆଲୋ ତୋ ମା ନାହିଁକଲା ତୁ ଖେଡ଼ାଉନ ଝିଅ ତୁ କେମନ୍ତେ କରିବୁ ସାମାଦେଈ ବୋଇଲା ଗୋସାଇ ସେ ଓଷାରେ କି କି ଖେଲାଉନ=ଖେଳୁଆଳୀ ଲାଗଇ ତାହା ମୋତେ କୁହ ମୁଁ ତାହା କରିବ । ଠାକୁରାଣି ବୋଇଲେ ଅଲୋ ସେ ଓଷା ଜଦ ତୁ କରିବୁ, ତେବେ ଘରରେ

ଉଠୀ ସ୍ନାନକରି ଆଇବୁ । ପାଟେପିନ୍ଧି ପାଟେଉପୁରୁଣି ଦେବୁ ଧାନ ମସ୍ତକରେ
ଉଠିବୁ । ଅର୍ଘ ବନ୍ଧାଇ ଧାନଗୁଡ଼ିଯେ ବାହାର କରିବୁ ମଣ୍ଡଳାଏ ଲିପି ବନ୍ଦନ
ଛିଡ଼ାଦେଇ ସେ ଧାନ ସୁଖାଇବୁ ଉତ୍ତମ ସୁଦ୍ଧକରି ସେ ଧାନ କୁଟୀବୁ ସେ
ଚାଉଳ ବରି ପକାଇ ରେତା କରିବୁ । ଉତ୍ତମ ପବିତ୍ର ଘରେ
ହ୍ମ
ଗୋମୟରେ ଲିପି ଚନ୍ଦନ ଛିଡ଼ାଦେବୁ ଅଷ୍ଟଗନ୍ଧ ପିଚକା ମାରିବୁ । ଇନ୍ଦ୍ର ଗୋବିନ୍ଦ
ଚାନ୍ଦୁଆ ଟାଣିବୁ ପାଟପଟନ କୁଣ୍ଢା ବାନ୍ଧିବୁ ·ଅଷ୍ଟରତ୍ନ ମଣ୍ଡଣି କରିବୁ ।
ମୁକୁତା କେରାକେରା କରି ଲମ୍ବାଇବୁ । ଅଷ୍ଟରତ୍ନ ଖଟୁଲିରେ ସୁକଲ ପାଟ
ପାଡ଼ିବୁ । ହ୍ମାନ୍ଦୋଳା କରିବୁ । ଧାନଘର ଚାଉଳଘର ବରି ଘର ଏରୂପେ
ହ୍ମ
ଚାରିପାଖେ ବାଡ଼ଦେଇ ହ୍ମଉମ ସୁଚବନ୍ତ ହୋଇଥିବୁ । ଧାନ ଗଉଣି ପଞ୍ଚବର୍ଣ୍ଣେ
ଚର୍ଚ୍ଚି ଶୁକ୍ଳଧାନ ଗଉଣିଯେ ପୁରେଇ ରଖିବୁ ଆଖୁଗୋଛି ମତେ ରଖିବୁ, ପଇଡ଼
ପେଣ୍ଡା ମତେ ରଖିବୁ । କଦଳୀ ଗଛ ମତେ ଗୁଆ ପେଣ୍ଡା ମତେ, ମାଣଙ୍କ=ମାଣିକ୍ୟ
ଦହିପାଟୁଆ ମତେ ଦ୍ଧୁରି ଦୁରିଜ ଦେବୁ । ହ୍ମଟମାଣଙ୍କ ସଜ ହୋଇବୁ, ଧାନପେଣ୍ଡା
ଥାପି ଓଷା ପୂଜିବୁ । ପ୍ରଥମ ପାଳିରେ ତରଣ ଖାଇ ଶରଣ ପଶିବୁ । ଦୁତିଅ
ପାଳିରେ ତରଣ=ଯାଉ (=ଜାଉ) (pudding) ଚତୋଉ ଖାଇ ଚଉ
ଖଟାଇବୁ ତୃତିଅ ପାଳି ଦହି କାଲୁଆ ଭାତ ଖାଇବୁ । ଚତୁଥ ପାଳି ସିଉ ଖାଇବୁ ।
ପଞ୍ଚମ ପାଳି ପଞ୍ଚବର୍ଣ୍ଣେ ପିଠାକରି ଓଷା ପୂଜିବୁ ।

ଆମ୍ଭେ ଯେଉଇରୂପେ ଓଷା ପୂଜିଲେ ପାଞ୍ଚପାଳି ଶରଜ ରାଜବର ପାଇବୁ ।
କୋଟୀଲକ୍ଷ୍ମି ପ୍ରାପତ ହୋଇବ । ଯେ ଓଷାଟୀ ଅଜଠାରୁ କର । ଯେମନ୍ତ କହି
ସେଠାରୁ ଠାକୁରାଣି ଅନ୍ତର୍ଦ୍ଧାନ ହୋଇଗଲେ । ସେଠାରୁ ସାମାଦେଇ ଘରକୁ ଗଲା
ହଳଦି ଅଏଁଳା—ସାବେର୍ଜି=ସାବର୍ଜୀ (ସୁବାସିତ ଫଳବିଶେଷ) ଅଷ୍ଟଗନ୍ଧ ଘେନି
ସ୍ନାନ କରିଗଲା ସ୍ନାନସାରି ପାଟେପିନ୍ଧି ପାଟେଉପୁରୁଣି ଦେଲା । ସେଠାରୁ ଆସି
ମହାଲକ୍ଷ୍ମି ଯେଉଁରୂପେ ଅଜ୍ଞା ଦେଇଥିଲେ ସେହିରୂପେ ସାମାଦେଇ ଓଷା କଲା ।
ଚାରିପାଳି କଲା । ପାଞ୍ଚପାଳି ସରିଲା ରାଜବର ନାଟିଲା । ସେ ସାଧବକୁ । ସେ
ସାଧବକୁ ରାଜା ହକାଇଲେ ଶୁଣି ସାଧବ ଡରିଗଲା । ଅଜ୍ଞା ସିରି ଉପର କରି
ବେକରେ ତାଳ କୁରାଢ଼ି ବାନ୍ଧି ଜାଇ ପାଯେ ପଡ଼ି ଯୋଇଲା । ରଜା ଅଜ୍ଞାଦେଲେ
ଆରେ ସାଧବ ତୁ କିଛି ଭୟ ନ କର । ତୋତେ କିଛି ଭୟ ନାହିଁ । ଆମ୍ଭ ପାଖକୁ
ଆସ । ତହୁଁ ସାଧବ ବୋଇଲା ମୋ ଗ୍ଭର ଗୋସାଇଙ୍କ ପାଟକୁ କେମନ୍ତ
ହୋଇ ଜାଇପାରିବ । ଯେହା ସୁଣି ରାଜା ହାଥ ଧରିନେଇ ପାଟରେ ବସାଇଲେ
ରାଜା ବୋଇଲେ ଅହେ ସାଧବ ତୋହ ତୁଲେ ଆମ୍ଭେ ବନ୍ଧୁପଣ କରିବୁ ।
ତୋ ଝିଅକୁ ଆମ୍ଭେ ବିଭା ହୋଇବୁ । ସାଧବ ବୋଇଲା ଗୋସାଇ ଏଥିଉତ୍ତରେ

ମୋର ଭାଗ୍ୟ କି, ଟଜା ପଟ୍ଟ ଦୁଆଁ ଧିଁ ପାଇବ ଚନ୍ଦ୍ରବତ ରାଜାର ସଶୁର ହୋଇବ । ଏଥିଉତ୍ତାରୁ ଅଧିକ କିଆଇ ପାଇବ ? ଆଜ୍ଞାହେଉ ବିଭା ସାମଗ୍ରୀ ଭିଆଇବ । ଆଜ୍ଞା ପ୍ରମାଣେ ବିଭା ହୋଇବାକୁ ହେଉ । ଯେତେ କହି ସାଧବ ଘରକୁ ଅଇଲା ସାଧବାଣି ଅଗରେ କହିଲା ସାଧବାଣି ଶୁଣି ଆନନ୍ଦିତ ହୋଇଲା । ଦୂର ଗାଆଁକୁ ଚିଠାଉ ଚଲି । ନିକଟ ଗାକୁ ଗୁଆ ଗଲା । ବାରବାଟୀ ଗୁମୁଣ୍ଡିଆ ହେଲା । ତେରବାଟୀ ମଣ୍ଡଣି ହେଲା । ପଞ୍ଚ ସବଦ ବାଦ୍ୟ ବାଜିଲା । ଶଂଖ ମହୁରି ଭେରି କାହାଳି ବାଜି ଚହ ଚହ ମହହୋଇ ବିଭା ହୋଇଲା । ଗାଈ, ମଇଁସି, ଛେଳି, ମେଣ୍ଢା, ଦାସି ପରିବାର ସୁନାରୂପା ଯୋଗାଡମାନ ଯଉତୁକ ଦେଲା । କନ୍ୟାଦେଇ ରାଜା ନବରକୁ ବିଜେକଲେ । ଯେଥିଉତାରେ ଝିଅ ଜିବାକାଳେ ସେ ସାଧବ ଘର ହତଲକ୍ଷ୍ମି ହୋଇଲା । ପୋଡିଲା ଧନ ବାସୁକି ହରିଲା । ଚରିଗଲା ଗୋରୁ ମଇଁସି, ଛେଳି, ମେଣ୍ଢା, ନଇଲେ । ଲଗିଖିଆତକ ଦେଖି ମାରି ଗୋଡାଇଲେ ନେଲନୋକ ଖାଇ ଗଙ୍ଗା ଜମୁନା ମରେଇ ବମା ଖାଇଲା । ବହୁ ବାପଘର ଜାଇ ନଇଲେ । ହାସୁଘର ଜାଇ ଝିଅ ନଇଲେ, ଗୋଡିକର ସାତ ପରଘରେ ରହିଲେ । ହରହର ଟିରଟିର ହୋଇ ବଡ ଦୁଃଖ ପାଇଲା । ମୁଠୀଏ ମୁଠିଭିକ୍ଷା ମାଗିଲେ ଭିଟ ନମିଳିଲା । ତାକୁ ଦେଖି ଲୋକହାସ୍ୟ କରନ୍ତି । କେହି ଅବା ଲୋକ ଦେଖି ବିକ୍ଲପାଇ ବୋଲନ୍ତି, ଅହେ ତୋହି ଝିଅକୁ କେ ରାଜାକୁ ବିଭାକଲୁ ତାଙ୍କଠାକୁ କିମ୍ପା ଥରେ ନଜାଇ ଯେତେ ଦୁଃଖ କିମ୍ପା ଯେଠାରେ ଅଛ । ଯେବେ ଦେଖି ଥରେ ଯେ ଟକାଠାକୁ ଯାଉକନା, ତହିଁକି ସେ ବୁଢାବୁଢି ବୋଇଲେ । ଗୋସାଇ ମୁ ମାଗି ଖାଉଅଛୁ । ସେ ତ ରାଜାଘରେ ରାଣି ହୋଇଅଛୁ । ସେକାଳ ଭେଖ ତ ମୋହର ନାହି । ସେ ଆମ୍ଭଙ୍କୁ କେମନ୍ତେ ଚିହ୍ନିବେ । ତହିଁକି ଲୋକେ ବୋଇଲେ ଅବା ଚିହ୍ନଇ ଟି । ଥରେ ଜାଉକନା । ଯେମନ୍ତ ଶୁଣି ସେ ବୁଢାବୁଢି ବୋଇଲେ ଥରେ ଦେଖିବା, ଜାଇକନା, ଯେମନ୍ତ ବିଚାରି ସେ ରାଜା ରାଜ୍ୟକୁ ଗଲେ । ସେ ରାଜା ନବର ପାଖେ ପୁଷ୍କରଣିଏ ଅଛୁ । ସେ ପୁଷ୍କରଣି କୁଳେ ଜାଇଂ ବୃକ୍ଷ ଗୋଟିକ ତଳେ ବସିଅଛନ୍ତି । ସେ ରାଜା ଯେନମାନେ ଜାଇଆସି ଯେହାକୁ ପଚାରନ୍ତି କହୋ ତୁମ୍ଭେ ତ ଏଠାରେ ରହିଲ କିମ୍ପା ଭିତରକୁ ନଗଲ । ଏଠାରେ ତୁମ୍ଭଙ୍କୁ କେଏକି ଦେବ । ତହିଁକି ସେ କହିଲେ ବାବୁ ଏଠାରେ ଆମ୍ଭର କିଛୁ କାର୍ଯ୍ୟ ଅଛୁ । ସେ ନୋକେ ବୋଇଲେ. ତୁମ୍ଭର କି କାର୍ଯ୍ୟ ତାହା ଅମ୍ଭଙ୍କୁ କୁହ ସାଧବ ବୋଇଲେ ଗୋସାଇ ତୁମ୍ଭ ରାଜା ଏବେ ନୁଆକରି ଜେଉ ରାଣିକି ବିଭାହୋଇ ଆଣିଲେ, ତାଙ୍କ ଆଗେ ଆମ୍ଭ ବାରତା କରି ପାରିବକି । ଲୋକ ବୋଇଲେ ତୁମ୍ଭେ ତ ଭିକାରି ଲୋକ । ସେ ତ ରାଜାର ପାଟ ମହାଦେଇ । ସେ ତୋତେ

କେମନ୍ତେ ଜାଣିବେ । ଥୋକେ ଲୋକ ବୋଇଲେ ଅବା ଜାଣିଲୁଁଟି ତାଙ୍କ ନୋକ ଆଗେ ଦେଖି କହିକନା, ଏମନ୍ତ କହି ସେ ରାଣିଙ୍କ ପାଣି ଗଉଡ଼ମାନେ ସେହି ପୋଖରୀରୁ ପାଣି ନେଉଥିଲେ । ତାଙ୍କୁ ଆଣି ସେହିମାଙ୍କୁ ଚହ୍ନାଇ ଦେଲ । ତୁମ୍ଭ ରାଣିଙ୍କ ଆଗେ ଏହାଙ୍କ ବାର୍ତ୍ତା କହିକନା ବୋଇଲେ । ଶେମାନେ ବୋଇଲେ ସେ କାହ୍ନ ଅଇଲେ କାହିଁକ ଜବେ । ସେ ବୁଢ଼ାବୁଢ଼ୀ ବୋଇଲେ ବାବୁ କହୁ ଅଇଲୁ କହିକ ଗଲେ ଗଲୁ । ଆମ୍ଭ ବାରତା ତୁମ୍ଭେ ରାଣିଙ୍କ ଆଗେ ଅରେ କହକନା ଶେ ଗଉଡ଼ମାନେ ବୋଇଲେ ତୁମ୍ଭ ନାମ କ ବୋଲ୍ କହିବୁ ବୁଢ଼ାବୁଢ଼ୀ ବୋଇଲେ ସେକଥା କହିଲେ ହାସ୍ୟ କରବ ସିନା । ଲୋକେ ବୋଇଲେ କମ୍ପା ହାସ୍ୟ କରବୁ କହକନା ସେ ବୁଢ଼ାବୁଢ଼ୀ ବୋଇଲେ ବାହୁବାର ବନ୍ଦମାଳତ ରାଜା ରାଜ୍ୟର ଲକ୍ଷପିତ ସାଧବ ମୁଁ । ମେ ଝିଅ ସାମାଦେଇ କେଉଦନ ତୁମ୍ଭ ରାଜା ବନ୍ଦହୋଇ ଆଣିଲେ ସେହିଦନରୁ ଆମ୍ଭର ଏତେ ଦଶା ହୋଇଲା । ତାହା ସୁଣି ଲୋକେ ବହୁତ ହାସ୍ୟକଲେ । ଥୋକାସ୍ତେ ବୋଇଲେ ଅବା ହୁଅନ୍ତ ଟିକେ ଜାଣନ୍ତୁଟି ସବୁକାଳରେ ସବୁର ସରହୋଇ ଥାଇବା ଦେଖି କହିକନା । ସେମନ୍ତ ବୋଲିଯାଇ ସାମାଦେଇଙ୍କ ବେହେରା ରାଣିଙ୍କ ଆଗେ କରପନ୍ଦ ଯୋଡ଼ି ଜଣାଇଲେ । ଗୋସାଇ କହିବାକୁ ଭୟକଥା । ଆଜ୍ଞା ହୋଇଲେ କହିବୁ । ବେହେରାମାନେ ବୋଇଲେ । କହେ କ କଥା କହିବ କହିକନା ସେ ଗୌଡ଼ମାନେ ବୋଇଲେ ଗୋସାଇ ବୁଢ଼ାବୁଢ଼ୀ ଦୁଇଗୋଟି ପୋଖରୀକୁ··· ଅଛନ୍ତ । ସେ ବୋଇଲେ ମହାଦେଇ ଆମ୍ଭର ଝିଅ । ଲକ୍ଷଣୀ ମାଧବ ଆମ୍ଭେ । ଝିଅ ଅଣିଲା ଦନୁ ଆମ୍ଭର ଏତେ ଦଶା ହୋଇଲା । ଆମ୍ଭ ବାରତା ମହାଦେଈଙ୍କ ଆଗେ ପାଟମହାଦେଇଙ୍କ ଆଗେ କହିକନା । ଏଥକୁ ଗୋସାଇଙ୍କ ଛାମୁରେ ଜଣାଇଲୁ । ତହିଁକ ସାମାଦେଇ ବୋଇଲେ ଆଲୋ ମୋ ଆସିବା ଦନୁ ସେ ଦୁଖ ପାଇଥିବେ ଏହା ମୁଁ ଜାଣେଁ । ଦେଖି ତାଙ୍କୁ ଡାକଆଣ କନା । ଆଲୋ ତାଙ୍କୁ ବାଡ଼ବାଟେ ଘେନ ଆସିବଟି । ସେମନ୍ତ ଶୁଣି ପୋଇଲି ପରିବାରମାନେ ଧାଇଯାଇ ତାଙ୍କୁ ଚହ୍ନି ବାଡ଼ବାଟେ ଘେନ ଅଇଲେ । ବୁଢ଼ାକୁ ବାହାରେ ରଖିଲେ ବୁଢ଼ୀକି ଭିତରକୁ ନେଲେ । ବାପକୁ ଲୁଗାପଟା ହଳଦୀ ମାଳପା ଚନ୍ଦନ କର୍ପୁର କଛୁ ଅଳଙ୍କାର ଦେଇ ଲୋକବାକ ଖଞ୍ଜିକର ଯୋଗ ସାମଗ୍ରୀ ଖଞ୍ଜି ବଡ଼ ସତ୍କାରକଲେ ମାକୁ ସେଇମତ ଲୁଗାପଟା ମାଳପା ହଳଦ ଫୁଲ ଚନ୍ଦନ କର୍ପୁର କସ୍ତୁରୀ ଆଏ ଅଳଙ୍କାର ଦେଇ ବହୁତ ସତ୍କାରକର ପାଖେ ରଖି ସାଧବାଣି ଆସିଅଛୁ ବୋଲ୍ ସବୁରି ଆଗରେ କହିଲେ । ସେହିମତ ହୋଇ ବୁଢ଼ାବୁଢ଼ୀ ଥାନ୍ତି । ତହୁ କେତେ-ଦନ ଉତ୍ତାରେ କାର୍ତ୍ତିକ ମାସ ଜାଇ ମାର୍ଗଶିର ପଶିଲା । ସାମାଦେଇ

ଧାନମାଣିକଆ ଓଷା କରିବେ ବୋଲି ଉଦ୍ଯୋଗ କଲା । ମାଆକୁ ବୋଇଲା ମାଗୋ ମାଆ ଠାକୁରଣିଙ୍କ ଅଣଅବଧାନରୁ ତୋହର ଏତେ ଘର ହୋଇଲା । ଏବେ ଧାନମାଣିକଆ ଓଷା ତୁମ୍ଭେ କର । ତୁମ୍ଭର ଉତ୍ତମ ସବୁ ହୋଇବ । ଠାକୁରାଣିଙ୍କ କୃପାରେ ତୁମ୍ଭେ ଭଲ ହୋଇବ ସାଧବାଣି ବୋଇଲା ଉତ୍ତମ କରିବ । ଏମନ୍ତ ବୋଲି ମାଏ ଝିଏ ପୁଷ୍କରିଣିରେ ସ୍ନାନଶାରି ଅଇଲେ ଓଷା ପୁଜିବାର ଯେତେ ବିଧାନ ଶବୁ ତାତପର୍ଯ କରି ଶାମାଦେଇ ଜାଇ ତା ମାଆକୁ ଡାକିଲା ବେଳକୁ ଦେଖିଲା ନାତିନାତୁଣିଙ୍କ ଠାରୁ ମାଆ ଅଇଣ୍ଠା ପିଠା ଖାଇ ବସିଛି ତାହା ଦେଖି ଶାମାଦେଇ ମଥାରେ ହାଥମାରି ଠାକୁରାଣିଙ୍କି ସୁମରି ଜାଇ ବିଧିପୂର୍ବ କରି ଓଷା ପୁଜି ବସିଲା । ଏମନ୍ତ ଦିନପାଳି ଗଲା । ମାଆକୁ ପୋଇଲଙ୍କି ଜଗାଇ ଆପଣା ମାଆକୁ ଘେନି ସ୍ନାନକରି ଗଲା । ସ୍ନାନସାରି ମାଏ ଝିଏ ପାଟେ ପାଟେପିନ୍ଧି ପାଟେ ପାଟେ ଉପୁରାଣି କରି ବିଧିମତି କରି ଓଷା ପୁଜି ବସିଲେ । ମାଆକୁ ଦେଖି ଠାକୁରାଣି ରନ୍ନ ହାନ୍ଦୋଳାରେ ବିଜେ କରନ୍ତି ସାମାଦେଇ ବହୁତ ବିନସ୍ତ ହୋଇ ଜଣାଇଲା ସେ ରାଣି କୁ ପୁର୍ନ୍ୟ ଦେଖି ଠାକୁରାଣି ଆଜ୍ଞାଦେଲେ ଆଲୋ ରାଣି ସେ ମୋଢ଼ୀ ଲକ୍ଷ୍ମିଦ୍ରୋହ୍ନ । ତାହା ଗ୍ରୁରକୁ ତୋ ପାଖରେଖି ଅଛୁ ତୋହଠାକୁ ମୁଁ କେମନ୍ତେ ଜିବ । ତାହାକୁ ଚୁନ କଳାଦେଇ ସେ ରାଣି ଦିରସ୍ତ ହୋଇ ଗାଲକେ ଚୁନ ଗାଲକେ କଳାଦେଇ ବାହାର କରିଦେଲା । ସେ ସାଧବାଣି ଜାଇ ସେ ରାଜା ଧାନମରେଇ ତଳେ ବସିଲା । ଧାନ ଚାଉଳ ବିରି ମୁଗ ସବୁ ଗୋଟୀ ଟୋଟୀ କରି ବାଛି ଠାବ ଠାବ କରି ରଖିଅଛି । ତାହାକୁ ଯାଇ ଘେନଆସ ତାହା ଶୁଣି ସାମାଦେଇ ଲୋକେ ପଠିଆଇ ମାଆକୁ ଘେନି ଅଇଲେ । ମାଆଝିଅ ଓଷା ପୁଜି ବସିଲେ । ଠାକୁରାଣି ବହୁତ ସନ୍ତୋଷ ହୋଇଲେ ସାଧବାଣିକି ଆଜ୍ଞାଦେଲେ ଆଲୋ ସାଧବାଣି ମୋଠାରେ ଜେ ଅନାଦର କଲୁ । ତହିଁ ସକାସରୁ ଏତେ ଦୁଃଖ ପାଇଲୁ । ଏବେ ଯେ ଅମ୍ଭଙ୍କ ସେବାକଲୁ ଅମ୍ଭେ ତୋତେ ପ୍ରସନ ହୋଇଲୁ । ତୁ ବର ମାଗ । ତାହା ଶୁଣି ସାଧବାଣି ବହୁତ ବିନସ୍ତ ହୋଇ ବୋଇଲା ଗୋସାଇ, ତୁମ୍ଭଠାରେ ଅବମାନନା କଲାର ଜେ ଫଳ ତାହା ପାଇଲି । ଏବେ ଗୋସାଇ ଜେବେ ପ୍ରସନ ହୋଇଲ ମୋହର ପୁର୍ବରେ ଜେତେ ଧନଧାନ, ଗାଈ, ମଇଁସି ସମ୍ପତ୍ତି ଥିଲା ସେହିରୂପେ ପ୍ରବେସ ହୋଇବ । ତୋହ ରାଜ୍ୟକୁ ତୁ ଜା, ଏମନ୍ତ ବୋଲି ଠାକୁରାଣି ଅଂତଧ୍ୟାନ ହୋଇଗଲେ । ତହୁଉତାରେ ସାଧବାଣି ସାଧବ ଆଗେ ଏ ପ୍ରସଙ୍ଗ କହି ବାଦ୍ୟବାଜଣା ବଜାଇ ମୁଖପାଲ ଗଢ଼ୀ ତାହା ରାଜ୍ୟକୁ ଗଲା । ରାଜ୍ୟରେ ପ୍ରବେଯ ମାତ୍ରକେ ଠାକୁରାଣିଙ୍କ ଆଜ୍ଞାରେ ସେହି ଧନଧାନ୍ୟ, ଗାଈ, ମଇଁସି, ଧନଧାନ୍ୟ, ନାତିନାତୁଣି, ବହୁଝିଅମାନେ ପୁଅ

ଗୋଢକର ସାଭାମା'ନେ ସମସ୍ତେ ଯାଚ ଆସି ଘର ତର୍ଗ୍ କର ଅଛନ୍ତି । ଲାଗିଲା ଲୋକ·ଜାଚକର ଧନଧାନ୍ୟ ଦେଲେ । ଗଉ ସତେଗୁଣେ ସମ୍ପତ୍ତି ହୋଇଲା । ବରସକୁ ବରସ ଠାକୁରାଣି ନିଷ୍ଠାକର ସେବା କଲା । ନିଷ୍ଠନ୍ତ ହୋଇ ଶ୍ରୀ ଠାକୁରାଣୀଙ୍କ ସେବାର ରହିଲା ।

* ଶ୍ରୀ ଧାନମାଣିକଆ ଓଷା ସମ୍ପୂର୍ଣ୍ଣ *

# ପୋଲୁର କଥା

ଏକେ ସାଦବାଣୀ ବୋଲଇ ଅମାସ୍ୟା କରଇ । ବଜ୍ରମହାକାଳ (1) ଦେଇଙ୍କୀ ପୁଜା କରଇ । ସେଦନ ଉଆଁସ ହୋଇଛୁ । ଗୃଉଲ ଭରଣେ ଗସ୍ୟେଂଠା ବତରାଇଲ । ୧ ବୁହୁକୁ ବୋଇଲା ମାଲେ ଗୃଉଲ ବତୁରଲା କ ନାହିଁ ।
(୪)
ଦେଖିଆସେ । ଚୂନା କୁଟାଇବା, ବହୁ କାକଲା । ଗୃଉଲୁଟାସ୍ୟେ ଚୁଣ୍ଡରେ ପକାଇଲା । ସାସୁକୁ ବୋଇଲା ଗୃଉଲ ବତୁରଲା । ସାସୁ ଚୂନା କୁଟାଇଲା । ଆରଦା ଅଟକାଳି କଲେ । ଷିରପିଠା କଲେ । ବଜ୍ରମହାଙ୍କାଳ ଦେଇ ବୋଇଲେ ମୋ ଭୋଗ ଅଇଂଠା କଲା ମୁଁ ଏହାର ଗଣ୍ଡୀବ । ସ୍ୟେହରୂପେ କେତେଦନ ଗଲା । ବହୂଟି ବଡ଼ ହେଲା, ଗର୍ଭବାସ ହେଲା (୨) ସେହି ପୋଲର ଉଆଁସ ଦନ ପୁଅ ଗୋଟାଏ ପାଇଲା । ଜନ୍ମହେବାରୁ ପିଲାଟି ମରଗଲା ।

ଏହିମତ ବରସକୁ ବରସ କୁଆଁସ (୩) ପୁଅ ଗୋଟିଏ ପାସ୍ୟେ ମରଜାଇ । ଏହିରୂପେ ଛଅ ଗର୍ଭ ଗଲା । ସେହି ଉଆଁସ ଦନ ରତରେ ପୁଅ ଗୋଟିଏ ପାଇଲା । ସେଇକ୍ଷଣି ମର ଲା । ସାସୁ ବୋଇଲା । ଏଖାଇ × × × —ବରଷକୁ ବରଷ ପୁଅ ଗୋଟିଏ ପାଉଛୁ । କୋଡ଼ରେ ଧରବାକୁ ନାହିଁ ସ୍ୟେ ମୋ ଘରୁ ବାହାର ହୋଉ । ସେ (୪) ତେବେଲେ କାହାକୁ ଡାକବ । ଘାଣି ବରଷୁଛୁ । ଅନ୍ଧାର ରାତ ହୋଇଛୁ ପିଅ ସହି ଏକା ପୋଡ଼ୁ । ବାଡ଼ିବାଟେ × × × × ତଡ଼ଦେଲା । ପିଲକୁ କାନ୍ଧେ ପକାଇଛୁ ଝାଡ ଝାଡ ବନସ୍ତରେ ପଶିଲା । ତାର ଗୁରସ୍ତ ବୋଇଲ ମା କେଉଁଠି ଯିବୁଣି । ମାଇକନାଟା ବନେ ପଶିଲା । ଅନ୍ଧାର ରାତ । ମୁଁହି ଯିବି ବୋଲି ମାଇକନା ପଛେ ଗଲା । ବନ ଭିତରେ ମାଝାରେ ଘର ଗୋଟିଏ ହୋଇଛୁ । ବଜ୍ରମହାଙ୍କାଳ ଦେଇ ପୋଲର ଉଆଁସ ପୁଜୁଛନ୍ତି । ବାବୁ ପିଲାଟିକ ପୋତଦେଲା । ତନ୍ତ୍ରବୁଢ଼ି ଦୁଇପ୍ରାଣୀ ଯାଇ ସେ ଘର

ଓଳରେ ରହିଲେ । ବଜ୍ରମହାଙ୍କାଳ ଦେଇ ବୋଇଲେ ଆଲେ ସେଠାରେ କେ ଅଛୁ ଘରକୁ ଆସ । ଯାଦବ ଘର ବନ୍ଧୁ ବାରବଲଯତ ହୋଇ ଘରେ ପସିଲା । ଓଯାପୁଜା ଦେଖି ପାଏପଡ଼ି ଶୋଇଲା । ବୋଇଲା ମା ମୁଁ (କ) ଦୋଷ-କରିଥିଲି । ଏ ଦୁଖ ମୋତେ ଦେଲୁ । ବଜ୍ରମହାଙ୍କାଳଦେଇ ବୋଇଲେ, ଆ ବୋଇଲି ସେ ବୋଇଲେ କେତେ ତୋର ଗର୍ଭ ହେବ ମୋତେ ଦେବୁ । ମୁଁ ହୋଉ ବୋଲି ସତ୍ୟକଲି । ନଣନ୍ଦ ଜିଇଂ ଉଠିଲା ଘରକୁ ଅଇଲୁଂ । ସଠୀଦୁତ ଚୁଇ ବୋଇଲେ ଅଲେ ତୋର ହତ ବୁଝିଥିଲେ ହଠୀ × × ।

---

*ଷଠୀବ୍ରତ କଥା ପୋଥି ନମ୍ବର—୮୧୩ରୁ ଉଦ୍ଧୃତ (ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟ ମ୍ୟୁଜିଅମ୍) ।

୧-ବଜ୍ରକୁ, ୨-ପୋଥିପାଠ ଗଉବାସ, ୩-ଉଆଁସ ।

# ଗୀତ ଗୋବିନ୍ଦ

ମେଘୈ ର୍ମେଦୁରମମ୍ବରଂ...................... ...... ................କେଳୟଃ । ୧ ।

ଅର୍ଥ—ଏମନ୍ତ ପ୍ରକାରେ କରି ବାଟରେ ଲତା ଗୃହକୁ ଗଲେ ଜେ ରାଧାମାଧବ ବୃନ୍ଦେଂ ତାହାଙ୍କର ଏକାନ୍ତ କ୍ରୀଡାମାନେ, ଯମୁନା କୁଳରେ ଜୟଯୁକ୍ତ ହେଉଅଛନ୍ତି ନନ୍ଦ କ ଆଗ୍ୟାଂ ଦେଲେ ତାହା କହୁଅଛୁ ।

ଆକାଶ ମେଘମାନଙ୍କରେ ବ୍ୟାପ୍ତ ହୋଇଅଛୁ । ବନଭୁମୀମାନେ ତମାଲ ବୃକ୍ଷମାନଙ୍କରେ କରି ଅନ୍ଧାର ହୋଇଅଛନ୍ତି । ଏ ଶ୍ରୀକୃଷ୍ଣ ରାତ୍ରରେ ବଡ଼ ଡରନ୍ତି । ଏମନ୍ତ ବୋଲି ନନ୍ଦ କହୁଦେଲେ । ୧ ।

ଶ୍ଳୋକଃ-ବାକ୍‌ଦେବତା ଚରିତ........................ଜୟଦେବ କବିଃ ପ୍ରବନ୍ଧଃ—

ଅର୍ଥ—ଜୟଦେବ ନାମା କବି ଯେ ସେ ଏ ପ୍ରବନ୍ଧ କରୁଅଛନ୍ତି । ସେ କବି କେମନ୍ତ ଅଟନ୍ତି । ସରସ୍ୱତିଙ୍କ ଚରିତମାନଙ୍କରେ କରି ଚର୍ଚ୍ଚିତ ହୋଇଅଛୁ ଚିତ୍ତ ଜାହାଙ୍କର ଏମନ୍ତ ଅଟନ୍ତି । ପଦ୍ମାବତୀ ଯେ ଭାର୍ଯ୍ୟା ତାହାଙ୍କ ପାଦର ସେବକମାନେ ତହିଁରେ ଶ୍ରେଷ୍ଠ ଅଟନ୍ତି । ଶ୍ରୀବାସୁଦେବଙ୍କର ସୁରତି କ୍ରୀଡ଼ା କଥାରେ ଯୁକ୍ତ ଅଟନ୍ତି ।

ଶ୍ଳୋକଃ-ଯଦି ହରି ସ୍ମରଣେ...........................ଜୟଦେବ ସରସ୍ୱତୀଂ । ୩ ।

ହେ ମନ ତୋହର ଜେବେ ହରି ସ୍ମରଣରେ ଅନୁରାଗ ଅଛୁ ଜେବେ ବା ବିଳାସ କଳାମାନଙ୍କରେ କୌତୁକ ଅଛୁ । ତେବେ ସେ କାଳରେ ଜୟଦେବର ଜେ ବାଣୀ ତାହା ଶୁଣ । ମଧୁର ମନୋହର କୋମଳକାନ୍ତ କମନୀୟତୀ ପଦମାନ ଜହିଁରେ ଏମନ୍ତ ଅଟନ୍ତି—। ୩ ।

ଶ୍ଳୋକଃ-ବାଚଃ ପଲ୍ଲବ.............................ଧୋୟୀମ କବି କ୍ଷ୍ମାପତିଃ । ୪ ।

ଅର୍ଥ—ଏବେ କବିମାନଙ୍କ ମହିମା କହୁଅଛନ୍ତି ବଚନମାନଙ୍କର ଜେ ସନ୍ଦର୍ଭ ଶୁଦ୍ଧି ତାହା ଜୟଦେବହିଁ ଜାଣନ୍ତି । ଉମାପତି ଧର ଜେ କବି ସେ ବଚନମାନଙ୍କୁ ପଲ୍ଲବାଇତ କରନ୍ତି । ଶରଣ ନାମା ଜେ କବି ସେ ଅତି ଗୂଢ଼ କଥାମାନଙ୍କରେ କବିତ୍ୱ ବୋଲି ପାରନ୍ତି । ଗୋବର୍ଦ୍ଧନ ନାମ ଜେ କବି ସେ ଶୃଙ୍ଗାର ରସରେ ପୂର୍ଣ୍ଣ ଜେ ପ୍ରବନ୍ଧମାନ ତାହା କୁହିବାରେ ଆଚାର୍ଯ୍ୟ ଅଟନ୍ତି । ଜୟଦେବ କବି ଜାଣନ୍ତି ।

ଗୀତ-ମାଳବ ଗୌଡ଼ା ରାଗେଣ ଗୀୟତେ—

ପ୍ରଳୟ ପୟୋଧି......................................................ଜଗଦୀଶ ହରେ । ୧ ।

ଅର୍ଥ ଏବେ ଠାକୁରଙ୍କ ଦଶାବତାରମାନ ବର୍ଣ୍ଣୁଅଛନ୍ତି । ଧଇଲୁ ମତ୍ସ୍ୟାବତାରକୁ ଜେ ସେ ଏମନ୍ତ ଅଟ ଜେ ତୁମ୍ଭେ ଜୟଯୁକ୍ତ ହୁଅ । ପ୍ରଳୟ କାଳରେ ଯେ ସମୁଦ୍ର ଜଳ ତହିଁରେ ବେଦମାନଙ୍କୁ ଧରନ୍ତା ଅଟ । ସେ ବେଦ-ମାନେ କେମନ୍ତ ଅଟନ୍ତି । ବିଧାନ କଲା ବୋହିତ ଚେଷ୍ଟାକୁ ଜେ ସେ ଏମନ୍ତ ଅଟନ୍ତି । ୧ ।

ଗୀତ କ୍ଷିତି ରତି......................................................କଚ୍ଛପ ରୂପ । ୨ ।

ଅର୍ଥ—ଏବେ କୁର୍ମାବତାର କହୁଅଛନ୍ତି । ଧଇଲୁ କୁର୍ମାବତାରକୁ ଜେ ସେ ଏମନ୍ତ ଅଟ ଜେ ତୁମ୍ଭେ ଜୟଯୁକ୍ତ ହୁଏ । ଅତି ବିସ୍ତାର ଯେ ତୁମ୍ଭ ପିଠି ତହିଁରେ ପୃଥ୍ୱୀ ଅଛି । କରନ୍ତର ପୃଥ୍ୱୀକି ଧରିବାରେ ଫଳନ୍ତା ଜେ କିଣ ସମୂହ ତେତେଏକର ଅତି କଠିନ ଅଟନ୍ତି । । ୨ ।

ଗୀତ-ବସତି ଦଶନ.......................................... ଶୂକର ରୂପୀ । ୩ ।

ଅର୍ଥ—ଏବେ ବରାହ ରୂପ କଥା କହୁଅଛନ୍ତି । ଧଇଲୁ କୁର୍ମାବତାରକୁ ଜେ ସେ ଏମନ୍ତ ଅଟ ଜେ ତୁମ୍ଭେ ଜୟଯୁକ୍ତ ହୁଅ । ତୁମ୍ଭ ଦନ୍ତ ଅଗ୍ରରେ ଜେ ପୃଥ୍ୱୀ ଲାଗିଅଛି ଚନ୍ଦ୍ରରେ ନିମଗ୍ନ ହୋଇ ଯେମନ୍ତ କଳଙ୍କ କଳା ଅଛି ସେହିପରି ପୃଥ୍ୱୀ ଅଛି ।

ଗୀତ-ତବକର କମଳ........................ ....................ନରହରି ରୂପଂ । ୪ ।

ଏବେ ନୃସିଂହ ରୂପ କହୁଅଛନ୍ତି । ଧଇଲ ନରସିଂହ ରୂପକୁ ଜେ ସେ ଏମନ୍ତ ଅଟ ଯେ ତୁମ୍ଭେ ଜୟଯୁକ୍ତ ହୁଅ । ତୁମ୍ଭ କରପଦ୍ମରେ ନଖ ଜେ ସେ ଦଳିଲା ହିରଣ୍ୟ କଶିପୁ ଦେହକୁ ଜେ ସେ ଏମନ୍ତ ଅଟନ୍ତି ସେ ନଖମାନେ କେମନ୍ତ ଅଟନ୍ତି । ଆଶ୍ଚର୍ଯ୍ୟଟୀ ନଖର ଅଗ୍ରମାନେ ଜହିଂରେ ଏମନ୍ତ ଅଟନ୍ତି । ୪ ।

ଗୀତ-ଛଳୟସି......................... .. .........................ବାମନ ରୂପ । ୫ ।

ଅର୍ଥ—ଏବେ ବାମନ ରୂପ କହୁଅଛନ୍ତି । ଧଇଲ ଆଶ୍ଚର୍ଯ୍ୟ ବାମନ ରୂପକୁ ଜେ ତୁମ୍ଭେ ଜୟଯୁକ୍ତ ହୁଅ । ଆଶ୍ଚର୍ଯ୍ୟ ଯେ ବାମନ ସ୍ୱରୂପ ତହିଁର ସମ୍ବନ୍ଧ ଜଙ୍ଘଂ ପରାକ୍ରମ ତେଣୁକରି ବଳିକି ଭଣ୍ଡିଲା ଅଛ । ସେବାମନ ସ୍ୱରୂପ ପୁଣି କେମନ୍ତ ଅଛଇ । ପାଦନଖ ଜଳରେ କରି ଲୋକପାବନ ଅଛଇ । ୫ ।

ଗୀତ- କ୍ଷତ୍ରିୟ ରୁଧିର.........................................ଭୃଗୁପତି ରୂପଂ । ୬ ।

ଅର୍ଥ—ଏବେ ପରଶୁରାମାବତାର କହୁଅଛନ୍ତି । ଧଇଲ ପରଶୁରାମା-ବତାରକୁ ଜେ ସେ ଏବଂଭୂତ ଜେ ତୁମ୍ଭେ ଜୟଯୁକ୍ତ ହୁଅ । କ୍ଷତ୍ରିୟମାନଙ୍କର ରକ୍ତମୟ ଜେ ଜଳ ତହିଂରେ ସେ ଜଗତକୁ ସ୍ନାନ କରନ୍ତା ଅଛ । ସ୍ନାନରେ କରି ଶାନ୍ତ ହୋଇଲା ସଂସାର ତାପ ଜାହାର ଏମନ୍ତ ଅଛଇ । ୬ ।

# ବତିଶ ସିଂହାସନ କଥା

ଦ୍ୱିତୀୟ କଥା—୧୮ଶ ଶତାବ୍ଦୀ

ଏମନ୍ତ ସମୟେ ରାତ୍ର ପାଇଲା ଉତ୍ତାରୁ ଭୋଜ ରାଜା ନିତ୍ୟକର୍ମ ସାରି ହସ୍ତରେ ଫୁଲମଣ୍ଡା ଗୋଟିଏ ଘେନି ସିଂହାସନକୁ ବିଜେ କରନ୍ତେ ପ୍ରଥମ ପିତୁଳି ହସି ଉଠିଲା । ସେ ପିତୁଳି ହସିବା ଦେଖି ତାକୁ ରାଜା ପଚାରିଲେ ତୁ କାହିଂପାଇଁ ହସିଲୁ କହ । ସେ ପିତୁଳି ବୋଇଲା, ହେ ରାଜନ ଏ ସିଂହାସନେ ବିକ୍ରମ ରାଜା ସେ ଭୁଞ୍ଜିଲେ । ଏମନ୍ତ ଶୁଣି ରାଜା ବୋଇଲେ ତାହାଙ୍କର କି ଗୁଣ । ରାଜାର ଏମନ୍ତ ବଚନ ଶୁଣି ପିତୁଳୀ ବୋଇଲା ତାହାଙ୍କର ମୁଂ କି କହି ପାରଇ । ତାହାଙ୍କର କଥା ଦେବଙ୍କୁ ଦୁର୍ଲଭ । ମୁଂ ତାହାଙ୍କର କଥା କିସ କହିବି । ଧ୍ୟାନ ପରିଗୁଣେ ତୁମ୍ଭେ ଶୁଣ । ଏମନ୍ତ ଶୁଣି ଭୋଜ ରାଜା ବୋଇଲେ । ସେ ଆମ୍ଭଠାରୁ ବଡ଼ ଦାନି । ଆମ୍ଭେ ଯାହା ଦେବାର କରୁ ଲକ୍ଷେ ସୁନିଆ ଦାନ ଦେଇପାରୁଁ । ରାଜାର ଏ ବଚନ ଶୁଣି ସେ ପିତୁଳି ବୋଇଲା ହେ ରାଜନ ଏତିକେ ଜାଣିଲିଇଂ ତୁମ୍ଭେ ବଡ଼ କୃପଣ । ଯେତେବେଳୁ ଆପଣା ଗୁଣ କହିଲ ତେତେବେଳୁ ଜାଣିଲୁଁ । ପୂର୍ବେ ଶୁଣିଅଛୁ ଆପଣ ପୁରୁଷାର୍ଥ ଆପଣେ କହିଲେ ସେ ନଷ୍ଟ । ଏମନ୍ତ ଋଷି ବାକ୍ୟମାନ ଅଛି । ଯେତେ ଗୁଣବନ୍ତ ହେଲେ ଆପଣା ପୁରୁଷାର୍ଥ ନ କହିବ । ଏରୂପେ ଶୁଣିଥାଇଂ । ଆପଣା ଗୁଣ ଯେବେ ପରକୁ କହଇ ତେବେ ସେ ସ୍ୱକର୍ମ ଗୁଣରେ ଲେଖା । ତେଣୁକରି ଆପଣାର ଗୁଣ ପରକୁ ନ କହିବ । ଏମାନ ଉତ୍ତମ ଜନମାନଙ୍କର । କହିଲେ ତେତେ ନିଚିତାହିଁ । ଏ ପିତୁଳୀ ଏମନ୍ତ ରାଜାଙ୍କୁ କହିଲେ ଯେ ପିତୁଳୀ ବଚନ ଶୁଣି ରାଜା ବୋଇଲେ ସେ ଆମ୍ଭଠାରୁ ବଡ଼ ଦାନି । ସେ ବିକ୍ରମାଜିତଙ୍କ କେମନ୍ତ ଗୁଣ ତାହା କହ ଶୁଣିମା । ରାଜାର ଏ ବଚନ ଶୁଣି ପିତୁଳୀ ବୋଇଲା ସେ ବିକ୍ରମ ରାଜାଙ୍କ ଗ୍ରାମରେ ସାମନ୍ତପାଳ ଗଉଡ ନିଯୋଗୀ ଭେଟନ୍ତି ତାହାଙ୍କୁ ରାଜା ଅନାଇଲେ ସେ

ରାଜା ଲୋକଙ୍କୁ ସହସ୍ରେ ଦଅନ୍ତି । ଯାହାକୁ ଗୁହାଁନ୍ତି ତାକୁ ଝଣ୍ଡ ବଚନ କହନ୍ତି । କୋଟିଏ ସୁବର୍ଣ୍ଣ ଦଅନ୍ତି ସେ ଦେଲେ ଯେବେ ସେ ଝଣ୍ଟ କରନ୍ତି ତେବେ ରଜା ଚୋଲଣା କରନ୍ତି । ଯେଣୁକର ଭଣ୍ଡାର ଅଧିକାରୀମାନେ ରଜାଙ୍କୁ ଜଗାଇ ସୁବର୍ଣ୍ଣ ଧରି ବସିଥାନ୍ତି । ଯେରୂପେ ରାଜାଙ୍କୁ ପ୍ରଥମ ପିତୁଳୀ କହିଲା । ବୋଇଲା ହେ ରାଜ ଯେମନ୍ତ ମହାତ୍ମା ଗୁଣ ଯେବେ ତୁମ୍ଭଠାରେ ଅଛି ତେବେ ସିଂହାସନେ ବସ ।

ଶ୍ରୀତ ଶ୍ରୀ ଶିବଦାସ ବିରଚିତ ଦ୍ୱିତୀୟ କଥା ସମ୍ପୂର୍ଣ୍ଣ ।

ଓଷା କରିବୁ—ପାଠାନ୍ତର । ( ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ-ସଂପାଦକ । ଡଃ ଅର୍ତ୍ତବଲ୍ଲଭ ମହାନ୍ତି—ପୃ.-୪୮ । )

# ପାଠ ସମୁଦ୍ର

ସଦ—ସାଧବ ବଦେଶୁ ପ୍ରବେଶ ହେଲ । ମୋଢ଼ଆଣି ଗୃର ପତ୍ନୀଙ୍କି ଦେଲ ତୁମ୍ଭେ ସ୍ତ୍ରୀ ଅଧେ ଏକଇ ନେବ ॥ ମୋର କରେ ଏକ ମୋଢ଼ ରହିବ, ଲେଖା ଆପନା ॥ ସାଧବ ଜେତେ ମୋଢ଼ ଆଣିଛୁ ତାହା ନ ଯାଣି ପ୍ରଥମ ଭାରଯା ଅଧେ ନେବ ଏକ ଉଠାଇ ନେବ ॥ ସେସ ମୋଢ଼ ଦୁତାୟ ଭାରଯା ଅଧେ ନେବ । ଏକ ଉଠାଇ ନେବ । ସେସ ଯେ ରହିବ ତୃତାୟ ଭାରଯା ଅଧେ ନେବ ଏକ ଉଠାଇ ନେବ । ଶେଷ ଯେ ରହିବ ଚତୁର୍ଥ ଭାରଯା ଅଧେ ନେବ ଏକ ଉଠାଇ ନେବ ବାକି ସାଧବ କରେ ଏକ ମୋଢ଼ ରହିବ --(ପୃ.-୧୯)

× × ×

ମୂଳ ଯମାରେ ଜତାଏ ଗୁଣି ଠୀକ୍ କଉଡ଼ୀ ରଖିବ୍ । ଯେବେ କାହ୍ନାଣ ପଣ ଗଣ୍ଡା କଡ଼ା ସେ ଜମାକଡ଼ା ବୋଲି ବୋଲିବ । ଏହି ଅଙ୍କଙ୍କୁ ବେଦରେ ଗୁଣିଲେ ଶେ ଜମା ଗଣ୍ଡା ସେହୁ ଅଠଇ ଯମା ଗଣ୍ଡାକୁ ବଂଶରେ ଗୁଣିଲେ ଶେ ଯମା ଗଣ୍ଡା ପଡ଼ଇ । ପଞ୍ଚକ ଅଂକକୁ ଅନୁରଦ କର ଯମାପଣେ ପଣ ଶୁଣିବ । ପଞ୍ଚଦଂ ଅଙ୍କ ଠୀକ୍ ଜେବେ ନୋହିବ । ଜମା ଗଣ୍ଡାକୁ ମାଗିବ ॥ ଯମା କଡ଼ାକୁ କଡ଼ା ଦେଇଂ ଗୁଣିବ ପଞ୍ଚଦ ଅଂକରେ ଭେଜିବ । ପଣତଲେ ପଡ଼ତଲେ ପଣ ଗଣ୍ଡାତଲେ ଗଣ୍ଡା କଡ଼ାତଲେ କଡ଼ା ଦେବ । ଏତେ ପଣ ଏତେ ଗଣ୍ଡା । ଏତେ କଡ଼ା କାହ୍ନାଣକୁ ସେ ହୁଅଇ । ଏହୁ ଶୁନ୍ଦରେ ଜେତେ ଇଚ୍ଛା ତେତେ ସେ ଦେଇ ମାଗିଲେ ଆଗଇ ପଞ୍ଚକ ଅଂକ ଏକ ଗଣକୁ ହିତ ଓ ଝାଙ୍କର ଗଣି ଧନ କହି ଦେବଦାଣ ଶୁଣ ଖଡ଼ୀକାର ହେଜି ଧଇଲେ ସେ ପୁଣ ।

(ପୃ.-୨୩)

# ଗୋଶାସ୍ତ୍ର ପୋଥି

ସହଦେବାୟ ନମଃ । ଓଁ

୧—ଯେବଣ ଦିନେ ଶ୍ରୀହରି ସହଦେବ ଗୋପରେ ଇନ୍ଦ୍ର ସଙ୍ଗତେ ବିବାଦ କଲେ । ମନ୍ଦର ପର୍ବତ ବାମକରରେ ଧଇଲେ । ସାତ ରାତ୍ର ସାତ ଦିବସ ଇନ୍ଦ୍ର ବରଷିଲା ଜଳ । ଦେଖେ ଗୋମାତା ହୋଇଲେ ଆକୁଳ । ଗୋମାତା ଅର୍ଥେ ମନେ ବିଚାରିଲେ । ମୋଠେ ମାଣ ତନ୍ତି ମୋଥା ଯାତ କଲେ । ଘାସକରି ତାହା ଖାଇଲେ ଗୋମାତା ୨—ଇନ୍ଦ୍ର ଆସିଣ ପଶିଲେ ଶରଣ । ତହୁଁ ଗୋବୃନ୍ଦ ହେଲେ ଉଧାରଣ । କ୍ଷୀର ସମୁଦ୍ର ବରଷିଲା ପାଣି । ବନସ୍ତେ ଘାସ ହେଲା ଆଣୁ ଆଣି । ତରି ଖୋରୁବନେ ହୋଇଲେ ଗୋଷ୍ଠି । ଅନେକୋଟି ରୋଗ ଧଇଲେ ଦନ୍ତପାଟି । ସେ ଗୋ ଗୋଷ୍ଟେ ବିଜେକଲେ ଦେବାଧି ଦେବରାଯା । ଚଉଷଠି ଡମ୍ବୁରୁ ବଜାଇଲେ । ସହେ ଅଷ୍ଟ ଜ୍ୱରର ରୋଗ ଯା ଯା । ଯାଉ ବୋଲି କାହାର ଆଗ୍ୟାଂ । ଶ୍ରୀହରି ସହଦେବ ଅକ୍ରୁରଙ୍କଂର କୋଟି କୋଟି ଆଗ୍ୟାଂ (୧) ଗୋରୁମାନଙ୍କୁ ଇତ୍ୟାଦି ରୋଗ ହେଲେ ଗୁଆ ଗୁଡ଼ଲ ନିମଲୁଣ କରି । କୋମଳ ଦୁବ ଶୀତକେରା ଆଣି ସେ ଦୁବଧରି । ତାକୁଠାରୁ ଲଞ୍ଜ ପରିଯନ୍ତେ ଝାଡ଼ିଦେବ । ଓଁ ତୁ ତୁଣ୍ଡଗୋଟୀ ପୃଷ୍ଠ ପଢ଼ି ଏଥିରୁ ଉତପତିଲେ । ଗୋରୁ ସହେ ଅଷ୍ଟ ଜ୍ୱରର ବ୍ୟାଧି ହରଣ । ଥାଉ ଯାଇ ପାତାଳେ । କାହାର ଆଗ୍ୟାଂ । ଶ୍ରୀହରି ସହଦେବ ଠାକୁରଙ୍କର କୋଟିଏ ଆଗ୍ୟାଂ । ୨ ।

ଓଁ ନାସା ଦୁଇଗୋଟି ଧୂତପତି । ଏଥିରେ ଉତପତି ହୁଅନ୍ତି । ପବନ ଦେବତା ମହାପତି । ବୋଲନ୍ତି ପବନ ଦେବତା ଶୁଣସି ବାଳଗୋପାଳେ । ଗୋରୁ ସହେ ଅଷ୍ଟ ଜ୍ୱରର ବ୍ୟାଧି ହରଣ । ଥାଉ ଯାଇଁ ପାତାଳେ କାହାର ଆଗ୍ୟାଂ ଶ୍ରୀହରି ସହଦେବ ଠାକୁରଙ୍କର ଗୋଟିଏ ଆଗ୍ୟାଂ । । ୩ ।

ଓଁ କଣ୍ଠଗୋଟି ଧୂତପତି । ଏଥିରୁ ଉତପତି ହୁଅନ୍ତି । ନୀଳକଣ୍ଠ ମହାପତି ବୋଲନ୍ତି ନୀଳକଣ୍ଠ ଶୁଣିସି ବାଳଗୋପାଳେ । ଗୋରୁ ସହେ ଅଷ୍ଟ ଜ୍ୱରର ବ୍ୟାଧି ହରଣ । ଥାଉ ଯାଇ ପାତାଳେ କାହାର ଆଗ୍ୟାଂ ଶ୍ରୀହରି ସହଦେବ ଠାକୁରଙ୍କର କୋଟିଏ ଆଗ୍ୟାଂ ।

# ଗୁଣି ଗାରେଡ଼ି

## —ରଣକୁହୁକକୁ ଔଷଧ—

ରବିବାର ଦିନ ଏକବନ ଗାଈ ଗୋବର, ତଳେ ନ ପଡ଼ୁ ହାତେ ଧରିବ । ଯେତମ ନୋହିଲେ ନୁଗାରେ ଧରିବ । ଲଣ୍ଡାବିଗୁଲି ଗଛ କୃଷ୍ଣ ଅଙ୍କଗ୍ରାନ୍ତି ଗଛ ମିଶାଇ ଘସିପାରିବ । ନିତ ମନ୍ତ୍ରବଇଠା ଦେଉଥିବ । ଆଉ ରବିବାର ଦିନ ପୋଡ଼ୀ ବରକୋଳି କାଠରେ ପୋଡ଼ୀ ପୂଜାକରି ଥୋଇଥିବ । ୧୨ ।

ଓଁ ଧୂଳି ହେ ଧୂଳି ବହ୍ମା ବିଷ୍ଣୁ ମହେଶ୍ୱରଙ୍କର ଧୂଳି ଧୂଳି ପକାନ୍ତେ ସର୍ପମୁଖେ ପଡ଼ୁ । ଦନ୍ତରେ ଦନ୍ତ ଲାଗୁ । ମୁଖରେ ବସୁମଣ ଲାଗୁ । କଣ୍ଠରେ ବସୁମଣ ଲାଗୁ । ଲାଗୁ ଲାଗୁ ବୋଲି କାହାର ଆଗ୍ୟାଂ ଈଶ୍ୱର ପାର୍ବତୀଙ୍କର କୋଟୀ କୋଟୀ. ଅଗ୍ୟାଂ— । ୧୩ ।

### ଏ ରଣ କୁହୁକକୁ ଔଷଧ

ରବିବାର ଦିନ ଏକବର୍ଣ୍ଣି ଗାଈ ଗୋବର ତଳେ ନପଡୁ ହାଥରେ ଧରି ଯେତମ । ନୋହିଲେ ନୁଗାରେ ଧରିବ । ଲଣ୍ଡାବିଗୁଲି ଗଛ । କୃଷ୍ଣଅଙ୍କ ଗ୍ରାନ୍ତିଗଛ ।

—*—

## —ବେଦନା ଫୁଲବାଣ—

ଅଷ୍ଟ ସ୍ୱର ବ୍ୟାଧି ମାଠୀ ଫୁର୍କିବାକୁ ମନ୍ତ୍ର ।
ଓଁ ଟାଙ୍ଗିଖଣ୍ଡ ଧୂଳୁ ହାଥ ; ତାଲେକ ମାଥେ
ଲଲୁ ବେଣ୍ଟିତେରେ ପାପ ମିଲେଗାଲ ଘଦା ଇନ୍ଦ୍ର ପାଲେ
ହଉ ଗୋରଗଣ୍ଡା । ଫିରଙ୍ଗୀ ବାଙ୍କିନ ନାବାଂ

ବାପିବନ୍ଧ ବରଗୋଠୀ କପର କନମୂଳ ଅଷ୍ଟସ୍ୱର ବ୍ୟାଧି । ମୋହ୍ୱର ଅଙ୍ଗେ ପଡ଼ୀ ଭସ୍ମପାତେ ଜାବାଂ ଗୁରୁ କେମ୍ୟୁକ୍ତ ମୋରେ କେଉକ୍ତ ଗୁରୁ କେସକ୍ତ— ଈଶ୍ୱର ଉବାଚ । ଏଥିକ ବାଠ ମନ୍ତ୍ରବଲେ ବଢ଼ୀବ । ଆଠବେଲେ ଫୁଙ୍କିବ । ଏରୂପେ ଆଠଥର ଝାଡ଼ୀ ଚଉଷଠି ଥର ଫୁଙ୍କିଦ ଅଷ୍ଟସ୍ୱର ବ୍ୟାଧି ବାଣ ଆଦ ସମସ୍ତେ ଭଲ ହୁଅନ୍ତ ।

—✻—

# ଆୟୁର୍ବେଦ ଶାସ୍ତ୍ର

ହରଣ ଶାହାଡ଼ା ଛେଳି ଛୀକୁଟ ଚୂର୍ଣ୍ଣ ହେବ । ତବତ ପାଣିରେ ପିଇଲେ ପେଟବ୍ୟଥା ଭଲ ହେବ । ଶ୍ୱେତ ଅପରାଜିତା ପଞ୍ଚ ମରିଚ ଏହା ବାଟି ନାସଦେଲେ ମୁଣ୍ଡବ୍ୟଥା ଭଲ ହେବ । × × × —ଓଁ ରାମ ବୋଲନ୍ତ ଆହେ ଲକ୍ଷ୍ମଣ ଅମ୍ଭର ଆଜ୍ଞା ତୁମ୍ଭ ବଚନେ ପ୍ରମାଣ ଅମୁକା ଅମୁକାଇ ମୁଣ୍ଡବଥା ରହୁ । ତତକ୍ଷଣେ ନ ରହୁ ବୋଲି କାହାର ଆଣ ଶ୍ରୀରାମ ଲକ୍ଷ୍ମଣ ସୀତା ଠାକୁରାଣୀଙ୍କର କୋଟୀଏ ଆଣ । ଏମନ୍ତ ପଢ଼ି ସାତଥର ମୁଣ୍ଡ ମୋଡ଼ଦେବ । ଓଁ ଅଦଦୃଷ୍ଟି ବାତାଦୃଷ୍ଟି ଗୋଦୃଷ୍ଟି ପୋଦୃଷ୍ଟି ପରଦୃଷ୍ଟି ଘରଦୃଷ୍ଟି । ଡାଏଣୀ ଶିଘ୍ରଂ ପକାକାଟି ନ ପକାଉ । ବୋଲି କାହାର ଆଣ । ଈଶ୍ୱର ପାର୍ବତୀଙ୍କର କୋଟିଏ ଆଣ । ଏ ପେଟ ବ୍ୟଥାକୁ ଲୁଣମନ୍ତ୍ର । ଓଁ ଝଣ୍ଡୋଳ କାଲ କା ଏ ରକତ ପଂକ ପଂଏ ରହୁ ରକତ ନ ପାଚୁ ଘା ଘା ନ ପାଚୁ ବୋଲି କାହାର ଆଣ ଶ୍ରୀରାମ ଲକ୍ଷ୍ମଣ ସୀତା ଠାକୁରାଣୀଙ୍କର କୋଟୀଏ ଆଣ । ଏ ମନ୍ତ୍ର ପଢ଼ି ଘା ଫୁଂକଂବ । ଓଁ ଛୁଟିକା ପୋଡ଼ାଦେବ କୋସଲା ଦେବ ଅଗ୍ୟାଂରେ ଘା ଶୀତଳ ହେଲା । ଛୁଟିକାଗଲା ପୋଡ଼ାଗଲା । ନ ଯାଅ ବୋଲି କାହାର ଆଣ । ଈଶ୍ୱର ପାର୍ବତୀଙ୍କର କୋଟୀଏ ଆଣ । ଏ ମନ୍ତ୍ର ପଢ଼ି ଫୁଙ୍କିଲେ ଛୁଟିକା ପୋଡା ଭଲ ହୁଅଇ ।

—୦—

## ଥ୍ରାଠ୍ୟାଳ ଥ୍ରାପ୍ୟାଠ୍ୟାଳ

କଟକ ଚନ୍ଦ୍ରା ବାଇମୁଣ୍ଡିକା ।
ବାରଣ ବଡ଼େଇରେ ଦାଣ୍ଡ କ ପୁଅରେ ଦାଣ୍ଡ ।
ଶିବେଇ ସାନ୍ତ୍ରା ଦେଉଳ ତୋଳାଲା ନ୍ୟାସ୍ତ ।
ଏଜଇରବଳା ବଗିକେସନ ।
ଛନ ଭୁଣ୍ଡରେ ଛେଳି କୁକୁର ।
ଖ୍ରୀମ ପଣ୍ଡାଲ ବାଜ ହାରେ ।
ଯମକୁ ଯାଚି ପୁଅ ଦେବ, ପଞ୍ଚଶାଘରକୁ ପୁତ ତ ଦେବ ନାହିଁ,
ହାତର ଶଂଖା ଦରପଣ ।
ଅଇଲା କଳାପାହାଡ଼
ଭାଙ୍ଗିଲା ଲୁହାର ବାଡ଼
ପିଇଲା ମହାନଦୀର ପାଣି
ସୁବର୍ଣ୍ଣଥାଳୀରେ ଖୀର ପରଶିଲେ
ମୁକୁନ୍ଦଦେବଙ୍କ ରାଣୀ ।
ପୂର୍ବେ ଇନ୍ଦ୍ରଧନୁ ପଶ୍ଚିମେ ରୋହ
ନାଥେ ବୋଇଲେ ମୁଢା ଜଷ୍ଟେ ପଡ଼ଇ ଧୋଇ ।
ଦେଇଥିଲେ ପାଇ, ବୁଣିଥିଲେ କାଇ ।
ଯାହିଁ ବୁନ ତାହିଁ ବୁନ ଆଶୀନ ମାସେଁ ଠୁନ୍ ଠୁନ୍ —(ସମ୍ବଲପୁରୀ) ।

# ସହାୟକ ଗ୍ରନ୍ଥ


୧। Evolution of Oriya Language & Script by—Dr. K. B. Tripathi—1962, Utkal University

୨। ଓଡ଼ିଆ ସାହିତ୍ୟର ଇତିହାସ (ତୃତୀୟ ଭାଗ)—ଡ଼ଃ ବଂଶୀଧର ମହାନ୍ତି

୩। ପ୍ରାଚୀନ କାବ୍ୟଧାରା—ଡ଼ଃ କୃଷ୍ଣଚରଣ ସାହୁ

୪। ସୋମନାଥ ବ୍ରତ କଥା (ସଂ)—ଡ଼ଃ ଜାନକୀବଲ୍ଲଭ ମହାନ୍ତି

୫। ପ୍ରସ୍ତାବ ଚିନ୍ତାମଣି—ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ—ସଂ—ଡ଼ଃ ରାଜଗୁରୁ

୬। ଓଡ଼ିଆ ସାହିତ୍ୟରେ ଜୟଦେବ—ଡ଼ଃ ନଗେନ୍ଦ୍ରନାଥ ପ୍ରଧାନ

୭। ଗୃଚେଶ୍ୱ ଲୀଳା—ଡ଼ଃ ଆଶୁତୋଷ ପଟ୍ଟନାୟକ

୮। ଓଡ଼ିଆ ଉପନ୍ୟାସ—ଡ଼ଃ କୃଷ୍ଣଚରଣ ବେହେରା

୯। ଚତୁର ବିନୋଦ—ସଂ—ସୁଧାକର ପଟ୍ଟନାୟକ—୧୯୪୬, ପ୍ରାଚୀ ସମିତି ପକ୍ଷରୁ କଟକ ଷ୍ଟୁଡେଣ୍ଟ୍ସ ଷ୍ଟୋର ପ୍ରକାଶନ

୧୦। ରୁଦ୍ର ସୁଧାନିଧି—ସଂ—ଡ଼ଃ କରୁଣାକର କର

୧୧। ରୁଦ୍ର ସୁଧାନିଧି—ସଂ—ଡ଼ଃ କୃଷ୍ଣଚରଣ ସାହୁ

୧୨। ଧମ୍ମପଦଂ—ସଂ—ଡ଼ଃ କୁଞ୍ଜବିହାରୀ ତ୍ରିପାଠୀ

୧୩। ପ୍ରାଚୀନ ଗଦ୍ୟ ପଦ୍ୟାଦର୍ଶ—ସଂ—ଡ଼ଃ ଆର୍ତ୍ତବଲ୍ଲଭ ମହାନ୍ତି

୧୪। ମାଦଳାପାଞ୍ଜି —ସଂ ,,

୧୫। Introduction to Prakrit—by Woolner

୧୬। କାବ୍ୟାଦର୍ଶ—ଦଣ୍ଡୀ

୧୭। ବିକ୍ରମୋର୍ବଶୀୟମ୍—କାଳିଦାସ

୧୮। ସ୍ୱପ୍ନବାସବଦତ୍ତମ୍—ଭାସ

୧୯। ଭାଷାର ଇତିବୃତ୍ତ—ଡ଼ଃ ସୁକୁମାର ସେନ୍

ଏବଂ ଅନ୍ୟାନ୍ୟ ଗ୍ରନ୍ଥ


———

## ପରିଶିଷ୍ଟ (୧)

# ନାଗୁଣୀ ଚଉଠୀ ବ୍ରତ :

"ଶ୍ରୀ ଗଣେଶାୟ ନମଃ । ଶୁଣ ଗୋ ନରନାରୀମାନେ । ନାଗୁଣୀ ଚଉଠୀ ବ୍ରତକଥା । ସମସ୍ତେ ହୁଳହୁଳି ଦେଇ ଦୁବ ଉଆ ଚାଉଳ ବନ୍ଦାଇ ନମସ୍କାର କରି ବ୍ରତକଥା ଶୁଣ । ସାଧବଘର ସାତ ବହୂ । ସବାର୍‌ସାନ ବହୂଠାରେ ସାଧବାଣୀ ବହୁତ ସେନେହ ହୋଇ । ତାହାଠା'ରେ ଘର ସମର୍ପି ଥାଇ । ସେମନ୍ତେ କେତେହେକ ଦିନ ଅନ୍ତରେ ବହୂ ନାଗନାଗୁଣୀଙ୍କଠାରେ ମିତ୍ର ହୋଇଥାଇ । ସେମନ୍ତ ସମୟରେ ଦିନେକ ଦିନେ ନାଗନାଗୁଣୀ ସାତଗୋଟି ଡିମ୍ବ ପାରି ତା ପତ୍ର ଗୋଟିକରେ ଘୋଡ଼ାଇଲେ । ଅତି ବିଶ୍ୱାସ କରି ସାନବହୂଠାରେ ଦେଲା । କହିଲା ହେ ମଇତ୍ର ଏହି ଡିମ୍ବକୁ ତୁମ୍ଭେ ରଖିଥାଅ । ସେଥିରେ କଞ୍ଚା ଦୁଧ ଟିକାଏ ଦେଉଥିବ । ଶେଷ ଦିନ ଅନ୍ତରେ ମୁଁ ଆସି ନେବି । ସେହା ଶୁଣି ସାଧବାଣୀ ବହୂ କହିଲା । ମୁଁ ତ ଘର ଆଡ଼ମ୍ବରେ ଲାଗିଥାଇ । ଜଞ୍ଜାଳରେ ଥିବି ମନେ ପଡ଼ିବ ନ ପଡ଼ିବ । ସେଥିରେ ଦୁଧ ନ ଦେଲେ ମଇତ୍ର ଦୋଷୀ ହେବି । ବାଳକ ହତ୍ୟା ପାଇବି । ସେହା ମତେ ନ ଦିଅ । ସେହା ଶୁଣି ନାଗୁଣୀ କହିଲା, ଆଉ କାହାଠାରେ ଦେବି । ତୁମ୍ଭଠାରେ ଦେଇ ଯାଉଅଛି । ଏହି ଡିମ୍ବ ରଖିଥାଅ । ଅତି କଟାଳ କରି କହନ୍ତେ ସାଧବ ବହୂ ପାତ୍ରରେ ଡିମ୍ବ ପୂରାଇ ରଖିଲା । ନିତିଦିନ ତହିଁରେଂ କଞ୍ଚା ଦୁଧ ଟିକାଏ ଟିକାଏ ଦେଉଥାଇ । ଏହିରୂପେ କେତେ ଦିନ ଗତାରେ, ସାଧବାଣୀ ଜଞ୍ଜାଳରେ ମନେ ନ କରି ପାରିଲା । ଦୁଧ ଆଉଟା ହୋଇଥିଲା । ସେ ଉଷୁମ ଦୁଧରୁ ଟିକାଏ ସେ ପାତ୍ରରେ ଦେଲା । ସେ ଡିମ୍ବରେ ଉଷୁମ ଦୁଧ ପଡ଼ିଲା । × × × × × । ଶୁଣ ଗୋ ନରନାରୀମାନେ ହୁଳହୁଳି ଦେଇ । ନାଗୁଣୀ କୁ ବନ୍ଦାଅ । ଦୁଧଘଟ ଦିଅ । ଧାଣିଘଟ ଦିଅ । ପାଦୁକା ପ୍ରସାଦ ଶିରରେ ଘେନ । ସେହି ବ୍ରତ ଯେହୁ କରଇ

ଶୁଙ୍କମନେ ସ୍ୱେକଚତ ହୋଇ । ଅନ୍ଧକୁ ଚକ୍ଷୁଦାନ, ଦରିଦ୍ରକୁ ଅର୍ଥଦାନ । ରୋଗି କ ଆରୋଗ୍ୟ । ଶ୍ରୀ ବାସୁକୀ ବର୍ଣ୍ଣିନାଥେ ଦୟା କରନ୍ତୁ । ଅନୁଗ୍ରହ କରନ୍ତୁ । ହୁଳହୁଳି ଦିଅ । ଶିଙ୍ଖମୁଠଲ ମାତାକୁ ନଇବେଦ୍ୟ ଦେଇ ନମସ୍କାର ହୁଅ । ଇତିଶ୍ରୀ ସ୍କନ୍ଦ ପୌରାଣେ ଶ୍ରୀ ନାଗୁଣୀ ଚଉଠୀ କଥା ସମ୍ପୂର୍ଣ୍ଣ ।।"

# ପୁଅ ଜୀଉଁତିଆ ବ୍ରତ (ଜୀଉଁଛି ବ୍ରତ)

"ଏକଦନେ ନାରଦ ମୋହରୃଷି ଇନ୍ଦ୍ରଭୁବନକୁ ଗଲେ । ନାରଦଙ୍କୁ ଦେଖି ଇନ୍ଦ୍ର ଶଚ ଅର୍ଘ୍ୟ ପାଦ ପୁଜା କଲେ । ଦବ୍ୟ ଆସନେ ବଜେ କରାଇଲେ । ଇନ୍ଦ୍ର ଉବାଚ । ଇନ୍ଦ୍ର ବୋଇଲେ ନାରଦ କେବଣ ଦଗେ ବଜେ କରଥିଲ । ଏବେ ଏଠାକୁ କ କାର୍ଯ୍ୟେ ଅଇଲ । ନାରଦ ଉବାଚ । ନାରଦ ବୋଇଲେ ଆମ୍ଭେ କୁଶବନ୍ତି × × × ନ ଥିଲୁଁ । ଏବେ ଆଣି ତୁମ୍ଭ ଭୁବନେ ମିଳିଲୁଁ । ଏଥୁ ଅନନ୍ତରେ ଇନ୍ଦ୍ରଶଚ ନାରଦଙ୍କୁ ବନୋଇ ହୋଇଲେ । ଇନ୍ଦ୍ର ବୋଇଲେ ନାରଦ ଆପଣ ସର୍ବଗ୍ୟାଂନୀ ଅଟ । କେବଣ ବ୍ରତକଲେ କେବଣ ଫଳ ପାଇ । ସେହା ଆମ୍ଭଙ୍କୁ ଆଜ୍ଞା ହୋଉ । ଶଚଇନ୍ଦ୍ରଙ୍କ ଭକତ ଦେଖି ନାରଦ ସନ୍ତୋଷ ହୋଇଲେ । ନାରଦ ଉବାଚ । ନାରଦ ବୋଇଲେ ଭୋ ଇନ୍ଦ୍ର ସାବଧାନ ଶୁଣ । ଷଠି ଜୀଉଁଛୁ ବୋଲି ବ୍ରତ ଏକ ଅଛଇ । ସେ ବ୍ରତ ଯଉଁ ସ୍ତ୍ରିଏ ସେବକ ମନସେବକ ଚିତ୍ତରେ କରଇ । ଧନ ପୁତ୍ର ତାର ବହୁତ ହୋଅଇ । × × × × × । ବ୍ରହ୍ମ କ୍ଷେତ୍ରିୟ ବ୍ରତ କଲେ । ବଶ୍ୟ ଶୁଦ୍ର ବ୍ରତ କଲେ । ଯେ ଯାହା ବାଞ୍ଛିତ ସେ ଫଳ ପାଇଲେ । କୁଳେ ସୁପୁତ୍ର ଜାତହେଲେ । ଏ ବ୍ରତ ଯେ ନନ୍ଦାକରଇ ସେ ବହୁତ ଦୁଖ ପାଇ । ଦରଦ୍ର ହୁଅଇ । କୁମ୍ଭିପାକ ନର୍କେ ପଡ଼ଇ । ଇତଶ୍ରୀ ଜିଉଁଛୁ ବ୍ରତ କଥା ସଦା ଜପେ ସମ୍ପୂର୍ଣ୍ଣ ।"

✻○✻

**ଜମାଇଁ ଚରଣ ପଣ୍ଡା**
ଗବେଷଣା ସହାୟକ
ଉପାଧ୍ୟୁତ୍ତର ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

ପୋଥି ସଂଗ୍ରହ ସ୍ଥାନ—'ଝର' (ବୋଲଦା ଅଞ୍ଚଳ, ଥା : ସୋହେଲା, ସମ୍ବଲପୁର ଜିଲ୍ଲା)
ତାଳପତ୍ର ପୋଥିରୁ ନକଲ ।

## ପରିଶିଷ୍ଟ (୨)

# ବେତାଳ ପଞ୍ଚୀସା କଥା

### ଶ୍ରୀ ଗଣେଶାୟ ନମଃ

ବେତାଳପଞ୍ଚୀସା କଥା ଲିଖ୍ୟତେ । ବିଘ୍ନରାଜଂଗଣାଧକ୍ଷଂ ମେକଦନ୍ତଂ ଗଜାନନଂ ଗଣେଶଂ ଚ ମହାକାୟଂ ନମାମି ପାର୍ବତୀସୁତଂ ॥ ୧ ॥ ବାଲାନାଂ ଶିଷ୍ୟବୋଧାୟ ଅଜ୍ଞାନାଂ ଚ ହିତାୟ ଚ ॥ ବେତାଳପଞ୍ଚସା ଗ୍ରନ୍ଥଂ ପ୍ରାକୃତେନ କରୋମ୍ୟହଂ ॥ ୨ ॥

କଥା ॥ ଦକ୍ଷିଣରେ ପ୍ରତିଷ୍ଠା ନାମ ପୁର ଅଛୁ । ସେ ପୁରେ ଗନ୍ଧର୍ବସେନ ରଜା । ଏକ ସମୟେ ସେ ରଜା ମୃଗୟାର୍ଥେ ଗଲା ॥ ସେ ବନରେ ବଲ୍‌କଲାଶନ ମୁନିଙ୍କି ଦେଖି ବିଚାର କଲା । ମୁଁ ଜନ୍ମକାଳରୁ ବହୁତ ପାପ କରିଛି । ଏବେ ମୁନିଙ୍କ ଦର୍ଶନ ମାତ୍ରକେ ମୋର ସର୍ବପାପ ବିନାଶ ହେବ ॥ ସେ ମୁନି ନିମ୍ବବୃକ୍ଷ ମୂଳରେ ବ୍ରହ୍ମଲୋକ ପ୍ରାପ୍ତି ଅର୍ଥେ ତପସ୍ୟା କରୁଛନ୍ତି । ଦେହ ସୌଖ୍ୟ ନ ଜାଣନ୍ତି । ତପସ୍ୟାବଳରୁ ମଳମୂତ୍ର ନୋହଇ । ରାତ୍ର ଅର୍ଦ୍ଧରେ ନିମ୍ବବୃକ୍ଷ ବକଳ କବଳେ ଖାନ୍ତି ॥ ଏ ରୂପେ ସେ ମୁନିଙ୍କର ସହସ୍ରେ ବର୍ଷ ଗଲା । ରଜା ଘୋଡ଼ାରୁ ଉତୁରି ଆଶ୍ରମକୁ ଯାଇ ମୁନିଙ୍କି ଧ୍ୟାନୀ ଦେଖି ମୌନ ହୋଇ ନିକଟେ ରହିଲା ॥ ସୂର୍ଯ୍ୟ ଅସ୍ତ ଦେଖି ସମସ୍ୟା ନ ପାଇ ଗୃହକୁ ଗଲା । ଦ୍ୱିତୀୟ ଦିନ ନିତ୍ୟକର୍ମ ସାରି ମୁନିଙ୍କ ଆଶ୍ରମକୁ ଗଲା । ତପକାରି ମୁନିଙ୍କି ଦେଖି ବିଚାରିଲା ॥ ମୋଠାରେ ଅଲଙ୍କାର କଲେ ॥ ଭଲ ଜାଣିମା । ଧ୍ୟାନଭଙ୍ଗ କରିବି ବୋଲି ନଗ୍ରକୁ ଗଲା । ପାତ୍ରମନ୍ତ୍ରୀ ଅମାତ୍ୟାଦି କେ' ହେଲେ ॥ ମୁନିଙ୍କ ତପସ୍ୟା ବିଘ୍ନକର ॥ ତାହାକୁ ମୁଁ ରାଜ୍ୟରୁ ଅଧେ ଦେବି ॥ ବୋଲନ୍ତେ ଏକ ବେଶ୍ୟା ଉତ୍ତର ଦେଲା ॥ ହେ ରାଜନ୍ ମୁହି ମୁନିଙ୍କ

ତପ ଭଗ୍ନ କରିବ ॥ ମୋହୋର ସୌନ୍ଦର୍ଯ୍ୟ ଲାବଣ୍ୟ ଶୃଙ୍ଗାର୍ଯ୍ୟାନ୍ଧ୍ୟଗାଯ୍ନନ-ମାନଙ୍କରେ ମୋହିତ ହୋଇ (=ଇ) ବଶ୍ୟକର ହେବ । ଶ୍ଳୋକ ॥ ଘୃତକୁମ୍ଭସମା ନାରୀ ତପ୍ତାଙ୍ଗାରସମଃ ପୁମାନ୍ । ତସ୍ମାଦ୍ ଘୃତଂ ଚ ବହ୍ନିଂ ଚ ନୈକତ୍ର ସ୍ଥାପୟେଦ୍‌ବୁଧଃ ॥ ୩ ॥ ଅର୍ଥଃ ଘୃତସମାନ ସ୍ତ୍ରୀ । ଅଗ୍ନି ସମାନ ପୁରୁଷ ॥ ପୁରୁଷ ସ୍ତ୍ରୀ ସଂଯୋଗ ନ କରି ॥ ଅଗ୍ନିରେ ଘୃତ ସଂଯୋଗ କଲେ ତରଳଇ ॥ ମୁଁ ତପ ଅବଶ୍ୟ ବିଘ୍ନ କରିବି । ରାଜା ଆଜ୍ଞାରେ ବେଶ୍ୟା ଗଲା ॥ ମୁନିଙ୍କ ନିକଟେ ରହିଲା ॥ ସୂର୍ଯ୍ୟୋଦୟାସ୍ତ ପର୍ଯ୍ୟନ୍ତେ ମୁନି ତପ କରୁଛନ୍ତି କେମନ୍ତେ ବଶ୍ୟ କରିବି ରାଣେ ସେ ମୁନି ନିମ୍ବବୃକ୍ଷରୁ ପତ୍ର କବଳେ ଖାଇଲେ ॥ ବେଶ୍ୟା ଦେଖି ଗୃହକୁ ଯାଇ ନାନାପ୍ରକାର ମୋଦକ ଧ୍ୟାନ କରିଆଣି ॥ ସେ ବୃକ୍ଷ ମୂଳରେ ଏକ ମୋଦକ ରଖି ଅନ୍ତରେ ବସିଲା । ସେ ମୁନି ମୋଦକକୁ କବଳେ ଖାଇଲେ । ଜିହ୍ୱାକୁ ସ୍ୱାଦୁ ଲାଗିଲା ॥ ପୁଣି ଏହି ରୂପେ ଦ୍ୱିତୀୟ ତୃତୀୟ ଅନୁକ୍ରମେ ବିଂଶତି ପଞ୍ଚବିଂଶତି କବଳ ଭକ୍ଷିତଂ । ଶରୀର ପୁଷ୍ଟଂଭବତି ॥ ଧ୍ୟାନଭଗ୍ନଂ । ଏମନ୍ତେ ମୁନି ବେଶ୍ୟାକୁ ଦେଖି କାମ ବାଧାରେ କହୁଛି ॥ ଶ୍ଳୋକଃ ॥ ସ୍ତ୍ରୀସଂଭୋଗାତ୍ ସମ୍ପୂଂଲୋକେ ନ ସୌଖ୍ୟଂ ନ ରସାତ୍ମକଂ ନଂ ॥ କରିଣୀନାଂ କୁ ଅର୍ଥାସ୍ତୁ ଯୁପପଦେବ ଜାୟତେ ॥ ଅର୍ଥଃ ହେ ବେଶ୍ୟା ତ୍ରୈଲୋକ୍ୟରେ ସ୍ତ୍ରୀସଂଭୋଗକୁ ବଳିଆନେ ସୁଖ ନାହିଁ ॥ କରିଣୀଠାରେ କରୀର ଯେଉଁ ସୁଖ ॥ ଏତେ ଦିନେ ମୋହୋର ବ୍ୟର୍ଥ ଗଲା ॥ ତୁହିକେ ॥ ମୁ ଇନ୍ଦ୍ରର ଭୃତ୍ୟହିଁ ॥ ତୋଠାରେ ମୋ ମନ ରହିଲା ମୋ ଭାର୍ଯ୍ୟା ହେବୁ ॥ ଏ ବନରେ ରହିବା ॥ ମୋ ଘର ସ୍ୱର୍ଗଲୋକେ ॥ ମୁଁ ଇନ୍ଦ୍ର ସମୀପେ ଥାଇ । ମତେ ଏମନ୍ତ ନ ବୋଲ ॥ ହେ ଶୁଭ୍ରକେଶି ଶୁଣ ॥ ମୋହର ଆଶ୍ରମେ କେତେଦିନ ରହ ॥ ସ୍ୱଇଚ୍ଛାରେ ମୁଁ ଏଠାରେ ଥିବ ॥ ମୁନି ପୁଣି ଗୃହବିଧାନ କରି ବେଶ୍ୟା ସଙ୍ଗତେ କ୍ରୀଡ଼ା କଲା । ଏମନ୍ତେ ଗର୍ଭ ଦଶମାସ ସମ୍ପୂର୍ଣ୍ଣେ ପୁତ୍ରଜାତ ହେଲା । ପୁତ୍ରକୁ କୋଡ଼ରେ ଧରି ଆନନ୍ଦ ହୋଇ ବର୍ଷପୂର୍ଣ୍ଣେ ବେଶ୍ୟା ବୋଇଲା । ଗୃହବାସୀ ବନରେ ଥିବାର ଭଲ ନେ ହୁଇ ॥ ହେ ପ୍ରିୟା ତୋହର ମନ । ଭୋ ମୁନେ ମୁ ଏକ ନଗ୍ରେକ ଦେଖିଚ ଜଦା ॥ ପୁତ୍ରକୁ ଧରି ବେଶ୍ୟା ପଛରେ ପ୍ରତିଷ୍ଠା ନଗ୍ରେ ରାଜସଭାରେ ପ୍ରବେଶ ହେଲା । ରାଜା ଦେଖି ଭୋ ମୁନେ ତପସ୍ୟା ପୂର୍ଣ୍ଣ ହେଲା । ମୁନି କହୁଚି । ଶ୍ଳୋକ । ଦ୍ୱିଜରାଜମୁଖୀ ମୃଗରାଜକଟୀ କରିରାଜବିରାଜିତ ମନ୍ଦଗତି ଯଦି ସାରମଣୀ ହୃଦୟେ ରମତେ କ୍ୱ ତପଃ କ୍ୱ ଜପଃ କ୍ୱ ସମାଧିର୍ବିଧିନଃ ॥ ଅର୍ଥ ଚନ୍ଦ୍ରମୁଖୀ, ସିଂହକଟୀ ହସ୍ତିଗମନା ସା ନାୟିକାକୁ ରମଣ କଲେ କି ତପ, କି ଜପ, କି ଯୋଗ, କି ଧ୍ୟାନ, । ଶ୍ଳୋକ ।

ମୁନି ଶୁଣି କୋପେ ପୁତ୍ରର ଦୁଇପାଦ ଧରି ଭୂମିରେ ପିଟିଲେ ୩ ଖଣ୍ଡ ହୋଇ ରାଜଦ୍ୱାରେ ଶିର ପଡ଼ିଲା । ମଧ୍ୟଭାଗ କୁମ୍ଭାର ଦ୍ୱାରେ ପଡ଼ିଲା । ପାଦଦ୍ୱୟ ତେଲିର ଦ୍ୱାରେ ପଡ଼ିଲା ।। ମୁନି ବନକୁ ଗଲେ । ବେଶ୍ୟା ତା'ଘରକୁ ଗଲା । ସେହିଦିନ ପାଟମହାଦେଇ କୁମ୍ଭାରୁଣି, ତେଲୁଣି ଗର୍ଭ ହେଲେ । ଦଶମାସେ ଏକଲଗ୍ନେ ତିନିଙ୍କର ତିନିପୁତ୍ର ଜନ୍ମ ହେଲେ ।

---

* ଡଙ୍କର ବୃନ୍ଦାବନ ଅଗ୍ର୍ଫଙ୍କ ଦ୍ୱାରା ପାଟଲାଟେମୁଣ୍ଡିରୁ ସଂଗୃହୀତ ତାଳପତ୍ର ପୋଥିରୁ ଉଦ୍ଧୃତ ।